

ଏକାଠି ଆସିବେ
ତ୍ରିପ୍ତି-ସିଦ୍ଧାନ୍ତ
▶ଭିତର ପୃଷ୍ଠାରେ...


- RNI REGD NO: 42041/83
- www.sakalaepaper.com
- /sakalanews
- /sakalanews
- www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-334 ◆BHUBANESWAR ◆FRIDAY ◆31 MAY 2024 ◆PAGE-16 ◆₹ 6.00


◆ବର୍ଷ-୪୧ ◆ସଂଖ୍ୟା-୩୩୪ ◆ଭୁବନେଶ୍ୱର ◆ଶୁକ୍ରବାର ◆୩୧ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦

## କେରଳ ଛୁଇଁଲା ମୌସୁମୀ



■ ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି): ପୂର୍ବ ଆକଳନ ଅନୁସାରେ ଦକ୍ଷିଣ ପଶ୍ଚିମ ମୌସୁମୀ ଗୁରୁବାର କେରଳ ଉପକୂଳ ଛୁଇଁବା ସହିତ ଏହା ଓ ଉତ୍ତର-ପୂର୍ବ ଦିଗରେ ଗତି କରିବା ଆରମ୍ଭ କରିଛି ବୋଲି ଭାରତୀୟ ପାଣିପାଗ ବିଭାଗ(ଆଇଏମଡି) ସ୍ପଷ୍ଟ କରିଛି। ମୌସୁମୀ ପ୍ରାୟତଃ ଜୁନ୍ ପହିଲାରେ କେରଳ ପହଞ୍ଚିଥାଏ । କିନ୍ତୁ ଚଳିତ ବର୍ଷ ଦୁଇ ଦିନ ଆଗରୁ ପହଞ୍ଚିଯାଇଛି। ଗତବର୍ଷ ମୌସୁମୀ କେରଳକୁ ସାତ ଦିନ ବିଳମ୍ବରେ ପହଞ୍ଚିଥିଲା। ଠିକଣା ସମୟରେ ମୌସୁମୀ ପହଞ୍ଚିବା ଏବଂ ଏହାର ଗତି ସ୍ୱାଭାବିକ ରହିଥିବାରୁ ଦେଶର ବିଭିନ୍ନ ଭାଗରେ ବର୍ଷା ହେବାର ସମ୍ଭାବନା ବଢ଼ିଛି। ଏହାଦ୍ୱାରା ପ୍ରବଳ ଗ୍ରୀଷ୍ମ ଲହରୀ ଦ୍ୱାରା ଛଟପଟ ହେଉଥିବା ଉତ୍ତର ଏବଂ ଉତ୍ତର- ପଶ୍ଚିମ ଭାଗ ସମେତ ଦେଶର ବିଭିନ୍ନ ଭାଗରେ ଲୋକଙ୍କୁ ଆଶ୍ୱସ୍ତି ମିଳିବାର ଆଶା ଉଦ୍ରେକ ହୋଇଛି। ମୌସୁମୀ କେରଳ ପହଞ୍ଚିବା ପରେ ଉତ୍ତର ଦିଗକୁ ▶ପୃଷ୍ଠା-୯

# ଓଡ଼ିଶାବାସୀ ବାଛିବେ ମୋ ଉତ୍ତରାଧିକାରୀ: ନବୀନ

## ମୁଁ ପୂରା ଫିଟ୍; ଷଷ୍ଠ ଥର ସରକାର ସମ୍ଭାଳିବା ପାଇଁ ସମ୍ପୂର୍ଣ୍ଣ ସକ୍ଷମ

■ ଭୁବନେଶ୍ୱର ୩୦।୫(ସମିସ): ବିଜେପି ମୋତେ ଅସୁସ୍ଥ ଦର୍ଶାଇବାକୁ ବିଭିନ୍ନ ଗୁଜବ ପ୍ରଚାର କରୁଛି, ଷଡ଼ଯନ୍ତ୍ର ଚଳାଇଛି। ଗତ ୧୦ବର୍ଷ ଧରି ମୋ ସ୍ୱାସ୍ଥ୍ୟକୁ ନେଇ ଓଡ଼ିଶା ଓ ଦିଲ୍ଲୀର କିଛି ନେତା ଅପପ୍ରଚାର କରୁଛନ୍ତି । ମାତ୍ର ବାସ୍ତବ କଥା ହେଉଛି ମୁଁ ସମ୍ପୂର୍ଣ୍ଣ ସୁସ୍ଥ ଅଛି, ଷଷ୍ଠଥର ସରକାର ସମ୍ଭାଳିବାକୁ ପୁରା ସକ୍ଷମ । ଚଳିତ ନିର୍ବାଚନରେ ଉଭୟ ଲୋକସଭା ଏବଂ ବିଧାନସଭାରେ ବିଜୁ ଜନତା ଦଳ ବହୁତ ଭଲ ପ୍ରଦର୍ଶନ କରିବ ଏବଂ ଆମେ ପୁଣି ଥରେ ଓଡ଼ିଶାବାସୀଙ୍କୁ ଏକ ଦୃଢ଼ ସରକାର ପ୍ରଦାନ କରିବୁ ବୋଲି କହିଛନ୍ତି ବିଜେଡି ସଭାପତି ତଥା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ।

**ଭୋଟ ପାଇଁ ନିର୍ବାଚନୀ ସଭାରେ ମୋ ସ୍ୱାସ୍ଥ୍ୟ କଥା ଉଠାଉଛନ୍ତି ପ୍ରଧାନମନ୍ତ୍ରୀ**

**ଆମର ମାଲିକ ଓଡ଼ିଶାବାସୀ, ସେମାନଙ୍କ ନିର୍ଦ୍ଦେଶରେ ସରକାର ଚାଲେ**

**ପାଣ୍ଡିଆନଙ୍କୁ ନେଇ ହେଉଥିବା ଚର୍ଚ୍ଚା ଆଲୋଚନା ଅସତ୍ୟ ଓ ଅମୂଳକ**

**ମୋତେ ଅସୁସ୍ଥ ଦର୍ଶାଇବା ପାଇଁ ବିଜେପି ସବୁପ୍ରକାର ଷଡ଼ଯନ୍ତ୍ର ଚଳାଇଛି**



ମୋ ସରକାରର ମାଲିକ ହେଉଛନ୍ତି ଓଡ଼ିଶାବାସୀ, ସେମାନଙ୍କ ନିର୍ଦ୍ଦେଶରେ ସରକାର ଚାଲେ। ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ସେବାରେ ବିଜୁ ଜନତା ଦଳ ସମର୍ପିତ; ତେଣୁ ମୋର ଉତ୍ତରାଧିକାରୀ କିଏ ହେବ ତାହା ଓଡ଼ିଶାବାସୀ ନିର୍ଦ୍ଧାରଣ କରିବେ। କାର୍ତ୍ତିକ ପାଣ୍ଡିଆନ୍ ମୋ ଉତ୍ତରାଧିକାରୀ ନୁହଁନ୍ତି; ଏପରିକି ସେ ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା ମଧ୍ୟ କରୁନାହାନ୍ତି।

ଆଜି ଜାତୀୟ ଖବର ସରବରାହ ସଂସ୍ଥା ଏଏନ୍ଆଇ ସହ ଏକ ସାକ୍ଷାତକାରରେ ବିଭିନ୍ନ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଗତ ୨୭ ବର୍ଷ ହେଲା ମୁଁ ରାଜନୀତିରେ ଅଛି। ରାଜ୍ୟବାସୀଙ୍କ ସେବାରେ ସମର୍ପିତ ବିଜୁ ଜନତା ଦଳର ସଭାପତି ଭାବେ କାର୍ଯ୍ୟ କରୁଛି ଏବଂ ଆଗକୁ ମଧ୍ୟ ଏହି ▶ପୃଷ୍ଠା-୯

# ବିଜେପିକୁ ବୁମେରାଂ ହେବ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟ ଗୁଜବ

## ୪ ଗୁରୁତର ଭୁଲ୍ ପାଇଁ ବୁଡ଼ିବ ବିଜେପି; ଜୁନ୍ ୪ ତାରିଖରେ ଦେଖିବ ଓଡ଼ିଶା: ପାଣ୍ଡିଆନ

■ ଭୁବନେଶ୍ୱର, ୩୦।୫ (ସମିସ): ବିଜେପିକୁ ବୁମେରାଂ ହେବ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ଗୁଜବ ଓ ଅପପ୍ରଚାର। ୪ଟି ଗୁରୁତର ଭୁଲ୍ ପାଇଁ ବିଜେପି ଓଡ଼ିଶାରେ ବୁଡ଼ିବ ଓ ଜୁନ୍ ୪ ତାରିଖରେ ଫଳାଫଳ ପ୍ରକାଶ ପରେ ସମଗ୍ର ଓଡ଼ିଶାବାସୀ ତାହା ଦେଖିବେ। କେନ୍ଦ୍ରରେ ବିଜେପି ନେତୃତ୍ୱାଧୀନ କେନ୍ଦ୍ର ସରକାର ବର୍ଷବର୍ଷ ଧରି ଓଡ଼ିଶାକୁ ଉପେକ୍ଷା କଲେ, ନ୍ୟାଯ୍ୟ ଅଧିକାରରୁ ବଞ୍ଚିତ କଲେ। ମହାନଦୀ ମାମଲାରେ ପକ୍ଷପାତିତାଠାରୁ ଶ୍ରୀମନ୍ଦିର କାମକୁ ଅଟକାଇବା ପର୍ଯ୍ୟନ୍ତ ଓଡ଼ିଶାକୁ ହଇରାଣ କଲେ। ଓଡ଼ିଶାର ସ୍ୱାର୍ଥ ହାନୀ କରିବା ଓ ରାଜ୍ୟ ସରକାରଙ୍କୁ ଅସୁବିଧାରେ ପକାଇବା ପାଇଁ କୌଣସି ଗୋଟିଏ ସୁଯୋଗ ବି ହାତ ଛଡ଼ା କଲେ ନାହିଁ। ଓଡ଼ିଶାର ଦାବି ଶୁଣିବା ଦୂରର କଥା, ଓଡ଼ିଶାର ଏତେ ବରପୁତ୍ରଙ୍କ ମଧ୍ୟରୁ କାହାକୁ ଭାରତରତ୍ନ ପାଇଁ ଉଚିତ ମଣିଲେ ନାହିଁ। ଏବେ ନିର୍ବାଚନ ସମୟରେ ଏଣୁତେଣୁ ଗପୁଛନ୍ତି। କିଛି ପ୍ରସଙ୍ଗ ନ ଥିବାରୁ ଅପପ୍ରଚାରକୁ ▶ପୃଷ୍ଠା-୯



**କୌଣସି ନିର୍ଦ୍ଦିଷ୍ଟ ପ୍ରସଙ୍ଗ ନ ଥିବାରୁ ବାରମ୍ବାର ଗୋଲ୍‌ପୋଷ୍ଟ ବଦଳାଉଛି ବିରୋଧୀ**

**ମହଙ୍ଗା ପଡ଼ିବ ମହାନଦୀ ଅବହେଳା, ମହାପ୍ରଭୁଙ୍କୁ ଉପେକ୍ଷା, ମୁଖ୍ୟମନ୍ତ୍ରୀଙ୍କୁ ଅସମ୍ମାନ**

**କାମର ହିସାବ ମାଗିଲେ ବିଜେପି ନେତା ଦେଉଛନ୍ତି ଅକଥ୍ୟ ଗାଳି, କଟୁ ଟିପ୍ପଣୀ**

**ରାଜ୍ୟବାସୀ ସହିବେନି ଓଡ଼ିଶାର ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ବାହାର ଲୋକଙ୍କ ଗାଳି**

**ଭାରତ ରତ୍ନ ପାଇବା ପାଇଁ କ'ଣ ଓଡ଼ିଶାର କେହି ଯୋଗ୍ୟଲୋକ ନାହାନ୍ତି ?**

## ଲୋକକଥା



ସ୍ୱର୍ଣ୍ଣ ମୃଗଭଳି ନାଚ କରୁଛନ୍ତି
ଭୋଟ ଲୁଟିବା ପାଇଁ ,
ଫସିଗଲେ ବାବୁ ବାସ୍ତବତା ତାଙ୍କ
ମୁଣ୍ଡ କରିଦେବ ଝାଇଁ।
'ଆଚ୍ଛା ଦିନ' ଗଲା କାହିଁ?
ନିର୍ବାଚନ ବେଳେ ଗାଲୁ ଗପ କଲେ
ଭୋଟର ଶୁଣିବେ ନାହିଁ।।

## ସରିଲା ପ୍ରଚାର: ଏକା ନବୀନ ବନାମ ସମଗ୍ର ବିଜେପି

■ ଭୁବନେଶ୍ୱର, ୩୦।୫ (ସମିସ): ଗତ ପ୍ରାୟ ଦେଢ଼ ମାସ ଧରି ଚାଲିଥିବା ନିର୍ବାଚନ ପ୍ରଚାରରେ ଗୁରୁବାର ପଡ଼ିଛି ଯବନିକା। ଦିନକ ପରେ ଶେଷ ପର୍ଯ୍ୟାୟ ନିର୍ବାଚନ ପାଇଁ ମତଦାନ ଓ ଜୟ-ପରାଜୟ ଗଣିତ କଷିବାରେ ବ୍ୟସ୍ତ ବିଭିନ୍ନ ଦଳର ପ୍ରାର୍ଥୀ। ଚଳିତ ଥର ରାଜ୍ୟରେ ଉଭୟ ଲୋକସଭା ଏବଂ ବିଧାନସଭା ନିର୍ବାଚନ ୪ ପର୍ଯ୍ୟାୟରେ ହେଉଥିବା ବେଳେ ଏଥିପାଇଁ ଶାସକ ବିଜେଡି ସହ ବିରୋଧୀ ବିଜେପି ଓ କଂଗ୍ରେସ ରାଜ୍ୟବ୍ୟାପୀ ଜୋର୍‌ଦାର ପ୍ରଚାର କରିଛନ୍ତି। ବିଶେଷକରି ଶାସକ ବିଜେଡି ଏବଂ ବିଜେପି ପକ୍ଷରୁ ରାଜ୍ୟବ୍ୟାପୀ ଘମାଘୋଟ ପ୍ରଚାର ସାରା ଦେଶରେ ଚର୍ଚ୍ଚାର ବିଷୟ ହୋଇଛି ।

ଉଭୟ ଲୋକସଭା ଏବଂ ବିଧାନସଭାରେ ମିଶାଇ ଚଳିଥର ୧୪୯୨ ପ୍ରାର୍ଥୀ ନିଜର ଭାଗ୍ୟ ପରୀକ୍ଷା କରୁଛନ୍ତି। ଉପରୋକ୍ତ ପ୍ରାର୍ଥୀଙ୍କ ପାଇଁ ନିଜ ନିଜ ଦଳ ପକ୍ଷରୁ ବହୁ ହେଭିୱେଟ ନେତା ପ୍ରଚାର ମୈଦାନକୁ ଓହ୍ଲାଇଛନ୍ତି। ତେବେ ଚଳିତ ନିର୍ବାଚନରେ ବିରୋଧୀ ଦଳର ବ୍ୟକ୍ତିଗତ ଆକ୍ଷେପ ପୂର୍ବ ନିର୍ବାଚନଗୁଡ଼ିକର ସବୁ ସୀମାକୁ ଅତିକ୍ରମ କରିଛି। ବିଶେଷକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସମେତ ବିଜେପିର ବହୁ ଶୀର୍ଷସ୍ତରୀୟ ନେତା ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଚଳିତ ନିର୍ବାଚନରେ ବ୍ୟକ୍ତିଗତ ଆକ୍ରମଣ କରିଛନ୍ତି।

**ବିଜେପି ପାଇଁ ମୋଦୀ, ଶାହା, ନଡ୍ଡା, ୨୦ କେନ୍ଦ୍ରମନ୍ତ୍ରୀ, ୪ ମୁଖ୍ୟମନ୍ତ୍ରୀଙ୍କ ପ୍ରଚାର**

**ଓଡ଼ିଶାରେ ରାହୁଲ, ଖଡ୍‌ଗେଙ୍କ ଦୁଇଦଫା ସମାବେଶରେ କଂଗ୍ରେସର ପ୍ରଚାର ସୀମିତ**

କେତେକ ନେତା ମୁଖ୍ୟମନ୍ତ୍ରୀଙ୍କ ପ୍ରତି ଅପଶବ୍ଦ ପ୍ରୟୋଗ କରିବା ଏବଂ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଅପପ୍ରଚାର କରିଛନ୍ତି। ଅପରପକ୍ଷେ ପ୍ରତିବଦଳରେ ନବୀନ ମଧ୍ୟ ଖୁବ୍ ମାର୍ଜିତ ଢଙ୍ଗରେ ସବୁ ଅଭିଯୋଗର ଉତ୍ତର ରଖି ରାଜ୍ୟର ବିକାଶ ଉପରେ ଧ୍ୟାନ କେନ୍ଦ୍ରୀତ କରିବାକୁ ନିଜର ନିର୍ବାଚନୀ ଭାଷଣରେ ପରାମର୍ଶ ଦେଇଛନ୍ତି। ▶ପୃଷ୍ଠା-୯




■ ସୁନା ଚୋରାଚାଲାଣ

## ଶଶୀ ଥରୁରଙ୍କ ପୂର୍ବତନ ପିଏ ଗିରଫ

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ କଂଗ୍ରେସ ସାଂସଦ ଶଶୀ ଥରୁରଙ୍କ ପୂର୍ବତନ ପିଏ ଶିବକୁମାର ପ୍ରସାଦ (୭୨) ଙ୍କ ସମେତ ୨ ଜଣଙ୍କୁ ବୁଧବାର ଗିରଫ କରାଯାଇଛି। ଉଭୟେ ସୁନା ଚୋରାଚାଲାଣ କରି ଦିଲ୍ଲୀ ରାଜସ୍ୱ ବିଭାଗ ଅଧିକାରୀଙ୍କ ହାତରେ ଧରା ପଡ଼ିଛନ୍ତି। ଏମାନଙ୍କ ନିକଟରୁ ୩୫ ଲକ୍ଷ ଟଙ୍କାର ୫୦୦ ଗ୍ରାମ ସୁନା ଜବତ କରାଯାଇଛି। ଜେରା ସମୟରେ ଶିବକୁମାର ସନ୍ତୋଷଜନକ ଉତ୍ତର ଦେଇନାହାନ୍ତି। ଏତେ ସୁନା କେଉଁଠୁ ଆଣିଥିଲେ ଏବଂ କୁଆଡ଼େ ନେଉଥିଲେ ବୋଲି କହିନାହାନ୍ତି। ସେହିପରି ଦୁବାଇରୁ ଆସିଥିବା ଜଣେ ବ୍ୟକ୍ତିଙ୍କୁ ସ୍ୱାଗତ କରିବା ପାଇଁ ସେ ବିମାନବନ୍ଦରକୁ ଯାଇଥିଲେ ବୋଲି କୁହାଯାଉଛି।

## ଦୋଷୀକୁ ବିଷ ଇଞ୍ଜେକ୍ସନରେ ଦିଆଗଲା ମୃତ୍ୟୁଦଣ୍ଡ

**ୱାଶିଂଟନ, ୩୦।୫ (ଏଜେନ୍ସି):** ଆମେରିକା ଅଲ୍‌ବାମା ରାଜ୍ୟରେ ବୃଦ୍ଧ ଦମ୍ପତିଙ୍କୁ ପିଟି ପିଟି ହତ୍ୟା କରିଥିବା ଦୋଷୀ ଜେମି ରେ ମିଲ୍ସ (୫୦)କୁ ଗୁରୁବାର ବିଷ ଇଞ୍ଜେକ୍ସନ ଦେଇ ମୃତ୍ୟୁଦଣ୍ଡ ଦିଆଯାଇଛି। ସେ ହାତୁଡ଼ି, ଟାୟାର ଟୁଲ୍ସ ଏବଂ ଛୁରିରେ ଦମ୍ପତିଙ୍କୁ ଅତ୍ୟନ୍ତ ନୃଶଂସ ଭାବେ ହତ୍ୟା କରି କିଛି ଔଷଧ ଏବଂ ୧୧ ହଜାର ଟଙ୍କା ଲୁଟି ଫେରାର ହୋଇ ଯାଇଥିଲା। ସେ ୨୦ ବର୍ଷ ହେଲା ଅଲବାମା ଜେଲ୍‌ରେ ଅଛି।

## ସନ୍ନି ଦେଓଲଙ୍କ ବିରୋଧରେ ଠକେଇ ଅଭିଯୋଗ

**ମୁମ୍ବାଇ, ୩୦।୫ (ଏଜେନ୍ସି):** ଅଭିନେତା ସନ୍ନି ଦେଓଲଙ୍କ ବିରୋଧରେ ଠକେଇ ଅଭିଯୋଗ ଲାଗିଛି। ଚଳଚ୍ଚିତ୍ର ନିର୍ମାତା ସୌରଭ ଗୁପ୍ତା ଏହି ଅଭିଯୋଗ ଲଗାଇଛନ୍ତି। ସେ ଏକ ସାକ୍ଷାତକାରରେ କହିଛନ୍ତି ଯେ ୨୦୧୬ରେ ସନ୍ନି ତାଙ୍କ ସହ ଫିଲ୍ମ ସାଇନ୍ କରିଥିଲେ। ଚୁକ୍ତି ଅନୁଯାୟୀ ଅଭିନେତାଙ୍କୁ ଅଗ୍ରୀମ ଭାବେ କୋଟିଏ ଟଙ୍କା ଦେବାର ଥିଲା, ମାତ୍ର ସେ ୨.୫ କୋଟି ଟଙ୍କା ନେଇଥିଲେ। ଏହା ସତ୍ତ୍ୱେ ଫିଲ୍ମ ସୁଟିଂ କରିବା ପରିବର୍ତ୍ତେ ଅଧିକ ଟଙ୍କା ମାଗିଥିଲେ। ପରେ ସେ ଚୁକ୍ତି ଉଲ୍ଲଙ୍ଘନ କରି ଦେୟ ଏବଂ ଲାଭ ସେୟାରିଂ ରାଶି ବଢ଼ାଇ ଥିଲେ। ତେବେ ଏହି ମାମଲାରେ ସନ୍ନିଙ୍କ ପକ୍ଷରୁ କୌଣସି ବିବୃତ୍ତି ଦିଆଯାଇ ନାହିଁ।

## ୧୦ ବାଲିଷ୍ଟିକ କ୍ଷେପଣାସ୍ତ୍ର ପରୀକ୍ଷଣ କଲା ଉ.କୋରିଆ

**ପୋଙ୍ଗୟାଙ୍ଗ, ୩୦।୫ (ଏଜେନ୍ସି):** ଉତ୍ତର କୋରିଆ ଗୁରୁବାର ସାକଲେ ଜାପାନ ସମୁଦ୍ର (ଇଷ୍ଟ ସି) ରୁ ୧୦ ବାଲିଷ୍ଟିକ କ୍ଷେପଣାସ୍ତ୍ର ପରୀକ୍ଷଣ କରିଛି। ଏହି ସବୁ କ୍ଷେପଣାସ୍ତ୍ର ପ୍ରାୟ ୩୫୦ କିମି ଅତିକ୍ରମ କରି ସମୁଦ୍ରରେ ପଡ଼ିଥିଲା। ଦକ୍ଷିଣ କୋରିଆ ଏବଂ ଜାପାନ ସେନା ପକ୍ଷରୁ ମଧ୍ୟ ଏହି ସୂଚନା ଦିଆଯାଇଛି। ଉଭୟ ଦେଶ ପରୀକ୍ଷଣକୁ ନିନ୍ଦା କରିଛନ୍ତି। ଏହାକୁ ନେଇ ଅଞ୍ଚଳରେ ଉତ୍ତେଜନା ବୃଦ୍ଧି ପାଇଛି। ଉତ୍ତର କୋରିଆର ଏହି ପଦକ୍ଷେପ କୋରିଆ ଉପଦ୍ୱୀପର ସୁରକ୍ଷା ଏବଂ ଶାନ୍ତି ପ୍ରତି ବିପଦ।

## ଛୋଟା ରାଜନକୁ ଆଜୀବନ ଜେଲ୍‌ଦଣ୍ଡ

**ମୁମ୍ବାଇ, ୩୦।୫ (ଏଜେନ୍ସି):** ମହାରାଷ୍ଟ୍ର କଣ୍ଟ୍ରୋଲ ଅଫ୍ ଅର୍ଗାନାଇଜଡ୍ କ୍ରାଇମ୍ ଆକ୍ଟ (ଏମସିଓ ସିଏ) ଅନୁଯାୟୀ ପଞ୍ଜିକୃତ ମାମଲାଗୁଡ଼ିକର ବିଚାର କରୁଥିବା ସ୍ୱତନ୍ତ୍ର ଅଦାଲତର ସ୍ୱତନ୍ତ୍ର ଜଜ୍ ଏଏମ୍ ପାଟିଲ୍ ଆଜି ସେଣ୍ଟ୍ରାଲ ମୁମ୍ବାଇରେ ଥିବା ଗୋଲଡେନ୍ କ୍ରାଉନ୍ ହୋଟେଲ ମାଲିକ ଜୟ ସେଟ୍ଟି ହତ୍ୟା ମାମଲାରେ ଗ୍ୟାଙ୍ଗଷ୍ଟର ଛୋଟା ରାଜନକୁ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଜୟ ସେଟ୍ଟି ଟଙ୍କା ଦେବାକୁ ମନା କରିବାରୁ ୨୦୦୧ ମେ' ୪ରେ ରାଜନ୍ ତାଙ୍କୁ ଲୋକ ଲଗାଇ ହତ୍ୟା କରାଇଥିଲା।

## ହୋର୍ଡିଂ ପାଇଁ ୫୩୬ ଗଛ କାଟି କୋଟିଏ ଟଙ୍କା ଜରିମାନା

**ଅହମଦାବାଦ, ୩୦।୫ (ଏଜେନ୍ସି):** ପ୍ରଚଣ୍ଡ ରୌଦ୍ର ତାପ ମଧ୍ୟରେ ହୋର୍ଡିଂ ଲଗାଇବା ପାଇଁ ଗୁଜରାଟର ଅହମଦାବାଦରୁ ବେଆଇନ ଭାବେ ୫୩୬ ଗଛ କାଟି ଦିଆଯାଇଛି। ଏଭଳି ବେଆଇନ କାର୍ଯ୍ୟ କରିଥିବା ୨ଟି ଘରୋଇ ଆଡଭାଟାଇଜିଂ ଏଜେନ୍ସି ଚିତ୍ରା (ବି) ପବ୍ଲିସିଟି କୋ. ଏବଂ ଜାଭେରି ଆଣ୍ଡ କୋ ଲିମିଟେଡ ବିରୋଧରେ ପୌର ନିଗମ ୫୦ ଲକ୍ଷ ଟଙ୍କା ଲେଖାଏଁ ଜରିମାନା ଲଗାଇଛି। ପ୍ରତି ଗଛ ପିଛା ୧୮, ୬୫୬ ଟଙ୍କା ଜରିମାନା ଲଗାଯାଇଛି। ସପ୍ତାହେ ମଧ୍ୟରେ ଏହା ଜମା କରିବାକୁ ଡେପୁଟି କମିଶନର ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ୪ ହଜାର ଗଛ ଲଗାଇବାକୁ କହିଛନ୍ତି। କଟା ହୋଇଥିବା ଗଛ ଆକାରର ହେବା ପର୍ଯ୍ୟନ୍ତ ତାହାର ଯତ୍ନ ନେବାକୁ ନିର୍ଦ୍ଦେଶ ଦେଇଛନ୍ତି। ଉଭୟ ଏଜେନ୍ସିଙ୍କୁ କେବଳ ରାସ୍ତା ମଝିରେ ଡିସ୍‌ପ୍ଲେ ବୋର୍ଡ ଲଗାଇବାକୁ ଅନୁମତି ମିଳିଥିଲା। ମାତ୍ର ଏଥିପାଇଁ ଗଛ କାଟାଯାଇଥିଲା।

### ଅନ୍ତିମ ପର୍ଯ୍ୟାୟ ମତଦାନ ନିମନ୍ତେ ପ୍ରଚଣ୍ଡ ଚାପରେ ବିଜେପି

# କଂଗ୍ରେସ ୧୦୦ ଆସନ ପାଇଲେ ବିଜେପିକୁ ବିପଦ !

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି)**

ସାରା ଦେଶରେ ଗତ ନିର୍ବାଚନରେ ୫୨ ଆସନ ପାଇଥିବା କଂଗ୍ରେସ ୨୦୨୪ ନିର୍ବାଚନରେ ଯଦି ୧୨୫ ଆସନ ପାଏ, ତେବେ ଜୁନ୍ ୪ ପରେ ଏନ୍‌ଡିଏ ନୁହେଁ; 'ଇଣ୍ଡି' ମେଣ୍ଟ ସରକାର ଗଢ଼ିବ। ଯଦି ଏହି ସଂଖ୍ୟା ହ୍ରାସ ପାଇ ୧୦୦ରେ ପହଞ୍ଚେ, ତେବେ ବି ବିଜେପି କେନ୍ଦ୍ରରେ ଏକାକୀ ସରକାର ଗଢ଼ିବାକୁ ଆବଶ୍ୟକ ସଂଖ୍ୟା ଗରିଷ୍ଠତା ପାଇବ ନାହିଁ। ରାଜନୈତିକ ବିଶେଷଜ୍ଞଙ୍କ ଏହି ଆକଳନ ବିଜେପି ଶୀର୍ଷ ନେତୃତ୍ୱଙ୍କ ନିଦ ହଜାଇ ଦେଇଛି। ତେଣୁ ଶେଷ ପର୍ଯ୍ୟାୟ ନିର୍ବାଚନରେ କଂଗ୍ରେସ ବା ଏନ୍‌ଡିଏରେ ସାମିଲ ହୋଇ ନ ଥିବା ଦଳଗୁଡ଼ିକ ଯେପରି ଅଧିକ ଆସନ ନ ପାଇବେ, ସେଥିପାଇଁ ପୂରା ବଳ ଲଗାଇ ଦେଇଛି ବିଜେପି। ଅନ୍ତିମ ପର୍ଯ୍ୟାୟ ମତଦାନ ବିଜେପିର ଜାତୀୟ ନେତାଙ୍କ ପାଇଁ 'କର ବା ମର' ପରିସ୍ଥିତି ସୃଷ୍ଟି କରିଛି।

୨୦୧୯ ନିର୍ବାଚନରେ ଦେଶରେ କଂଗ୍ରେସ ପ୍ରଚଣ୍ଡ ବିପର୍ଯ୍ୟୟ ଭୋଗିଥିଲା। ଦଳ ମୋଟ ୫୨ଟି ଲୋକସଭାରେ ବିଜୟୀ ହୋଇଥିଲା। ୧୭ ରାଜ୍ୟରେ କଂଗ୍ରେସ ଖାତା ଖୋଲିପାରି ନ ଥିଲା। ୧୦ ରାଜ୍ୟରେ ବିଜେପି ପ୍ରାୟ ସବୁ ଲୋକସଭା ଆସନରେ ବିଜୟୀ ହୋଇଥିଲା। ଏହି ପରିପ୍ରେକ୍ଷୀରେ ଦେଶରେ ବିଜେପିର ସ୍ଥିତି ବେଶ୍ ଦୃଢ଼ ବୋଲି କୁହାଯାଉଥିଲେ ହେଁ ବିଜେପିର ଶୀର୍ଷ ନେତୃତ୍ୱ କୁହାଯାଉଥିବା ନରେନ୍ଦ୍ର ମୋଦୀ, ଅମିତ୍ ଶାହା, ଜେପି ନଡ୍ଡା ପ୍ରମୁଖ ନେତାଙ୍କ ଭାଷଣରେ ସର୍ବଦା କଂଗ୍ରେସ ନିଶାଣରେ ରହିଛି। ଗତ ଏପ୍ରିଲ ୧ ତାରିଖରୁ ମେ ୨୦ ତାରିଖ ଅର୍ଥାତ୍ ଗତ ୫୦ ଦିନ ମଧ୍ୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତାଙ୍କ ସୋସିଆଲ ମିଡିଆ ଆକାଉଣ୍ଟ 'ଏକ୍ସ'ରେ ୧୧୫୯ଟି ପୋଷ୍ଟରୁ ସର୍ବାଧିକ ୨୦୦ ପୋଷ୍ଟରେ କଂଗ୍ରେସ କଥା ଉଲ୍ଲେଖ କରିଛନ୍ତି। ବିଜେପି ଆସନ ସଂଖ୍ୟାର ଏକ ଷଷ୍ଠାଂଶ ଆସନ ପାଇଥିବା କଂଗ୍ରେସ ପ୍ରତି ବିଜେପି ନେତୃତ୍ୱଙ୍କ ଏପରି ଆଭିମୁଖ୍ୟ ପଛରେ ପ୍ରଚଣ୍ଡ ଭୟ ରହିଥିବା ନେଇ ରାଜନୈତିକ ମହଲରେ ଆଲୋଚନା ହେଉଛି।

୨୦୧୯ରେ କଂଗ୍ରେସ ସାରା ଦେଶରେ ୪୨୧ ଆସନରେ ଏକାକୀ ପ୍ରତିଦ୍ୱନ୍ଦ୍ୱିତା କରିଥିଲା ଓ ଅବଶିଷ୍ଟ ଆସନଗୁଡ଼ିକୁ ସହଯୋଗୀ ଦଳ ପାଇଁ ଛାଡ଼ିଥିଲା। ମାତ୍ର ଚଳିତ ନିର୍ବାଚନରେ କଂଗ୍ରେସ ମାତ୍ର ୩୨୮ ଆସନରେ ପ୍ରତିଦ୍ୱନ୍ଦ୍ୱିତା କରିଛି ଓ ଅବଶିଷ୍ଟ ଆସନଗୁଡ଼ିକୁ 'ଇଣ୍ଡି' ମେଣ୍ଟ ସହଯୋଗୀ ଆଞ୍ଚଳିକ ଦଳଗୁଡ଼ିକ ପାଇଁ ଛାଡ଼ିଛି। ତେବେ ଯେଉଁ ୩୨୮ ଆସନରେ କଂଗ୍ରେସ ପ୍ରତିଦ୍ୱନ୍ଦ୍ୱିତା କରୁଛି, ସେଥିମଧ୍ୟରୁ ଦୁଇ ତୃତୀୟାଂଶ ଆସନରେ ବିଜେପି ସହ ସିଧା ଲଢ଼େଇ ଚାଲିଛି। ଗତ ନିର୍ବାଚନରେ ଉତ୍ତରଭାରତର ହିନ୍ଦୀ ବଳୟରେ କଂଗ୍ରେସ ଓ ବିଜେପି ମଧ୍ୟରେ ୧୦୬ଟି ଆସନରେ ସିଧା ପ୍ରତିଦ୍ୱନ୍ଦ୍ୱିତା ହୋଇଥିଲା। ଏଥିରୁ କଂଗ୍ରେସ ମାତ୍ର ୬ଟି ଓ ବିଜେପି ୧୦୦ ଆସନରେ ବିଜୟୀ ହୋଇଥିଲା। ଚଳିତ ନିର୍ବାଚନରେ ମଧ୍ୟ ହିନ୍ଦୀ ବଳୟରେ ଅନୁରୂପ ସ୍ଥିତି ରହିଛି। ଯଦି କଂଗ୍ରେସ ଏହି ଆସନରୁ ୩୦ ଯାଏ ଆସନରେ ବିଜୟୀ ହୁଏ, ତେବେ କେନ୍ଦ୍ରରେ ସରକାର ଗଢ଼ିବା ପାଇଁ ସମସ୍ୟା ସୃଷ୍ଟି ହୋଇପାରେ ବୋଲି କୁହାଯାଉଛି। ଅନ୍ୟପକ୍ଷରେ ଗତ ନିର୍ବାଚନରେ ପଶ୍ଚିମ ଭାରତର ଗୁଜରାଟ ଓ ମହାରାଷ୍ଟ୍ରର ୪୫ଟି ଆସନରେ ବିଜେପି ଓ କଂଗ୍ରେସ ମଧ୍ୟରେ ଦ୍ୱିମୁଖୀ ଲଢ଼େଇ ହୋଇଥିଲା ଓ ଏଥିରୁ କଂଗ୍ରେସ ମାତ୍ର ୨ଟି ଆସନ ପାଇଥିଲା, ବିଜେପି ପାଇଥିଲା ୪୩। କୌତୂହଳର ବିଷୟ ହେଉଛି ୨୦୧୯ରେ ସାରା ଦେଶର ଯେଉଁ ୧୯୦ ଆସନରେ କଂଗ୍ରେସ-ବିଜେପି ମଧ୍ୟରେ ସିଧା ମୁକାବିଲା ହୋଇଥିଲା, ସେହି ଆସନଗୁଡ଼ିକ ଏବେ ବିଜେପି ପାଇଁ ଶିରପୀଡ଼ା ପାଲଟିଛି। ୧୯୦ ଆସନ ମଧ୍ୟରୁ ଗୁଜରାଟ, ମହାରାଷ୍ଟ୍ର, ମଧ୍ୟପ୍ରଦେଶ, ରାଜସ୍ଥାନ, ଦିଲ୍ଲୀ, ହରିଆଣା ଆଦି ସହ ୧୮ ରାଜ୍ୟ ଓ ୫ କେନ୍ଦ୍ରଶାସିତ ଅଞ୍ଚଳର ୧୭୦ଟି ଆସନରେ ସହଯୋଗୀଙ୍କ ସହ କଂଗ୍ରେସ ବିଜେପିକୁ କଡ଼ା ଟକ୍କର ଦେଉଛି। ତେଣୁ କଂଗ୍ରେସକୁ କୌଣସି ରାଜନୈତିକ ଫାଇଦା ସିଧାସଳଖ ବିଜେପି ପାଇଁ କ୍ଷତି ହେବ ବୋଲି ଦଳୀୟ ନେତୃତ୍ୱ ବୁଝି ସାରିଛନ୍ତି। ଏଥିପାଇଁ ଚଳିତ ନିର୍ବାଚନ ପ୍ରଚାରରେ ବିଜେପି ନେତୃତ୍ୱ କଂଗ୍ରେସ ପ୍ରତି ଆକ୍ରମଣାତ୍ମକ ଭୂମିକା ଗ୍ରହଣ କରିଛନ୍ତି।

**ଏକାକୀ ୧୨୫ ଆସନ ପାଇଲେ କେନ୍ଦ୍ରରେ ସରକାର ଗଢ଼ିବ କଂଗ୍ରେସ**

**ଶେଷ ପର୍ଯ୍ୟାୟ ଫଳ ନିର୍ଣ୍ଣୟ କରିପାରେ ଦେଶର ରାଜନୈତିକ ଭାଗ୍ୟ**



ନିକଟରେ ତେଲଙ୍ଗାନା ମୁଖ୍ୟମନ୍ତ୍ରୀ ରେବନ୍ତ ରେଡ୍ଡି ଏକ ସାକ୍ଷାତକାରରେ କହିଛନ୍ତି ଯେ ବିଜେପିକୁ ସରକାର ଗଢ଼ିବାକୁ ହେଲେ ଅନ୍ୟୂନ ୨୫୦ ଆସନ ଆବଶ୍ୟକ। ଅନ୍ୟ ଦଳରୁ ସହଯୋଗ ନେଇ ସେମାନେ ସରକାର ଗଢ଼ିପାରିବେ। ମାତ୍ର କଂଗ୍ରେସ ୧୦୦ରୁ ୧୨୫ ଆସନ ପାଇଲେ, ସେ କେନ୍ଦ୍ରରେ ସରକାର ଗଢ଼ିପାରିବ। କାରଣ ସମାନ ବିଚାରଧାରାର ଅନ୍ୟ ରାଜନୈତିକ ଦଳ କଂଗ୍ରେସକୁ ସମର୍ଥନ କରିବାକୁ ଅଧିକ ପସନ୍ଦ କରିବେ ବୋଲି ସେ କହିଛନ୍ତି। ରାଜନୈତିକ ବିଶେଷଜ୍ଞମାନେ ମଧ୍ୟ ରେବନ୍ତ ରେଡ୍ଡିଙ୍କ ସମ୍ଭାବ୍ୟ ଆକଳନକୁ ଅସ୍ୱୀକାର କରିପାରୁ ନାହାନ୍ତି। ୨୦୦୪ରେ କଂଗ୍ରେସ ୧୪୫ ଓ ବିଜେପି ୧୩୮ ଆସନରେ ବିଜୟୀ ହୋଇଥିଲା। ମାତ୍ର ୭ଟି ଅଧିକ ଆସନରେ ବିଜୟୀ ହୋଇଥିବା ସତ୍ତ୍ୱେ ସହଯୋଗୀଙ୍କ ସହ ମେଣ୍ଟ କରି କଂଗ୍ରେସ ସରକାର ଗଠନ କରିବାକୁ ସକ୍ଷମ ହୋଇଥିଲା। ବର୍ତ୍ତମାନ ମଧ୍ୟ ପରିସ୍ଥିତି କଂଗ୍ରେସ ସପକ୍ଷରେ ରହିଛି। ଆଞ୍ଚଳିକ ଦଳଗୁଡ଼ିକ ପ୍ରତି ବିଜେପି କେନ୍ଦ୍ରୀୟ ନେତୃତ୍ୱଙ୍କ ମନୋଭାବ ଓ ଆଞ୍ଚଳିକ ଦଳଗୁଡ଼ିକ ଶାସନ କରୁଥିବା ରାଜ୍ୟ ସରକାରଙ୍କ ପ୍ରତି କେନ୍ଦ୍ର ସରକାରଙ୍କ ରୁଗ୍‌ଣ ବ୍ୟବହାର ସ୍ୱାଭାବିକ କଂଗ୍ରେସର ସ୍ଥିତିକୁ ଦୃଢ଼ୀଭୂତ କରିଛି। ଏହି ପରିପ୍ରେକ୍ଷୀରେ ଦିନକ ପରେ ହେବାକୁ ଥିବା ଅନ୍ତିମ ପର୍ଯ୍ୟାୟ ମତଦାନରେ ବିଜେପି ପ୍ରଚଣ୍ଡ ଚାପର ସମ୍ମୁଖୀନ ହୋଇଛି। ତେଣୁ କେନ୍ଦ୍ରରେ କେଉଁ ଦଳ ସରକାର ଗଠନ କରିବ, ତାହା ଏହି ଅନ୍ତିମ ପର୍ଯ୍ୟାୟ ହିଁ ନିର୍ଣ୍ଣୟ କରିବ ବୋଲି ରାଜନୈତିକ ବିଶେଷଜ୍ଞମାନେ ମତ ଦେଇଛନ୍ତି।

ୟୁପି ପୁଲିସ ଅଧିକାରୀଙ୍କ ଅମାନବିକତା

## ଚୁଟି କାଟିବାରେ ବିଳମ୍ବ ହେବାରୁ ନାପିତଙ୍କୁ ଜେଲ୍

**ବଦାଉଁ, ୩୦।୫ (ଏଜେନ୍ସି):** ଉତ୍ତରପ୍ରଦେଶ ବଦାଉଁରୁ ବିଚଳିତ କରିବା ଭଳି ଏକ ମାମଲା ସାମ୍ନାକୁ ଆସିଛି। ଜଣେ ପୁଲିସ ଅଧିକାରୀଙ୍କ ଅମାନବିକତା ସାରା ଦେଶରେ ଚର୍ଚ୍ଚାର ବିଷୟ ପାଲଟିଛି। ଚୁଟି କାଟିବାକୁ ବିଳମ୍ବ ହେବାରୁ ଜଣେ ପୁଲିସ ଅଧିକାରୀ ଭଣ୍ଡାରିଙ୍କୁ ଜେଲ୍‌ରେ ଭର୍ତ୍ତି କରିଦେଇଛନ୍ତି। ଅଧିକାରୀଙ୍କ ସୂଚନା ଅନୁଯାୟୀ ସର୍କଲ ଅଫିସର (ସିଓ) ସୁନୀଲ କୁମାର ନିଜ ଚୁଟି କାଟିବା ପାଇଁ ଭଣ୍ଡାରି ବିନୋଦ କୁମାରଙ୍କୁ ଘରକୁ ଡାକିଥିଲେ। ଅନ୍ୟ ଗ୍ରାହକଙ୍କ ଚୁଟି କାଟି ସାରି ସେ କିଛି ସମୟ ବିଳମ୍ବରେ ସିଓଙ୍କ ଘରେ ପହଞ୍ଚି ଥିଲେ। ଏହାର କିଛି ଘଣ୍ଟା ପରେ କିଛି ପୁଲିସ କର୍ମଚାରୀ ତାଙ୍କ ଦୋକାନ ନିକଟରେ ପହଞ୍ଚି ଥିଲେ। ସେମାନେ ଦୋକାନ ବନ୍ଦ କରି ବିନୋଦଙ୍କୁ ବିସୌଲି ଥାନାକୁ ନେଇ ଯାଇଥିଲେ। ତାଙ୍କୁ ବୁଧବାର ମଧ୍ୟାହ୍ନ ପର୍ଯ୍ୟନ୍ତ ଜେଲ୍‌ରେ ରଖା ଯାଇଥିଲା। ଅନ୍ୟପକ୍ଷରେ ଏହି ମାମଲାର ତଦନ୍ତ କରାଯାଉଛି ବୋଲି ଏସ୍‌ପି ଆଲୋକ ପ୍ରିୟଦର୍ଶୀ କହିଛନ୍ତି। ଏହି ମାମଲା ପାଇଁ ଦାୟୀ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି।

## ବିଶ୍ୱର ପ୍ରଥମ ୩ଡି ପ୍ରିଣ୍ଟେଡ ଇଞ୍ଜିନ ମାଧ୍ୟମରେ ରକେଟ ଉତ୍‌କ୍ଷେପଣ

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଦିନକୁ ଦିନ ଭାରତ ମହାକାଶ ଗବେଷଣା କ୍ଷେତ୍ରରେ ଉନ୍ନତ ଜ୍ଞାନ କୌଶଳ ପ୍ରଦର୍ଶନ କରିବା ସହିତ ନିଜର ବଳିଷ୍ଠ ସାମର୍ଥ୍ୟ ପ୍ରଦର୍ଶନ କରିବାରେ ଲାଗିଛି। ଆଇଆଇଟି ମାଡ୍ରାସରୁ ଉନ୍ନୀତ ଇଞ୍ଜିନିୟରମାନଙ୍କ ଦ୍ୱାରା ପ୍ରତିଷ୍ଠା କରାଯାଇଥିବା କମ୍ପାନୀ ଅଗ୍ନିକୁଲ କୋସ୍ମସ ବିଶ୍ୱର ପ୍ରଥମ ୩ଡି ପ୍ରିଣ୍ଟେଡ ଇଞ୍ଜିନ ମାଧ୍ୟମରେ ଏକ ରକେଟ ଉତକ୍ଷେପଣ କରିଛି। ଏହି ରକେଟର ନାଁ ଅଗ୍ନିବାଣ ରଖାଯାଇଛି। ଗୁରୁବାର ସକାଳ ସମୟରେ ଶ୍ରୀହରିକୋଟା ଉତ୍‌କ୍ଷେପଣ କେନ୍ଦ୍ରରୁ ଏହାକୁ ସଫଳତାର ସହ ମହାକାଶକୁ ଛଡ଼ାଯାଇଛି। ସ୍କାଏରୁଟ ଏରୋସ୍ପେସ ପ୍ରଥମ ଘରୋଇ କମ୍ପାନୀ ଭାବେ ୨୦୨୩ ନଭେମ୍ବର ମାସରେ ଏହାକୁ ସଫଳ ପରୀକ୍ଷଣ କରିବା ପରେ ଅଗ୍ନିକୁଲ କୋସ୍ମସ କମ୍ପାନୀ ଦ୍ୱିତୀୟ ଘରୋଇ କମ୍ପାନୀ ଭାବରେ ଏହି ସଫଳତା ହାସଲ କରିଛି। ପୂର୍ବରୁ ପାଞ୍ଚଥର ଅଗ୍ନିବାନ ରକେଟର ପରୀକ୍ଷଣ ବିଫଳ ହେବା ପରେ ଏବେ ଏହାର ପରୀକ୍ଷଣ ସଫଳ ହୋଇଛି। ଏହି ରକେଟ ଆଜି ଉତକ୍ଷେପଣ ସମୟରେ କୌଣସି ଲାଇଭ ଷ୍ଟ୍ରିମିଙ୍ଗ୍ ଭିଡିଓ ହୋଇନଥିଲା। ଏହି ରକେଟର ୧୦୦ କିଲୋମିଟର ଲକ୍ଷ୍ୟଭେଦୀ କ୍ଷମତା ରହିଛି। ଏହା ସହ ୩୦୦କିଲୋଗ୍ରାମର ଯୁଦ୍ଧ ସାମଗ୍ରୀ ଧାରଣକ୍ଷମତା ଅଛି। ଏହା ସମ୍ପୂର୍ଣ୍ଣ ଭାରତୀୟ ଜ୍ଞାନ କୌଶଳରେ ପ୍ରସ୍ତୁତ। ଏହି ରକେଟକୁ ନିର୍ମାଣ କରିବାରେ ଇସ୍ରୋର ୪୫ଜଣ ପୂର୍ବତନ ବୈଜ୍ଞାନିକଙ୍କ ତତ୍ତ୍ୱାବଧାନରେ ଆଇଆଇଟି ମାଡ୍ରାସର ୨୦୦ ଇଂଜିନିୟର ଏହି ରକେଟ ନିର୍ମାଣ କରିବାରେ କାର୍ଯ୍ୟ କରିଥିଲେ।

■ ନିର୍ବାଚନ ପ୍ରଚାରରେ ମୋଦୀ ନିଜ ନାଁ ୭୫୮ ଥର ନେଇଛନ୍ତି

## ବେରୋଜଗାର ଶବ୍ଦ ଥରୁଟିଏ ଧରି ନାହାଁନ୍ତି: ଖଡ଼୍‌ଗେ

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ଚଳିତ ସାଧାରଣ ନିର୍ବାଚନର ଅନ୍ତିମ ପର୍ଯ୍ୟାୟ ପ୍ରଚାର ଗୁରୁବାର ଶେଷ ହୋଇଛି। ତେବେ କଂଗ୍ରେସ ସଭାପତି ମଲ୍ଲିକାର୍ଜ୍ଜୁନ ଖଡଗେ ଓ ବରିଷ୍ଠ ନେତା କେ.ସି ବେଣୁ ଗୋପାଳ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଉପରେ ବର୍ଷିଛନ୍ତି। ଖଡଗେ କହିଛନ୍ତି, ବିଜେପି କେବେଳ ମନ୍ଦିର- ମସଜିଦ ନାମରେ ଭୋଟରଙ୍କୁ ଭ୍ରମିତ କରୁଛି। ନରେନ୍ଦ୍ର ମୋଦୀ ଲୋକସଭା ନିର୍ବାଚନ ପ୍ରଚାର ସମୟରେ ନିଜ ନାଁ ୭୫୮ ଥର ନେଇଛନ୍ତି। କିନ୍ତୁ ଦେଶର ବେରୋଜଗାର ବିଷୟରେ ଗୋଟିଏ ଶବ୍ଦ ପାଟିରେ ଧରିନାହାଁନ୍ତି। କଂଗ୍ରେସ ନାଁକୁ ମୋଦୀ ୨୩୨ଥର ପାଟିରେ ଧରିଛନ୍ତି କିନ୍ତୁ ଦେଶରେ ବଢୁଥିବା ବେକାରୀ ସଂଖ୍ୟାର ସମାଧାନ ଓ ଦରଦାମ ବୃଦ୍ଧି ଉପରେ ଗୋଟିଏ ଶବ୍ଦ କହିନାହାନ୍ତି। ଏହା ସହିତ ଖଡଗେ କହିଛନ୍ତି ଜୁନ ୪ ତାରିଖରେ ଦେଶରେ ଇଣ୍ଡି ଗଠବନ୍ଧନ ସରକାର ଗଠନ କରିବ। ଦେଶରେ ବିଜେପି ସରକାରର ବିକଳ୍ପ ଲୋକମାନେ ମତଦାନ ମାଧ୍ୟମରେ ବାଛି ସାରିଛନ୍ତି।

## ଆଜମ ଖାନଙ୍କୁ ୧୦ ବର୍ଷ ଜେଲ୍

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସମାଜବାଦୀ ପାର୍ଟିର ବରିଷ୍ଠ ନେତା ଆଜମ ଖାନଙ୍କୁ ଏମପି- ଏମଏଲଏ କୋର୍ଟ ଗୁରୁବାର ୧୦ ବର୍ଷ ସଶ୍ରମ କାରାଦଣ୍ଡାଦେଶ ଶୁଣାଇଛନ୍ତି। ଏହା ସହିତ ତାଙ୍କୁ ୧୪ଲକ୍ଷ ଟଙ୍କାର ଜୋରିମାନା ପୈଠ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ୨୦୧୬ରେ ଉତ୍ତରପ୍ରଦେଶରେ ସମାଜବାଦୀ ପାର୍ଟି କ୍ଷମତାରେ ରହିଥିଲା ବେଳେ ଆଜମଖାନଙ୍କ ଦ୍ୱାରା ରାମପୁରର ଦୁର୍ଗାପୁର ଅଞ୍ଚଳରେ ବସ୍ତି ବାସିନ୍ଦାଙ୍କୁ ଜୋର ଜବରଦସ୍ତି ଉଚ୍ଛେଦ କରାଯିବା ମାମଲାରେ କୋର୍ଟ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଏହି ଦଣ୍ଡାଦେଶ କରିଛନ୍ତି। ଏହି ମାମଲାରେ ଦ୍ୱିତୀୟ ଅଭିଯୁକ୍ତ ବରକତ ଅଲ୍ଲୀକୁ ମଧ୍ୟ ୭ ବର୍ଷର ଜେଲଦଣ୍ଡ ସହ ୬ ଲକ୍ଷ ଟଙ୍କା ଜୋରିମାନା କରାଯାଇଛି।

### ୨୦୧୯ ରେ କେଦାରନାଥ, ୨୪ରେ କନ୍ୟାକୁମାରୀ

# ମୋଦୀଙ୍କ ତପକୁ ନେଇ ରାଜନୈତିକ ବିତର୍କ

**ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି)**

୨୦୨୪ ଲୋକସଭା ନିର୍ବାଚନର ସପ୍ତମ ତଥା ଅନ୍ତିମ ପର୍ଯ୍ୟାୟ ମତଦାନ ଜୁନ୍ ୧ରେ ଅନୁଷ୍ଠିତ ହେବ। ଏହି ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବାରଣାସୀ ଲୋକସଭା କ୍ଷେତ୍ର ସହ ୭ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳର ୫୭ଟି ଆସନ ପାଇଁ ମତଦାନ ହେବ। ମତଦାନ ଶେଷ ହେବା ପରେ ସେହି ଦିନ ହିଁ ବୁଥ୍ ବାହୁଡ଼ା ମତାମତ (ଏକଜିଟ୍ ପୋଲ) ଆସିବାକୁ ଥିବାରୁ ସାଧାରଣ ଲୋକଙ୍କ ଠାରୁ ଆରମ୍ଭ କରି ରାଜନେତାଙ୍କ ଯାଏଁ ସମସ୍ତଙ୍କ ମନରେ ଉତ୍ସୁକତା ଭରିଯାଇଛି। କିନ୍ତୁ ଏହାମଧ୍ୟରେ ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ନେଇ ପୁଣି ଏକ ବିତର୍କ ଆରମ୍ଭ ହୋଇଛି। ଚୂଡ଼ାନ୍ତ ପର୍ଯ୍ୟାୟ ମତଦାନ ପାଇଁ ଗୁରୁବାର ପ୍ରଚାର ଶେଷ ହୋଇଥିଲା ବେଳେ ପ୍ରଧାନମନ୍ତ୍ରୀ ମୋଦୀ ପ୍ରଚାର କାର୍ଯ୍ୟ ଶେଷ କରି କନ୍ୟାକୁମାରୀରେ ପହଞ୍ଚିଛନ୍ତି।

**ନିର୍ବାଚନୀ ଫାଇଦା ଉଠାଇବାକୁ ଉଦ୍ୟମ**

**ଇସିରେ ଫେରାଦ ହେଲା ତାମିଲନାଡୁ କଂଗ୍ରେସ**



କନ୍ୟାକୁମାରୀର ସ୍ୱାମୀ ବିବେକାନନ୍ଦ ଶିଳା ସ୍ମାରକୀ (ରକ୍ ମେମୋରିଆଲ) ଧ୍ୟାନ ମଣ୍ଡପମ୍‌ରେ ମୋଦୀ ଗୁରୁବାର ସନ୍ଧ୍ୟାରୁ ତପରେ ବସିବା ସହିତ ଜୁନ୍ ୧ ତାରିଖ ପର୍ଯ୍ୟନ୍ତ ପ୍ରାୟ ୪୫ ଘଣ୍ଟା ଧରି ଧ୍ୟାନମଗ୍ନ ରହିବେ ବୋଲି କାର୍ଯ୍ୟକ୍ରମ ପ୍ରସ୍ତୁତ ହୋଇଛି। ଏଥିପାଇଁ କନ୍ୟାକୁମାରୀରେ ୨ ହଜାର ସୁରକ୍ଷା କର୍ମୀଙ୍କୁ ନିୟୋଜିତ କରାଯିବା ସହିତ ରକ୍ ମେମୋରିଆଲ ସାମୁଦ୍ରିକ ତଟରେ ଭାରତୀୟ ନୌସେନା ଏବଂ ସାମୁଦ୍ରିକ ତଟ ସୁରକ୍ଷା ବାହିନୀର ବହୁ ଟିମ୍ ନିୟୋଜିତ ହୋଇଛନ୍ତି। ଏହାବ୍ୟତୀତ ଜାତୀୟ ସ୍ତରର ବହୁ ଗଣମାଧ୍ୟମ ପ୍ରତିନିଧିଙ୍କ ମଧ୍ୟ ଭିଡ଼ ଜମିଛି। କିନ୍ତୁ ଏହି ଧ୍ୟାନ କାର୍ଯ୍ୟକ୍ରମକୁ ନେଇ ବିରୋଧୀ ଦଳ ମୋଦୀଙ୍କୁ ନିଶାଣ କରିଛନ୍ତି। ଏଭଳି କାର୍ଯ୍ୟକ୍ରମ କେବଳ ନିର୍ବାଚନୀ ଫାଇଦା ଉଠାଇବା ଉଦ୍ଦେଶ୍ୟରେ ପ୍ରେରିତ ବୋଲି ବହୁ ନେତା ଅଭିଯୋଗ ଉଠାଇଛନ୍ତି। ପ୍ରଧାନମନ୍ତ୍ରୀ ମୋଦୀ ବିନା କ୍ୟାମେରାରେ କିଛି କରିପାରିବେ ନାହିଁ ବୋଲି ସେମାନେ କହିଛନ୍ତି। ମୋଦୀ ନିଜ ମାଆଙ୍କୁ ଭେଟିବା ଠାରୁ ଆରମ୍ଭ କରି ୨୦୧୯ ନିର୍ବାଚନ ଶେଷ ହେବା ପରେ କେଦାରନାଥ ଗୁମ୍ଫାରେ ଧ୍ୟାନ କରିବା, ପଶ୍ଚିମବଙ୍ଗର ବେଲୁରୁ ମଠ ,ବାରଣାସୀ ଗଙ୍ଗାଘାଟ ଏବଂ ଦ୍ୱାରକା ପୀଠରେ ସମୁଦ୍ର ଭିତରେ ପୂଜାର୍ଚ୍ଚନା ପର୍ଯ୍ୟନ୍ତ ସବୁଠାରେ କ୍ୟାମେରାରେ ମୋଦୀ ଛାଇ ହୋଇଯାଇଥିଲେ। ଏବେ କନ୍ୟାକୁମାରୀରେ ମଧ୍ୟ ଠିକ୍ ସେମିତି ହେବାକୁ ଯାଉଛି ବୋଲି ବିରୋଧୀ ନେତାମାନେ ଅଭିଯୋଗ କରିବା ସହିତ ଏହା ନିର୍ବାଚନୀ ସଂହିତାର ଉଲ୍ଲଙ୍ଘନ ବୋଲି କହିଛନ୍ତି। ଯେକୌଣସି ବ୍ୟକ୍ତି ଜପଧ୍ୟାନ କରିବା ନେଇ କିଛି ଅସୁବିଧା ନାହିଁ। ଏହା ପ୍ରତ୍ୟେକ ବ୍ୟକ୍ତିଙ୍କ ଅଧିକାର। କିନ୍ତୁ ନିର୍ବାଚନ ବେଳେ ଏବଂ ଗଣମାଧ୍ୟମରେ ପ୍ରଚାର କରି ଧ୍ୟାନ କରିବା ପଛରେ କିଛି ନା କିଛି ରାଜନୈତିକ ଉଦ୍ଦେଶ୍ୟ ରହିଛି ବୋଲି ବିରୋଧୀ ନେତାମାନେ ପ୍ରଶ୍ନ ଉଠାଇବା ପରେ ଏହାକୁ ନେଇ ବିତର୍କ ସୃଷ୍ଟି ହୋଇଛି। ମୋଦୀଙ୍କ ଏହି କାର୍ଯ୍ୟକ୍ରମକୁ ବିରୋଧ କରି ତାମିଲନାଡୁ କଂଗ୍ରେସ ପକ୍ଷରୁ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ ଦାଖଲ କରାଯାଇଛି।

ତେବେ ଏଭଳି କାର୍ଯ୍ୟକ୍ରମ ଉପରେ ପଦକ୍ଷେପ ଗ୍ରହଣ କରିବା ନିର୍ବାଚନ ଆୟୋଗଙ୍କ କ୍ଷମତା ପରିସରଭୁକ୍ତ କି ନାହିଁ ତାହା ବିଚାର କରାଯାଉଛି। କାରଣ ୨୦୧୯ରେ ମୋଦୀ କେଦାରନାଥ ଗୁମ୍ଫାରେ ଧ୍ୟାନ କରିବା ପରେ ଏଥିନେଇ ନିର୍ବାଚନ ଆୟୋଗଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ହେଁ କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନଥିଲା।

## କୁପୱାଡ଼ାରେ ପୁଲିସ-ସେନା ସଂଘର୍ଷ

**ଶ୍ରୀନଗର, ୩୦।୫ (ଏଜେନ୍ସି):** ଜମ୍ମୁ-କାଶ୍ମୀର କୁପୱାଡ଼ା ଥାନାରେ ସେନା ଏବଂ ପୁଲିସ ମଧ୍ୟରେ ସଂଘର୍ଷ ହୋଇଛି। ଥାନାରେ ଆକ୍ରମଣ କରିବା ଅଭିଯୋଗରେ ତିନି ଜଣ ଲେଫ୍ଟନାଣ୍ଟ କର୍ଣ୍ଣେଲଙ୍କ ସମେତ ୧୬ ଯବାନଙ୍କ ବିରୋଧରେ ହତ୍ୟା ଉଦ୍ୟମକୁ ନେଇ ଏତଲା ରୁଜୁ କରାଯାଇଛି। ସୂଚନା ଅନୁଯାୟୀ ଗତ ମଙ୍ଗଳବାର ରାତିରେ ଏହି ଘଟଣା ଘଟିଥିଲା। ଏକ ଡ୍ରଗ୍ସ ମାମଲାରେ ପୁଲିସ ୧୬୦ ଟେରିଟୋରିୟାଲ ଆର୍ମିର ଜଣେ ଯବାନଙ୍କୁ ଜେରା ପାଇଁ ଡକାଇ ଥିଲା। ଏହାକୁ ନେଇ ଅସ୍ତ୍ରଶସ୍ତ୍ର ସହିତ ଅଧିକ ଯବାନ ଥାନାରେ ପହଞ୍ଚିଥିଲେ। ଏତଲା ଅନୁଯାୟୀ ଲେଫ୍ଟନାଣ୍ଟ କର୍ଣ୍ଣେଲ ଅଙ୍କିତ ସୁଦ୍, ରାଜୀବ ଚୌହାନ ଏବଂ ନିଖିଲ ଆର୍ମି ଗ୍ରୁପ୍‌ର ନେତୃତ୍ୱ ନେଉଥିଲେ। ଏହି ତିନି ଅଧିକାରୀ ଜୋରଜବରଦସ୍ତି ଥାନାରେ ପ୍ରବେଶ କରି ପୁଲିସ କର୍ମଚାରୀଙ୍କୁ ରାଇଫଲ୍ ବଟ୍, ଲୁହା ରଡ୍‌ରେ ଆକ୍ରମଣ କରି ଗୋଇଠାବିଧା ମାରିଥିଲେ। ସେନାର ଯବାନ ଅସ୍ତ୍ରଶସ୍ତ୍ର ଧରି ଆହତ ପୁଲିସ କର୍ମଚାରୀଙ୍କ ମୋବାଇଲ ଫୋନ୍ ଛଡ଼ାଇ ନେଇଥିଲେ। ଜଣେ ପୁଲିସ କର୍ମଚାରୀଙ୍କୁ ଅପହରଣ କରି ଘଟଣାସ୍ଥଳରୁ ଫେରାର ହୋଇ ଯାଇଥିଲେ। ପରେ ବରିଷ୍ଠ ପୁଲିସ ଅଧିକାରୀ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରି ସେନା କବଳରୁ ପୁଲିସ କର୍ମଚାରୀଙ୍କୁ ଛଡ଼ାଇ ଥିଲେ ଏବଂ ଆକ୍ରମଣକାରୀଙ୍କ ବିରୋଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ନେଇଥିଲେ। ଡିଫେନ୍ସ ପ୍ରବକ୍ତା ଏହି ଘଟଣାକୁ ସାଧାରଣ କହିଛନ୍ତି।

## ସିକିମରୁ ୧୫୦ କିମି ଦୂରରେ ଚୀନ୍ ଯୁଦ୍ଧ ବିମାନ

**ବେଜିଂ, ୩୦।୫ (ଏଜେନ୍ସି):** ଭାରତର ସିକିମ ସୀମାରୁ ମାତ୍ର ୧୫୦ କିମି ଦୂରରେ ଚୀନ୍ ନିଜର ପଞ୍ଚମ ପିଢ଼ିର ଅତ୍ୟାଧୁନିକ ଷ୍ଟିଲଥ୍ ଲଢୁଆ ବିମାନ ଜେ-୨୦ ମୁତୟନ କରିଛି। ତିନି ଦିନ ତଳେ ତିବ୍ବତର ଦ୍ୱିତୀୟ ବୃହତ୍ତମ ସହର ସିଗାତ୍‌ସେ ଏୟାରବେସ୍‌ରେ ଏହାକୁ ମୁତୟନ କରାଯାଇଛି। ଉପଗ୍ରହ ଚିତ୍ରରୁ ଏହା ଜଣାପଡ଼ିଛି। ସିଗାତ୍‌ସେରୁ କିଛି କିମି ଦୂର ପଶ୍ଚିମବଙ୍ଗରେ ଭାରତ ୧୬ଟି ରାଫେଲ ବିମାନ ମୁତୟନ କରାଯାଇଛି। ଏହା ୪.୫ ପିଢ଼ିର ଲଢୁଆ ବିମାନ। ଏହି ଦେଶ ଗୋଟିଏ ପଟେ ଜେ-୨୦ ପଠାଇ ତାଇୱାନକୁ ଡରାଉଥିବା ବେଳେ ଏବେ ଭାରତ ସୀମାରେ ଚାପ ବଢ଼ାଇବାକୁ ଚାହୁଁଛି। ଚୀନ୍‌ର ଏହି କୁଟୀଳ ଚକ୍ରାନ୍ତର ମୁକାବିଲା ପାଇଁ ଭାର ତିବ୍ବତ ସୀମା ନିକଟରେ ଏସ୍-୪୦୦ ଏୟାର ଡିଫେନ୍ସ ମିସାଇଲ ସିଷ୍ଟମ ମୁତୟନ କରିଛି। ଉପଗ୍ରହ ଚିତ୍ରରୁ ଜଣାପଡ଼ିଛି ଯେ ସମୁଦ୍ର ପତ୍ତନଠାରୁ ୧୨, ୪୦୮ ଫୁଟ ଉଚ୍ଚରେ ଥିବା ସିଗାସ୍‌ତେରେ ୬ଟି ଜେ-୨୦ ବିମାନ ରହିଛି।

# ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI


**୧୫୦ ଫୁଟ୍ ତଳକୁ ଖସିଲା ତୀର୍ଥଯାତ୍ରୀ ବସ**

## ୨୧ ମୃତ, ୪୦ ଆହତ



■ **ଶ୍ରୀନଗର, ୩୦।୫(ଏଜେନ୍ସି):** ଜମ୍ମୁ-କାଶ୍ମୀରର ଅଖନୁର ଜିଲ୍ଲାରେ ଗୁରୁବାର ଅପରାହ୍ଣରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣାରେ ୨୧ ଜଣ ତୀର୍ଥଯାତ୍ରୀଙ୍କ ମୃତ୍ୟୁ ହେବା ସହିତ ୪୦ ଜଣ ଗୁରୁତର ହୋଇଛନ୍ତି। ତୀର୍ଥଯାତ୍ରୀଙ୍କୁ ନେଇ ଶିବଖୋରୀ ପରିଦର୍ଶନରେ ଯାଉଥିବା ଏହି ବସ ନିୟନ୍ତ୍ରଣ ହରାଇ ୧୫୦ ଫୁଟ ତଳକୁ ଖସିଯିବାରୁ ଘଟଣାସ୍ଥଳରେ ହିଁ ୨୧ ଯାତ୍ରୀଙ୍କ ପ୍ରାଣବାୟୁ ଉଡ଼ିଯାଇଛି। ଆହତ ହୋଇଥିବା ୪୦ରୁ ଅଧିକ ଯାତ୍ରୀଙ୍କୁ ଉଦ୍ଧାର କରାଯାଇ ଚିକିତ୍ସା ଲାଗି ଅଖନୁର ହସ୍ପିଟାଲ ଏବଂ ଜମ୍ମୁ ସରକାରୀ ମେଡିକାଲ କଲେଜରେ ଭର୍ତ୍ତି କରାଯାଇଛି। ମିଳିଥିବା ସୂଚନା ଅନୁସାରେ ହରିୟାଣାର କୁରୁକ୍ଷେତ୍ରରୁ ୫୦ରୁ ଅଧିକ ଯାତ୍ରୀଙ୍କୁ ନେଇ ଜମ୍ମୁ କାଶ୍ମୀରର ବିଭିନ୍ନ ତୀର୍ଥକ୍ଷେତ୍ରକୁ ଯାଉଥିବା ଏହି ବସଟି ଅଖନୁର-ଶ୍ରୀନଗର ଜାତୀୟ ରାଜପଥରେ ଯାଉଥିଲା ବେଳେ ନିୟନ୍ତ୍ରଣ ହରାଇ କାଳିଧାର ▶ପୃଷ୍ଠା-୯


♦VOLUME- 41 ♦ISSUE-334 ♦BHUBANESWAR ♦FRIDAY ♦31 MAY 2024 ♦PAGE-16 ♦₹ 6.00

♦ବର୍ଷ-୪୧ ♦ସଂଖ୍ୟା-୩୩୪ ♦ଭୁବନେଶ୍ୱର ♦ଶୁକ୍ରବାର ♦୩୧ ମେ ୨୦୨୪ ♦ପୃଷ୍ଠା-୧୬ ♦ଟ.୬.୦୦


**ଶେଷ ପର୍ଯ୍ୟାୟ ମତଦାନ ପୂର୍ବରୁ ମନମୋହନଙ୍କ ଟିପ୍ପଣୀ**

# ପ୍ରଧାନମନ୍ତ୍ରୀ ପଦର ମର୍ଯ୍ୟାଦା ନଷ୍ଟ କରିବାରେ ମୋଦୀ ପ୍ରଥମ

■ **ନୂଆଦିଲ୍ଲୀ, ୩୦।୫ (ଏଜେନ୍ସି):** ସଦା ଶାନ୍ତ ଏବଂ ଶିଷ୍ଟ ବ୍ୟକ୍ତିତ୍ୱ ଭାବେ ପରିଚିତ ପୂର୍ବତନ ପ୍ରଧାନମନ୍ତ୍ରୀ ଡକ୍ଟର ମନମୋହନ ସିଂ ପ୍ରଥମଥର ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରତି କଠିନ ଶବ୍ଦରେ ନିଜ ଭାବ ବ୍ୟକ୍ତ କରିବା ସହିତ ବିଜେପି ନେତୃତ୍ୱ କେନ୍ଦ୍ର ସରକାରଙ୍କ ବିରୋଧରେ ମୁହଁ ଖୋଲିଛନ୍ତି। ପ୍ରଧାନମନ୍ତ୍ରୀ ପଦ ମର୍ଯ୍ୟାଦା ନଷ୍ଟ କରିବାରେ ନରେନ୍ଦ୍ର ମୋଦୀ ହେଉଛନ୍ତି ପ୍ରଥମ ବ୍ୟକ୍ତି। ବିଗତ ଦିନରେ ଏବଂ ବିଶେଷକରି ନିର୍ବାଚନ ପ୍ରଚାର ଅଭିଯାନରେ ଜାତି, ଧର୍ମ ,ସଂପ୍ରଦାୟ ଭିତ୍ତିରେ ସେ ସମାଜକୁ ଯେଉଁଳି ଭାଗ ଭାଗ କରିବାକୁ ଉଦ୍ୟମ କରିଛନ୍ତି, ତାହା ପୂର୍ବରୁ କେବେ ବି ଦେଖାଯାଇ ନାହିଁ। ଜଣେ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ଏଭଳି ଘୃଣ୍ୟ କାର୍ଯ୍ୟ କରି ନିଜର ଗରିମା ନଷ୍ଟ କରିବାରେ ପ୍ରଥମ ପ୍ରଧାନମନ୍ତ୍ରୀ ବୋଲି ପଞ୍ଜାବରେ ଲୋକସଭା ନିର୍ବାଚନ ପୂର୍ବରୁ ଭୋଟରମାନଙ୍କ ଉଦ୍ଦେଶ୍ୟରେ ମନମୋହନ ଏହା କହିଛନ୍ତି।

ଆସନ୍ତା ଶନିବାର(ଜୁନ୍ ୧) ଲୋକସଭା ନିର୍ବାଚନର ସପ୍ତମ ତଥା ଚୂଡ଼ାନ୍ତ ପର୍ଯ୍ୟାୟରେ ମତଦାନ ହେବ। କେନ୍ଦ୍ର ଶାସିତ ଅଞ୍ଚଳ ଚଣ୍ଡିଗଡ଼ ସମେତ ଅନ୍ୟ ୭ ରାଜ୍ୟର ୫୭ଟି ଲୋକସଭା କ୍ଷେତ୍ର ପାଇଁ ଏହି ପର୍ଯ୍ୟାୟରେ ମତଦାନ ହେବାକୁ ଥିବାବେଳେ ପଞ୍ଜାବର ସମସ୍ତ ୧୩ ଆସନ ପାଇଁ ମତଦାନ କରାଯିବ। ତେବେ ପଞ୍ଜାବବାସୀ ସେମାନଙ୍କ ମତ ସାବ୍ୟସ୍ତ କରିବା ପୂର୍ବରୁ



**ପଞ୍ଜାବ ଅସ୍ମିତା ଓ ପଞ୍ଜାବବାସୀଙ୍କୁ ବଦନାମ କରିବାକୁ ପଛାଇ ନାହାନ୍ତି**

**ଦେଶକୁ ଏକଛତ୍ରବାଦ ଶାସନରୁ ବଞ୍ଚାଇବାକୁ ଶେଷ ସୁଯୋଗ**

ମନମୋହନ ସିଂ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ଏକ ଚିଠି ଲେଖି ଏଭଳି କହିଛନ୍ତି। ସେ ତାଙ୍କ ଚିଠିରେ ଉଲ୍ଲେଖ କରିଛନ୍ତି ଯେ, ଚଳିତ ନିର୍ବାଚନରେ ବିଭିନ୍ନ ଦଳ ପକ୍ଷରୁ ହୋଇଥିବା ପ୍ରଚାର ଅଭିଯାନକୁ ସେ ପ୍ରଥମରୁ ଦେଖି ଆସିଛନ୍ତି। ବିଭିନ୍ନ ଦଳ ଭିନ୍ନ ଆଦର୍ଶ ଏବଂ ନୀତିକୁ ନେଇ ପରିଚାଳିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରେ ରାଜନୈତିକ ଦୃଷ୍ଟିକୋଣରୁ ମତଭେଦ ରହିବା ସ୍ୱାଭାବିକ କଥା। କିନ୍ତୁ ଜଣେ ପ୍ରଧାନମନ୍ତ୍ରୀ ଭାବେ ମୋଦୀ ତାଙ୍କ ନିର୍ବାଚନୀ ପ୍ରଚାର ଅଭିଯାନରେ ଜାତି, ସଂପ୍ରଦାୟକୁ ନେଇ ଯେଉଁଳି ଘୃଣ୍ୟ ମନ୍ତବ୍ୟ ଦେଇଛନ୍ତି ତାହା ଭାରତୀୟ ରାଜନୀତିକ ଇତିହାସରେ ପ୍ରଥମ। ▶ପୃଷ୍ଠା-୯

**ପଞ୍ଜାବ ଭୋଟରଙ୍କୁ ମନମୋହନଙ୍କ ଚିଠି**



Manmohan Singh
Ex- Member of Parliament
Rajya Sabha
Former Prime Minister

Former Prime Minister, Dr Manmohan Singh's appeal to the people of Punjab

My dear fellow citizens,

Page | 1

3, Motilal Nehru Place, New Delhi 110011

**ଶ୍ରୀକ୍ଷେତ୍ର ଭଉଁରି ଯାତ ବାଣ ଦୁର୍ଘଟଣା; ୩ ମୃତ**

# ଡାକ୍ତରଖାନାରେ ଆହତଙ୍କୁ ଭେଟିଲେ ମୁଖ୍ୟମନ୍ତ୍ରୀ

■ **ଭୁବନେଶ୍ୱର, ୩୦।୫ (ସମିସ):** ଶ୍ରୀକ୍ଷେତ୍ର ଭଉଁରି ଯାତ ବାଣ ବିସ୍ଫୋରଣରେ ୩ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ୨୭ ଜଣ ରାଜ୍ୟର ବିଭିନ୍ନ ହସ୍‌ପିଟାଲ୍‌ରେ ଚିକିତ୍ସିତ ହେଉଛନ୍ତି। ଗୁରୁବାର ପୂର୍ବାହ୍ଣରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଭୁବନେଶ୍ୱର ସ୍ଥିତ ସମ୍ ଅଲ୍ଟିମେଟ୍ ହସ୍ପିଟାଲକୁ ଯାଇ ଚିକିତ୍ସିତ ହେଉଥିବା ଆହତମାନଙ୍କୁ ଭେଟିବା ସହ ସେମାନଙ୍କ ଚିକିତ୍ସା ଦାୟିତ୍ୱରେ ଥିବା ମୁଖ୍ୟ ଡାକ୍ତରମାନଙ୍କ ସହିତ ଆଲୋଚନା କରିବା ସହ ସର୍ବୋତ୍ତମ ଚିକିତ୍ସା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପରେ ମୁଖ୍ୟମନ୍ତ୍ରୀ ଆହତମାନଙ୍କ ପରିବାରବର୍ଗଙ୍କୁ ଭେଟି ସାନ୍ତ୍ୱନା ଦେବା ସହ ଆହତମାନଙ୍କ ଆଶୁ ଆରୋଗ୍ୟ କାମନା କରିଛନ୍ତି। ଏଥିସହିତ ବାଣ ବିସ୍ଫୋରଣ ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ତଥା ସ୍ୱତନ୍ତ୍ର ରିଲିଫ୍ କମିସନର ଏହି ତଦନ୍ତ କରିବେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହାସହିତ ଦୁର୍ଘଟଣାରେ ପ୍ରାଣ ହରାଇଥିବା ଲୋକଙ୍କ ନିକଟ ଆତ୍ମୀୟଙ୍କ ପାଇଁ ୪ ଲକ୍ଷ ଟଙ୍କା ଲେଖାଏଁ ଅନୁକମ୍ପାମୂଳକ ସହାୟତା ଏବଂ ମୁଖ୍ୟମନ୍ତ୍ରୀଙ୍କ ରିଲିଫ୍ ପାଣ୍ଠିରୁ ଆହତମାନଙ୍କ ଚିକିତ୍ସା ଖର୍ଚ୍ଚ ବହନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ଘୋଷଣା କରିଛନ୍ତି।

ଅନ୍ୟପଟେ ମୁଖ୍ୟମନ୍ତ୍ରୀଙ୍କ ନିର୍ଦ୍ଦେଶ ପରେ ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଏବଂ ଏସ୍ଆର୍‌ସି ସତ୍ୟବ୍ରତ ସାହୁ ପୁରୀ ହସ୍ପିଟାଲ ଗସ୍ତ କରି ଚିକିତ୍ସିତ ▶ପୃଷ୍ଠା-୯



**ଉଚ୍ଚସ୍ତରୀୟ ପ୍ରଶାସନିକ ତଦନ୍ତ ପାଇଁ ଦେଲେ ନିର୍ଦ୍ଦେଶ**

**ପ୍ରତି ମୃତକଙ୍କ ନିକଟ ଆତ୍ମୀୟଙ୍କୁ ମିଳିବ ୪ ଲକ୍ଷର ଅନୁକମ୍ପା**

**ଘଟଣାସ୍ଥଳରେ ସ୍ଥିତି ଅନୁଧ୍ୟାନ କଲେ ମୁଖ୍ୟ ସଚିବ, ଏସ୍ଆର୍‌ସି**

**ସିମୁଳିଆ, ସୋରୋ, ଧାମନଗର ଓ ଭଣ୍ଡାରୀପୋଖରୀରେ ପାଣ୍ଡିଆନଙ୍କ ମାରାଥନ ପ୍ରଚାର**

# ଗରିବଙ୍କ ସ୍ୱପ୍ନକୁ ସାକାର କରିଛନ୍ତି ମୁଖ୍ୟମନ୍ତ୍ରୀ

■ **ବାଲେଶ୍ୱର/ଭଦ୍ରକ, ୩୦।୫ (ସମିସ):** ସାଢ଼େ ୪ କୋଟି ଓଡ଼ିଶାବାସୀ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ସେ ହେଉଛନ୍ତି ପରିବାରର ମୁଖିଆ। ମୁଖ୍ୟମନ୍ତ୍ରୀ କଥାରେ ନୁହେଁ; କାମରେ ବିଶ୍ୱାସ କରନ୍ତି। ମା'ମାନଙ୍କୁ, ଯୁବପିଢ଼ିମାନଙ୍କୁ ସଶକ୍ତ କରି ସେମାନଙ୍କ ଜରିଆରେ ନୂଆ ଓଡ଼ିଶା ଗଠନ କରିବାକୁ ଚାହୁଁଛନ୍ତି ଆମ ପ୍ରିୟ ମୁଖ୍ୟମନ୍ତ୍ରୀ। ପରିବାରର ମୁଖିଆ ଭାବରେ ସେ ଆପଣମାନଙ୍କ ଆର୍ଥିକ ବୋଝ ହାଲୁକା କରିବା ପାଇଁ କାମ କରୁଛନ୍ତି। କିନ୍ତୁ କେନ୍ଦ୍ରର ବିଜେପି ସରକାର ଆପଣମାନଙ୍କ ବୋଝ ବଢ଼େଇ ବଢ଼େଇ ଚାଲିଛନ୍ତି। ୧୦ ବର୍ଷ ହେଲା ଲୋକଙ୍କ ଉପରେ କେବଳ ଦରବୃଦ୍ଧି ବୋଝ ଲଦି ଚାଲିଛନ୍ତି। ସେମାନଙ୍କର ଆପଣଙ୍କ ସୁଖଦୁଃଖ ସହିତ କିଛି ସମ୍ପର୍କ ନାହିଁ। ସେମାନେ କେବଳ ୫ ବର୍ଷରେ ଥରେ ଆସିବେ, ଭୋଟ ମାଗିବେ। କିନ୍ତୁ ନବୀନ ସରକାର ଆପଣଙ୍କ ସୁଖଦୁଃଖର ସାଥୀ। ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ବହୁତ ଭଲ ପାଆନ୍ତି। ଆପଣମାନଙ୍କର ଯାହା ବି କିଛି କାମ ଅଛି, ଦାବି ଅଛି, ସବୁ ମୁଖ୍ୟମନ୍ତ୍ରୀ ପୂରଣ କରିବେ। ମହାପ୍ରଭୁ ଓ ଆପଣମାନଙ୍କ ଆଶୀର୍ବାଦରୁ ନବୀନ ପଟ୍ଟନାୟକ ପୁଣି ଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ▶ପୃଷ୍ଠା-୯



- **ରାଜ୍ୟବାସୀଙ୍କ ସବୁ ଆବଶ୍ୟକତା ପୂରଣ କରୁଛନ୍ତି ନବୀନ ପଟ୍ଟନାୟକ**
- **ଜୁଲାଇରୁ ଆସିବ ନାହିଁ ବିଜୁଳି ବିଲ୍, ସମସ୍ତଙ୍କୁ ମିଳିବ ବିଏସ୍‌କେୱାଇ**
- **୫ ବର୍ଷରେ ଥରେ ସୁଯୋଗ ମିଳିଛି; ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ**
- **୧୦ ବର୍ଷ ହେଲା ଗରିବଙ୍କ ବୋଝ ବଢ଼ାଇ ଚାଲିଛି କେନ୍ଦ୍ର ସରକାର**
- **ସେମାନେ କେବଳ ୫ ବର୍ଷରେ ଥରେ ଆସିବେ; ତା'ପରେ ଉଭାନ୍**




**ଭଉଁରି ଯାତ ବେଳେ ବାଣ ବିସ୍ଫୋରଣ**

# ନରେନ୍ଦ୍ରରେ ବୁଡ଼ି ଖୋଜିଲେ ସ୍କୁବା ଡାଇଭର୍



- ନିଜ ଆଡ୍ରୁ ମାମଲା ରୁଜୁ କଲା ପୁଲିସ
- ଘଟଣାସ୍ଥଳ ଅନୁଧ୍ୟାନ କଲେ ମୁଖ୍ୟ ଶାସନ ସଚିବ
- ଆହତଙ୍କୁ ଭେଟି ଚିକିତ୍ସା ବ୍ୟବସ୍ଥା ପଚାରି ବୁଝିଲେ
- ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ: ଜିଲ୍ଲାପାଳ

**ପୁରୀ, ୩୦।୫ (ସମିସ):** ନରେନ୍ଦ୍ରରେ ଭଉଁରି ଯାତ୍ରା ବେଳେ ବାଣ ବିସ୍ଫୋରଣ ଘଟି ୩୬ଜଣ ଆହତ ହେବା ଘଟଣାରେ ପୁଲିସ ନିଜଆଡ୍ରୁ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। କୁମ୍ଭାରପଡ଼ା ପୁଲିସ୍ ଆଇପିସି ଦଫା ୩୦୪ ଏବଂ ଏକ୍ସପ୍ଲୋସିଭ ଆକ୍ଟରେ ୩ ଜଣଙ୍କ ନାମରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ମାମଲା ରୁଜୁ ହୋଇଥିବା ବ୍ୟକ୍ତି ମଧ ଏହି ବିସ୍ଫୋରଣରେ ଗୁରୁତର ଥିବାରୁ ଚିକିତ୍ସା ପରେ ଆବଶ୍ୟକ ଆଇନଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଜିଲ୍ଲାପାଳ ସିଦ୍ଧାର୍ଥ ଶଙ୍କର ସ୍ୱାଇଁ କହିଛନ୍ତି। ତେବେ ନରେନ୍ଦ୍ର ପୁଷ୍କରିଣୀ ନିକଟକୁ ଏତେ ସଂଖ୍ୟାରେ କିଏ ଓ କିଭଳି ବାଣ ଆଣିଲା ଏବଂ କେଉଁ ପରିସ୍ଥିତିରେ ବାଣଗୁଡ଼ିକ ବିସ୍ଫୋରଣ ହେଲା; ପ୍ରତ୍ୟେକଟି ଦିଗକୁ ନେଇ ପୁଲିସ ତଦନ୍ତ ଆରମ୍ଭ କରିଛି। ଜିଲ୍ଲା ପୁଲିସ ପ୍ରଶାସନ ପକ୍ଷରୁ ବାଣ ଫୁଟାଇବା ପାଇଁ ଅନୁମତି ଦିଆଯାଇ ନଥିବା ଏସ୍‌ପି ପିନାକ ମିଶ୍ର କହିଛନ୍ତି।

ଅପରପକ୍ଷେ, ଗୁରୁବାର ମୁଖ୍ୟ ଶାସନ ସଚିବ ପ୍ରଦୀପ ଜେନା ଘଟଣାସ୍ଥଳ ପରିଦର୍ଶନ କରିବା ସହ ପୁରୀ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟକୁ ଯାଇ ୩ ଆହତଙ୍କ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଛନ୍ତି। ଡାକ୍ତରଙ୍କ ସହ ମଧ କଥା ହୋଇଛନ୍ତି। ରାଜ୍ୟ ସରକାର ଏହାର ତଦନ୍ତ ନିର୍ଦ୍ଦେଶ ଦେଇଛନ୍ତି। ତଦନ୍ତ ସରିବା ପରେ ବାସ୍ତବରେ ଏହି ଘଟଣା ପାଇଁ କିଏ ଦାୟୀ ତାହା ଜଣାପଡ଼ିବ ବୋଲି ଶ୍ରୀ ଜେନା କହିଛନ୍ତି।

ସେହିପରି ଗୁରୁବାର ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ସ୍କୁବା ଡାଇଭର୍ ଅତ୍ୟାଧୁନିକ କ୍ୟାମେରା ଧରି ନରେନ୍ଦ୍ର ପୁଷ୍କରିଣୀ ମଧ୍ୟରେ ବୁଡ଼ି ନିଖୋଜ ସନ୍ଦେହରେ ଦୀର୍ଘ ସମୟ ଖୋଜାଖୋଜି କରିଥିଲେ। କିନ୍ତୁ କାହାର ସନ୍ଧାନ ମିଳି ନଥିଲା। ବୁଧବାର ରାତିରେ ବାଣ ବିସ୍ଫୋରଣ ପରେ ଜୀବନ ବିକଳରେ ଅନେକ ପାଣି ଭିତରକୁ ଡେଇଁ ପଡ଼ିଥିଲେ। ଏହି କାରଣରୁ କାଳେ କେହି ପାଣି ଭିତରେ ବୁଡ଼ି ନିଖୋଜ ଥିବେ, ସେଥିପାଇଁ ଅଗ୍ନିଶମ କର୍ମଚାରୀଙ୍କ ସହଯୋଗରେ ସ୍କୁବା ଡାଇଭର ଖୋଜାଖୋଜି କରିଥିଲେ।

ଜିଲ୍ଲାପାଳ ଶ୍ରୀ ସ୍ୱାଇଁ କହିଛନ୍ତି, ଆହତମାନଙ୍କୁ କିପରି ଭଲ ଭାବେ ଚିକିତ୍ସା ସୁବିଧା ମିଳିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। ମୁଖ୍ୟ ଶାସନ ସଚିବଙ୍କ ନେତୃତ୍ୱରେ ଅଧିକାରୀମାନେ ଆହତଙ୍କ ଚିକିତ୍ସା ସୁବିଧା ତଦାରଖ କରୁଛନ୍ତି। ତେବେ ବାଣ କିଏ ଆଣିଥିଲା ଏବଂ ବିସ୍ଫୋରଣ ତଦନ୍ତ କରାଯାଉଛି। ଯିଏ ଦୋଷୀ ଜଣାପଡ଼ିବେ ତାଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ।

ସୂଚନା ଅନୁଯାୟୀ, ଭୁବନେଶ୍ୱରର ବିଭିନ୍ନ ହସ୍ପିଟାଲରେ ୧୮ ଜଣ ଚିକିତ୍ସିତ ହେଉଥିବାବେଳେ ସେମାନଙ୍କ ମଧ୍ୟରୁ ହାଇଟେକ୍ ହସ୍ପିଟାଲରେ ଜଣେ ନାବାଳକଙ୍କ ମୃତ୍ୟୁ ଘଟିଛି। ସେହିପରି କଟକ ଏସ୍‌ସିବିରେ ୮ ଜଣ ଚିକିତ୍ସିତ ହେଉଥିବା ବେଳେ ସେମାନଙ୍କ ମଧ୍ୟରୁ ଜଣଙ୍କର ମୃତ୍ୟୁ ହୋଇଛି। ମୃତକଙ୍କ ପରିବାର ପ୍ରତି ଗଭୀର ସମବେଦନା ଜଣାଇଛନ୍ତି ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ। ଏଥିସହ ଭୁବନେଶ୍ୱର ଓ କଟକର ବିଭିନ୍ନ ହସ୍ପିଟାଲରେ ଚିକିତ୍ସାଧୀନଙ୍କ ଆଶୁ ଆରୋଗ୍ୟ ପାଇଁ ମହାପ୍ରଭୁଙ୍କ ନିକଟରେ ପ୍ରାର୍ଥନା କରିଛନ୍ତି। ଏଭଳି ଦୁଃଖଦ ଘଟଣା କେଉଁ ପରିସ୍ଥିତିରେ ଘଟିଲା ଏହାର ଉଚ୍ଚସ୍ତରୀୟ ତଦନ୍ତ ନିହାତି ଆବଶ୍ୟକ ବୋଲି ବିଭିନ୍ନ ମହଲରେ ଦାବି କରାଯାଇଛି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଏହି ବିସ୍ଫୋରଣ ପାଇଁ ଦାୟୀ କିଏ?

## ଏସ୍‌ସିବିରେ ୭ ଆହତ; ଦୁଇ ଜଣଙ୍କ ଅବସ୍ଥା ସଙ୍କଟାପନ୍ନ

**କଟକ, ୩୦।୫ (ସମିସ):** ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ବାଣ ବିସ୍ଫୋରଣ ଘଟଣାର ୭ଜଣ ଆହତ ଏସ୍‌ସିବି ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଏମାନଙ୍କ ଭିତରୁ ୪ଜଣ ଆଇସିୟୁରେ ଅଛନ୍ତି। ଦୁଇଜଣଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ସେମାନେ ହେଲେ, ଦିବ୍ୟରଞ୍ଜନ ସାହୁ ଓ ଶଙ୍କର ବେହେରା। ଉଭୟଙ୍କ ଶରୀରର ଶତପ୍ରତିଶତ ପୋଡ଼ି ଯାଇଛି ବୋଲି ପ୍ଲାଷ୍ଟିକ୍ ସର୍ଜରୀ ବିଭାଗୀୟ ମୁଖ୍ୟ ପ୍ରଫେସର ଡାକ୍ତର ବିଭୂତି ଭୂଷଣ ନାୟକ ସୂଚନା ଦେଇଛନ୍ତି। ଏହାଛଡ଼ା ୧୫ ବର୍ଷର ବାଳକ ରଷିକେଶ କର୍ମାକରଙ୍କୁ ଗୁରୁତର ଅବସ୍ଥାରେ ମେଡିକାଲ ଅଣାଯାଇଥିଲେ ସୁଦ୍ଧା ଏଠାରେ ପହଞ୍ଚିବା ବେଳକୁ ତାଙ୍କର ମୃତ୍ୟୁ ଘଟି ସାରିଥିଲା। ରଷିକେଶଙ୍କ ଘର ପୁରୀ ତାଳବଣିଆ ଅଞ୍ଚଳରେ। ଆହତଙ୍କ ଚିକିତ୍ସା ନିମନ୍ତେ ଏସ୍‌ସିବିରେ ସମସ୍ତ ପ୍ରକାର ବନ୍ଦୋବସ୍ତ ହୋଇଛି ବୋଲି ଅଧୀକ୍ଷକ ପ୍ରଫେସର ଡାକ୍ତର ସୁଧାଂଶୁ ଶେଖର ମିଶ୍ର ସୂଚନା ଦେଇଛନ୍ତି।

ବୁଧବାର ରାତିରେ ପୁରୀ ନରେନ୍ଦ୍ର ପୁଷ୍କରିଣୀ ନିକଟରେ ଘଟିଥିବା ଏହି ଅଘଟଣ ଜନମାନସକୁ ସ୍ତବ୍ଧ କରିଦେଇଛି। ଆହତଙ୍କୁ ଏସ୍‌ସିବି ଅଣାଯିବା ନେଇ ସୂଚନା ମିଳିବା ପରେ ମେଡ଼ିକାଲ କର୍ତ୍ତୃପକ୍ଷ ଟ୍ରମା କାଜୁଆଲିଟିରେ ସମସ୍ତ ପ୍ରକାର ବ୍ୟବସ୍ଥା ଗ୍ରହଣ କରିଥିଲେ। ଏବେ ୭ଜଣ ଏଠାରେ ଚିକିତ୍ସିତ ହେଉଛନ୍ତି। ୩୮ ବର୍ଷୀୟ ଶଙ୍କର ଏବଂ ୩୫ ବର୍ଷୀୟ ଦିବ୍ୟରଞ୍ଜନଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ରହିଛି। ୧୫ ବର୍ଷର ବାଳକ ନାରାୟଣ ବେହେରା ୨୫ ପ୍ରତିଶତ ପୋଡ଼ି ହୋଇଥିବା ବେଳେ ତାଙ୍କୁ ପ୍ଲାଷ୍ଟିକ ସର୍ଜରୀ ଆଇସିୟୁରେ ରଖାଯାଇଛି। ୧୪ ବର୍ଷର ରାହୁଲ ବେହେରାଙ୍କ ଶରୀରର ୬୫ ପ୍ରତିଶତ ପୋଡ଼ି ହୋଇଛି। ସେ ମଧ ଆଇସିୟୁରେ ଅଛନ୍ତି। ୧୫ ବର୍ଷର ବାଳକ ବଳରାମ ଦାସ ସର୍ଜରୀ ୱାର୍ଡରେ ଚିକିତ୍ସିତ ହେଉଥିବା ବେଳେ ତାଙ୍କ ଶରୀରର ୧୫ ପ୍ରତିଶତ ପୋଡ଼ି ହୋଇଛି। ୨୪ ବର୍ଷର ମନମୋହନ ବେହେରାଙ୍କ ଶରୀରର ୫ ପ୍ରତିଶତ ପୋଡ଼ି ହୋଇଛି। ତାଙ୍କୁ ସର୍ଜରୀ ୱାର୍ଡରେ ରଖାଯାଇଛି। ୧୮ବର୍ଷୀୟ ସିପୁ ପଣ୍ଡାଙ୍କୁ ୱାର୍ଡରେ ରଖାଯାଇଥିବା ବେଳେ ତାଙ୍କ ଶରୀରର ୧୭ପ୍ରତିଶତ ପୋଡି ହୋଇଛି ବୋଲି ମେଡିକାଲ କର୍ତ୍ତୃପକ୍ଷ ଜଣାଇଛନ୍ତି। ରାଜ୍ୟ ଉନ୍ନୟନ ସଚିବ ଅନୁ ଗର୍ଗ ଆଜି ମେଡିକାଲରେ ପହଞ୍ଚି ଆହତଙ୍କୁ ଭେଟି ସ୍ୱାସ୍ଥ୍ୟାବସ୍ଥା ପଚାରିବୁଝିଥିଲେ।ଅନ୍ୟପକ୍ଷରେ ଅନ୍ୟଜଣେ ଆହତ ସୁକାନ୍ତ ସାହୁ ସିଡିଏସ୍ଥିତ ଅଶ୍ୱିନୀ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି।

## ଜାତୀୟ ମାନବାଧିକାର କମିସନରେ ମାମଲା

**କଟକ, ୩୦।୫(ସମିସ):** ପୁରୀ ନରେନ୍ଦ୍ର ପୁଷ୍କରିଣୀ ବାଣ ବିସ୍ଫୋରଣ ଘଟଣାକୁ ନେଇ ଜାତୀୟ ମାନବାଧିକାର କମିସନ (ଏନ୍‌ଏଚ୍‌ଆରସି)ରେ ପହଞ୍ଚିଛି ମାମଲା। ଗତ ମେ' ୨୯ତାରିଖ ରାତିରେ ପୁରୀ ନରେନ୍ଦ୍ର ପୁଷ୍କରିଣୀରେ ମହାପ୍ରଭୁଙ୍କ ଚାପଖେଳ ତଥା ଭଉଁରି ନୀତି ବେଳେ ବାଣ ବିସ୍ଫୋରଣ ଘଟି ୪୦ରୁ ଉର୍ଦ୍ଧ୍ୱ ଲୋକ ଆହତ ହେବା ସହ ୩ଜଣ ପ୍ରାଣ ହରାଇଥିଲେ। ଏହି ଘଟଣାରେ କାର୍ଯ୍ୟାନୁଷ୍ଠାନ ଦାବି କରି ଜାତୀୟ ମାନବାଧିକାର କମିସନ (ଏନଏଚଆରସି)ରେ ଲଢ଼େଇ ପରିବାରର ରାଜ୍ୟ ସଭାପତି ସୁବ୍ରତ କୁମାର ଦାଶଙ୍କ ତରଫରୁ ମାମଲା ଦାୟର ହୋଇଛି। ଏଥିରେ ଉଲ୍ଲେଖ କରାଯାଇଛି ଯେ ଏହି ସମ୍ବେଦନଶୀଳ ମାମଲାରେ ମାନବାଧିକାର କମିସନ ହସ୍ତକ୍ଷେପ କରି ଉଚ୍ଚସ୍ତରୀୟ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଅନ୍ତୁ। ଏହି ଘଟଣାରେ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ଓ ମୃତକଙ୍କ ପରିବାରକୁ ୫୦ ଲକ୍ଷ ଟଙ୍କା କ୍ଷତିପୂରଣ ଓ ଆହତଙ୍କୁ ଉଚ୍ଚସ୍ତରୀୟ ଚିକିତ୍ସା ଯୋଗାଇଦେବା ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଆବେଦନରେ ଉଲ୍ଲେଖ କରାଯାଇଛି। ମାମଲାରେ ପୁରୀ ଏସ୍‌ପି, ଜିଲ୍ଲାପାଳ, ଶ୍ରୀଜଗନ୍ନାଥ ମନ୍ଦିର ପ୍ରଶାସକ, ପୁଲିସ ଡିଜି, ଗୃହ ସଚିବ ଓ ଅନ୍ୟମାନଙ୍କୁ ପକ୍ଷଭୁକ୍ତ କରାଯାଇଛି।

**ନୂଆ ଭିଡିଓକୁ ନେଇ ନିର୍ବାଚନ ଅଧିକାରୀଙ୍କ ନିକଟରେ ଫେରାଦ ହେଲା ବିଜେଡି**

# ବୁଥ୍ ଭିତରେ ଧମକ ଦେଇଥିଲେ ପ୍ରଶାନ୍ତ ଜଗଦ୍ଦେବ

**ଭୁବନେଶ୍ୱର,୩୦।୫(ସମିସ):** ପ୍ରଶାନ୍ତ ଜଗଦ୍ଦେବଙ୍କ ଗୁଣ୍ଡାଗିରିର ନୂଆ ଭିଡିଓ ସାମନାକୁ ଆସିଛି। ଭୋଟଦାନ କେନ୍ଦ୍ର ଭିତରେ ସେ କିପରି ପୋଲିଂ କାର୍ଯ୍ୟରେ ନିୟୋଜିତ କର୍ମଚାରୀଙ୍କୁ ଗାଳିଗୁଲଜ କରୁଛନ୍ତି, ତାହା ଏହି ଭିଡିଓ ଦୃଶ୍ୟମାନ ହେଉଛି। ଭୋଟରମାନଙ୍କ ମୋବାଇଲ୍ ଫୋନ୍‌ରେ ରେକର୍ଡ ହୋଇଥିବା ଏହି ଭିଡିଓଗୁଡ଼ିକ ଭାଇରାଲ ହେବା ପରେ



ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଫେରାଦ ହୋଇଛି। ଏହାସହ ଏହି ଭିଡିଓ ଆଧାରରେ ତାଙ୍କ ଉପରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ଦଳ ଦାବି କରିଛି।

ବିଜେଡି ପକ୍ଷରୁ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ହୋଇଥିବା ଅଭିଯୋଗ ଅନୁଯାୟୀ, ବିଜେପି ଖୋର୍ଦ୍ଧା ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ଜଗଦ୍ଦେବ ବୋଲଗଡ଼ ବ୍ଲକର ୧୧୪ନଂ ବୁଥ୍‌ରେ ଗଣ୍ଡୋଗଳ କରିବା ସହ ମତଦାନ ପ୍ରକ୍ରିୟାରେ ବାଧା ସୃଷ୍ଟି କରୁଥିବାର ଏକ ଭିଡିଓ ସାମନାକୁ ଆସିଛି। ପୁଲିଂ ବୁଥ୍ ଭିତରେ ଶ୍ରୀ ଜଗଦ୍ଦେବ କିପରି ବେଆଇନ ଆଚରଣ କରୁଛନ୍ତି, ତାହା ଏହି ଭିଡିଓରେ ଦେଖାଯାଉଛି। ଏହି ଭିଡିଓ ନିର୍ବାଚନ କମିସନଙ୍କୁ ଅଧିକ ତଥ୍ୟ ପ୍ରଦାନ କରିବା ସହ ବୁଥ ଭିତରେ ପ୍ରଶାନ୍ତ ଜଗଦ୍ଦେବ ଭିଆଇଥିବା କାଣ୍ଡ ବିଷୟରେ ମଧ ଅବଗତ କରାଇବ ବୋଲି ବିଜେଡି କହିଛି। ଏହି ଭିଡିଓ ଦେଖିବା ପରେ ନିର୍ବାଚନ ଆୟୋଗ ପ୍ରଶାନ୍ତ ଜଗଦ୍ଦେବଙ୍କ ଉପରେ ଆବଶ୍ୟକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ବୋଲି ବିଜେଡି ଆଶା ପ୍ରକଟ କରିଛି। ପ୍ରିଜାଇଡିଂ ଅଫିସରଙ୍କୁ ଭୟଭୀତ କରାଇବା ସହ ଅସଦାଚରଣ କରିବା ଓ ପୁଲିଂ ବୁଥ୍‌ରେ ହିଂସା ସୃଷ୍ଟି ଏବଂ ଭୋଟରମାନଙ୍କୁ ଗାଳି କରିବା ଭଳି ଘଟଣା ଏଥିରେ ଦେଖିବାକୁ ମିଳୁଛି। ମତଦାନ କେନ୍ଦ୍ର ମଧ୍ୟରେ ଗାଳିଗୁଲଜ କରୁଥିବାରୁ ଏହା ଭାରତୀୟ ଜନପ୍ରତିନିଧି ଆଇନ ୧୯୫୧ ଉଲ୍ଲଙ୍ଘନ ଓ ଆଇପିସି ଧାରା ଉଲ୍ଲଙ୍ଘନକୁ ଦର୍ଶାଉଛି ବୋଲି ବିଜେଡି କହିଛି।

ଏହାବ୍ୟତୀତ ରାଜ୍ୟ ବିଜେପି ନେତାମାନେ ବିଶେଷକରି ଖୋର୍ଦ୍ଧାରେ ନିର୍ବାଚନ ଆୟୋଗଙ୍କ ନାଁ ନେଇ ସରକାରୀ ଅଧିକାରୀଙ୍କୁ କାର୍ଯ୍ୟାନୁଷ୍ଠାନ ଭୟ ଦେଖାଉଛନ୍ତି। ଏହା ସରକାରୀ କର୍ମଚାରୀଙ୍କ ମନୋବଳ ଦୁର୍ବଳ କରୁଥିବାରୁ ନିର୍ବାଚନ ଆୟୋଗ ଏହାକୁ ଗୁରୁତର ସହ ନେଇ ତୁରନ୍ତ ଏଭି କାଣ୍ଡ କରୁଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି। ଅନ୍ୟପଟେ ପ୍ରଶାନ୍ତ ଜଗଦ୍ଦେବଙ୍କ ଏହି ମାମଲାରେ ନିର୍ବାଚନ କମିସନଙ୍କ ଆୟତ୍ତରେ ଥିବା ସିସିଟିଭି ଫୁଟେଜ୍ କିପରି ଭାଇରାଲ ହେଲା ଓ ଏ ସମ୍ପର୍କରେ

- ନିର୍ବାଚନ କମିସନଙ୍କ ନାଁ ନେଇ ସରକାରୀ କର୍ମଚାରୀଙ୍କୁ ଧମକାଉଛନ୍ତି ବିଜେପି ନେତା
- ନିର୍ବାଚନ କମିସନ ମୁହଁ ଖୋଲିବା ସହ କାର୍ଯ୍ୟାନୁଷ୍ଠାନ ଦାବି କଲା ଦଳ

ନିର୍ବାଚନ କମିସନ ସମ୍ପୂର୍ଣ୍ଣ ନିରବ ରହିଥିବାରୁ ବିଜେଡି ଏହା ଉପରେ ପ୍ରଶ୍ନବାଚୀ ଉଠାଇଛି। ଏସବୁ ଘଟଣା ସହିତ ପ୍ରଶାନ୍ତ ଜଗଦ୍ଦେବଙ୍କ ନୂଆ ଭିଡିଓ ଆଦିକୁ ଗୁରୁତ୍ୱର ସହ ନେଇ ତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନେବାକୁ ଦଳ ଦାବି କରିଛି। ଏହାସହ ନିର୍ବାଚନ ଆୟୋଗ ଏହି ଘଟଣାରେ ମୁହଁ ଖୋଲନ୍ତୁ ଓ ରାଜ୍ୟରେ ମୁକ୍ତ ଓ ଅବାଧ ନିର୍ବାଚନ ନେଇ ସୁନିଶ୍ଚିତ କରାନ୍ତୁ ବୋଲି ଦଳ ପକ୍ଷରୁ କୁହାଯାଇଛି।

## ପାରିବାରିକ କଳହରୁ ବିଷ ପିଇଲେ ଦମ୍ପତି

**ସ୍ତ୍ରୀ ମୃତ, ସ୍ୱାମୀ ଗୁରୁତର**

**ଫିରିଙ୍ଗିଆ,୩୦।୫(ସମିସ):** ପାରିବାରିକ କଳହର କରୁଣ ପରିଣତି। ସ୍ୱାମୀ-ସ୍ତ୍ରୀଙ୍କ ମଧ୍ୟରେ ଝଗଡ଼ା ହେବାରୁ ଦୁହେଁ ଜୀବନ ହାରିବାକୁ ନିଷ୍ପତ୍ତି ନେଇ ବିଷ ପିଇଦେଲେ। କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ବ୍ଲକ ଗୋଛାପଡ଼ା ଥାନା ପକାରୀ ପଞ୍ଚାୟତର ବିଲୁରୀ ଗାଁରେ ଘଟିଥିବା ଏହି ଅଭାବନୀୟ ଘଟଣାରେ ସ୍ତ୍ରୀର ମୃତ୍ୟୁ ଘଟିଥିବା ବେଳେ ସ୍ୱାମୀ ଡାକ୍ତରଖାନା ଶଯ୍ୟାରେ ମୃତ୍ୟୁ ସହ ସଂଗ୍ରାମ କରୁଛନ୍ତି। ମୃତ ମହିଳା ହେଲେ, ପାନୁରି କହଁର।

ସୂଚନା ଅନୁସାରେ, ଗତ ମଙ୍ଗଳବାର ବିଳମ୍ବିତ ରାତିରେ ପାନୁରି ଓ ତାଙ୍କ ସ୍ୱାମୀ ସୁଶାନ୍ତ କହଁରଙ୍କ ମଧ୍ୟରେ କୌଣସି କାରଣରୁ ଗଣ୍ଡଗୋଳ ହୋଇଥିଲା। ପରେ ଉଭୟ ସ୍ୱାମୀ-ସ୍ତ୍ରୀ ମିଳିତ ଭାବେ ବିଷ ପିଇ ଦେଇଥିଲେ। ଉଭୟ ଗୁରୁତର ହୋଇପଡ଼ିବାରୁ ପରିବାରଲୋକ ଏକ ଭଡ଼ା ଅଟୋରେ ସେମାନଙ୍କୁ ପ୍ରଥମେ ବାଲନ୍ଦାପଡ଼ା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଇଥିଲେ। କିନ୍ତୁ ଅବସ୍ଥା ସଂକଟାପନ୍ନ ହେବାରୁ ସେମାନଙ୍କୁ ଫୁଲବାଣୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଥିଲା। ବୁଧବାର ବିଳମ୍ବିତ ରାତିରେ ପାନୁରିଙ୍କ ମୃତ୍ୟୁ ହୋଇଥିବା ବେଳେ ସ୍ୱାମୀ ସୁଶାନ୍ତଙ୍କ ଅବସ୍ଥା ଗୁରୁତର ରହିଥିବା ସୂଚନା ମିଳିଛି।ଘଟଣା ସମ୍ପର୍କରେ ସୂଚନା ପାଇ ଗୋଛାପଡ଼ା ଥାନା ଅଧିକାରୀ ପ୍ରଭାତ କୁମାର ବେହେରାଙ୍କ ନିର୍ଦ୍ଦେଶକ୍ରମେ ଏଏସ୍‌ଆଇ ହେମସାଗର ଭୋଇ ଅନ୍ୟ କିଛି କର୍ମଚାରୀଙ୍କ ସହ ଫୁଲବାଣୀ ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଅଧିକ ତଦନ୍ତ କରୁଛନ୍ତି। ଏ ସମ୍ପର୍କରେ ଗୋଛାପଡ଼ା ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଥାନାଧିକାରୀ କହିଛନ୍ତି।

## ପାତ୍ରପଡ଼ା ଫ୍ଲାଏଓଭର୍‌ରେ ଦୁର୍ଘଟଣା: ୨ ମୃତ!

**ଭୁବନେଶ୍ୱର, ୩୦।୫ (ସମିସ):** ଗୁରୁବାର ବିଳମ୍ବିତ ରାତିରେ ପାତ୍ରପଡ଼ା ଫ୍ଲାଏଓଭର୍‌ରେ ଏକ ମର୍ମନ୍ତୁଦ ଦୁର୍ଘଟଣା ଘଟିଛି। ଏକ ହାଇୱାକୁ ପଛରୁ ଏକ ଦ୍ରୁତଗାମୀ କାର୍ ଧକ୍କା ଦେବାରୁ ଏହି ଅଘଟଣ ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ଘଟିଥିବା ସନ୍ଦେହ କରାଯାଉଛି। ଘଟଣାସ୍ଥଳରେ ପୁଲିସ୍ ପହଞ୍ଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି।



■ **ଆଇଆଇଟି ଓ ଆଇଏଲଏସ୍ ଭିତରେ ବୁଝାମଣାପତ୍ର ସ୍ୱାକ୍ଷର**

## ଯକ୍ଷ୍ମା ପ୍ରତିରୋଧ ନିମନ୍ତେ ପ୍ରତିଷେଧକର ବିକାଶ ପାଇଁ ଗବେଷଣା ଉପରେ ଗୁରୁତ୍ୱ

**ଭୁବନେଶ୍ୱର,୩୦।୫(ସମିସ):** ବୈଷୟିକ ଶିକ୍ଷା ଏବଂ ଅନୁସନ୍ଧାନ ସହଯୋଗର ସୁଯୋଗ ଅନୁସନ୍ଧାନ କରିବା ଉଦ୍ଦେଶ୍ୟରେ ଭୁବନେଶ୍ୱର ଆଇଆଇଟି ଓ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସେସ (ଆଇଏଲ୍‌ଏସ୍) ମଧ୍ୟ ସହ ଏକ ବୁଝାମଣାପତ୍ର ସ୍ୱାକ୍ଷର କରିଛି। ଆଇଆଇଟି ଭୁବନେଶ୍ୱରର ନିର୍ଦ୍ଦେଶକ ପ୍ରଫେସର ଶ୍ରୀପଦ କରମଲକରଙ୍କ ଉପସ୍ଥିତିରେ ଆଜି ପ୍ରତିଷ୍ଠାନର ଭାରପ୍ରାପ୍ତ ଡିନ୍- ପ୍ରାୟୋଜିତ ଅନୁସନ୍ଧାନ ଏବଂ ଶିଳ୍ପ ପରାମର୍ଶର ପ୍ରଫେସର ରାଜେଶ ରୋଶନ ଦାଶ ଏବଂ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଲାଇଫ ସାଇନ୍ସେସର ନିର୍ଦ୍ଦେଶକ ପ୍ରଫେସର ଦେବାଶିଷ ଦାଶଙ୍କ ଦ୍ୱାରା ଏହି ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଥିଲା।

ଉଲ୍ଲେଖଯୋଗ୍ୟ ଯେ ଯକ୍ଷ୍ମାର ପ୍ରତିରୋଧ ପାଇଁ ଟିକା ବା ପ୍ରତିଷେଧକର ବିକାଶ ଉପରେ ବିଶେଷ ଗୁରୁତ୍ୱ ଦେଇ ଉଭୟ ପ୍ରତିଷ୍ଠାନ ଗବେଷଣା ପ୍ରକଳ୍ପରେ କାର୍ଯ୍ୟ କରିବାକୁ ରାଜି ହୋଇଛନ୍ତି। ଆହୁରି ମଧ, ଏହି ଏମଓୟୁ ଅନୁଯାୟୀ, ଆଇଆଇଟି ଭୁବନେଶ୍ୱର ଏବଂ ଆଇଏଲ୍‌ଏସ୍ ର ଅଧ୍ୟାପକମାନେ ପାରସ୍ପରିକ ସହମତିଭିତ୍ତିକ କାର୍ଯ୍ୟକ୍ରମ ଉପରେ ଆଧାର କରି ଉଭୟ ଅନୁଷ୍ଠାନର ଛାତ୍ରଛାତ୍ରୀମାନଙ୍କୁ ସେମାନଙ୍କ ଅଭିଜ୍ଞତା କ୍ଷେତ୍ରରେ ସହଯୋଗ ଏବଂ ତାଲିମ ଦେବା କାର୍ଯ୍ୟ କରିପାରିବେ। ଅନ୍ୟମାନଙ୍କ ମଧ୍ୟରେ ଆଇଏଲ୍‌ଏସ୍ ପକ୍ଷରୁ ଡକ୍ଟର ସୁନୀଲ କେ. ରାଘବ, ଡକ୍ଟର ଅଂଶୁମାନ ଦୀକ୍ଷିତ, ଡକ୍ଟର ତୁଷାର କାନ୍ତ ବେଉରିଆ, ଡକ୍ଟର ଦୟାନିଧି ପ୍ରଧାନ ଏବଂ ଆଇଆଇଟି ଭୁବନେଶ୍ୱର ପକ୍ଷରୁ ଡିନ୍-ସ୍ନାତକୋତ୍ତର ପ୍ରୋଗ୍ରାମ ପ୍ରଫେସର ଶାନ୍ତନୁ ପାଲ୍, କେନ୍ଦ୍ର ନିର୍ଦ୍ଦେଶକ, ଏଏଚଆରସି ପ୍ରଫେସର ଅଶ୍ୱିନୀ ନନ୍ଦ ଏବଂ ଆସୋସିଏଟ୍ ଡିନ୍ (ଆଲୁମିନି ବ୍ୟାପାର ଏବଂ ଆନ୍ତର୍ଜାତୀୟ ସମ୍ପର୍କ) ପ୍ରଫେସର ଆଶିଷ ବିଶ୍ୱାସ ପ୍ରମୁଖ ଉପସ୍ଥିତ ଥିଲେ।

# ଫିକା ପଡ଼ିଲା ଭୋଗରାଇରେ ବିଜେପିର ନିର୍ବାଚନୀ ସଭା

**ଆସିଲେନି ଅପରାଜିତା; ଅସନ୍ତୋଷ ଝାଡ଼ି ଫେରିଗଲେ କର୍ମୀ**

**ବାଲେଶ୍ୱର(ଉତ୍ତର)/ଭୋଗରାଇ,୩୦।୫ (ସମିସ):** ଚତୁର୍ଥ ପର୍ଯ୍ୟାୟ ନିର୍ବାଚନ ପ୍ରଚାରର ଆଜି ଶେଷ ଦିନରେ ଭୋଗରାଇ ବିଜେପିର ନିର୍ବାଚନୀ ସଭା ଫସର ଫାଟିଛି। ଦଳ ତରଫରୁ ଆୟୋଜିତ ହୋଇଥିବା ସଭାକୁ ସମ୍ବୋଧନ କରିଥା'ନ୍ତେ ଦଳର ଷ୍ଟାର୍ ପ୍ରଚାରକ ଭୁବନେଶ୍ୱର ସାଂସଦ ଅପରାଜିତା ଷଡ଼ଙ୍ଗୀ। ଏନେଇ ଏଠାରେ ବିଜେପିର କର୍ମୀ ଓ ନେତାମାନଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖାଦେଇଥିଲା। ମାତ୍ର ଶ୍ରୀମତୀ ଷଡ଼ଙ୍ଗୀ ସଭାରେ ଯୋଗ ନଦେବାରୁ ଉପସ୍ଥିତ କର୍ମୀ ଓ ଲୋକେ ନିରାଶ ହୋଇଥିଲେ। ଏପରିକି, ଦୀର୍ଘ ୪ଘଣ୍ଟା ଧରି ଅସହ୍ୟ ଗରମ ଓ ଗୁଳୁଗୁଳିରେ ଅପେକ୍ଷା କରି କର୍ମୀ ଓ ସମର୍ଥକମାନେ ଶେଷରେ ଅସନ୍ତୋଷ ଝାଡ଼ି ଭୋକ ଉପାସରେ ଫେରି ଯାଇଥିବା ଦେଖିବାକୁ ମିଳିଛି।

ସୂଚନାଯୋଗ୍ୟ, ଆଜି ପ୍ରଚାରର ଆଜି ଶେଷ ଦିନରେ ଭୋଗରାଇ ବିଜେପି



ନିର୍ବାଚନୀସଭା ଆୟୋଜନ କରି ଷ୍ଟାର୍ ପ୍ରଚାରକ ଅପରାଜିତା ଷଡ଼ଙ୍ଗୀଙ୍କୁ ଆଣି ବାହାବା ନେବାକୁ ପ୍ରୟାସ କରିଥିଲା। ଲୋକମାନଙ୍କୁ ନିର୍ଦ୍ଧାରିତ ପୂର୍ବାହ୍ନ ୧୦ଟା କୁହାଯାଇ ସଭାସ୍ଥଳକୁ ଅଣାଯାଇଥିଲା। ଲୋକେ ଶ୍ରୀମତୀ ଷଡ଼ଙ୍ଗୀଙ୍କୁ ଅପେକ୍ଷା କରି ଦୀର୍ଘ ୪ଘଣ୍ଟା ଧରି ଖରା ଓ ଗୁଳୁଗୁଳିରେ ସନ୍ତୁଳି ହେଉଥିବା ବେଳେ ସ୍ଥାନୀୟ ବିଧାୟକ ପ୍ରାର୍ଥୀ ଓ ଅନ୍ୟ ବିଜେପି ନେତାମାନେ ଭାଷଣ ଜାରି ରଖିଥିଲେ। ମାତ୍ର ଶେଷ ମୁହୂର୍ତ୍ତରେ ଘୋଷଣା କରାଗଲା ଯେ ଶ୍ରୀମତୀ ଷଡ଼ଙ୍ଗୀ ଏଠାକୁ ଆସିବେ ନାହିଁ। ଏହା ଶୁଣି ଅପେକ୍ଷାରତ ଲୋକେ ଅସନ୍ତୋଷ ବ୍ୟକ୍ତ କରି ସଭାସ୍ଥଳ ଛାଡ଼ି ଚାଲିଯାଇଥିଲେ। ଏପରିକି, ଭାଷଣ ଶେଷ ହେବା ପୂର୍ବରୁ ଅଧାରୁ ଅଧିକ ଚେୟାର ଫାଙ୍କା ଥିବା ଦେଖିବାକୁ ମିଳିଥିଲା। ଅନ୍ୟପକ୍ଷରେ ଫାଙ୍କା ଚେୟାର ଓ ଚାଲିଯାଉଥିବା ଲୋକଙ୍କ ଭିଡିଓ କରୁଥିବା ଜଣେ ସାମ୍ବାଦିକଙ୍କୁ ବିଜେପି

**ଭିଡିଓ ଉତ୍ତୋଳନ କରିବାରୁ ସାମ୍ବାଦିକଙ୍କ ମୋବାଇଲ୍ ଛଡ଼ାଇନେଲେ**

କର୍ମୀମାନେ ମାଡ଼ ମାରିବା ସହ ତାଙ୍କ ମୋବାଇଲ ଛଡ଼ାଇ ନେଇଥିବା ଅଭିଯୋଗ ହୋଇଛି।

ସୂଚନାଯୋଗ୍ୟ, ଭୋଗରାଇ ବିଜେପି ନେତା ଅଂଶୁମାନ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ବରିଷ୍ଠ ନେତା ଡ. ମଣିକିଙ୍କର ପଟ୍ଟନାୟକଙ୍କ ସଞ୍ଚାଳନରେ ଅନୁଷ୍ଠିତ ସଭାରେ ମଧ୍ୟପ୍ରଦେଶର ପୂର୍ବତନ କୃଷିମନ୍ତ୍ରୀ କମଳ ପଟେଲ ଯୋଗଦେଇ ବକ୍ତବ୍ୟ ରଖିଥିଲେ।

## ଚାନ୍ଦବାଲିରେ ଦଳୀୟ ନେତାଙ୍କୁ ଲଗାଇ ଟଙ୍କା ବାଣ୍ଟୁଛନ୍ତି ମନମୋହନ ସାମଲ

**ଭୁବନେଶ୍ୱର ୩୦।୫(ସମିସ):** ନିଜ ଦଳର ନେତାଙ୍କ ଜରିଆରେ ବିଜେପି ରାଜ୍ୟ ସଭାପତି ତଥା ଚାନ୍ଦବାଲି ବିଧାୟକ ପ୍ରାର୍ଥୀ ମନମୋହନ ସାମଲ ଟଙ୍କା ବାଣ୍ଟି ଭୋଟର ମାନଙ୍କୁ ପ୍ରଭାବିତ କରିବା ପାଇଁ ଉଦ୍ୟମ କରିଛନ୍ତି। ଏହି ଘଟଣାର ବିଧିବଦ୍ଧ ତଦନ୍ତ କରାଯାଇ ଦୃଷ୍ଟାନ୍ତମୂଳକ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି ଜଣାଇଛି।

ବିଜେଡି ପକ୍ଷରୁ କୁହାଯାଇଛି ଯେ

**ବିରୋଧ କରିବାକୁ ବିଜେଡି କର୍ମୀଙ୍କ ଉପରେ ଆକ୍ରମଣ**

ବିଜେପି ଯୁବ ସଭାପତି ଅଭିଳାଷ ପଣ୍ଡା ନିଜର ସମର୍ଥକମାନଙ୍କ ସହ ମିଶି ଆଜି କରଞ୍ଜମାଳ ପଞ୍ଚାୟତରେ ଟଙ୍କା ବାଣ୍ଟୁଥିବା ସମୟରେ ଧରାପଡ଼ିଥିଲେ। ଶ୍ରୀ ପଣ୍ଡା ଚାନ୍ଦବାଲି ବିଧାନସଭା କ୍ଷେତ୍ରର ବାସିନ୍ଦା ହୋଇନଥିବା ବେଳେ ଆଜି ସଂଧ୍ୟାରୁ ପ୍ରଚାର ବନ୍ଦ ହୋଇଥିବା ସତ୍ତ୍ୱେ ସେଠାରେ ଉପସ୍ଥିତ ରହିଥିଲେ। ବିଜେପି ନେତାମାନେ ଲୋକଙ୍କୁ ଟଙ୍କା ବାଣ୍ଟୁଥିବା ଖବର ପାଇ ବିଜେଡି କର୍ମୀମାନେ ତାଙ୍କୁ ବିରୋଧ କରିଥିଲେ। ହେଲେ ଶ୍ରୀ ପଣ୍ଡା ଏବଂ ତାଙ୍କ ସମର୍ଥକମାନେ ବିଜେଡି କର୍ମୀଙ୍କୁ ଅଭଦ୍ର ଭାଷାରେ ଗାଳି ଗୁଲଜ କରିବା ସହିତ ଆକ୍ରମଣ କରିଥିଲେ। ଏଥିରେ ବିଜେଡି ନେତା ରମେଶ ନାୟକ ଏବଂ ତାଙ୍କ ଭାଇ ଅକ୍ଷୟ ନାୟକ ଗୁରୁତର ଆହତ ହୋଇଛନ୍ତି। ଚିକିତ୍ସା ପାଇଁ ସେମାନଙ୍କୁ ବାସୁଦେବପୁର ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ବିଜେପି ନେତାଙ୍କର ଲୋକଙ୍କୁ ଟଙ୍କା ବଣ୍ଟା ଘଟଣାର ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ବିହିତ କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ, ଡ଼ ଲେନିନ୍ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ସୋଫିଆ ଆଲାମ, ଇପ୍ସିତା ସାହୁ, ଓମ୍ ପ୍ରକାଶ ସାହୁ, ମଧୁସ୍ମିତା ନାୟକ, ତୁମ୍ବନାଥ ପଣ୍ଡା, ଇପ୍ସିତା ସାହୁ ପ୍ରମୁଖ ସାମିଲ ହୋଇଥିଲେ।

# ବଜ୍ରପାତରେ ୩ ମୃତ

■ **ମୋହନା/ଦିଗପହଣ୍ଡି/ଫୁଲବାଣୀ, ୩୦।୫ (ସମିସ):** ବିଭିନ୍ନ ସ୍ଥାନରେ ବଜ୍ରପାତ ଘଟି ଆଜି ୩ ଜଣଙ୍କର ମୃତ୍ୟୁ ଘଟିଛି। ବଜ୍ରପାତରେ ମୋହନାରେ ଜଣେ ମହିଳାଙ୍କର ମୃତ୍ୟୁ ଘଟିଥିବା ବେଳେ ଦିଗପହଣ୍ଡିରେ ଜଣେ ବାଇକ୍ ଚାଳକଙ୍କ ମୃତ୍ୟୁ ଘଟିଛି। ସେହିପରି କନ୍ଧମାଳ ଜିଲ୍ଲା ଛତିଘର ଗାଁରେ ବଜ୍ରପାତରେ ଜଣେ ଯୁବତୀ ପ୍ରାଣ ହରାଇଛନ୍ତି। ସୂଚନା ଅନୁସାରେ, ଗଜପତି ଜିଲ୍ଲା ମୋହନା ଥାନା ଗୁଞ୍ଜିମା ଗାଁର ତୁଳସୀ ଦଳାଇ ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୩ଟାରେ ଗାଁ ନିକଟସ୍ଥ ନାଳକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ଘଡ଼ଘଡ଼ି ସହ ବର୍ଷା ହେବାରୁ ସେ ନାଳ ପାଖରେ ଥିବା ଏକ ଗଛ ମୂଳରେ ଆଶ୍ରୟ ନେଇଥିବା ବେଳେ ବଜ୍ରପାତ ହୋଇଥିଲା। ଦିଗପହଣ୍ଡି ବ୍ଲକ୍ ଗଡ଼ ଗୋବିନ୍ଦପୁର ଗ୍ରାମ ନିକଟ ଗୁଡ଼ିଆବନ୍ଧ ନିକଟରେ ଗୁରୁବାର ଅପରାହ୍ଣ ପ୍ରାୟ ସାଢ଼େ ୫ଟାରେ ବଜ୍ରପାତ ଘଟିବାରୁ ବାଇକ୍ ସହ ଜଣେ ଯୁବକ ଟଳି ପଡ଼ିଛନ୍ତି। ମୃତକ ହେଲେ, ଗଡ଼ଗୋବିନ୍ଦପୁର ଗ୍ରାମ ରଜକ ସାହିର ସଞ୍ଜୟ ସେଠୀ ଓରଫ ଅକନ (୨୬)। ସେ ବିବାହିତ ଏବଂ ତାଙ୍କର ସ୍ତ୍ରୀ ଓ ପୁଅ ଅଛନ୍ତି। ସଞ୍ଜୟ ବାଇକ୍‌ରେ ନୂଆପଡ଼ା ସରକାରୀ ଡାକ୍ତରଖାନାକୁ ଯାଇ ଫେରୁଥିବା ବେଳେ ବର୍ଷା ହେବା ସହ ବଜ୍ରପାତ ହୋଇଥିଲା। ଘଟଣାସ୍ଥଳରେ ସେ ବାଇକ୍ ସହ ତଳେ ପଡ଼ି ଯାଇଥିଲେ। ସେହିପରି କନ୍ଧମାଳ ଜିଲ୍ଲା ଛତିଘର ଗାଁରେ ବଜ୍ରପାତ ଘଟି ରୂପାଲି ବିଶୋୟୀ (୨୬)ଙ୍କର ମୃତ୍ୟୁ ଘଟିଛି। ତାଙ୍କ ଘର ଉପରେ ବଜ୍ରପାତ ହୋଇଥିଲା।


# ସକାଳ THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 41 ◆ISSUE-334 ◆BHUBANESWAR ◆FRIDAY ◆31 MAY 2024 ◆PAGE-16 ◆₹ 6.00

◆ବର୍ଷ-୪୧ ◆ସଂଖ୍ୟା-୩୩୪ ◆ଭୁବନେଶ୍ୱର ◆ଶୁକ୍ରବାର ◆୩୧ ମେ ୨୦୨୪ ◆ପୃଷ୍ଠା-୧୬ ◆ଟ.୬.୦୦


### ସରିଲା ଅନ୍ତିମ ପର୍ଯ୍ୟାୟ ପ୍ରଚାର

## ମହାପ୍ରଭୁଙ୍କୁ ଦର୍ଶନ କଲେ କାର୍ତ୍ତିକ ପାଣ୍ଡିଆନ



■ **ପୁରୀ, ୩୦।୫ (ସମିସ):** ଜୁନ୍ ୧ ତାରିଖରେ ରାଜ୍ୟରେ ହେବ ଅନ୍ତିମ ପର୍ଯ୍ୟାୟ ମତଦାନ। ଏଥିପାଇଁ ପ୍ରଚାର ଶେଷ ହୋଇଛି। ତେବେ ରାଜ୍ୟସାରା ବୁଲି ଚାରୋଟି ଯାକ ପର୍ଯ୍ୟାୟର ମତଦାନ ଲାଗି ମାରାଥନ ପ୍ରଚାର କରିଥିବା ବିଜୁ ଜନତା ଦଳର ବରିଷ୍ଠ ନେତା ତଥା ଷ୍ଟାର୍ ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ ଗୁରୁବାର ମହାପ୍ରଭୁଙ୍କୁ ଦର୍ଶନ କରି ଆଶିଷ ଭିକ୍ଷା କରିଛନ୍ତି। ଗୁରୁବାର ବିଭିନ୍ନ ସ୍ଥାନରେ ପ୍ରଚାର କରିବା ପରେ ଶ୍ରୀ ପାଣ୍ଡିଆନ ସନ୍ଧ୍ୟା ପ୍ରାୟ ୭ଟାରେ ପୁରୀରେ ପହଞ୍ଚିଥିଲେ। ତାଙ୍କୁ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ, ବରିଷ୍ଠ ଦଇତାପତି ସେବକ ରାମକୃଷ୍ଣ ଦାସ ମହାପାତ୍ର, ରବିଶଙ୍କର ପ୍ରତିହାରୀ, ଗୌରହରି ପ୍ରଧାନ ପ୍ରମୁଖ ସ୍ୱାଗତ କରିଥିଲେ। ଏହାପରେ ଶ୍ରୀ ପାଣ୍ଡିଆନ ମନ୍ଦିରକୁ ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବା ସହ ଆଶିଷ ଭିକ୍ଷା କରିଥିଲେ। ଏହାପରେ ବାହାରକୁ ଆସି ମନ୍ଦିର ଚତୁଃପାର୍ଶ୍ୱ ପରିକ୍ରମା କରିଥିଲେ। ଶ୍ରଦ୍ଧାଳୁଙ୍କଠାରୁ ଅଭିଭାବଦନ ଗ୍ରହଣ କରିବା ସହ ହାତଯୋଡ଼ି ପ୍ରତି ନିମସ୍କାର ଜଣାଇଥିଲେ।

ସୂଚନାଥାଉ କି, ବିଜୁ ଜନତା ଦଳର ତାରକା ପ୍ରଚାରକ ଭାବେ ଶ୍ରୀ ପାଣ୍ଡିଆନ ଓଡ଼ିଶାର ପ୍ରାୟ ସବୁ ନିର୍ବାଚନମଣ୍ଡଳୀକୁ ଯାଇ ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ୍ ଭିକ୍ଷା କରିଥିଲେ। ଏପରିକି, ବହୁ ଜାଗାରେ ରୋଡ୍ ଶୋ' କରି ବିରୋଧୀ ଶିବିରରେ ଛନକା ଖେଳାଇ ଦେଇଥିଲେ ଶ୍ରୀ ପାଣ୍ଡିଆନ।

### ବର୍ଷର ସବୁଠୁ ଉତ୍ତପ୍ତ ସହର ଝାରସୁଗୁଡ଼ା

# ୪୭ ଡିଗ୍ରୀ ଛୁଇଁଲା ତାତି

■ **ଭୁବନେଶ୍ୱର,୩୦।୫(ସମିସ):** ରାଜ୍ୟରେ ଅସମ୍ଭାଳ ସ୍ଥିତିରେ ପହଞ୍ଚିଛି ତାତି। ପଶ୍ଚିମ ଓଡ଼ିଶାରେ ଅସମ୍ଭାଳ ତାତି ଅନୁଭୂତ ହେଉଥିବା ବେଳେ ଉପକୂଳରେ ଗୁଳୁଗୁଳି ଅସ୍ତବ୍ୟସ୍ତ କରୁଛି। ଅନ୍ୟପଟେ ଆଜି ଏହି ସ୍ଥିତି ସବୁଠୁ ଜଟିଳ ଅବସ୍ଥାରେ ପହଞ୍ଚିଥିବା ବେଳେ ଏ ବର୍ଷର ସର୍ବାଧିକ ତାତି ରେକର୍ଡ ହୋଇଛି। ଚଳିତ ବର୍ଷ ଝାରସୁଗୁଡ଼ାରେ ପ୍ରଥମ ଥର ପାଇଁ ତାପମାତ୍ରା ୪୭ ଡିଗ୍ରୀ ଛୁଇଁଥିବା ବେଳେ ଏ ବର୍ଷର ଏହା ସର୍ବାଧିକ ତାତିରେ ପରିଣ ହୋଇଛି। ଝାରସୁଗୁଡ଼ା ସମେତ ଗୁରୁବାର ରାଜ୍ୟର ୯ ଟି ସହରରେ ତାପମାତ୍ରା ୪୫ ଡିଗ୍ରୀ ଉପରେ ରହିଛି। ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଗୁରୁବାର ଟିଟିଲାଗଡ଼ରେ ତାପମାତ୍ରା ୪୬.୫ ଡିଗ୍ରୀ, ବରଗଡ଼ରେ ୪୬.୩ ଡିଗ୍ରୀ, ସମ୍ବଲପୁରରେ ୪୬.୨ ଡିଗ୍ରୀ, ସୋନପୁରରେ ୪୫.୬ ଡିଗ୍ରୀ, ମାଲକାନଗିରିରେ ୪୫.୬ ଡିଗ୍ରୀ, ବଲାଙ୍ଗିରରେ ୪୫.୩ ଡିଗ୍ରୀ, ହୀରାକୁଦରେ ୪୫.୨ ଡିଗ୍ରୀ ହୋଇଛି। ସେହିପରି ୧୨ ଟି ସହରରେ ତାପମାତ୍ରା ୪୪ ଡିଗ୍ରୀ ଉପରେ ରହିଥିବା ନେଇ ପାଣିପାଗ କେନ୍ଦ୍ର କହିଛି।

**୪୫ ଡିଗ୍ରୀ ଉପରେ ୯ ସହର**

ପାଣିପାଗ କେନ୍ଦ୍ରର ସୂଚନା ଅନୁଯାୟୀ ଏହି ସ୍ଥିତି ଆହୁରି ୩ ଦିନ ପର୍ଯ୍ୟନ୍ତ ଜାରି ରହିବ। କେବଳ ଗ୍ରୀଷ୍ମ ଲହରୀ ନୁହେଁ, ଗୁଳୁଗୁଳି ଯୋଗୁଁ ଉଷ୍ମ ଓ ଆର୍ଦ୍ରପାଣିପାଗ ସ୍ଥିତି ସହ ରାତିରେ ତାପମାତ୍ରା ସ୍ୱାଭାବିକଠାରୁ ଅଧିକ ରହିବାକୁ ଥିବାରୁ ଉଷ୍ମ ରାତି ଜନିତ ଆଲର୍ଟ ଜାରି କରାଯାଇଛି। ପାଣିପାଗ କେନ୍ଦ୍ର କହିଛି ଯେ ଶୁକ୍ରବାର ନୂଆପଡ଼ା, ବଲାଙ୍ଗିର, ସୋନପୁର, ବୌଦ୍ଧ, କଳାହାଣ୍ଡି, ନବରଙ୍ଗପୁର, ସମ୍ବଲପୁର, ବରଗଡ଼, ସୁନ୍ଦରଗଡ଼ ଆଦିରେ ଗ୍ରୀଷ୍ମ ଲହରୀ ଆଶଙ୍କା ରହିଛି। ସେହିପରି କଳାହାଣ୍ଡି, ବଲାଙ୍ଗିର, କନ୍ଧମାଳ, ଝାରସୁଗୁଡ଼ା, ସମ୍ବଲପୁର, କେନ୍ଦୁଝର ଆଦିରେ ଉଷ୍ମ ରାତି ପାଇଁ ଆଲର୍ଟ ଜାରି ହୋଇଛି। ସେହିପରି ଉପକୂଳ ଓଡ଼ିଶା ଯଥା ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା, କଟକ, ଜଗତସିଂହପୁର, ପୁରୀ, ଖୋର୍ଦ୍ଧା, ନୟାଗଡ଼, ଗଞ୍ଜାମ ଓ ଗଜପତି ଜିଲ୍ଲାରେ ଗୁଳୁଗୁଳି ଆଶଙ୍କା ରହିଛି। ଏଥିପାଇଁ ଏହି ଜିଲ୍ଲାଗୁଡ଼ିକୁ ୟେଲୋ ଆଲର୍ଟ ଜାରି ହୋଇଛି। ଅନ୍ୟପଟେ ଶୁକ୍ରବାର ନବରଙ୍ଗପୁର,



କଳାହାଣ୍ଡି, ନୂଆପଡ଼ା, ବଲାଙ୍ଗିର, ସୋନପୁର, କେନ୍ଦୁଝର, ମୟୂରଭଞ୍ଜ, ଭଦ୍ରକ ଓ ବାଲେଶ୍ୱର ଆଦିରେ କାଳବୈଶାଖୀ ଆଶଙ୍କା ରହିଛି। ଏହି ଜିଲ୍ଲାଗୁଡ଼ିକରେ ବିଜୁଳି ଘଡ଼ଘଡ଼ି ଜନିତ ବର୍ଷା ସାଙ୍ଗକୁ ପବନର ବେଗ ବୃଦ୍ଧି ପାଇ ୪୦-୫୦ କିମି ପର୍ଯ୍ୟନ୍ତ ପହଞ୍ଚିବା ନେଇ ଆକଳନ କରାଯାଇଛି।

୧ ଓ ୨ ତାରିଖରେ ଯଦିଓ ଗ୍ରୀଷ୍ମ ଲହରୀ ଜନିତ ଆଲର୍ଟ ହଟାଇ ଦିଆଯାଇଛି, କିନ୍ତୁ ଏହି ଦୁଇ ଦିନ ଆର୍ଦ୍ର ଓ ଉଷ୍ମ ପାଣିପାଗ ସ୍ଥିତି ଉଷ୍ମ ରାତ୍ରି ସ୍ଥିତି ଉତ୍ପନ୍ନ ହେବାର ଆଶଙ୍କା ରହିଛି। ଅନ୍ୟପଟେ ୩୧ରୁ କ୍ରମାଗତ ଭାବେ ବିଭିନ୍ନ ଜିଲ୍ଲାରେ କାଳବୈଶାଖୀ ସ୍ଥିତି ସୃଷ୍ଟି ହେବାର ସମ୍ଭାବନା ରହିଛି। ଏଥିପାଇଁ ୩ ଦିନ ପରେ ରାଜ୍ୟରେ ୨-୩ ଡିଗ୍ରୀ ପର୍ଯ୍ୟନ୍ତ ତାପମାତ୍ରା ହ୍ରାସ ହେବା ନେଇ ପାଣିପାଗ କେନ୍ଦ୍ର କହିଛି।

## ଅଂଶୁଘାତରେ ୧୮ ଜଣଙ୍କ ପ୍ରାଣହାନୀ!

■ **ରାଉରକେଲା/ଭୁବନ/ଝାରସୁଗୁଡ଼ା,୩୦।୫ (ସମିସ):** ଗୁରୁବାର ରାଜ୍ୟର ବିଭିନ୍ନ ସ୍ଥାନରେ ଅଂଶୁଘାତରେ ପାଖାପାଖି ୧୮ ଜଣ ପ୍ରାଣ ହରାଇଥିବା ନେଇ ଅଭିଯୋଗ ହୋଇଛି। ରାଉରକେଲାରେ ୧୦ଜଣ, ଝାରସୁଗୁଡ଼ାରେ ୬ ଟ୍ରକ ଚାଳକ ଏବଂ ଢେଙ୍କାନାଳରେ ୨ଜଣଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା କୁହାଯାଉଛି।

ସୂଚନାଯୋଗ୍ୟ, ରାଉରକେଲା ସରକାରୀ ଡାକ୍ତରଖାନା (ଆର୍‌ଜିଏଚ୍)ରେ ଆଜି ମାତ୍ର ୩ ଘଣ୍ଟା ଭିତରେ ୧୦ ଜଣଙ୍କ ମୃତ୍ୟୁ ଘଟିଛି। ସେମାନଙ୍କ ମଧ୍ୟରୁ ୮ ଜଣଙ୍କର ଘଟଣାସ୍ଥଳରେ ମୃତ୍ୟୁ ଘଟିଥିବା ବେଳେ ୨ଜଣ ଚିକିତ୍ସାଧୀନ ଅବସ୍ଥାରେ ପ୍ରାଣ ହରାଇଛନ୍ତି। ତେବେ କେଉଁ କାରଣରୁ ଏତେ ସଂଖ୍ୟକ ଲୋକଙ୍କ ମୃତ୍ୟୁ ହୋଇଛି, ତାହା ସରକାରୀ ଭାବେ ସ୍ପଷ୍ଟ ହୋଇପାରି ନଥିବା ବେଳେ ଅଂଶୁଘାତଜନିତ ମୃତ୍ୟୁ ବୋଲି ସନ୍ଦେହ କରାଯାଉଛି। ତେବେ ଅଂଶୁଘାତ ଯୋଗୁଁ ସେମାନଙ୍କର ମୃତ୍ୟୁ ହୋଇଛି କି ନାହିଁ ଆସନ୍ତାକାଲି ଶବ ବ୍ୟବଚ୍ଛେଦ ପରେ ଜଣାପଡ଼ିବ ବୋଲି ରାଉରକେଲା ସରକାରୀ ଡାକ୍ତରଖାନା ଅଧୀକ୍ଷକ ଡା. ସୁଧା ପ୍ରଧାନ କହିଛନ୍ତି। ସୂଚନାଯୋଗ୍ୟ, ରାଉରକେଲା ସମେତ ପୂରା ସୁନ୍ଦରଗଡ଼ ଜିଲ୍ଲାରେ ପ୍ରବଳ ଗ୍ରୀଷ୍ମପ୍ରବାହ ଜାରି ରହିଛି। ଗୁରୁବାର ରାଉରକେଲା ସହରରେ ତାପମାତ୍ରା ୪୫ଡିଗ୍ରୀ ସେଲ୍‌ସିୟସ ରହିଥିଲା। ଫଳରେ ସାଧାରଣ ଜନଜୀବନ ଗୁରୁତର ଭାବେ ପ୍ରଭାବିତ ହୋଇଥିଲା। ଏହି ଗ୍ରୀଷ୍ମପ୍ରବାହ କାରଣରୁ ବହୁ ସଂଖ୍ୟାରେ ଲୋକେ ଅସୁସ୍ଥ ହୋଇ ବିଭିନ୍ନ ଡାକ୍ତରଖାନାରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି।

ସେହିପରି ଢେଙ୍କାନାଳ ଜିଲ୍ଲାର ଭୁବନ ଥାନା ଅଞ୍ଚଳରେ ଅଂଶୁଘାତରେ ଦୁଇଜଣ ବ୍ୟକ୍ତିଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି। ଭୁବନ ବିଜ୍ଞାପିତ ଅଞ୍ଚଳ ପରିଷଦର ୱାର୍ଡ ନଂ. ୧ର ସୁଧାଂଶୁ ଭୂଷଣ ପୃଷ୍ଟି (୫୨) ଓ ବାରୁଆଁ ପଞ୍ଚାୟତର ମଠଖୋକସା ଗ୍ରାମର କବି ରାଉତ (୩୦)ଙ୍କ ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ସୁଧାଂଶୁ ଜଣେ ପରିବା ବ୍ୟବସାୟୀ। ପରିବା ଦୋକାନ ବନ୍ଦ କରି ଘରକୁ ଫେରୁଥିବା ସମୟରେ ଅସହ୍ୟ ରୌଦ୍ରତାପ ଯୋଗୁଁ ରାସ୍ତାରେ ସଂଜ୍ଞାହୀନ ହୋଇପଡ଼ିଥିଲେ। ତାଙ୍କୁ ଉଦ୍ଧାର କରି ଭୁବନ ଉପଖଣ୍ଡ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେହିପରି ଭୁବନ ଥାନା ଅନ୍ତର୍ଗତ ମଠଖୋକସା ଗ୍ରାମର କବି ରାଉତ ଘରେ ବସିଥିବା ସମୟରେ ସଂଜ୍ଞାହୀନ ହୋଇ ତଳେ ପଡ଼ିଯାଇଥିଲେ। ପରିବାର ସଦସ୍ୟ ତାଙ୍କୁ ଭୁବନ ଉପଖଣ୍ଡ ଚିକିତ୍ସାଳୟରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି।

**ଝାରସୁଗୁଡ଼ାରେ ୬ ଟ୍ରକ୍ ଚାଳକଙ୍କ ମୃତ୍ୟୁ**

ଅପରପକ୍ଷେ ଝାରସୁଗୁଡ଼ାରେ ଆଜି ଏକାବେଳକେ ୬ ଟ୍ରକ ଚାଳକଙ୍କ ଅଂଶୁଘାତଜନିତ ମୃତ୍ୟୁ ହୋଇଥିବା କୁହାଯାଉଛି। ବେଲପାହାଡ଼ ଓ ଲଖନପୁର ଥାନା ଅଞ୍ଚଳରୁ ୨ଜଣ ଲେଖାଏଁ ଏବଂ ବଡ଼ମାଳ ଓ କୁଲାବିରା ଥାନା ଅଞ୍ଚଳରେ ଜଣେ ଲେଖାଏଁ ଟ୍ରକ ଚାଳକଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ ହୋଇଛି।

## ଭଦ୍ରକ ଜିଲ୍ଲାରେ ୧୪୪ ଧାରା ଜାରି

■ **ଭଦ୍ରକ,୩୦।୫ (ସମିସ):** ଜୁନ୍ ୧ ତାରିଖରେ ମତଦାନ ହେବାକୁ ଥିବା ବେଳେ ଭଦ୍ରକ ଜିଲ୍ଲା ମାଜିଷ୍ଟ୍ରେଟ୍ ତଥା ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଜିଲ୍ଲାର ୫ଗୋଟି ବିଧାନସଭା ନିର୍ବାଚନମଣ୍ଡଳୀ ଭଣ୍ଡାରିପୋଖରୀ, ଭଦ୍ରକ, ବାସୁଦେବପୁର, ଧାମନଗର ଓ ଚାନ୍ଦବାଲିର ସମଗ୍ର ଅଞ୍ଚଳରେ ଭାରତୀୟ ନିର୍ବାଚନ ଆୟୋଗଙ୍କ ନିର୍ଦ୍ଦେଶମତେ ୧୪୪ଧାରା ଜାରି କରିଛନ୍ତି। ଏହା ଗୁରୁବାର ସନ୍ଧ୍ୟା ୬ଟାରୁ ରବିବାର ସକାଳ ୬ଟା ପର୍ଯ୍ୟନ୍ତ ବଳବତ୍ତର ରହିବ।

**ରବିବାର ସକାଳ ପର୍ଯ୍ୟନ୍ତ ବଳବତ୍ତର**

ଏହି ଧାରା ଅନୁଯାୟୀ, ଭୋଟ୍ ଗ୍ରହଣ କେନ୍ଦ୍ର ପରିସରର ୨୦୦ ମିଟର ଅଞ୍ଚଳ ମଧ୍ୟରେ ୫ଜଣ କିମ୍ବା ତଦୂର୍ଦ୍ଧ୍ୱ ବ୍ୟକ୍ତି ଏକତ୍ରିତ ହୋଇପାରିବେ ନାହିଁ। କେବଳ ଜନସେବାରେ ନିୟୋଜିତ ସରକାରୀ କର୍ମଚାରୀଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ନିମନ୍ତେ ସମଗ୍ର ଭଦ୍ରକ ଜିଲ୍ଲାରେ ଲାଉଡ୍‌ସ୍ପିକର, ଆମ୍ପ୍ଲିଫାୟର ଏବଂ ଉଚ୍ଚଶବ୍ଦ କରୁଥିବା ଅନ୍ୟ ଯେକୌଣସି ଉପକରଣ ବ୍ୟବହାର ଉପରେ ନିଷେଧାଦେଶ ଜାରି କରାଯାଇଛି। ସେହିପରି ଭୋଟ୍ ଗ୍ରହଣ କେନ୍ଦ୍ରର ୨୦୦ ମିଟର ପରିସୀମା ମଧ୍ୟରେ ସରକାରୀ ଦାୟିତ୍ୱ ନିର୍ବାହ କରୁଥିବା ପ୍ରାଧିକୃତ ବ୍ୟକ୍ତିଙ୍କ ବ୍ୟତୀତ ଅନ୍ୟ କାହାର ଯାନବାହନ ପାର୍କ କରାଯାଇ ପାରିବ ନାହିଁ ଏବଂ କୌଣସି ନିର୍ବାଚନ ପୋଷ୍ଟର କିମ୍ବା ଅନ୍ୟ ସାମଗ୍ରୀ ଲଗାଯାଇ ପାରିବ ନାହିଁ। ନିର୍ବାଚନ ଶେଷ ପର୍ଯ୍ୟାୟର ସମାପ୍ତି ପର୍ଯ୍ୟନ୍ତ ଏକ୍‌ଜିଟ ପୋଲ୍‌ର ଫଳାଫଳ ଘୋଷଣାକୁ ମଧ୍ୟ ନିଷେଧ କରାଯାଇଛି। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ମତଦାନ କେନ୍ଦ୍ରର ୧୦୦ ମିଟର ପରିସୀମା ମଧ୍ୟରେ ସେଲୁଲାର ଫୋନ୍, କର୍ଡଲେସ ଫୋନ୍, ସ୍ମାର୍ଟ ୱାଚ୍ ଆଦି ବ୍ୟବହାର ନିଷେଧ କରାଯାଇଛି।

ସେହିପରି ସମଗ୍ର ଭଦ୍ରକ ଜିଲ୍ଲା ପରିସୀମା ଅଞ୍ଚଳରେ କୌଣସି ଅସ୍ତ୍ରଶସ୍ତ୍ର ଓ ଗୁଳିଗୋଳା ଆଦି ପ୍ରଦର୍ଶନ କରାଯାଇପାରିବ ନାହିଁ। ପ୍ରାଧିକୃତ ଅଧିକାରୀଙ୍କ ବ୍ୟତୀତ ଅନ୍ୟ କେହି ମତଦାନ କେନ୍ଦ୍ର ପରିସରରେ ଅସ୍ତ୍ର ଧାରଣ କରି ରହିବା ମଧ୍ୟ ନିଷେଧ। କୌଣସି ବ୍ୟକ୍ତି ଏହି ନିର୍ଦ୍ଦେଶନାମା ଅମାନ୍ୟ କଲେ ଆଇପିସିର ଧାରା ୧୮୮ ଏବଂ ଅନ୍ୟ ସମ୍ପୃକ୍ତ ପ୍ରାବଧାନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ଜଣାଯାଇଛି।

### ହିନ୍ଦୋଳରେ ନିର୍ବାଚନ ପରବର୍ତ୍ତୀ ହିଂସା

## ଜାଳିଦେଲେ ୩ଟି ବାଇକ୍

■ **ହିନ୍ଦୋଳ, ୩୦।୫ (ସମିସ):** ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ଏନ୍‌ଏସିର ୫ନଂ ୱାର୍ଡର ଧୁଣ୍ଡିନାଳି ଗ୍ରାମରେ ନିର୍ବାଚନ ପରବର୍ତ୍ତୀ ହିଂସାକୁ କେନ୍ଦ୍ର କରି ଜନୈକ ବ୍ୟକ୍ତିଙ୍କ ୩ଟି ବାଇକ ଜାଳିଦେଇଥିବା ଅଭିଯୋଗ ହୋଇଛି। ମେ' ୨୫ରେ ଏଠାରେ ନିର୍ବାଚନ ସରିଥିବା ଏବେ ଏଭଳି ଘଟଣା ଲୋକଲୋଚନକୁ ଆସିଛି। ଗତକାଲି ବିଳମ୍ବିତ ରାତ୍ରିରେ ଗ୍ରାମର ରାଜେଶ୍ ପାଲଙ୍କ



ଘରେ କିଛି ଦୁର୍ବୃତ୍ତ ପ୍ରବେଶ କରି ୩ଟି ବାଇକ୍‌ରେ କିରାସିନି ଢାଳି ନିଆଁ ଲଗାଇ ଦେଇଥିବା ଅଭିଯୋଗ ହୋଇଛି। ନିଆଁ ଲାଗି ଏକ ହିରୋହୋଣ୍ଡା ପ୍ୟାସନ୍ ପ୍ଲସ୍, ଏକ ହିରୋହୋଣ୍ଡା ପ୍ୟାସନ ପ୍ରୋ ସମ୍ପୂର୍ଣ୍ଣ ଜଳି ଯାଇଥିବା ବେଳେ ଏକ ହିରୋ ଡିଲକ୍ସ ଗାଡ଼ି ଆଂଶିକ ଜଳିଯାଇଛି। ନିର୍ବାଚନ ପରେ ଏଭଳି ଘଟଣା ଘଟିଥିବା ନେଇ ଅଭିଯୋଗ ହେବା ପରେ ସ୍ଥାନୀୟ ୪ଜଣ ଯୁବକଙ୍କ ନାମରେ ହିନ୍ଦୋଳ ଥାନାରେ ଲିଖିତ ଅଭିଯୋଗ ହୋଇଛି। ହିନ୍ଦୋଳ ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଖୁବ୍‌ଶୀଘ୍ର ପଦକ୍ଷେପ ନିଆଯିବ ବୋଲି ହିନ୍ଦୋଳ ପୁଲିସ ପ୍ରକାଶ କରିଛି।






### ଗାନ୍ଧୀଙ୍କ ବିଶ୍ୱପ୍ରସିଦ୍ଧି ସମ୍ପର୍କରେ ପ୍ରଧାନମନ୍ତ୍ରୀଙ୍କ ଦାୟିତ୍ୱହୀନ ମନ୍ତବ୍ୟକୁ ନିନ୍ଦା

# 'ଗାନ୍ଧୀଙ୍କ ପ୍ରସିଦ୍ଧି ବଢ଼ି ଚାଲିଥିବାରୁ ମୋଦୀ ଈର୍ଷାନ୍ୱିତ'

■ **ଭୁବନେଶ୍ୱର,୩୦।୫ (ସମିସ):** ବିଶ୍ୱର ଶ୍ରେଷ୍ଠ ବ୍ୟକ୍ତିତ୍ୱ, କ୍ରାନ୍ତିକାରୀ ନେତା ଓ ଲେଖକମାନେ ମହାତ୍ମା ଗାନ୍ଧୀଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ସମାଜକୁ ନୂତନ ଦିଗ୍‌ଦର୍ଶନ ଦେଇଛନ୍ତି। ଏମାନଙ୍କ ମଧ୍ୟରୁ କିଛି ନିଜର ପରାଧୀନ ଦେଶକୁ ସ୍ୱାଧୀନ



କରାଇଛନ୍ତି ତ ଆଉ କିଛି ବର୍ଣ୍ଣବିଦ୍ୱେଷ ବିରୋଧରେ ଲଢ଼େଇ କରି ସଫଳତା ହାସଲ କରିଛନ୍ତି। ୧୯୦୯ ମସିହାରୁ ଗାନ୍ଧୀଙ୍କ ଜୀବନୀ ଉପରେ ବହୁ ପୁସ୍ତକ ରଚନା ହୋଇଆସୁଛି। ୧୯୩୭ରୁ ୧୯୪୭ ମସିହା ମଧ୍ୟରେ ଗାନ୍ଧୀଙ୍କୁ ୫ଥର ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଥିଲା। କିନ୍ତୁ ଏହା ସତ୍ତ୍ୱେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମହାତ୍ମା ଗାନ୍ଧୀଙ୍କ ବିଶ୍ୱପ୍ରସିଦ୍ଧି ସଂପର୍କରେ ଅପପ୍ରଚାର କରିବା ଦୁର୍ଭାଗ୍ୟଜନକ। ମୋଦୀ କହିଛନ୍ତି ଯେ ୧୯୮୨ ମସିହାରେ ରିଚାର୍ଡ ଆଟେନବରୋଙ୍କ ଗାନ୍ଧୀ ସିନେମା ମୁକ୍ତିଲାଭ କରିବା ପରେ ଲୋକେ ଗାନ୍ଧୀଙ୍କୁ ଜାଣିବାକୁ ପାଇଥିଲେ। ଏହା ପୂର୍ବରୁ ୭୫ବର୍ଷ ଧରି ଗାନ୍ଧୀଙ୍କୁ କେହି ଜାଣି ପାରିନଥିଲେ। ମୋଦିଙ୍କ ଏଭଳି ଭ୍ରମାତ୍ମକ ବୟାନ ଗାନ୍ଧୀଙ୍କ ପ୍ରତି ରହିଥିବା ତାଙ୍କ ଈର୍ଷା ମନୋବୃତ୍ତିକୁ ଦର୍ଶାଉଛି। ଗୁରୁବାର ଲୋହିଆ ଏକାଡେମୀ ପରିସରରେ ଉତ୍କଳ ଗାନ୍ଧୀ ସ୍ମାରକନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ, ଉତ୍କଳ ସର୍ବୋଦୟ ମଣ୍ଡଳ, ଲୋହିଆ ଏକାଡେମୀ, ରାଷ୍ଟ୍ରୀୟ ଯୁବା ସଂଗଠନ ଆଦି ବିଭିନ୍ନ ଗାନ୍ଧିବାଦୀ ସଂଗଠନ ପକ୍ଷରୁ ଆୟୋଜିତ ମିଳିତ ସାମ୍ବାଦିକ ସମ୍ମିଳନୀରେ ଏପରି ଅଭିଯୋଗ ହୋଇଛି।

ପ୍ରଧାନମନ୍ତ୍ରୀ ମୋଦୀଙ୍କ ଏଭଳି ଦାୟିତ୍ୱହୀନ ମନ୍ତବ୍ୟକୁ ଦୃଢ଼ ନିନ୍ଦା କରି ଜଷ୍ଟିସ ମନୋରଞ୍ଜନ ମହାନ୍ତି, ଦେବ ପ୍ରସାଦ ରାୟ, ମିହିର ପ୍ରତାପ ଦାସ, ଡାକ୍ତର ବିଶ୍ୱଜିତ, ମହମ୍ମଦ ଶୁକ୍ର ପ୍ରମୁଖ ଏହି ସାମ୍ବାଦିକ ସମ୍ମିଳନୀରେ କହିଥିଲେ ଯେ ଦକ୍ଷିଣ ଆଫ୍ରିକାରେ ଆନ୍ଦୋଳନରତ ଥିବା ବେଳେ ଗାନ୍ଧୀଜୀ ଏତେ ପ୍ରସିଦ୍ଧ ଥିଲେ ଯେ ୧୯୦୯ ମସିହାରେ ସେଠାକାର ଜଣେ ପାଦ୍ରୀ ଯୋସେଫ ଜେ ଡୋକ ତାଙ୍କ ଜୀବନୀ ଲେଖିଥିଲେ। ସେହିବର୍ଷ ବିଶ୍ୱପ୍ରସିଦ୍ଧ ଦାର୍ଶନିକ ଲିଓ ଟଲଷ୍ଟୟ ଗାନ୍ଧୀଙ୍କ ସହ ଅନେକ ପତ୍ରାଳାପ କରିଥିଲେ। ଯଦି ଚଳଚ୍ଚିତ୍ର ପୂର୍ବରୁ ଦୁନିଆରେ କେହି ଗାନ୍ଧୀଜୀଙ୍କୁ ଜାଣି ନ ଥାନ୍ତେ, ତେବେ ଆମେରିକାର ମାର୍ଟିନ ଲୁଥର୍ କିଙ୍ଗ ଏବଂ ଦକ୍ଷିଣ ଆଫ୍ରିକାର ନେଲସନ ମଣ୍ଡେଲା ଆଦି ମହାତ୍ମା ଗାନ୍ଧୀଙ୍କଠାରୁ କିପରି ପ୍ରେରଣା ପାଇଲେ?

ଗାନ୍ଧୀଙ୍କ ବିଶ୍ୱ ପ୍ରସିଦ୍ଧି ସମ୍ବନ୍ଧରେ ଜ୍ଞାନବୃଦ୍ଧି ନିମନ୍ତେ ନୂଆଦିଲ୍ଲୀସ୍ଥିତ ବିଜେପି ରାଷ୍ଟ୍ରୀୟ କାର୍ଯ୍ୟାଳୟ ଠିକଣାରେ ମୋଦୀଙ୍କ ନିକଟକୁ ୧୯୩୦ ମସିହାରେ ଆମେରିକାର ସୁପ୍ରସିଦ୍ଧ ଟାଇମ୍ ମାଗାଜିନ୍‌ରେ ପ୍ରକାଶିତ 'ମ୍ୟାନ ଅଫ ଦି ଇୟର' ଫଟୋ ସହ ଗାନ୍ଧିଜୀଙ୍କ ବାବଦରେ ବିଶ୍ୱ ପ୍ରସିଦ୍ଧ ଲେଖକମାନଙ୍କ ଦ୍ୱାରା ଲିଖିତ ୫୦ଖଣ୍ଡ ପୁସ୍ତକ ତଥା ଆମେରିକାର ସାନ୍‌ଫ୍ରାନସିସ୍କୋସ୍ଥିତ ଏ ଷ୍ଟାନଲି ନୀଲ ପ୍ରଡକସନ ଦ୍ୱାରା ୧୯୪୪ ମସିହାରେ ମୁକ୍ତିଲାଭ କରିଥିବା ସିନେମା 'ମହାତ୍ମା ଗାନ୍ଧୀ: ଦ ଟ୍ୱେଣ୍ଟିଥ୍ ସେଞ୍ଚୁରୀ ପ୍ରଫେଟ୍ ପଠାଇବା ପାଇଁ ସ୍ଥିର କରାଯାଇଛି।

## ଚାନ୍ଦବାଲି ପ୍ରଚାର ସମାବେଶରେ ମୁଖ୍ୟମନ୍ତ୍ରୀଙ୍କ ଆହ୍ୱାନ

# କୁମ୍ଭୀରକାନ୍ଦଣା କାନ୍ଦୁଥିବା ଅବିଶ୍ୱାସୀଙ୍କୁ ଜବାବ ଦିଅ





### ଯୋଡ଼ି ଶଙ୍ଖରେ ବିଜେଡିକୁ ଆଶୀର୍ବାଦ କରିବାକୁ କଲେ ଅନୁରୋଧ

**ଭୁବନେଶ୍ୱର,୩୦।୫(ସମିସ):** ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଆଜି ପ୍ରଚାରର ଶେଷ ଦିନରେ ଚାନ୍ଦବାଲିଠାରେ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଛନ୍ତି। ଚାନ୍ଦବାଲିଠାରେ ଅନୁଷ୍ଠିତ ବିଶାଳ ଜନସଭାକୁ ମୁଖ୍ୟମନ୍ତ୍ରୀ ଉଦ୍‌ବୋଧନ ଦେଇ ବିରୋଧୀଙ୍କୁ ଶାଣିତ ଆକ୍ରମଣ କରିଛନ୍ତି। ବିରୋଧୀ ଦଳ ନେତା ମିଛ କହୁଛନ୍ତି, କୁମ୍ଭୀର କାନ୍ଦଣା କାନ୍ଦୁଛନ୍ତି। ଆପଣମାନେ ବିଜୁ ଜନତା ଦଳ ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ଆଶୀର୍ବାଦ କରନ୍ତୁ, ଶଙ୍ଖ ଚିହ୍ନରେ ଭୋଟ ଦିଅନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଆଜି ଅନୁଷ୍ଠିତ ଜନସଭାରେ ଲୋକଙ୍କ ବିଶାଳ ଜନସମାଗମ ଦେଖିବାକୁ ମିଳିଥିଲା। ରାଜ୍ୟରେ ଜାରି ରହିଥିବା ବିଭିନ୍ନ ଜନକଲ୍ୟାଣକାରୀ ଯୋଜନା ଯଥା ବିଏସ୍‌କେୱାଇ, ମିଶନଶକ୍ତି, ମମତା, ଲକ୍ଷ୍ମୀ ବସ୍, ୫-ଟି ସ୍କୁଲ ରୂପାନ୍ତରଣ, ପିଲାଙ୍କ ସ୍କଲାରସିପ୍, କାଳିଆ, ମଧୁବାବୁ ପେନ୍‌ସନ ଯୋଜନା, ଚାଉଳ କାର୍ଡ, ପୁରୀ ମନ୍ଦିରର କାମ ଆଦି କେମିତି ଲାଗୁଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିଲେ। ଉପସ୍ଥିତ ଲୋକେ ସବୁ ପ୍ରଶ୍ନର ଉତ୍ତର ଉତ୍ସାହର ରଖିଥିଲେ। ଜୁଲାଇରୁ ବିଜୁଳି ବିଲ ଆସିବ ନାହିଁ, ବିଜେଡି ସରକାର ମାଗଣା ବିଜୁଳି ଦେବ, ସମସ୍ତଙ୍କୁ ବି.ଏସ୍.କେ.ୱାଇ କାର୍ଡ ମିଳିବ। ମିଶନଶକ୍ତି ମା'ମାନଙ୍କୁ ପେନ୍‌ସନ ମିଳିବ। ଆପଣମାନେ ଖୁସି ତ ବୋଲି ମୁଖ୍ୟମନ୍ତ୍ରୀ ପ୍ରଶ୍ନ କରିଥିବା ବେଳେ ଆନନ୍ଦ ଉଲ୍ଲାସର ଓ କରତାଳି ସହିତ 'ହଁ' ଧ୍ୱନିରେ ସଭାସ୍ଥଳ ପ୍ରକମ୍ପିତ ହୋଇ ଉଠିଥିଲା।

# ମୁଖ୍ୟମନ୍ତ୍ରୀଙ୍କୁ ଗାଳିର ଜବାବ ଭୋଟରେ ଦିଅନ୍ତୁ: ପାଣ୍ଡିଆନ

- ରାଜ୍ୟର ସାଢ଼େ ଚାରିକୋଟି ଓଡ଼ିଆଙ୍କ ପରିବାରର ମୁଖିଆ ମୁଖ୍ୟମନ୍ତ୍ରୀ
- ବାହାର ନେତା ଓଡ଼ିଶା ଆସି ମୁଖ୍ୟମନ୍ତ୍ରୀଙ୍କୁ ଖରାପ ଶବ୍ଦରେ ଗାଳି କରୁଛନ୍ତି
- କେନ୍ଦ୍ରର ବିଜେପି ସରକାର ରାଜ୍ୟବାସୀଙ୍କ ମୁଣ୍ଡ ଉପରେ ଲଦିଛନ୍ତି ଅଧିକ ବୋଝ
- ମୁଖ୍ୟମନ୍ତ୍ରୀଙ୍କୁ କୃତଜ୍ଞତା ସହ ବିଜୁ ପରିବାରକୁ ଧନ୍ୟବାଦ ଦେଲେ ପାଣ୍ଡିଆନ
- ୧୪୭ ବିଧାନସଭା କ୍ଷେତ୍ରରେ ଆଶୀର୍ବାଦ ଆଣିବାକୁ ଦେଇଛନ୍ତି ସୁଯୋଗ

**ଭୁବନେଶ୍ୱର, ୩୦।୫(ସମିସ):** ଚାନ୍ଦବାଲି ବିଧାନସଭା କ୍ଷେତ୍ରରେ ପ୍ରଚାର କାଳରେ ମୁଖମନ୍ତ୍ରୀଙ୍କୁ କୃତଜ୍ଞତା ଜଣାଇଛନ୍ତି ଦଳର ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ରାଜ୍ୟର ୧୪୭ ଟି ବିଧାନସଭା ନିର୍ବାଚନ ମଣ୍ଡଳୀ ଯାଇ ଲୋକଙ୍କ ଆଶୀର୍ବାଦ ଆଣିବା ପାଇଁ ମୁଖ୍ୟମନ୍ତ୍ରୀ ମୋତେ ସୁଯୋଗ ପ୍ରଦାନ କରିଥିବାରୁ ମୁଁ କୃତଜ୍ଞ ଓ ଋଣୀ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ଏହା ସହ ମୁଖ୍ୟମନ୍ତ୍ରୀଙ୍କୁ ବିରୋଧୀ ଦେଉଥିବା ଗାଳିର ଜବାବ ଭୋଟରେ ଦିଅନ୍ତୁ ବୋଲି ସେ ଜନସାଧାରଣଙ୍କୁ ଆହ୍ୱାନ ଦେଇଛନ୍ତି।

ସମାବେଶକୁ ସମ୍ବୋଧନ କରି ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ଆପଣମାନଙ୍କର, ମହାପ୍ରଭୁ ଶ୍ରୀ ଜଗନ୍ନାଥ ଓ ବାବା ଆଖଣ୍ଡଳମଣିଙ୍କ ଆଶୀର୍ବାଦରେ ନବୀନ ପଟ୍ଟନାୟକ ପୁଣିଥରେ ଜୁନ ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ଶପଥ ନେବା ପରେ ପ୍ରଥମ ଦସ୍ତଖତରେ ସମସ୍ତଙ୍କୁ ବିଜୁଳି ବିଲ୍‌ରୁ ମୁକ୍ତ କରିବେ। ଦ୍ୱିତୀୟ ଦସ୍ତଖତରେ ବିଏସ୍‌କେୱାଇ କାର୍ଡ ସମସ୍ତେ ପାଇବେ, ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ପେନ୍‌ସନ ବ୍ୟବସ୍ଥା କରିବେ। ଯୁବପିଢ଼ିଙ୍କ ପାଇଁ ମୁଖ୍ୟମନ୍ତ୍ରୀ ଅନେକ ଯୋଜନା ପ୍ରସ୍ତୁତ କରିଥିବା ବେଳେ କଲେଜ ପିଲାମାନଙ୍କ ନୂଆ-ଓ ସ୍କଲାରସିପ୍‌କୁ ମଧ୍ୟ ବୃଦ୍ଧି କରିବେ। ପୁଅ ପିଲା ୯ ହଜାର ପରିବର୍ତ୍ତେ ୧୨ ହଜାର ଏବଂ ଝିଅ ପିଲା ୧୦ ହଜାର ପରିବର୍ତ୍ତେ ୧୪ ହଜାର ଟଙ୍କା ପାଇବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ସେ ପୁଣି କହିଛନ୍ତି ଯେ ସମସ୍ତଙ୍କୁ ସ୍ୱାସ୍ଥ୍ୟ ସୁରକ୍ଷା, ମାଗଣା ବିଜୁଳି, ଲକ୍ଷ୍ମୀ ବସରେ ୫ ଟଙ୍କାରେ ଯିବା ଆସିବା, ସ୍କଲାରସିପ୍, ମଧ୍ୟମ ବର୍ଗଙ୍କ ପାଇଁ କମ୍ ସୁଧରେ ଶିକ୍ଷାଋଣ ଇତ୍ୟାଦି ଆପଣମାନଙ୍କ ପାଇଁ ମୁଖ୍ୟମନ୍ତ୍ରୀ କାହିଁକି କରୁଛନ୍ତି ? କାରଣ ହେଉଛି ସାଢ଼େ ୪ କୋଟି ଓଡ଼ିଆ ହେଉଛନ୍ତି ମୁଖ୍ୟମନ୍ତ୍ରୀଙ୍କ ପରିବାର। ପରିବାରର ମୁଖିଆ ଭାବରେ ଆପଣମାନଙ୍କୁ ଖୁସିରେ ରଖିବା ପାଇଁ ଓ ମୁଣ୍ଡ ଉପରୁ ବୋଝ ହାଲ୍‌କା କରିବା ପାଇଁ ମୁଖ୍ୟମନ୍ତ୍ରୀ ଏ ସବୁ କରୁଛନ୍ତି। ସମସ୍ତଙ୍କର ନିଜ ପିଲାଙ୍କୁ ଡାକ୍ତର, ଇଞ୍ଜିନିୟର, ଶିକ୍ଷକ, ଆଇଏଏସ୍ କରିବାର ଗୋଟେ ସ୍ୱପ୍ନ ଥାଏ। ପିଲାଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ଏହା ମାଧ୍ୟମରେ ମୁଖ୍ୟମନ୍ତ୍ରୀ ଆପଣମାନଙ୍କୁ ଆତ୍ମବିଶ୍ୱାସ ଦେଉଛନ୍ତି। ଆପଣମାନଙ୍କ ପାଖରେ ଟଙ୍କା ଟିକେ ବଞ୍ଚିଲେ ପିଲାମାନଙ୍କ ପାଠପଢ଼ାରେ ଖର୍ଚ୍ଚ ହୋଇପାରିବ। ପିଲାମାନେ ଭଲ ପାଠ ପଢ଼ି ପାରିବେ ଏବଂ ସେମାନଙ୍କଙ୍କ ଭବିଷ୍ୟତ ଉଜ୍ଜ୍ୱଳ ହେବା ସହିତ ଓଡ଼ିଶାର ଭବିଷ୍ୟତ ଉଜ୍ଜ୍ୱଳ ହେବ। ଏହା ହେଉଛି ଆମ ପ୍ରିୟ ମୁଖ୍ୟମନ୍ତ୍ରୀଙ୍କ ମହାନ୍ ଚିନ୍ତାଧାରା।

ନିଜ ବକ୍ତବ୍ୟରେ ସେ ବିରୋଧୀ ବିଜେପିକୁ କଡ଼ା ସମାଲୋଚନା କରିଛନ୍ତି। ବିଜେପି ୧୦ ବର୍ଷ ଆଗରୁ ତେଲ ଦର କମାଇବୁ, ଏଲ୍.ପି.ଜି. କମାଇବୁ ବୋଲି ପ୍ରତିଶ୍ରୁତି ଦେଇ ରକ୍ଷା କରିନାହିଁ। ରୋଜଗାର ମିଳିବ ବୋଲି ସେମାନେ ପ୍ରତିଶ୍ରୁତି ଦେଇ ଧୋକା ଦେଇଛି, ଅନ୍ୟପକ୍ଷରେ ଆପଣଙ୍କ ମୁଣ୍ଡ ଉପର ବୋଝକୁ ଅଧିକରୁ ଅଧିକ କରି ଦେଇଛନ୍ତି। ଆମ ମୁଖ୍ୟମନ୍ତ୍ରୀ ଆନ୍ତରିକତାର ସହ ରାଜନୀତିରେ ସେବା ମନୋଭାବକୁ ନେଇ ଆସିଛନ୍ତି। ଅନ୍ୟପଟେ ବିଜେପି ନେତା କ୍ଷମତା ପାଇଁ ରାଜନୀତି କରୁଛନ୍ତି। ବାହାରୁ ଆସୁଥିବା ନେତାମାନେ ଆମ ଜନପ୍ରିୟ ମୁଖ୍ୟମନ୍ତ୍ରୀଙ୍କୁ ଅଭଦ୍ର ଅଶାଳୀନ ଭାଷାରେ ଗାଳି ଦେଉଛନ୍ତି, ଅସମ୍ମାନିତ କରୁଛନ୍ତି। ଏହାର ଜବାବ୍ ଆପଣ ୧ ତାରିଖରେ ଭୋଟରେ ଦେବେ ବୋଲି ଶ୍ରୀ ପାଣ୍ଡିଆନ୍ କହିଛନ୍ତି।

ସେ ଆହୁରି ମଧ୍ୟ କହିଛନ୍ତି ଯେ ବିଜୁ ପରିବାର ଗୋଟେ ସଶକ୍ତ ପରିବାର। ନୂଆ ଓଡ଼ିଶା ଗଠନ କରିବା ପାଇଁ ଏକ ସମର୍ପିତ ପରିବାର। ଏଥିପାଇଁ ବିଜୁ ପରିବାରକୁ ମୁଁ ଧନ୍ୟବାଦ୍ ଦେଉଛି। ମାଲକାନ୍‌ଗିରିରୁ, ମୟୁରଭଞ୍ଜ ଓ ଝାରସୁଗୁଡ଼ାରୁ ଜଗତସିଂହପୁର ପର୍ଯ୍ୟନ୍ତ ସବୁ ବିଜେଡି କର୍ମୀ ଓ ନେତା ବହୁତ ପରିଶ୍ରମ କରିଛନ୍ତି। ଖରା ବର୍ଷାରେ ଏମିତି ବିରାଟ କାର୍ଯ୍ୟକ୍ରମ କରିଛନ୍ତି। ସେମାନଙ୍କ ପାଖରେ ମୁଁ ଋଣୀ। ଖରା ବର୍ଷାରେ ଆପଣମାନେ ଏତେ ସଂଖ୍ୟାରେ ଆସିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ସଭାରେ ବହୁସଂଖ୍ୟାରେ ସମର୍ଥନ ଦେଇଛନ୍ତି, ମତେ ମଧ୍ୟ ବହୁତ ଭଲପାଇବା ଦେଇଛନ୍ତି, ସେଥିପାଇଁ ମୁଁ ଆପଣମାନଙ୍କୁ ସମସ୍ତଙ୍କୁ ଧନ୍ୟବାଦ୍ ଦେଉଛି ଶ୍ରୀ ପାଣ୍ଡିଆନ କହିଛନ୍ତି।

## ଭୁବନେଶ୍ୱର- ମାଲେସିଆ ବିମାନସେବା ଆରମ୍ଭ

**ଭୁବନେଶ୍ୱର,୩୦।୫(ସମିସ):** ଭୁବନେଶ୍ୱରରୁ ମାଲେସିଆକୁ ସିଧାସଳଖ ବିମାନସେବା ଆରମ୍ଭ କରିଛି ଏୟାର ଏସିଆ। ସିଧାସଳଖ ବିମାନ ଚଳାଚଳ ଦ୍ୱାରା ଉଭୟ ଅଞ୍ଚଳର ପର୍ଯ୍ୟଟନ କ୍ଷେତ୍ରର ବିକାଶ ହେବା ସହ ଭାରତ ଓ ମାଲେସିଆ ଭିତରେ ଉତ୍ତମ ସମ୍ପର୍କ ରକ୍ଷା ହୋଇପାରିବ। ସପ୍ତାହକୁ ୩ଦିନ ଅର୍ଥାତ୍ ମଙ୍ଗଳବାର, ଗୁରୁବାର ଓ ଶନିବାର ବିମାନ ଚଳାଚଳ ହେବ ଏବଂ ଏଥିପାଇଁ ଟିକଟ ମୂଲ୍ୟ ୫୫୯୯ ଟଙ୍କା ରହିଛି।

ଏୟାର ଏସିଆର ବରିଷ୍ଠ ସେଲ୍ସ ମ୍ୟାନେଜର ଜଗଜିତ୍ ସିଂ କହିଛନ୍ତି, ଏହି ନୂଆ ରୁଟ ଆମର ଯାତ୍ରୀମାନଙ୍କୁ ସୁଲଭ ମୂଲ୍ୟରେ ଯାତ୍ରା ଅନୁଭୂତି ହେବ। ଯାତ୍ରୀମାନେ ସୁବିଧାରେ ଯାତାୟାତ କରିପାରିବେ। ପର୍ଯ୍ୟଟନ ମାଲେସିଆ ମୁମ୍ବାଇର ନିର୍ଦ୍ଦେଶକ ନୋରିୟା ଜାଫର କହିଛନ୍ତି ଯେ ଭୁବନେଶ୍ୱରର ଯାତ୍ରୀମାନଙ୍କ ଲାଗି ମାଲେସିଆର ଉପଲବ୍ଧତା ଲାଗି ଆମେ ଏୟାର ଏସିଆର ସହଭାଗିତା ପାଇଁ ବହୁତ ଖୁସି। ଆମେ ନିଶ୍ଚିତ ଯେ ଦୁଇ ଦେଶ ମଧ୍ୟରେ ଭ୍ରମଣ ଓ ପର୍ଯ୍ୟଟନର ଆଦର ବୃଦ୍ଧି ହୋଇପାରିବ। ଭୁବନେଶ୍ୱରର ଯାତ୍ରୀମାନେ ବର୍ତ୍ତମାନ ବିମାନ ବା ସ୍ଥାନାନ୍ତର ପରିବର୍ତ୍ତନ ନ କରି ସିଧାସଳଖ କ୍ୱାଲାଲାମ୍ପୁର ଭିସା ମାଗଣାରେ ପାଇପାରିବେ। ଏହାସହିତ ଯାତ୍ରୀମାନେ ସେଠାକାର ବିଭିନ୍ନ ପ୍ରାକୃତିକ ସ୍ଥାନର ସୌନ୍ଦର୍ଯ୍ୟ ଉପଭୋଗ କରିପାରିବେ। ଦୁଇ ଦେଶ ମଧ୍ୟରେ ସାଂସ୍କୃତିକ ବିକାଶ ବୃଦ୍ଧି ପାଇବ। ଟୁରିଜିମ ମାଲେସିଆ ଓ ଏୟାର ଏସିଆ ଯାତ୍ରୀମାନଙ୍କ ନିରାପତା ଓ ସୁସ୍ଥତା ପାଇଁ ସମର୍ପିତ। ପ୍ରତ୍ୟେକ ଯାତ୍ରୀ ତାଙ୍କର ଯାତ୍ରାକୁ ଏକ ସ୍ମରଣୀୟ ଓ ଆମୋଦଦାୟକ କରିପାରିବେ। ଏହି ସେବା ବିଷୟରେ ଅଧିକ ବିବରଣୀ ଜାଣିବା ପାଇଁ ଏୟାରଏସିଆର ୱେବ୍‌ସାଇଟ୍ ପରିଦର୍ଶନ କରିବାକୁ ପଡ଼ିବ ବୋଲି ସୂଚନା ଦିଆଯାଇଛି।

## ବିଜେପି ନିଜ ଜ୍ୟୋତିଷ ପରିବର୍ତ୍ତନ କରୁ: ପାଣ୍ଡିଆନ୍

**ଭୁବନେଶ୍ୱର ୩୦।୫(ସମିସ):** କଥା ଆଉ ନୀତି ପରିବର୍ତ୍ତନ କରିବାରେ ବିଜେପି ବେଶ୍ ଧୂରନ୍ଧର। ଆଜି ଏହା ହେବ, କାଲି ସେୟା ହେବ ବୋଲି ସେମାନେ କହୁଛନ୍ତି। ସମ୍ଭବତଃ ସେମାନେ ତାଙ୍କ ପାଖରେ ଥିବା ଜ୍ୟୋତିଷଙ୍କ କଥାକୁ ବେଶୀ ବିଶ୍ୱାସ କରୁଛନ୍ତି ବୋଲି ତେରଛା ବାଣ ମାରିଛନ୍ତି ବିଜେଡି ନେତା କାର୍ତ୍ତିକ ପାଣ୍ଡିଆନ। ଆଗାମୀ ୬ ମାସ ଭିତରେ ବିଜେଡିରେ ବିସ୍ଫୋରଣ ହେବ ବୋଲି ବିଜେପି ନେତା ଦେଇଥିବା ମନ୍ତବ୍ୟ ଉପରେ ପ୍ରତିକ୍ରିୟା ରଖି ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ କହିଛନ୍ତି ଯେ ଭୋଟ ପାଇଁ ବିଜେପି ସବୁବେଳେ ନିଜ ନୀତି, ରଣନୀତି ପରିବର୍ତ୍ତନ କରି ଆସୁଛି। ଆଜି ସେମାନେ ଗୋଟେ କଥା କହୁଛନ୍ତି, କାଲି ତାକୁ ପରିବର୍ତ୍ତନ କରି ଆଉ ଗୋଟେ କଥା କହୁଛନ୍ତି। ସବୁ କଥାରେ ଦୃଢ଼ତାର ସହ ପୂର୍ବାନୁମାନ କରୁଛନ୍ତି। ମୋତେ ଲାଗୁଛି ବିଜେପି ପାଖରେ ଭଲ ଜ୍ୟୋତିଷ ଅଛନ୍ତି। କିନ୍ତୁ ସେମାନେ ଯାହା କହନ୍ତି, ଯାହା ଭାବନ୍ତି ତାହା ବାସ୍ତବରେ ପ୍ରତିଫଳିତ ହେଉ ନାହିଁ। ତେଣୁ ସେମାନେ ନିଜ ଜ୍ୟୋତିଷ ପରିବର୍ତ୍ତନ କରନ୍ତୁ ବୋଲି ଶ୍ରୀ ପାଣ୍ଡିଆନ କଟାକ୍ଷ କରିଛନ୍ତି।

## ଗିରଫ ହେଲେ କୁଖ୍ୟାତ ନିଶା ମାଫିଆ କଟି

**ଭୁବନେଶ୍ୱର, ୩୦।୫(ସମିସ):** ଫେରାର ଥିବା କୁଖ୍ୟାତ ନିଶାମାଫିଆ ଏସ୍.କେ. ମହତାବ ଅଲ୍ଲୀ ଓରଫ କଟି (୩୯)କୁ କ୍ରାଇମ୍‌ବ୍ରାଞ୍ଚ ଏସ୍‌ଟିଏଫ ଗିରଫ କରିଛି। ଦୁଇ ବର୍ଷ ଜେଲ୍‌ରେ ରହିବା ପରେ ମଧ୍ୟ ସୁଧୁରିନଥିଲେ କଟି। ଜେଲ୍‌ରୁ ଜାମିନ୍‌ରେ ବାହାରିବା ପରେ ପୁଣି କଟି ଆରମ୍ଭ କରିଥିଲେ ନିଶା କାରବାର। କଟିର ଘର ମୟୂରଭଞ୍ଜ ଜିଲ୍ଲା ବାରିପଦା ଥାନା ଅଞ୍ଚଳରେ। ଏସ୍‌ଟିଏଫ ସୂଚନା ଅନୁଯାୟୀ, ଚଳିତ ବର୍ଷ ଫେବୃଆରୀ ୨୧ ତାରିଖରେ ଏସ୍‌ଟିଏଫ ଚଢ଼ଉ ବେଳେ ୩୦୨ ଗ୍ରାମ ବ୍ରାଉନ ସୁଗର ଜବତ କରିଥିଲା। ସେହି ଘଟଣାରେ କ୍ଷୀରସିନ୍ଧୁ ସାମଲ ନାମକ ଜଣେ ବ୍ୟକ୍ତିଙ୍କୁ ଗିରଫ କରାଯାଇଥିଲା। କିନ୍ତୁ ସେତେବେଳେ ଚକମା ଦେଇ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ ଏସ୍.କେ. ମହତାବ ଅଲ୍ଲୀ ଓରଫ କଟି। ଗିରଫ କ୍ଷୀରସିନ୍ଧୁଙ୍କୁ ଏସ୍‌ଟିଏଫ ପଚରାଉଚରା କରିବା ପରେ କଟି ନାମ ପଦାକୁ ଆସିଥିଲା।

# ମୋଦୀ ୨୨ଜଣ ଲୋକଙ୍କ ପ୍ରଧାନମନ୍ତ୍ରୀ: ରାହୁଲ

- ସେମାନଙ୍କର ୧୬ ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିଛନ୍ତି
- ଦୁନିଆର କୌଣସି ଶକ୍ତି ଦେଶର ସମ୍ବିଧାନକୁ ଛୁଇଁପାରିବ ନାହିଁ

**ସିମୁଳିଆ, ୩୦।୫ (ସମିସ):** ଦେଶର ସମ୍ବିଧାନକୁ ଗୋଟିଏ ଦଳ ବଦଳାଇବା ପାଇଁ ଚାହୁଁଛି। କିନ୍ତୁ ଇଣ୍ଡିଆ ମେଣ୍ଟ ଦେଶର ସମ୍ବିଧାନୁ ଅକ୍ଷୁଣ୍ଣ ରଖିବାକୁ ଲଢ଼େଇ କରୁଛି। ବିଜେପି ଓ ଆର୍‌ଏସ୍‌ଏସ୍ ଲୋକମାନେ ଦେଶର ସମ୍ବିଧାନକୁ ଚିରି ଫିଙ୍ଗିଦେବା ପାଇଁ ଧମକ ଦେଉଛନ୍ତି। ଏହା କେବେ ବି କରାଇ ଦିଆଯିବ ନାହିଁ ବୋଲି କଂଗ୍ରେସ ଅଧ୍ୟକ୍ଷ ରାହୁଲ ଗାନ୍ଧୀ କହିଛନ୍ତି। ଗୁରୁବାର ବାଲେଶ୍ୱର ଜିଲ୍ଲା ସିମୁଳିଆର ମଇତାପୁରଠାରେ ଜନସଭାକୁ ସମ୍ବୋଧିତ କରି ରାହୁଲ ବିଜେପି ଉପରେ ବର୍ଷିଥିବା ବେଳେ ଦୁନିଆର କୌଣସି ଶକ୍ତି ଦେଶର ସମ୍ବିଧାନକୁ ଛୁଇଁପାରିବ ନାହିଁ ବୋଲି କହିଛନ୍ତି।



ସେ କହିଥିଲେ ଯେ ପ୍ରଧାନମନ୍ତ୍ରୀ କେବଳ ୨୨ଜଣ ଲୋକଙ୍କ ପାଇଁ କାମ କରୁଛନ୍ତି। ସେମାନଙ୍କର ୧୬ଲକ୍ଷ କୋଟି ଟଙ୍କା ଋଣ ଛାଡ଼ କରିଛନ୍ତି। କିନ୍ତୁ ଇଣ୍ଡିଆ ସରକାର ଆସିଲେ ମହାଲକ୍ଷ୍ମୀ ଯୋଜନାରେ ଦେଶର ସବୁ ଗରିବ ମହିଳାଙ୍କ ଖାତାରେ ୫ ଜୁଲାଇ ସୁଦ୍ଧା ବ୍ୟାଙ୍କ ଆକାଉଣ୍ଟକୁ ୮ ହଜାର ୫୦୦ ଟଙ୍କା ପ୍ରଦାନ କରାଯିବ। ପ୍ରତିମାସ ଏହି ଅର୍ଥ ପ୍ରଦାନ କରାଯିବ ବୋଲି ସେ କହିଛନ୍ତି। ପ୍ରଧାନମନ୍ତ୍ରୀ ଆଦାନୀ ଓ ଅମ୍ବାନୀଙ୍କୁ ସାଧାରଣ ଲୋକଙ୍କ ଟଙ୍କା ଦେଉଛନ୍ତି। ସେମାନେ ଏହି ଅର୍ଥରେ ବିଦେଶରେ ସେମାନଙ୍କ ବ୍ୟବସାୟ କରୁଛନ୍ତି। କିନ୍ତୁ ଇଣ୍ଡିଆ ମେଣ୍ଟ ସରକାର ସେମାନଙ୍କଠାରୁ ଏହି ଅର୍ଥ ଆଣି ସାଧାରଣ ଲୋକଙ୍କୁ ବାଣ୍ଟିବ। ଚାଷୀମାନଙ୍କ ଋଣ ଛାଡ଼ କରିବା ସହ ଅଗ୍ନିବୀର ଯୋଜନାକୁ ବନ୍ଦ କରାଯିବ। ଆଶା ଓ ଅଙ୍ଗନୱାଡ଼ି ମହିଳାଙ୍କ ଦରମା ଦୁଇଗୁଣା ସହ ସବୁ ଗ୍ରାଜୁଏଟ୍‌ଙ୍କୁ ନିଯୁକ୍ତି ପ୍ରଦାନ କରାଯିବ ବୋଲି ରାହୁଲ ଗାନ୍ଧୀ କହିଛନ୍ତି। ଏହି ଅବସରରେ ରାହୁଲ ଦଳୀୟ ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରିଥିଲେ।

## ଧର୍ମେନ୍ଦ୍ର ପ୍ରଧାନ ନବୀନ ନିବାସରେ ସିକ୍ୟୁରିଟି ଗାର୍ଡ ଚାକିରି କରିଛନ୍ତି!

**ଭୁବନେଶ୍ୱର,୩୦।୫(ସମିସ):** ଯାହା ଜଣାପଡୁଛି ନବୀନ ନିବାସରେ ଯେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ସିକ୍ୟୁରିଟି ଗାର୍ଡ ଚାକିରୀ କରିଛନ୍ତି। ନଚେତ ମୁଖ୍ୟମନ୍ତ୍ରୀଙ୍କ କୋଠରୀରେ ଟିଭି କିମ୍ବା ଟେଲିଫୋନ୍ ସଂଯୋଗ ନାହିଁ ବୋଲି ସେ କେମିତି ଜାଣିଲେ ବୋଲି କଟାକ୍ଷ କରିଛି ବିଜେଡି। ଶ୍ରୀ ପ୍ରଧାନ ଆଜି ଗଣମାଧ୍ୟମକୁ ସାକ୍ଷାତାକାର ଦେଇ ମୁଖ୍ୟମନ୍ତ୍ରୀଙ୍କ କୋଠରୀ ସମ୍ପର୍କରେ ଦେଇଥିବା ମନ୍ତବ୍ୟର ଜବାବ୍‌ରେ ବିଜେଡି ରାଷ୍ଟ୍ରୀୟ ମୁଖପାତ୍ର ତଥା ରାଜ୍ୟସଭା ସାଂସଦ ଡ଼ ସସ୍ମିତ ପାତ୍ର କହିଛନ୍ତି ଯେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ନବୀନ ନିବାସରେ ସିକ୍ୟୁରିଟି ଗାର୍ଡ ଚାକିରୀ କରିଛନ୍ତି ବୋଲି ମୋତେ ଜଣା ନ ଥିଲା। ସିକ୍ୟୁରିଟି ଗାର୍ଡ଼ ଥିବାରୁ ସେଥିପାଇଁ ସେ ବୋଧହୁଏ ଜାଣିପାରିଲେ ଯେ ମୁଖ୍ୟମନ୍ତ୍ରୀଙ୍କ ପ୍ରକୋଷ୍ଠରେ ଟେଲିଫୋନ୍ କିମ୍ବା ଟିଭି ସଂଯୋଗ କାଟି ଦିଆଯାଇଛି। ଆସନ୍ତା ୪ ତାରିଖ ଓ ଶ୍ରୀ ପ୍ରଧାନ ନିଜ ପରାଜୟ ଖବର ପାଇବା ପରେ ନିଜେ ସମ୍ଭବତଃ ସେ ଟେଲିଫୋନ୍ କିମ୍ବା ଟିଭି ବ୍ୟବହାର କରିପାରିବେ ନାହିଁ। କାରଣ ନିର୍ବାଚନର ଫଳାଫଳ ତାଙ୍କୁ ଏତେ କ୍ରୋଧିତ କରିଦେବ ଯେ ସେ ନିଜେ ଟିଭି ଓ ଟେଲିଫୋନ୍ ଭାଙ୍ଗି ଦେବେ ବୋଲି ଡ଼ ପାତ୍ର କହିଛନ୍ତି।

**ଜୁନ୍ ୪ ପରାଜୟ ପରେ ସେ ନିଜର ଟେଲିଫୋନ୍ ଓ ଟିଭି ଭାଙ୍ଗି ଦେବେ**

- ବୈଜୟନ୍ତ ଓ ଲଳିତ ବେହେରାଙ୍କ ବିରୋଧରେ ସଙ୍ଗୀନ ଅଭିଯୋଗ

## ଉତ୍ତରପ୍ରଦେଶରୁ ମହିଳାଙ୍କୁ ଆଣି ରାଜନଗରରେ ମହିଳାଙ୍କ ତଥ୍ୟ ସଂଗ୍ରହ କରୁଛନ୍ତି



**ଭୁବନେଶ୍ୱର, ୩୦।୫ (ସମିସ):** କେନ୍ଦ୍ରାପଡ଼ା ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ରାଜନଗର ବିଜେପି ବିଧାୟକ ପ୍ରାର୍ଥୀ ଲଳିତ କୁମାର ବେହେରାଙ୍କ ବିରୋଧରେ ଆସିଛି ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ ଅଭିଯୋଗ। ବିଜେଡିର ଅଭିଯୋଗ ଅନୁସାରେ ରଜନୀ ତୋମାର ଏବଂ ଉତ୍ତରପ୍ରଦେଶରୁ ଆସିଥିବା ୧୫ଜଣ ମହିଳା ରାଜନଗର ଅଞ୍ଚଳର ମହିଳା ଭୋଟରମାନଙ୍କଠାରୁ ସେମାନଙ୍କ ଫୋନ୍ ନମ୍ବର ଏବଂ ବ୍ୟାଙ୍କ ଆକାଉଣ୍ଟ ତଥ୍ୟ ସଂଗ୍ରହ କରୁଛନ୍ତି। ସେମାନେ ଉକ୍ତ ମହିଳାମାନଙ୍କୁ କହୁଛନ୍ତି ଯେ ଉତ୍ତର ପ୍ରଦେଶରେ ବିଜେପି ସରକାର ରହିଥିବାରୁ ସେଠାକାର ମହିଳାମାନଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫୦ ହଜାର ଟଙ୍କା ଲେଖାଏଁ ଡିପୋଜିଟ୍ କରାଯାଉଛି। ଆପଣମାନେ ଓଡ଼ିଶାରେ ବିଜେପିକୁ ଭୋଟ ଦେଲେ ଉତ୍ତର ପ୍ରଦେଶ ଭଳି ଏଠାରେ ମଧ୍ୟ ମହିଳାଙ୍କ ବ୍ୟାଙ୍କ ଆକାଉଣ୍ଟରେ ୫୦ ହଜାର ଲେଖାଏଁ ଜମା କରାଯିବ। ମାସକ ଭିତରେ ଭାରତ ସରକାରଙ୍କ ସୁଭଦ୍ରା ଯୋଜନାରେ ଭାରତ ସରକାର ୫୦ ହଜାର ଲେଖାଏଁ ଜମା କରାଯିବ। ବିଜେପି ସାଂସଦ ପ୍ରାର୍ଥୀ ବୈଜୟନ୍ତ ପଣ୍ଡା ଏବଂ ରାଜନଗର ବିଧାନସଭା ପ୍ରାର୍ଥୀ ଲଳିତ ବେହେରାଙ୍କ ସମର୍ଥନରେ ଭୋଟ ପାଇଁ ଏହି ମହିଳାମାନେ ଏପରି କାର୍ଯ୍ୟରେ ଲିପ୍ତ ରହିଛନ୍ତି ବୋଲି ବିଜେଡି ଅଭିଯୋଗ କରିଛି। ବିଜେଡି ପକ୍ଷରୁ କୁହାଯାଇଛି ଯେ ଶ୍ରୀ ପଣ୍ଡା ଉତ୍ତରପ୍ରଦେଶ ବିଜେପି ଦାୟିତ୍ୱରେ ଥିବାରୁ ସେଠାରୁ ମହିଳାମାନଙ୍କୁ ଆଣି ଓଡ଼ିଶାରେ ବେଆଇନ୍ କାର୍ଯ୍ୟ ଚଳାଇଛନ୍ତି। ଲୋକଙ୍କ ଭୋଟ କିଣିବା ପାଇଁ ଲଗାତାର ପ୍ରୟାସ ଜାରି ରହିଛି। ଆଦର୍ଶ ଆଚରଣ ବିଧି ଭଙ୍ଗ କରାଯାଉଛି। ତେଣୁ ଏହି ମାମଲାରେ ତୁରନ୍ତ ହସ୍ତକ୍ଷେପ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହେଉ ବୋଲି ବିଜେଡି ପ୍ରତିନିଧି ଦଳ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ଦାବି କରିଛି। ବିଜେଡିର ଏହି ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ରଙ୍କ ସମେତ ସୋଫିଆ ଆଲାମ, ମାହିକ୍ଷୀତା ମିଶ୍ର, ଇପ୍ସିତା ସାହୁ, ମଧୁସ୍ମିତା ନାୟକ, ଓମ୍ ପ୍ରକାଶ ସାହୁ, ତୁମ୍ବନାଥ ପଣ୍ଡା, ମିହିର ରାୟ, ଡ଼ ପ୍ରିୟବ୍ରତ ମାଝୀ ପ୍ରମୁଖ ସାମିଲ ହୋଇଥିଲେ।

**ବ୍ୟାଙ୍କ ଆକାଉଣ୍ଟରେ ୫୦ ହଜାର ଆସିବ ବୋଲି ପ୍ରତିଶ୍ରୁତି ଦେଉଛନ୍ତି**

# ଓଡ଼ିଶାର ନ୍ୟାଯ୍ୟ ଦାବିକୁ କେନ୍ଦ୍ରର ଲଗାତାର ଅବହେଳା: ବିଜେଡି

**ଭୁବନେଶ୍ୱର, ୩୦।୫(ସମିସ):** ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ କେନ୍ଦ୍ର ସରକାର ନିକଟରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ବାରମ୍ବାର ଦାବି କରିଆସୁଛନ୍ତି। ଏଥିପାଇଁ ୨୦୧୨ରେ ବିଜୁ ଜନତା ଦଳ ପକ୍ଷରୁ ଦିଲ୍ଲୀର ରାମଲୀଲା ମଇଦାନରେ ବିଶାଳ ସମାବେଶର ଆୟୋଜନ କରାଯାଇଥିଲା। ୨୦୧୪ ସାଧାରଣ ନିର୍ବାଚନ ପୂର୍ବରୁ ଓଡ଼ିଶା ବିଜେପି ମଧ୍ୟ ତା'ର ନିର୍ବାଚନୀ ଇସ୍ତାହାରରେ ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦେବାକୁ ପ୍ରତିଶ୍ରୁତି ଦେଇଥିଲା। ମାତ୍ର ୧୦ ବର୍ଷ ହେଲା କେନ୍ଦ୍ରରେ ବିଜେପି ସରକାର ରହିଥିଲେ ହେଁ ରାଜ୍ୟ ବିଜେପି ଆଉ ଏ ନେଇ ପାଟି ଫିଟାଉନାହିଁ। ଓଡ଼ିଶାର ନ୍ୟାଯ୍ୟ ଦାବିକୁ କେନ୍ଦ୍ରରେ ବିଜେପି ସରକାର ବାରମ୍ବାର ଅବହେଳା କରିଆସୁଥିବା ଅଭିଯୋଗ କରି ଆଜି ବିଜେଡି ରାଜ୍ୟସଭା ସାଂସଦ ମମତା ମହନ୍ତ ଶଙ୍ଖ ଭବନଠାରେ ସାମ୍ବାଦିକ ସମ୍ମିଳନୀ କରି କେନ୍ଦ୍ର ସରକାରଙ୍କ ଉପରେ ବର୍ଷିଛନ୍ତି।

ଶ୍ରୀମତୀ ମହନ୍ତ କହିଛନ୍ତି, କେନ୍ଦ୍ର ସରକାର ଓଡ଼ିଶା ଚାଷୀଙ୍କ ଉନ୍ନତି ଚାହୁଁନାହାନ୍ତି। ସ୍ୱାମୀନାଥନ କମିସନ ସୁପାରିସ ଅନୁସାରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ (ଏମ୍‌ଏସ୍‌ପି) କୁଇଣ୍ଟାଲ ପିଛା ୨୯୩୦ ଟଙ୍କା କରିବାକୁ ୨୦୧୮ରେ ବିଧାନସଭାରେ ସବୁ ଦଳ ପକ୍ଷରୁ ସଂକଳ୍ପ ପାରିତ ହୋଇଥିଲା। ମାତ୍ର ୫ବର୍ଷ ପରେ ବି କେନ୍ଦ୍ରର ବିଜେପି ସରକାର ଏହା ନ କରି ଓଡ଼ିଶାର ଚାଷୀକୁଳକୁ ଧୋକା ଦେଇ ଚାଲିଛନ୍ତି। ପ୍ରଧାନମନ୍ତ୍ରୀ ଫସଲ ବୀମା ଯୋଜନାରେ ଓଡ଼ିଶାର ୮୦ ଲକ୍ଷ ଚାଷୀଙ୍କ ପାଇଁ ରାଜ୍ୟ ସରକାର ସମ୍ପୂର୍ଣ୍ଣ ପ୍ରିମିୟମ ଅର୍ଥ ପ୍ରଦାନ କରୁଛନ୍ତି। ମାତ୍ର କେନ୍ଦ୍ର ସରକାରଙ୍କ ସହ ସଲାସୁତ୍ରା କରି ବୀମା କମ୍ପାନିମାନେ ଓଡ଼ିଶା ଚାଷୀଙ୍କ ପ୍ରାପ୍ୟ ଅର୍ଥ ଠିକ୍ ସମୟରେ ପ୍ରଦାନ କରୁନାହାନ୍ତି।

ଅପରପକ୍ଷରେ ଏମଏମଡିଆର ଆକ୍ଟ ଅନୁସାରେ ପ୍ରତି ତିନି ବର୍ଷରେ ଥରେ କୋଇଲା ରୟାଲଟି ରିଭିଜନ ହେବାର ନିୟମ ଥିଲେ ମଧ୍ୟ ବର୍ଷ ବର୍ଷ ହେଲା ରୟାଲଟି ବଢ଼ାଉନି କେନ୍ଦ୍ର। ଫଳରେ ଓଡ଼ିଶା ସରକାର କୋଇଲା ରୟାଲଟି ବାବଦକୁ ଶହ ଶହ କୋଟି ଟଙ୍କାର ନ୍ୟାଯ୍ୟ ପ୍ରାପ୍ୟରୁ ବଞ୍ଚିତ ହେଉଛନ୍ତି। କେନ୍ଦ୍ର ସରକାରଙ୍କ ପାତରଅନ୍ତର ନୀତି ଯୋଗୁଁ ବ୍ୟାଙ୍କ୍ ସେବା ଓ ଟେଲିକମ୍ ତଥା ଇଣ୍ଟରନେଟ୍ ସଂଯୋଗ ପାଇବା କ୍ଷେତ୍ରରେ ଅନ୍ୟ ରାଜ୍ୟ ତୁଳନାରେ ଓଡ଼ିଶା ବହୁତ ପଛରେ ରହିଛି। ରାଜ୍ୟର ପାଖାପାଖି ଅଧା ପଞ୍ଚାୟତରେ କୌଣସି ବ୍ୟାଙ୍କର ଶାଖା ନଥିବାରୁ ସରକାରଙ୍କ ବିଭିନ୍ନ ଜନକଲ୍ୟାଣକାରୀ ଯୋଜନାରେ ହିତାଧିକାରୀମାନେ ଅର୍ଥ ପାଇବାରେ ହଇରାଣ ହେଉଛନ୍ତି। ସେହିପରି ଦେଶରେ ହାରାହାରି ଟେଲିକମ୍ ଘନତ୍ୱ ୮୫ପ୍ରତିଶତ ରହିଥିବା ବେଳେ ଓଡ଼ିଶାରେ ଏହା ୭୫ପ୍ରତିଶତରେ ସୀମିତ ରହିଛି। ରାଜ୍ୟର ୬୨୭୮ ଗାଁରେ ଏବେ ବି ମୋବାଇଲ ଓ ଇଣ୍ଟରନେଟ୍ ସେବା ଉପଲବ୍ଧ ନାହିଁ। ଦରଦାମ ବୃଦ୍ଧିକୁ ପ୍ରସଙ୍ଗ କରି ୨୦୧୪ରେ କେନ୍ଦ୍ରରେ ସରକାରକୁ ଆସିଥିଲା ବିଜେପି ନେତୃତ୍ୱାଧୀନ ଏନଡିଏ ସରକାର। ମାତ୍ର ସରକାରକୁ ଆସିବା ପରଠୁ ବିଜେପି ଦରଦାମ ବୃଦ୍ଧି ରୋକିବା ପରିବର୍ତ୍ତେ ସାରା ଦେଶରେ ଡାଲି, ଚାଉଳ, ଅଟା ତେଲ, ପେଟ୍ରୋଲ, ଡିଜେଲ ଆଦି ସବୁ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀର ଦରଦାମ ହୁହୁ ହୋଇ ବଢ଼ି ଚାଲିଛି।

ଅନ୍ୟପକ୍ଷରେ ଦେଶର ଗରିବ ମହିଳାମାନଙ୍କ ପାଇଁ ଉଜ୍ଜ୍ୱଳା ଯୋଜନା କରିଥିଲେ କେନ୍ଦ୍ର ସରକାର। ମାତ୍ର କେନ୍ଦ୍ର ଗ୍ୟାସ୍ ସିଲିଣ୍ଡରର ଦାମ୍ ପ୍ରାୟ ୩୦୦ ପ୍ରତିଶତ ବଢ଼ାଇ ଦେବାରୁ ସାରା ଦେଶରେ ଉଜ୍ଜ୍ୱଳା ଯୋଜନା ଏବେ ଅନ୍ଧାରି ଯୋଜନାରେ ପରିଣତ ହୋଇଛି। ସେହିପରି ମହାନଦୀ ପ୍ରସଙ୍ଗରେ କେନ୍ଦ୍ର ସରକାର ଓଡ଼ିଶାକୁ ନ୍ୟାୟ ପ୍ରଦାନ କରିବା ପରିବର୍ତ୍ତେ ଛତିଶଗଡ଼ ପଟ ନେବା କାରଣରୁ ଓଡ଼ିଶାକୁ ଟ୍ରିବ୍ୟୁନାଲର ସହାୟତା ନେବାକୁ ପଡ଼ିଛି। ଅପରପକ୍ଷରେ, ଓଡ଼ିଶାର ବରପୁତ୍ର ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କୁ ଭାରତରତ୍ନ ପ୍ରଦାନ କରିବା ଦାବିକୁ ଅଣଦେଖା କରିଆସୁଛି। କେନ୍ଦ୍ରର ବିଜେପି ସରକାର ଓଡ଼ିଶାକୁ ତାର ନ୍ୟାଯ୍ୟ ଦାବିକୁ ଲଗାତାର ଅଣଦେଖା କରି ଆସୁଥିଲା ବେଳେ ନିର୍ବାଚନ ସମୟରେ ଓଡ଼ିଶାବାସୀଙ୍କ ଭୋଟ ପାଇବା ପାଇଁ ବିଭିନ୍ନ ପ୍ରତିଶ୍ରୁତି ଦେବା ସଙ୍ଗେ ସଙ୍ଗେ ମିଥ୍ୟା ଓ ଅପପ୍ରଚାରର ସହାୟତା ନେଉଛି। ଏହି ସମ୍ମିଳନୀରେ ବିଜେଡି ମୁଖପାତ୍ର ତଥା ଗଣମାଧ୍ୟମ ସଂଯୋଜକ ଡ. ପ୍ରିୟବ୍ରତ ମାଝୀ ଉପସ୍ଥିତ ଥିଲେ।



- ଓଡ଼ିଶାକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଦାବିକୁ କେନ୍ଦ୍ରର ଅଣଦେଖା
- ଧାନର ସର୍ବନିମ୍ନ ମୂଲ୍ୟକୁ ୨୯୩୦ ଟଙ୍କା କରିବା ଦାବିକୁ ଅଗ୍ରାହ୍ୟ
- ୧୦ ବର୍ଷ ପରେ ବି କୋଇଲା ରୟାଲଟି ବଢ଼ାଯାଉନି
- ମହାନଦୀ ପ୍ରସଙ୍ଗରେ ଛତିଶଗଡ଼କୁ ସାହାଯ୍ୟ କଲା କେନ୍ଦ୍ରରେ ଥିବା ବିଜେପି ସରକାର



ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

•VOLUME- 41 •ISSUE-334 •BHUBANESWAR •FRIDAY •31 MAY 2024 •PAGE-16 •₹ 6.00

•ବର୍ଷ-୪୧ •ସଂଖ୍ୟା-୩୩୪ •ଭୁବନେଶ୍ୱର •ଶୁକ୍ରବାର •୩୧ ମେ ୨୦୨୪ •ପୃଷ୍ଠା-୧୬ •ଟ.୬.୦୦

**ବୁଥ୍‌ରେ କେନ୍ଦ୍ରୀୟ ଫୋର୍ସ ମୁତୟନ ଓ ସିସିଟିଭି ଲଗାଇବା ପ୍ରସଙ୍ଗ**

# ହସ୍ତକ୍ଷେପ କଲେନି ହାଇକୋର୍ଟ

■ **କଟକ, ୩୦।୫(ସମିସ):** ଯାଜପୁର ଜିଲ୍ଲା ଧର୍ମଶାଳା ବିଧାନସଭା ନିର୍ବାଚନମଣ୍ଡଳୀ ଅଧୀନ ଦୁଇଗୋଟି ବୁଥ୍‌ରେ ଉତ୍ତେଜନା ପ୍ରକାଶ ପାଇବାର ଯଥେଷ୍ଟ ସମ୍ଭାବନା ଥିବାରୁ ଏଠାରେ କେନ୍ଦ୍ରୀୟ ସଶସ୍ତ୍ର ବାହିନୀ ମୁତୟନ ସହ ସିସିଟିଭି ଲଗାଯାଉ ବୋଲି ପ୍ରାର୍ଥନା କରି ଦାୟର ମାମଲାରେ ପୂର୍ଣ୍ଣଚ୍ଛେଦ ପକାଇଛନ୍ତି ହାଇକୋର୍ଟ। ଏହି ନିର୍ବାଚନମଣ୍ଡଳୀରୁ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଲଢୁଥିବା ହିମାଂଶୁ ଶେଖର ସାହୁ ଓ ଅନ୍ୟଜଣଙ୍କ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ବିଚାରପତି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ସଞ୍ଜୟ କୁମାର ମିଶ୍ରଙ୍କୁ ନେଇ ଗଠିତ ଖଣ୍ଡପୀଠ ଏହି ମାମଲାରେ ହସ୍ତକ୍ଷେପ ପୂର୍ବକ କୌଣସି ଆଦେଶ ପ୍ରଦାନ ପାଇଁ ମନା କରିଛନ୍ତି। ଏହି ନିର୍ବାଚନମଣ୍ଡଳୀର ୯୭ ଓ ୭୪ ନମ୍ବର ବୁଥ୍ ଅତି ସମ୍ବେଦନଶୀଳ ଥିଲେ ମଧ୍ୟ ଏଗୁଡ଼ିକୁ ଏହି ତାଲିକାଭୁକ୍ତ କରାଯାଇନି। ଏଠାରେ କେନ୍ଦ୍ରୀୟ ଫୋର୍ସ ମୁତୟନ ସହ ସିସିଟିଭି ଲଗାଯାଉ ବୋଲି ଆବେଦନକାରୀ ଦର୍ଶାଇଥିଲେ। ରାଜ୍ୟରେ ତିନି ପର୍ଯ୍ୟାୟ ନିର୍ବାଚନ ଶାନ୍ତିଶୃଙ୍ଖଳାର ସହ ସମାପନ ହୋଇଛି। ଏପରିକି ନିର୍ବାଚନ କମିସନଙ୍କ ପକ୍ଷରୁ କେନ୍ଦ୍ରୀୟ ଫୋର୍ସ ସହ ଆବଶ୍ୟକ ଅନୁସାରେ ସିସିଟିଭି ଲଗାଯାଇ ୱେବକାଷ୍ଟିଂ କରାଯାଉଥିବା ନେଇ ବିଭିନ୍ନ ଗଣମାଧ୍ୟମରେ ରିପୋର୍ଟ ପ୍ରକାଶ ପାଇଆସୁଛି। ଏଣୁ ଏହି ମାମଲାରେ ହାଇକୋର୍ଟ କିଛି ଆଦେଶନାମା ଜାରି କରିବାକୁ ଅଗ୍ରାହ୍ୟ କରିଛନ୍ତି।

## ନିର୍ବାଚନ ପ୍ରଚାରରେ ଲାଗିଲା ବିରାମ

# ଦିନକ ପରେ ଶେଷ ଲଢ଼େଇ

- ମଇଦାନରେ ମୋଟ ୪୬୦ ପ୍ରାର୍ଥୀ, ୯୯,୬୧,୦୫୭ ଜଣ ମତଦାତା
- ୧୦,୮୮୨ ମତଦାନ କେନ୍ଦ୍ର, ସବୁ ବୁଥ୍‌ରେ ସନ୍ଧ୍ୟା ୬ଟା ଯାଏଁ ମତଦାନ
- ମତଦାନ ପ୍ରକ୍ରିୟା ପାଇଁ ୭୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ
- ବୁଥ୍ ମୁହାଁ ପୁଲିଂ ପାର୍ଟି, ସୁରକ୍ଷା ଦାୟିତ୍ୱରେ ୧୨୬ କମ୍ପାନୀ ସିଏପିଏଫ୍

■ **ଭୁବନେଶ୍ୱର,୩୦।୫(ସମିସ):** ଆସନ୍ତା ୧ ତାରିଖରେ ରାଜ୍ୟରେ ଅନୁଷ୍ଠିତ ହେବ ଚତୁର୍ଥ ତଥା ଶେଷ ପର୍ଯ୍ୟାୟ ମତଦାନ। ଏହି ପର୍ଯ୍ୟାୟରେ ରାଜ୍ୟର ଅବଶିଷ୍ଟ ୬ଟି ଲୋକସଭା ଆସନ ଯଥା ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଓ ଜଗତସିଂହପୁର ଏବଂ ଏହା ଅନ୍ତର୍ଗତ ୪୨ ବିଧାନସଭା କ୍ଷେତ୍ର ପାଇଁ ଭୋଟ ଗ୍ରହଣ କରାଯିବ। ଏହା ପୂର୍ବରୁ ବିଧି ଅନୁସାରେ ଆଜି ସନ୍ଧ୍ୟା ପରଠାରୁ ନିର୍ବାଚନ ପ୍ରଚାରରେ ବିରାମ ଲାଗିଛି। ଅନ୍ୟପକ୍ଷରେ ଶେଷ ପର୍ଯ୍ୟାୟ ମତଦାନ ପାଇଁ ପ୍ରସ୍ତୁତି ଶେଷ ହୋଇଥିବା ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀ ନିକୁଞ୍ଜ ବିହାରୀ ଧଳ କହିଛନ୍ତି।

ଗୁରୁବାର ସାମ୍ବାଦିକ ସମ୍ମିଳନୀରେ ବିସ୍ତୃତ ସୂଚନା ରଖି ଶ୍ରୀ ଧଳ କହିଛନ୍ତି, ଏହି ପର୍ଯ୍ୟାୟରେ ମତଦାନ ହେବାକୁ ଥିବା ୬ଟି ଲୋକସଭା କ୍ଷେତ୍ରରେ ମୋଟ ୬୬ ଜଣ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା ରହିଛନ୍ତି। ସେହିପରି ୪୨ ବିଧାନସଭା ଆସନ ପାଇଁ ମୋଟ ୩୯୪ ପ୍ରାର୍ଥୀ ପ୍ରତିଦ୍ୱନ୍ଦ୍ୱିତା କରୁଛନ୍ତି। ସେମାନଙ୍କ ମଧ୍ୟରେ ପୁରୁଷ ୩୩୬ ଜଣ ଏବଂ ମହିଳା ୫୮ ଜଣ ରହିଛନ୍ତି। ଏହି ପର୍ଯ୍ୟାୟରେ ଉଭୟ ଲୋକସଭା ଏବଂ ବିଧାନସଭା କ୍ଷେତ୍ରରେ ମୋଟ ୪୬୦ ଜଣ ପ୍ରାର୍ଥୀ ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଥିବା ବେଳେ ମୋଟ ୯୯,୬୧,୦୫୭ ଜଣ ମତଦାତା ନିଜର ମତାଧିକାର ସାବ୍ୟସ୍ତ କରିବେ। ଏମାନଙ୍କ ମଧ୍ୟରେ ୫୦,୮୮,୦୭୬ ପୁରୁଷ, ୪୮,୭୨,୨୯୪ ମହିଳା ଓ ୬୮୭ ତୃତୀୟ ଲିଙ୍ଗ ଭୋଟର ରହିଛନ୍ତି। ମତଦାନ ପାଇଁ ମୋଟ ୧୦,୮୫୭ଟି ମତଦାନ କେନ୍ଦ୍ର ଓ ୨୫ଟି ଅତିରିକ୍ତ ମତଦାନ କେନ୍ଦ୍ର ଅର୍ଥାତ୍ ମୋଟ୍ ୧୦,୮୮୨ ମତଦାନ କେନ୍ଦ୍ରର ବ୍ୟବସ୍ଥା କରାଯାଇଛି। ଏହି ସମସ୍ତ ବୁଥ୍‌ରେ ସକାଳ ୭ଟାରୁ ଆରମ୍ଭ ହୋଇ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ମତଦାନ ଚାଲିବ। ୧୪୦୦ରୁ ଊର୍ଦ୍ଧ୍ୱ ମତଦାନ କେନ୍ଦ୍ର ସଂପୂର୍ଣ୍ଣ ରୂପେ ମହିଳା କର୍ମଚାରୀଙ୍କ ଦ୍ୱାରା ପରିଚାଳିତ ହେବ।

ଏହି ପର୍ଯ୍ୟାୟରେ ପ୍ରାୟ ୨୦ ପ୍ରତିଶତ ଆଦର୍ଶ ମତଦାନ କେନ୍ଦ୍ର (ମଡେଲ୍ ବୁଥ୍) ରହିଛି। ମତଦାନ ପ୍ରକ୍ରିୟାକୁ ସୁରୁଖୁରୁରେ ସମ୍ପାଦନ ପାଇଁ ପ୍ରାୟ ୭୨ ହଜାର ପୋଲିଂ କର୍ମଚାରୀ ନିୟୋଜିତ ହୋଇଛନ୍ତି। ସମସ୍ତ ପୋଲିଂ ଷ୍ଟେସନ୍ ଲୋକେସନ୍‌ରେ ଅନ୍ୟୂନ ଜଣେ ସ୍ୱେଚ୍ଛାସେବୀ ଓ ଜଣେ ଲେଖାଏଁ ଆଶାକର୍ମୀ ନିୟୋଜିତ ହୋଇଛନ୍ତି। ଅପରପକ୍ଷେ ଏହି ପର୍ଯ୍ୟାୟ ନିର୍ବାଚନରେ ଲୋକସଭା କ୍ଷେତ୍ର ପାଇଁ ୧୩୪୬୨ଟି ବାଲଟ୍ ୟୁନିଟ୍, ୧୩୪୬୨ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୬୦୬ଟି ଭିଭିପାଟ୍‌ର ବ୍ୟବସ୍ଥା ହୋଇଛି। ବିଧାନସଭା କ୍ଷେତ୍ର ମତଦାନ ପାଇଁ ମୋଟ ୧୪୧୨୨ଟି ବାଲାଟ୍ ୟୁନିଟ୍, ୧୩୪୪୭ଟି କଣ୍ଟ୍ରୋଲ ୟୁନିଟ୍ ଓ ୧୪୬୩୮ଟି ଭିଭିପାଟ ବ୍ୟବସ୍ଥା କରାଯାଇଛି। ସଂପୂର୍ଣ୍ଣ ସୁରକ୍ଷିତ ପରିବେଶ ମଧ୍ୟରେ ଯେପରି ମତଦାନ ହୋଇପାରିବ, ସେଥିପାଇଁ ସୁରକ୍ଷା ବ୍ୟବସ୍ଥା ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି। ଏହି ପର୍ଯ୍ୟାୟରେ ମୋଟ ୧୨୬ କମ୍ପାନୀ ସିଏପିଏଫ୍ ନିୟୋଜିତ ହୋଇଥିବା ନେଇ ଶ୍ରୀ ଧଳ ସୂଚନା ପ୍ରଦାନ କରିଛନ୍ତି।



**ସରିଲା ବାହାର ଚନ୍ଦନ ଯାତ୍ରା**

# ଆଜିଠୁ ଭିତର ଚନ୍ଦନ

■ **ପୁରୀ, ୩୦।୫ (ସମିସ):** ପବିତ୍ର ଅକ୍ଷୟ ତୃତୀୟାରୁ ଆରମ୍ଭ ହୋଇଥିବା ମହାପ୍ରଭୁଙ୍କ ୨୧ ଦିନବ୍ୟାପୀ ବାହାର ଚନ୍ଦନ ଯାତ୍ରା ଗୁରୁବାର ଶେଷ ହୋଇଛି। ଶୁକ୍ରବାରଠାରୁ ଆରମ୍ଭ ହେବ ଭିତର ଚନ୍ଦନ ଯାତ୍ରା। ଅପରାହ୍ଣରେ ଚନ୍ଦନଯାତ୍ରା ପାଇଁ ଶ୍ରୀମନ୍ଦିରରୁ ଦିଅଁ ବିଜେ ହୋଇଥିଲେ। ଦେବଦେବୀ ନରେନ୍ଦ୍ର ପୁଷ୍କରିଣୀ ଚକଡ଼ାରେ ପହଞ୍ଚିବା ପରେ ଭିତରଚ୍ଛ ମହାପାତ୍ର ଜଳ ଲାଗି କରିଥିଲେ। ପରେ ଦିଅଁ ଚାପକୁ ବିଜେ ହୋଇଥିଲେ। ଚାପରେ ମୁଦିରସ୍ତ ମଦନମୋହନ, ଶ୍ରୀଦେବୀ, ଭୂଦେବୀଙ୍କୁ ପ୍ରସାଦ ଲାଗି କରିଥିଲେ। ଏହାପରେ ଦିନଚାପ ଆରମ୍ଭ ହୋଇଥିଲା। ନନ୍ଦା ଚାପରେ ମଦନମୋହନ, ଶ୍ରୀଦେବୀ, ଭୂଦେବୀ ଏବଂ ଭଦ୍ରା ଚାପରେ ରାମକୃଷ୍ଣ ଓ ପଞ୍ଚମହାଦେବ ନରେନ୍ଦ୍ର ପୁଷ୍କରିଣୀରେ ଏକଘେରା ବୁଲି ଜଳକ୍ରୀଡ଼ା କରିଥିଲେ। ଦିନ ଚାପ ନୀତି ସରିବା ପରେ ନନ୍ଦା ଓ ଭଦ୍ରା ଚାପକୁ ଏକାଠିକୁ ଯୋଡ଼ି କରି ରଖାଯାଇଥିଲା। ରାମକୃଷ୍ଣ ମଦନମୋହନଙ୍କ ଚାପକୁ ବିଜେ ହୋଇଥିଲେ। ମୁଦିରସ୍ତ ସେବକ ହଳଦୀ ପାଣି ପିଚ୍‌କାରୀ ମାରି ଦିଅଁଙ୍କ ଶ୍ରୀପୟର ଧୋଇଥିଲେ। ଭିତରଚ୍ଛ ବନ୍ଦାପନା କରିସାରିବା ପରେ ମୁଦିରସ୍ତ ସେବକ ଚାମର ଆଲଟ କରି ରାଜନୀତି ସମ୍ପନ୍ନ କରିଥିଲେ। ଏହାପରେ ଦିଅଁ ଚନ୍ଦନ ମଣ୍ଡପ ଗର୍ଭଗୃହକୁ ବିଜେ ହୋଇଥିଲେ। ସେଠାରେ ମଇଲମ ହୋଇ ସାଦା ବେଶ ହେବା ପରେ ଶୀତଳ ଭୋଗ ବଢ଼ିଥିଲା। ପରେ ପରେ ଝୁଲଣ କୁଞ୍ଜ ଲାଗି ହୋଇ ଠାକୁରଙ୍କ ବେଶ ହୋଇଥିଲା। ପରେ ଦିଅଁ ମାଣ୍ଡୁଅ ଭୋଗ ସାରି ଶ୍ରୀମନ୍ଦିରକୁ ବାହୁଡ଼ା ବିଜେ କରିଥିଲେ।

ସୂଚନାଯୋଗ୍ୟ, ଅକ୍ଷୟ ତୃତୀୟାଠାରୁ ଆରମ୍ଭ ହେଉଥିବା ଚନ୍ଦନ ଯାତ୍ରାରେ ମହାପ୍ରଭୁ ନିଜେ ବିଜେ ନ କରି ତାଙ୍କର ପ୍ରତିନିଧି ଭାବେ ରାମକୃଷ୍ଣ, ମଦନମୋହନ, ଶ୍ରୀଦେବୀ ଓ ଭୂଦେବୀ ବିଜେ କରିଥାନ୍ତି। ସେମାନଙ୍କ ସହିତ କ୍ଷେତ୍ରର ପଞ୍ଚମହାଦେବ ତଥା ପଞ୍ଚପାଣ୍ଡବ ବିଜେ କରନ୍ତି। ଶ୍ରୀକ୍ଷେତ୍ରର ନରେନ୍ଦ୍ର ପୁଷ୍କରିଣୀରେ ୨୧ ଦିନବ୍ୟାପୀ ଚନ୍ଦନ ଯାତ୍ରା ଅନୁଷ୍ଠିତ ହୁଏ। ଏହାକୁ ବାହାର ଚନ୍ଦନ ଯାତ୍ରା କୁହାଯାଏ। ଏହାପରେ ଭିତର ଚନ୍ଦନ ଆହୁରି ୨୧ ଦିନ ଧରି ଅନୁଷ୍ଠିତ ହୁଏ। ଶ୍ରୀମନ୍ଦିର ସ୍ୱତ୍ୱଲିପି ଅନୁଯାୟୀ, ଭିତର ଚନ୍ଦନ ଯାତ୍ରା ମଧ୍ୟରେ ଜ୍ୟେଷ୍ଠ କୃଷ୍ଣ ଏକାଦଶୀ, ସାବିତ୍ରୀ ଅମାବାସ୍ୟା, ଶୀତଳଷଷ୍ଠୀ ଏବଂ ରୁକ୍ମିଣୀ ହରଣ ଏକାଦଶୀ ଏହି ଚାରିଦିନ ହିଁ ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ହୋଇଥାଏ।

**ବେଲପାଳ ଗ୍ରାମରେ ପୁଲିସକୁ ଆକ୍ରମଣ ଘଟଣା**

# ୪୧ ଅଟକ, ଗାଁରେ ପୁଲିସର ଫ୍ଲାଗ୍‌ମାର୍ଚ୍ଚ

■ **ବାରିପଦା/ବଡ଼ସାହି,୩୦।୫(ସମିସ):** ବଡ଼ସାହି ଥାନା ଅଧୀନ ବେଲପାଳ ଗ୍ରାମରେ ପୁଲିସ୍ ଗାଡ଼ିକୁ ଭଙ୍ଗାରୁଜା କରିବା ସହ ପୁଲିସ୍ ଉପରକୁ ପଥର ମାଡ଼ କରିବା ଘଟଣାରେ ପୁଲିସ ପକ୍ଷରୁ ତତ୍‌କାଳ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଏହି ଘଟଣାରେ ଗୁରୁବାର ପୁଲିସ୍ ୪୧ଜଣ ରାସ୍ତା ଅବରୋଧକାରୀ ଏବଂ ପ୍ରବର୍ତ୍ତାଇଥିବା ଅଭିଯୁକ୍ତଙ୍କୁ ଉଠାଇ ନେଇ ଅଜ୍ଞାତ ସ୍ଥାନରେ ପଚରାଉଚରା କରୁଛି। ସେହିପରି ଗ୍ରାମରେ ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ୩ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବା ସହ ଫ୍ଲାଗ୍‌ମାର୍ଚ୍ଚ କରାଯାଇଛି। ପୁଲିସ ଭୟରେ ବହୁ ଅଭିଯୁକ୍ତ ଗାଁ ଛାଡ଼ି ଫେରାର ହୋଇଯାଇଥିବା ଜଣାଯାଇଛି। ଅପରପକ୍ଷେ, ଗାଁ ଲୋକଙ୍କ ପଥର ମାଡ଼ରେ ଗୁରୁତର ଆହତ ହୋଇଥିବା

- ଅଜ୍ଞାତସ୍ଥାନରେ ଅଭିଯୁକ୍ତମାନଙ୍କୁ ପଚରାଉଚରା
- ଆହତ ପୁଲିସ ଅଧିକାରୀଙ୍କୁ ଭେଟିଲେ ଜିଲ୍ଲାପାଳ ଓ ଏସ୍‌ପି



ବେତନଟୀ ଏସ୍‌ଡିପିଓ ସୁଦର୍ଶନ ଦାଶ ଓ ବଡ଼ସାହି ଆଇଆଇସି ଉମାଶଙ୍କର ନାୟକ ବାରିପଦା ଜିଲ୍ଲା ମୁଖ୍ୟ ଡାକ୍ତରଖାନାର ଆଇସିୟୁରେ ଚିକିତ୍ସାଧୀନ ରହିଛନ୍ତି। ଆଜି ଜିଲ୍ଲାପାଳ ଦତ୍ତାତ୍ରେୟ ଭାଉସାହେବ ସିନ୍ଦେ ଓ ଏସ୍‌ପି ଏସ୍. ସୁଶ୍ରୀ ଡାକ୍ତରଖାନାରେ ପହଞ୍ଚି ସେମାନଙ୍କ ସ୍ୱାସ୍ଥ୍ୟାବସ୍ଥା ପଚାରିଛନ୍ତି।

ସୂଚନାଯୋଗ୍ୟ, ଜମିଜମା ବିବାଦକୁ କେନ୍ଦ୍ର କରି ବେଲପାଳ ଗ୍ରାମରେ ଗତକାଲି ଉତ୍ତେଜନା ପ୍ରକାଶ ପାଇଥିଲା। ଗ୍ରାମବାସୀମାନେ ରାସ୍ତା ଅବରୋଧ କରିଥିବାରୁ ପୁଲିସ୍ ସେଠାରେ ପହଞ୍ଚି ସେମାନଙ୍କୁ ବୁଝାସୁଝା କରିଥିଲା। କିନ୍ତୁ ଉତ୍ତ୍ୟକ୍ତ ଲୋକେ ପୁଲିସ୍ ଉପରକୁ ପଥରମାଡ଼ କରିବା ସହ ପୁଲିସ୍ ଭ୍ୟାନ୍ ଭାଙ୍ଗି ଦେଇଥିଲେ।

ଅପରପକ୍ଷେ, ଗତକାଲିର ଗଣ୍ଡଗୋଳ ଘଟଣାରେ ଉଭୟପକ୍ଷର ଲିଖିତ ଅଭିଯୋଗକ୍ରମେ ପୁଲିସ ପୃଥକ ମାମଲା ରୁଜୁ କରିଛି। ଅମିର ନାୟକଙ୍କ ଅଭିଯୋଗକ୍ରମେ ପୁଲିସ କେସ ନଂ ୧୫୫/୨୪ ଓ ମାନସ ରଞ୍ଜନ ଭୂୟାଁଙ୍କ ଅଭିଯୋଗକୁ ଭିତ୍ତି କରି କେସ ନଂ୧୫୬/୨୪ରେ ରୁଜୁ କରିଛି। ଆକ୍ରମଣ ପ୍ରତିଆକ୍ରମଣରେ ଉଭୟପକ୍ଷର ୨ଜଣ ଗୁରୁତର ହୋଇ ଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ସେମାନେ ହେଲେ ସୁଶାନ୍ତ ନାୟକ ଓ ପ୍ରବୋଧ ଭୂୟାଁ।

**ପ୍ରଚାର ବନ୍ଦ ସମୟରେ ଦଳୀୟ ପ୍ରଚାର**

# ଅର୍ଗସ୍ ନ୍ୟୁଜ, ଓଟିଭି ଏବଂ ଓଡ଼ିଶା ରିପୋର୍ଟର ବିରୋଧରେ ଫେରାଦ ହେଲା ବିଜେଡି

**ଏମାନଙ୍କ ପାଇଁ ଗୋଟିଏ ନିୟମ, ଅନ୍ୟମାନଙ୍କ ପାଇଁ ଆଉ ଗୋଟେ ନିୟମ !**

■ **ଭୁବନେଶ୍ୱର ୩୦।୫(ସମିସ):** 'ଓଟିଭି', 'ଓଡ଼ିଶା ରିପୋର୍ଟର' ଓ 'ଅର୍ଗସ ଟିଭି' ପାଇଁ ଗୋଟିଏ ଆଦର୍ଶ ଆଚରଣବିଧି ଏବଂ ଅନ୍ୟ ଟିଭି ଚ୍ୟାନେଲ ପାଇଁ ଆଉ ଗୋଟିଏ ଆଦର୍ଶ ଆଚରଣ ବିଧି ଲାଗୁ କରାଯାଇଛି। କାରଣ ଓଟିଭି, ଓଡ଼ିଶା ରିପୋର୍ଟର ଏବଂ ଅର୍ଗସ୍ ଟିଭି ଖୋଲାଖୋଲି ଭାବେ ନିୟମ ଉଲ୍ଲଙ୍ଘନ କରୁଥିବା ବେଳେ କୌଣସି କାର୍ଯ୍ୟାନୁଷ୍ଠାନ ହେଉ ନାହିଁ। ସେମାନେ ବାରମ୍ବାର ପେଡ୍ ନ୍ୟୁଜ୍ ଚଳାଇଥିଲେ ସୁଦ୍ଧା ସେଥିପ୍ରତି ଦୃଷ୍ଟି ଯାଉ ନାହିଁ। ଅପରପକ୍ଷରେ ଅନ୍ୟ ନ୍ୟୁଜ୍ ଚ୍ୟାନେଲ କ୍ଷେତ୍ରରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏହା ଅତ୍ୟନ୍ତ କ୍ଷୋଭର ବିଷୟ ବୋଲି କହିଛି ବିଜୁ ଜନତା ଦଳ। ଏପରି ଅଭିଯୋଗ ନେଇ ଆଜି ସଂଧ୍ୟାରେ ବିଜେଡି ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ଦ୍ୱାରସ୍ଥ ହୋଇଛି। ଉପରୋକ୍ତ ତିନି ଚ୍ୟାନେଲ କିପରି ଭାବେ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରି ଖବର ପ୍ରସାରଣ କରୁଛନ୍ତି ତାହାର ପ୍ରମାଣ ମଧ୍ୟ ବିଜେଡି ଦାଖଲ କରିଛନ୍ତି।



ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ନିକଟରେ ବିଜେଡି ଦାବି କରିଛି ଯେ ପ୍ରଚାର ବନ୍ଦ ଥିବା ସମୟରେ ବିଜେପି ସାଂସଦ ପ୍ରାର୍ଥୀ ପ୍ରଦୀପ ପାଣିଗ୍ରାହୀ କ୍ୟାମେରା ଆଗରେ ବିଜେପି ସପକ୍ଷରେ ଭୋଟ ମାଗିବା ସହିତ ନୂଆ ଓଡ଼ିଶା ଗଠନ କରିବୁ ବୋଲି କହିଛନ୍ତି। ଏହା ଓଟିଭି ପ୍ରସାରଣ କରିଛି। ସେହିପରି ଓଟିଭିର ସହଯୋଗୀ ସଂସ୍ଥା 'ଓଡ଼ିଶା ରିପୋର୍ଟର' ଡିଜିଟାଲ ପୋର୍ଟାଲ ଜୁନ୍ ୧ ତାରିଖରେ ନିର୍ବାଚନ ହେବାକୁ ଥିବା ଏକ ନିର୍ଦ୍ଦିଷ୍ଟ ନିର୍ବାଚନମଣ୍ଡଳୀକୁ ନେଇ ଓପିନିଅନ୍ ପୋଲ ପ୍ରସାରଣ କରିଛି। ସେହିପରି ଅର୍ଗସ୍ ନ୍ୟୁଜ୍ ଜୁନ୍ ୧ ତାରିଖରେ ଯାଜପୁରରେ ହେବାକୁ ଥିବା ନିର୍ବାଚନକୁ ନେଇ ବିତର୍କ ଆୟୋଜନ କରି ତାହାର ପ୍ରସାରଣ କରିଛି। ପ୍ରଚାର ବନ୍ଦ ଥିବା ସମୟରେ ଓଟିଭି, ଓଡ଼ିଶା ରିପୋର୍ଟର ଏବଂ ଅର୍ଗସ ନ୍ୟୁଜ୍ ଆଦର୍ଶ ଆଚରଣ ବିଧି ଉଲ୍ଲଙ୍ଘନ କରିଛନ୍ତି। ତେଣୁ ରାଜ୍ୟରେ ଶାନ୍ତିପୂର୍ଣ୍ଣ ଏବଂ ଅବାଧ ନିର୍ବାଚନ ପାଇଁ ଏହି ଗଣମାଧ୍ୟମ ସଂସ୍ଥା ଉପରେ କଠୋର କାର୍ଯ୍ୟାନୁଷ୍ଠାନ ହେଉ ବୋଲି ବିଜେଡି ଦାବି କରିଛି। ଏହି ଦାବିପତ୍ର ପ୍ରଦାନ ପାଇଁ ଯାଇଥିବା ବିଜେଡିର ପ୍ରତିନିଧି ଦଳରେ ରାଜ୍ୟସଭା ସାଂସଦ ସୁଲତା ଦେଓ ଏବଂ ଡ଼ ସସ୍ମିତ ପାତ୍ର, ଡ଼ ଲେନିନ୍ ମହାନ୍ତି, ତୁମ୍ବନାଥ ପଣ୍ଡା, ଡ଼ ପ୍ରିୟବ୍ରତ ମାଝୀ, ସୋଫିଆ ଆଲାମ, ମଧୁସ୍ମିତା ନାୟକ, ମିହିର ରାୟ, ଓମ୍ ପ୍ରକାଶ ସାହୁ ପ୍ରମୁଖ ସାମିଲ ହୋଇଥିଲେ।



‘ଜଳ ପାଇଁ ଯୁଦ୍ଧ’ ଭଳି ପରିସ୍ଥିତିକୁ ଏଡ଼ାଇବାକୁ ହେଲେ ସରକାରୀ ନୀତିରେ ‘ଜଳ ସାକ୍ଷରତା’କୁ ପ୍ରାଧାନ୍ୟ ଦେବାକୁ ପଡ଼ିବ ।
-ଜଳପୁରୁଷ ଡ. ରାଜେନ୍ଦ୍ର ସିଂହ



## ସୁସମ୍ବାଦ, ମୁଖ୍ୟ ଭୂଖଣ୍ଡ ଛୁଇଁଲା ମୌସୁମୀ

ଚଳିତ ବର୍ଷ ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁର ଶୁଭସମ୍ବାଦ ହେଲା ଏହା ସ୍ୱାଭାବିକ ତାରିଖ ଜୁନ୍ ୧ ର ଦୁଇଦିନ ପୂର୍ବରୁ ଗୁରୁବାର କେରଳ ଉପକୂଳ ସ୍ପର୍ଶ କରିବା ସହିତ ଉତ୍ତର ପୂର୍ବାଞ୍ଚଳରେ ମଧ୍ୟ ପ୍ରବେଶ କରିଛି । ପାଗ ଅନୁକୂଳ ଥିବାରୁ ଏହା ଆଗକୁ ବଢ଼ୁଛି ଏବଂ ଏହାର ପ୍ରଭାବରେ କେରଳର ଦକ୍ଷିଣ ଭାଗରେ ବର୍ଷା ଆରମ୍ଭ ହୋଇଯାଇଛି । ଭାରତୀୟ ପାଣିପାଗ ବିଭାଗର ଗଣନା ପ୍ରାୟ ଠିକ୍ ରହିଛି । ଚଳିତ ବର୍ଷ ମୌସୁମୀ ବାୟୁ ମେ ୩୧ ତାରିଖରେ କେରଳ ଛୁଇଁବ ବୋଲି ବିଭାଗ ପୂର୍ବାନୁମାନ କରିଥିଲା ।

ନିକଟରେ ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ସାମୁଦ୍ରିକ ତୋଫାନର କୁପ୍ରଭାବ ମୌସୁମୀ ଉପରେ ପଡ଼ିବ ନାହିଁ ଏବଂ ଏହା ସ୍ୱାଭାବିକ ଭାବେ ଆଗକୁ ବଢ଼ିବା ଘେନି ପାଣିପାଗ ବିଭାଗ ସୂଚନା ଦେଇସାରିଛି । ତେଣୁ ଆଶା କରିବା ମୌସୁମୀ ବାୟୁ ବିନା ପ୍ରତିବନ୍ଧକରେ ଆଗକୁ ବଢ଼ିବ । ମୌସୁମୀ ପ୍ରବାହ ପୂର୍ବରୁ ଦେଶର ବିଭିନ୍ନ ଅଞ୍ଚଳରେ ପ୍ରାୟ ଦୁଇ ସପ୍ତାହ ଧରି ପ୍ରାକ୍ ମୌସୁମୀ ବର୍ଷା ଲାଗି ରହେ, ଯାହା ପରିବେଶକୁ ଥଣ୍ଡା କରେ । ତେଣୁ ଏ ବର୍ଷ ଦେଶରେ ଯେଉଁ ନାହିଁ ନ ଥିବା ଗ୍ରୀଷ୍ମ ପ୍ରବାହ ଚାଲିଛି ତାହାକୁ କମାଇବାରେ ଆଗୁଆ ମୌସୁମୀ ନିଶ୍ଚୟ ସହାୟକ ହେବ ।

ଏଥର ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ସ୍ୱାଭାବିକ ସମୟଠାରୁ ଆଗୁଆ ଆସିବା ଓଡ଼ିଶା ପାଇଁ ମଧ୍ୟ ଭଲ ଖବର । ଆମ ରାଜ୍ୟରେ ସାଧାରଣତଃ ଜୁନ୍ ୧୦ ତାରିଖ ବେଳକୁ ମୌସୁମୀ ବାୟୁ ପହଞ୍ଚେ । ଏଥର ଏହା ଜୁନ୍ ୧୨ ସୁଦ୍ଧା ପହଞ୍ଚିବ ବୋଲି ଆଶ କରାଯାଉଛି । ମୌସୁମୀ ବାୟୁ ମୁଖ୍ୟତଃ ପାଞ୍ଚଟି ଶାଖାରେ ଆସି ସମଗ୍ର ଭାରତୀୟ ମୁଖ୍ୟ ଭୂଖଣ୍ଡକୁ ଛୁଇଁଥାଏ ଏବଂ ଏଥିପାଇଁ ତା’କୁ ପ୍ରାୟ ଏକମାସ ସମୟ ଲାଗେ । ଆମ ଓଡ଼ିଶାରେ ଦକ୍ଷିଣ ଭାଗ ପ୍ରଥମେ ମୌସୁମୀ ବର୍ଷା ପାଏ ଏବଂ କର୍ଣ୍ଣାଟକ ମଧ୍ୟଭାଗ ଦେଇ ପ୍ରବାହିତ ଗୋଟିଏ ଶାଖାର ପ୍ରଭାବରୁ ଏହି ବୃଷ୍ଟିପାତ ହୁଏ । ସେହିଭଳି ମୁମ୍ବଇ-ନାଗପୁର ଉପର ଦେଇ ପ୍ରବାହିତ ଶାଖାର ପ୍ରଭାବରେ ଓଡ଼ିଶାର ଉତ୍ତର, ମଧ୍ୟ ଓ ଆଭ୍ୟନ୍ତରୀଣ ଇଲାକାରେ ବର୍ଷା ହୁଏ । ଏହି ପ୍ରକ୍ରିୟା ମାତ୍ର ତିନି/ଚାରିଦିନ ସମୟ ନେଇଥାଏ ।

ପାଣିପାଗ ବିଭାଗର ପୂର୍ବାନୁମାନ ଅନୁସାରେ ଏଥର ଭାରତରେ ଦକ୍ଷିଣ-ପଶ୍ଚିମ ମୌସୁମୀ ପ୍ରବାହ ଅନୁକୂଳ ରହିବା ସହିତ ସ୍ୱାଭାବିକ ବର୍ଷା ହେବ । ଭାରତ ପାଇଁ ଏହା ନିଶ୍ଚୟ ସୁସମ୍ବାଦ । କାରଣ ଦେଶର ମୋଟଚାଷ ଜମିର ୫୨ ଶତାଂଶ ବର୍ଷା ଜଳ ଉପରେ ନିର୍ଭର କରେ । ଖରିଫ୍ ଚାଷ ପାଇଁ ଏହି ବର୍ଷା ବିଶେଷ ସହାୟକ ହୋଇଥାଏ । ଭଲ ବର୍ଷା ଯୋଗୁଁ ଖରିଫ୍ ଉତ୍ପାଦନ ବଢ଼ିଲେ ଅର୍ଥନୀତି ଉପରେ ଏହାର ଭଲ ପ୍ରଭାବ ପଡ଼େ । ଏଥିସହିତ ଦେଶର ସୃଷ୍ଟ ଜଳକଷ୍ଟ ଦୂର ହେବା ସହିତ ଜଳଭଣ୍ଡାରଗୁଡ଼ିକରେ ରବିଚାଷ ଓ ଅନ୍ୟାନ୍ୟ ବ୍ୟବହାର ନିମନ୍ତେ ପାଣି ଗଚ୍ଛିତ ରହେ ।

ଖରିଫ୍ ଚାଷ ପାଇଁ ଜୁନ୍-ଜୁଲାଇ ବର୍ଷା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ । ଓଡ଼ିଶା ପରିପ୍ରେକ୍ଷୀରେ ଦେଖିଲେ ଆମର ମୋଟ ଚାଷ ଜମିର ଶତକଡ଼ା ପ୍ରାୟ ୪୨ ଭାଗ ମାତ୍ର ଜଳସେଚିତ । ଅବଶିଷ୍ଟ ୫୮ ଭାଗ ବର୍ଷା ଉପରେ ନିର୍ଭରଶୀଳ । ରାଜ୍ୟର ଉଚ୍ଚ ବା ଢିପ ଜମି ସବୁ ମୁଖ୍ୟତଃ ବର୍ଷା ଉପରେ ନିର୍ଭର କରେ । ଭଲ ଖବର ହେଲା ଦେଶରେ ଏବେ ସାଧାରଣ ଓ ବିଧାନସଭା ନିର୍ବାଚନ ପ୍ରକ୍ରିୟା ଚାଲିଥିବା ସତ୍ତ୍ୱେ ଓଡ଼ିଶା ସରକାର, ବିଶେଷକରି କୃଷି ବିଭାଗ, ଚାଷୀଙ୍କୁ ପ୍ରାମାଣିକ ବିହନ, ସାର, କୀଟନାଶକ ଓ ବ୍ୟାଙ୍କ ଋଣ ଯୋଗାଇ ଦେଇ ଆଗୁଆ ପଦକ୍ଷେପ ଗ୍ରହଣ କରିଛି । ଜିଲ୍ଲାୱାରି ଏଥିପାଇଁ ପ୍ରକ୍ରିୟା ଚାଲିଛି । ତେଣୁ ଯେଉଁ ଚାଷୀ ଖଇତି ଧାନ ଆଗୁଆ ବୁଣିଛନ୍ତି ରଜ ବେଳକୁ ବର୍ଷା ହେଲେ ସେ ସବୁ ଗଜା ହୋଇଯିବ । ଏହାସହିତ ବର୍ଷା ଦିନ ଆରମ୍ଭ ହୋଇଗଲେ ତଳି ପକା ଏବଂ ତା’ପରେ ରୁଆ ବେଉଷା କାମ ଚାଲିବ । ଆଗୁଆ ର୍ବୋ ମଧ୍ୟ ଅଣଧାନ, ବିଶେଷକରି ଡାଲି ଓ ତୈଳବୀଜ ଜାତୀୟ ଫସଲ ପାଇଁ ସହାୟକ ହେବ ।

ଚଳିତ ବର୍ଷ ଡାଲି ଜାତୀୟ ଶସ୍ୟର ମୂଲ୍ୟ ହୁହୁ ହୋଇ ବଢ଼ିଚାଲିଛି, ଯାହା ଖାଉଟିଙ୍କ ପକେଟ୍‌କୁ ବାଧିଛି । ନିର୍ବାଚନ ସରିବା ପରେ ପରେ ଡାଲି ଓ ଅଣ-ଧାନ ଓ ଅଣ-ଗହମ ଜାତୀୟ ଶସ୍ୟ ମୂଲ୍ୟ ଆହୁରି ବଢ଼ିବାର ଆଶଙ୍କା କରାଯାଉଛି । ଆମ ଦେଶ ଡାଲି ଓ ତୈଳବୀଜ ଉତ୍ପାଦନରେ ଆତ୍ମନିର୍ଭରଶୀଳ ନୁହେଁ । ଏଥିପାଇଁ ଆମକୁ ମୁଖ୍ୟତଃ ଆମଦାନୀ ଉପରେ ନିର୍ଭର କରିବାକୁ ପଡ଼ୁଛି ଏବଂ ଏହାର ପ୍ରଭାବ ଆମ ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ପଡ଼ୁଛି । ବାଣିଜ୍ୟ ମନ୍ତ୍ରଣାଳୟର ତଥ୍ୟାନୁଯାୟୀ, ପୂର୍ବ ବର୍ଷ ତୁଳନାରେ ୨୦୨୩-୨୪ ଆର୍ଥିକ ବର୍ଷରେ କୃଷିଜାତ ସାମଗ୍ରୀ ରପ୍ତାନୀ ପରିମାଣ ୮.୨% ହ୍ରାସ ପାଇଛି । କେବଳ ସେତିକି ନୁହେଁ ଗତଦଶ ବର୍ଷ ଭିତରେ ଆମ ଦେଶର କୃଷିଜାତ ଶସ୍ୟର ରପ୍ତାନୀ ପ୍ରାୟ ୮୦୦ କୋଟି ଡଲାର ହ୍ରାସ ପାଇଛି । ଅପରପକ୍ଷରେ ସମାନ ସମୟରେ କୃଷିଜାତ ଶସ୍ୟର ଆମଦାନୀ ପରିମାଣ ୬୦୦ କୋଟି ଡଲାର ବୃଦ୍ଧି ପାଇଛି । ଏହା ମଧ୍ୟରେ ଅଧିକ ରହିଛି ଡାଲି ଓ ଖାଇବା ତେଲ । ଡାଲି ଓ ତୈଳ ବୀଜ ଉତ୍ପାଦନ ପାଇଁ କେନ୍ଦ୍ର ସରକାର ପ୍ରୋତ୍ସାହିତ କରି ଆସୁଥିଲେ ମଧ୍ୟ ଚାଷୀମାନେ ଏଥିପ୍ରତି ମନ ନ ବଳାଇବା ଯୋଗୁଁ ଏପରି ପରିସ୍ଥିତି ସୃଷ୍ଟି ହୋଇଛି ।

ସେହିପରି ଦେଶରେ ମୁଦ୍ରାସ୍ଫୀତି ବେଲଗାମ ହୋଇଯାଇଥିବାରୁ କେନ୍ଦ୍ର ସରକାର ଡାଲି ଓ ଖାଇବା ତେଲ ଉପରୁ ଆମଦାନୀ ଶୁଳ୍କ ହ୍ରାସ କରିବାକୁ ବାଧ୍ୟ ହୋଇଛନ୍ତି ଯାହାର ପ୍ରଭାବ ଦେଶର ବୈଦେଶିକ ମୁଦ୍ରା ଭଣ୍ଡାର ଉପରେ ସିଧାସଳଖ ପଡ଼ିଛି । ତେଣୁ ଚଳିତ ବର୍ଷ ଯଦି ଭଲ ବର୍ଷା ଉପରେ ଦେଶର କୃଷି-ଅର୍ଥନୀତି ନିର୍ଭର କରୁଛି । ଯଦି ଭଲ ବର୍ଷା ନ ହୁଏ ତେବେ ଦେଶର ଘରୋଇ ଭାବେ ଯାହା କିଛି ଡାଲିଜାତୀୟ ଉତ୍ପାଦନ ହେଉଛି ତାହା ବାଧାପ୍ରାପ୍ତ ହେବ ଏବଂ ଆହୁରି ଅଧିକ ଆମଦାନୀ କରିବାକୁ ପଡ଼ିବ । ଏଥିସହିତ ଖାଉଟି ବଜାରରେ ଡାଲି ଓ ଖରିଫ୍ କୃଷି ଉତ୍ପାଦର ନିଅଣ୍ଟିଆ ପରିସ୍ଥିତି ଉପୁଜିଲେ ତାହାର ପ୍ରଭାବ ଖାଉଟି ଓ ଦେଶର ଅର୍ଥନୀତିକୁ ପ୍ରଭାବିତ କରିବ । ତେଣୁ ମୌସୁମୀର ସ୍ୱାଭବିକତା ଉପରେ ସବୁକିଛି ନିର୍ଭର କରୁଛି । ବେଳେବେଳେ ମୌସୁମୀ ମନୁଆ ହୁଏ, ଯାହା ସମସ୍ତ ଆକଳନ ଓ ଗଣିତ ବିଗାଡ଼ି ଦିଏ । ଆଶା କରିବା ଚଳିତ ବର୍ଷ ସେଭଳି ପରିସ୍ଥିତି ସୃଷ୍ଟି ନ ହେଉ ।

ସମସ୍ତେ ଭଲ ବର୍ଷା ଚାହାନ୍ତି । ଜଳବାୟୁ ପରିବର୍ତ୍ତନ ସତ୍ତ୍ୱେ ମୌସୁମୀ ବାୟୁ ତାହାର ଆଗମନରେ ସ୍ୱାଭାବିକ ତାରିଖ ବଜାୟ ରଖିବା ନିଶ୍ଚିତ ଏକ ଶୁଭ ଖବର । ଆଶା କରିବା ମୌସୁମୀ ଆଗକୁ ବଢ଼ିବାର ପ୍ରାକୃତିକ ପରିବେଶ ଅବ୍ୟାହତ ରହିବ ଏବଂ ଆମ ରାଜ୍ୟ ସହିତ ସମଗ୍ର ଦେଶ ଏଥର ମନବୋଧିଆ ବର୍ଷା ପାଇ ଉପକୃତ ହେବ ।

ଯୋଗାଯୋଗ ଠିକଣା
NEWS & INFO
news@thesakala.com
CIRCULATION
circulation@thesakala.com
ADVERTISEMENT
advt@thesakala.com
THE SAKALA
(A Unit of Nandighosha Network Pvt. Ltd.)
At: IDCO Plot No. 90 & 91, Bhagabanpur I/E, BBSR-751019
Ph.: 0674-2954342 | 2955342

ଘୋଷଣା
ଦୈନିକ **‘ସକାଳ’** ଓ ଏହାର ବିଶେଷ ଅଧିପତ୍ର, ପତ୍ରିକା ଆଦିରେ ପ୍ରକାଶିତ ଆଲେଖ୍ୟର ଉଦ୍ଧୃତି, ତଥ୍ୟ, ମତାମତ, ବିଶ୍ଳେଷଣ ସମ୍ପୃକ୍ତ ଲେଖକଙ୍କ ସମ୍ପୂର୍ଣ୍ଣ ନିଜସ୍ୱ । ସେଥିପାଇଁ ‘ସକାଳ’ କର୍ତ୍ତୃପକ୍ଷ ଉତ୍ତରଦାୟୀ ହେବେ ନାହିଁ ।

ଲେଖା ଓ ଲୋକମତ ପାଇଁ: sakalaeditorial@gmail.com

# ସଙ୍କଟରେ ନଦୀ, ବିପଦରେ ପୃଥିବୀ



ଇପ୍ସିତା ମହାନ୍ତି
ବୈପାରୀଗୁଡ଼ା, ମୋ: ୬୩୭୦୬୭୯୪୦୫

ମାନବ ସଭ୍ୟତା ସହ ନଦୀର ସମ୍ପର୍କ ବହୁ ପୁରୁଣା । ପ୍ରାୟ ସମସ୍ତ ପ୍ରାଚୀନ ସଭ୍ୟତା କୌଣସି ନା କୌଣସି ଏକ ନଦୀ ଉପତ୍ୟକାରେ ହିଁ ବିକଶିତ ହୋଇଛି । କିନ୍ତୁ ବର୍ତ୍ତମାନ ଅନେକ ନଦୀ ସଙ୍କଟରେ ପଡ଼ିଛନ୍ତି । ସଙ୍କଟରେ ଥିବା ନଦୀଗୁଡ଼ିକ ଆଗାମୀ ଦିନରେ ସାଧାରଣ ଲୋକଙ୍କ ସହ ଜୀବଜନ୍ତୁଙ୍କ ପାଇଁ ସଙ୍କଟ ସୃଷ୍ଟି କରିପାରନ୍ତି, ଏଥିରେ ଦ୍ୱିମତ ନାହିଁ । ସାଧାରଣତଃ, ଗ୍ରୀଷ୍ମ ଋତୁରେ ଦେଶର ଭିନ୍ନଭିନ୍ନ ସ୍ଥାନରୁ ଖବର ଆସେ ଯେ ଛୋଟ ନଦୀଗୁଡ଼ିକ ଶୁଖି ଗଲାଣି ଏବଂ କିଛି ବଡ଼ନଦୀର ଜଳସ୍ତର ହ୍ରାସ ପାଇ ଚାଲିଛି ।

ଓଡ଼ିଶାର ଜୀବନରେଖା ମହାନଦୀ ଆଜି ବିପର୍ଯ୍ୟସ୍ତ । ଅଧିକାଂଶ ସ୍ଥାନରେ ଏହାର ଶଯ୍ୟା ବର୍ଷା ଦିନେ ବି ଶୁଷ୍କ ରହୁଛି, ଯାହା ପରିବେଶବିତମାନଙ୍କୁ ଚିନ୍ତିତ କରିଛି । ଇତିହାସର ମୂକସାକ୍ଷୀ ସାଜି ଆସିଥିବା ଆମରାଜ୍ୟର ଧଉଳି ପାହାଡ଼ ତଳେ ପ୍ରବାହିତ ଦୟା ନଦୀ ଆଜି ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଛି । ସେହିପରି ଭୁବନେଶ୍ୱର ଉପକଣ୍ଠରେ ପ୍ରବାହିତ ଗଙ୍ଗୁଆ ନଦୀ ଓ କେନ୍ଦ୍ରାପଡ଼ା ସହର ଦେଇ ପ୍ରବାହିତ ଗୋବରୀ ନଦୀ ସହରୀ ଆବର୍ଜନା ନିଷ୍କାସନର ପ୍ରମୁଖ ମାଧ୍ୟମ ସାଜିଛନ୍ତି । କେବଳ ଏହି ନଦୀଗୁଡ଼ିକ ହିଁ ନୁହନ୍ତି; ବିରୂପା, ବ୍ରାହ୍ମଣୀ, ଋଷିକୁଲ୍ୟା ଭଳି ରାଜ୍ୟର ପ୍ରମୁଖ ନଦୀଗୁଡ଼ିକ ଆଜି ବିଭିନ୍ନ କାରଣରୁ ବହୁମାତ୍ରାରେ ପ୍ରଦୂଷିତ ହୋଇ ଚାଲିଛନ୍ତି । ଏସବୁ ନଦୀର ଜଳସ୍ତର ମଧ୍ୟ କ୍ରମାଗତ ଭାବେ କମିବାରେ ଲାଗିଛି । କେତେକ ସ୍ଥାନରେ ଏସବୁ ନଦୀ ଏକ ନାଳର ଭ୍ରମ ସୃଷ୍ଟି କରୁଛି । ପୁଣି ଆଉ କେତେକ ସ୍ଥାନରେ ଏସବୁ ନଦୀଶଯ୍ୟା ଚାରଣଭୂମି ଓ ପିଲାଙ୍କ ଖେଳ ପଡ଼ିଆ ସାଜିଛି ।

ସନାତନ ଧର୍ମରେ ଦେବୀ ତୁଲ୍ୟ ବିବେଚିତ ଗଙ୍ଗା ନଦୀ ବର୍ତ୍ତମାନ ପ୍ରଦୂଷଣ ନାମକ ଦାନବ ବିରୋଧରେ ଅହରହ ସଂଗ୍ରାମ କରୁଛି । ଯମୁନା ନଦୀର ପ୍ରଦୂଷଣ ଚିତ୍ର ଓ ଖବର ଉଦ୍‌ବେଗ ସୃଷ୍ଟି କରିଛି । ଚିରସ୍ରୋତା ଚମ୍ବଲ ନଦୀର ଜଳ ବିଭିନ୍ନ ସ୍ଥାନରେ ପାନୀୟ ଉପଯୋଗୀ ନ ଥିବା ଏକ ପରୀକ୍ଷଣରୁ ଜଣାପଡ଼ିଛି । ସେହିଭଳି ଦକ୍ଷିଣରେ କାବେରୀ ନଦୀର ୪୦ପ୍ରତିଶତ ଜଳ ହ୍ରାସ ପାଇଥିବା ବେଳେ କୃଷ୍ଣା ଏବଂ ଗୋଦାବରୀ ନଦୀର ଜଳ ପୂର୍ବ ଦୁଇଦଶନ୍ଧି ତୁଳନାରେ ଯଥେଷ୍ଟ ମାତ୍ରାରେ ହ୍ରାସ ପାଇଛି । ବିହାରର ମୁଜାଫରପୁର ଜିଲ୍ଲାର ସମସ୍ତ ଷୋହଳଟି ବ୍ଲକ ଦେଇ କୌଣସି ନା କୌଣସି ଏକ ନଦୀ ପ୍ରବାହିତ ହେଉଛି । କିନ୍ତୁ ଏଥିମଧ୍ୟରୁ ଅଧିକାଂଶ ନଦୀ ଆଜି ନିଜ ଦୁର୍ଦ୍ଦଶା ପାଇଁ ଲୁହ ଗଡ଼ାଉଛନ୍ତି । ମିଥିଳା ଦେଇ ବହୁସଂଖ୍ୟକ ନଦୀ ପ୍ରବାହିତ ହେଉଥିବା ହେତୁ ମିଥିଳାକୁ ନଦୀମାନଙ୍କର ମାତୁଳାଳୟ ବୋଲି କୁହାଯାଇଥାଏ । କିନ୍ତୁ ନିଜ ମାଆଙ୍କ ଘରେ ଏହି ନଦୀଗୁଡ଼ିକ ଦୁର୍ଦ୍ଦଶାରେ ପ୍ରବାହିତ ହେଉଛନ୍ତି । ବିହାରର ଗଣ୍ଡୁକି, ଲଖନଦେଇ, ଟିମଦା, ଝଝା, ସିୟାରି, କଦାନେ, ବାୟା, ଡଣ୍ଡା, ମନୁଷମାରା ପରି ନଦୀଗୁଡ଼ିକ ନିଜର ଅସ୍ତିତ୍ୱ ହରାଇସାରିଛନ୍ତି ଅବା ଅସ୍ତିତ୍ୱ ହରାଇବାକୁ ଯାଉଛନ୍ତି । ଗତବର୍ଷ ଗ୍ରୀଷ୍ମକାଳରେ ଝାଡ଼ଖଣ୍ଡର ଶତାଧିକ ନଦୀ ଶୁଖିଯିବାର ଖବର ଆସିଥିଲା । ପାଲାମୁ ଜିଲ୍ଲାରେ କୋୟଲ, ସଦାବହ ଏବଂ ଅମାନତ ନଦୀ ନିଜ ଅସ୍ତିତ୍ୱ ପାଇଁ ସଂଘର୍ଷ କରୁଥିବା ଦେଖାଯାଇଛି । ଗୁମଲା ଜିଲ୍ଲାର ନଦୀ ପ୍ରବାହ ଅଞ୍ଚଳରେ ସ୍ଥାନୀୟ ପିଲା କ୍ରିକେଟ୍ ଖେଳୁଥିବା ଦେଖିବାକୁ ମିଳୁଛି । ଦକ୍ଷିଣ-ପୂର୍ବ ରାଜସ୍ଥାନ ଅନ୍ତର୍ଗତ କୋଟା ଜିଲ୍ଲାର ସାଙ୍ଗୋଦ ଅଞ୍ଚଳରେ ପ୍ରବାହିତ ଉଜାଡ଼ ନଦୀ ନଭେମ୍ବର(କାର୍ତ୍ତିକ ମାସ) ମାସରେ ହିଁ ଶୁଖି ଯାଇଥିବାର ଖବର ମିଳିଛି । ଉଜାଡ଼ ହେଉଛି ଚମ୍ବଲର ଏକ ଉପନଦୀ, ଯାହା ନିକଟବର୍ତ୍ତୀ ଅଞ୍ଚଳର ଅନେକ ଗ୍ରାମ ପାଇଁ ଜୀବନରେଖା ଥିଲା ।



ଦେଶରେ ଏହିଭଳି ଶହଶହ ଉପନଦୀ, ଶାଖାନଦୀ ରହିଛନ୍ତି; ଯେଉଁମାନେ ଅକାଳରେ ନିଜନିଜ ସତ୍ତା ହରାଇ ଜୀବଜଗତ ପାଇଁ ଜଳସଙ୍କଟର ବିପଦ ସୃଷ୍ଟି କରିଛନ୍ତି । ଅଥଚ ଆମେ ଏଯାଏଁ ଏହି ବିପଦକୁ ଗମ୍ଭୀରତାର ସହ ନେଇନାହୁଁ । ଏହି ପରିସ୍ଥିତି ଏଥିପାଇଁ ଚିନ୍ତିତ କରୁଛି ଯେ ଆମ ପାଇଁ ଯେତିକି ପରିମାଣର ଜଳ ଆବଶ୍ୟକ ହୋଇଥାଏ ତାହାର ୬୫ ପ୍ରତିଶତରୁ ଅଧିକ ଜଳ ନଦୀଗୁଡ଼ିକ ଦ୍ୱାରା ପୂରଣ ହୋଇଥାଏ । ପାନୀୟ, ନିତ୍ୟ ବ୍ୟବହାର୍ଯ୍ୟ ଠାରୁ ଆରମ୍ଭ କରି ଜଳସେଚନ, ଶିଳ୍ପ ଉତ୍ପାଦନ ଭଳି ଅନେକଗୁଡ଼ିଏ କାର୍ଯ୍ୟ ପାଇଁ ଜଳ ଆବଶ୍ୟକ ହୋଇଥାଏ । ଏହି କାରଣରୁ ନଦୀରୂପରେ ଯେଉଁ ଦେଶଗୁଡ଼ିକୁ ପ୍ରକୃତିର ବରଦାନ ମିଳିଛି, ସେମାନେ ଅନ୍ତତଃ ନଦୀର ଅସ୍ତିତ୍ୱ ପ୍ରତି ସମ୍ବେଦନଶୀଳ ରହିବା ଆବଶ୍ୟକ । କିନ୍ତୁ ଦୁର୍ଭାଗ୍ୟବଶତଃ ବିକାଶ ରୂପକ ବିପର୍ଯ୍ୟୟ ଆଜି ନଦୀ ପ୍ରତି ଥିବା ଆମ ସମ୍ବେଦନଶୀଳତାକୁ ଅପହରଣ କରିନେଇଛି । ନଦୀଗୁଡ଼ିକ ପ୍ରତି ମନୁଷ୍ୟମାନଙ୍କର ଅସଦାଚରଣ ବଢ଼ି ଚାଲିଛି । ନଦୀଗୁଡ଼ିକୁ ସଂରକ୍ଷଣ କରିବା ପରିବର୍ତ୍ତେ ଆମେ ସେମାନଙ୍କ ପ୍ରବାହିତ ଅଞ୍ଚଳରେ ବସତି ସ୍ଥାପନ କରିବା ଆରମ୍ଭ କରିଦେଲୁ । ପ୍ରବାହିତ ନଦୀ ଉପରେ ବନ୍ଧ ନିର୍ମାଣ କରିବା ଆମ ପାଇଁ ଯଦିଓ ଏକ ଆବଶ୍ୟକତା ଥିଲା, କିନ୍ତୁ ନଦୀକୂଳକୁ ଅବୈଧ ଦଖଲ କରିବା, ନଦୀ ମଧ୍ୟକୁ ଅବାଧରେ ଅଳିଆ, ଆବର୍ଜନା ଓ ବର୍ଜ୍ୟଜଳ ନିଷ୍କାସିତ କରାଇବା ଉଚିତ ହେଉନାହିଁ । ଗୋଟିଏ ପଟେ ଆମେ ନଦୀମାନଙ୍କୁ ଦେବୀ ଭାବରେ ପୂଜା କରୁଛୁ, ଅଥଚ ଅନ୍ୟପଟେ ସେମାନଙ୍କ ଶୁଦ୍ଧତା ଓ ସ୍ୱଚ୍ଛତା ସହ ଖେଳ ଖେଳି ଚାଲିଛୁ ।

ନଦୀ ସହ ଏପରି ଅସଦାଚରଣ କେବଳ ଭାରତରେ ନୁହେଁ, ବିଶ୍ୱର ଅନେକ ବିକାଶଶୀଳ ଦେଶରେ ଏପରି ଘଟିଚାଲିଛି । ବ୍ରାଜିଲର ରିଓ-ଡି-ଜେନେରିଓ ଅଞ୍ଚଳରେ ପ୍ରବାହିତ ସରାପୁଇ ଓ ସୁପୁଇ ନଦୀ ଏତେ ଆବର୍ଜନାରେ ପରିପୂର୍ଣ୍ଣ ଯେ ଏହା ଉପରେ ପାଦରେ ଚାଲି ଯେ କେହି ବି ଅନାୟସରେ ଯାଇପାରିବ । ଦକ୍ଷିଣ ଆମେରିକୀୟ ଦେଶ ପାରାଗୁଏକୁ ମଧ୍ୟ ନଦୀ ବିଲୁପ୍ତିର ଭୟ ଘାରିଛି । ୨୦୨୦ର ଅକ୍ଟୋବର ମାସରେ ଏହି ନଦୀର ଜଳସ୍ତର ମାତ୍ର ୨୫ ସେଣ୍ଟିମିଟରକୁ ହ୍ରାସ ପାଇଥିଲା । ରାଜଧାନୀ ଅସୁନସିୟୋନ୍ ଆଖପାଖରେ ଥିବା ନଦୀ ଅଞ୍ଚଳ ଶୁଖି ଯାଇଥିବା ଖବରକୁ ନିକଟରେ ଆମେରିକୀୟ ଅନ୍ତରୀକ୍ଷ ଗବେଷଣା ସଂସ୍ଥା- ନାସା ଏକ ଚିତ୍ର ମାଧ୍ୟମରେ ପ୍ରକାଶ କରିଥିଲା । ପାରାଗୁଏର ନିର୍ମାଣ ବିଭାଗର ନିର୍ଦ୍ଦେଶକ ଜର୍ଜ ବେଗାର୍ରାଙ୍କ କହିବା ଅନୁସାରେ, ନଦୀର ଶୁଷ୍କତା ଦେଶର ଅର୍ଥନୀତି ଉପରେ ସିଧାସଳଖ ପ୍ରଭାବ ପକାଉଛି । ତେଣୁ ପ୍ରଥମ ଥର ପାଇଁ ସେ ଦେଶର ଜିଡିପି ହ୍ରାସ ପାଇଛି ।

ସମ୍ପ୍ରତି ନଦୀମାନଙ୍କରେ ଜଳସ୍ତର ହ୍ରାସ ପାଇଥିବାରୁ ମାଛଙ୍କ ସଂଖ୍ୟା କମିଛି । ନଦୀ ଉପରେ ନିର୍ଭର କରି ଆବାହମାନ କାଳରୁ କୁଟୁମ୍ବ ପୋଷି ଆସୁଥିବା ହଜାର ହଜାର କୈବର୍ତ୍ତ୍ୟ ପରିବାର ଏବେ ଭୋକ ଉପାସରେ କାଳ କାଟୁଛନ୍ତି । ଜଳସ୍ତର ହ୍ରାସ ଯୋଗୁଁ ଜଳସେଚନରେ ସମସ୍ୟା ଉପୁଜୁଛି । ଏହାର ପ୍ରଭାବ ସିଧାସଳଖ କୃଷିକାର୍ଯ୍ୟ ଉପରେ ପଡ଼ିଛି । ନଦୀର ଶୁଷ୍କତା ଦୁର୍ଗମ ଅଞ୍ଚଳର ପାନୀୟ ଜଳ ଯୋଗାଣ ଉପରେ ପ୍ରଭାବ ପକାଇ ଥିବା ବେଳେ ଜଳ ବିନା ନଦୀର କୁମ୍ଭୀରମାନେ ଜନବସତି ମୁହାଁ ହେଉଥିବା ଦେଖାଯାଉଛି ।

କୌଣସି ନଦୀ ସଂକୁଚିତ ହେବା କିମ୍ବା ନିଜ ଅସ୍ତିତ୍ୱ ହରାଇବାର କାରଣ କ’ଣ ହୋଇପାରେ? ଏଭଳି ପରିସ୍ଥିତିକୁ ଦେଖି ଆସିଥିବା ସେହି ଅଞ୍ଚଳବାସୀ ହିଁ ଏହା ଉପରେ ସଠିକ ତଥ୍ୟ ପ୍ରଦାନ କରିପାରିବେ । ନଦୀର ମହତ୍ତ୍ୱକୁ ରାଜସ୍ଥାନର ମରୁଭୂମି ଅଞ୍ଚଳ ଅପେକ୍ଷା ଅନ୍ୟ କେଉଁଠାରେ ଅଧିକ ଭଲ ଭାବେ ବୁଝିହେବ ନାହିଁ । ପୁରାଣବର୍ଣ୍ଣିତ ସରସ୍ୱତୀ ନଦୀ ଦିନେ ଏହି ଅଞ୍ଚଳ ଦେଇ ପ୍ରବାହିତ ହେଉଥିଲା ବୋଲି କୁହାଯାଇଛି । ତଥ୍ୟ ଅନୁଯାୟୀ ପ୍ରାୟ ଦେଢ଼ଶହ ବର୍ଷ ପୂର୍ବେ ରାଜସ୍ଥାନର ବିକାନେର ସହର ନିକଟସ୍ଥ ନାଲ ଗାଁ ଦେଇ ଏକ ନଦୀ ପ୍ରବାହିତ ହେଉଥିଲା । କିନ୍ତୁ ଉକ୍ତ ନଦୀଟି ଏହି ଅଞ୍ଚଳରୁ ଧୀରେଧୀରେ ଅଦୃଶ୍ୟ ହୋଇଗଲା । ଜର୍ମାନୀର ମ୍ୟାକ୍ସ ପ୍ଲାଙ୍କ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଅଫ୍ ହ୍ୟୁମାନ ହିଷ୍ଟ୍ରି, ତାମିଲନାଡୁର ଆନ୍ନା ୟୁନିଭରସିଟି ଏବଂ କୋଲକାତାର ଇଣ୍ଡିଆନ୍ ଇନଷ୍ଟିଚ୍ୟୁଟ୍ ଅଫ୍ ସାଇନ୍ସ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଜେର୍) ଭଳି ଅନୁଷ୍ଠାନ ସହ ଜଡ଼ିତ ବିଶେଷଜ୍ଞଗଣ ଏହି ଅନୁସନ୍ଧାନ କରିଥିଲେ । ସେହିଭଳି ରାଜସ୍ଥାନର ସିକର ଜିଲ୍ଲାର ସାଇବର ପାହାଡ଼ରୁ ଉତ୍ପତ୍ତି ହୋଇଥିବା ସାହବୀ ନଦୀର ଶତାଧିକ ଉପନଦୀ ରହିଥିଲା । ଏହା ଉପରେ ନିର୍ମିତ ମାସନି ନାମକ ନଦୀବନ୍ଧକୁ ଦେଖି ଏହାର ସ୍ରୋତ ଓ ଜଳର ପରିମାଣ କିଭଳି ଥିବ ତାହା ଅନୁମାନ କରାଯାଇପାରେ । ମାତ୍ର ଏହି ନଦୀ ଆଜି ନିଜ ଅସ୍ତିତ୍ୱ ବଞ୍ଚାଇବା ପାଇଁ ସଂଘର୍ଷ କରୁଛି । ସୋତା, କୃଷ୍ଣାବତୀ, ଦୋହନ ଆଦି ନଦୀ ଏହି ନଦୀର ଉପନଦୀ ଥିଲେ । ପୌରାଣିକ ମତରେ ଏହାକୁ ଦୃଷ୍ଟାବତୀ ନଦୀ ଭାବେ ଚିହ୍ନଟ କରିଛନ୍ତି ।

ତଥ୍ୟ ଅନୁଯାୟୀ ଆମଦେଶର ବହୁ ଛୋଟ ନଦୀଗୁଡ଼ିକର ଶଯ୍ୟା ଲୋକଙ୍କ ଦ୍ୱାରା ଅଧିକୃତ ହୋଇସାରିଥିବା ବେଳେ ମଧ୍ୟମ ଧରଣର ପ୍ରାୟ ୨ଶହ ୬୫ଟି ନଦୀ ବିପଦରେ ରହିଛି । ପ୍ରମୁଖ ନଦୀଗୁଡ଼ିକ ମାତ୍ରାଧିକ ପ୍ରଦୂଷଣର ଶିକାର ହୋଇଚାଲିଛନ୍ତି । ବହୁ ପ୍ରତୀକ୍ଷିତ ନଦୀ ସଂଯୋଗୀକରଣ ଯୋଜନା ଏପର୍ଯ୍ୟନ୍ତ ବାସ୍ତବ ରୂପ ନେଇ ପାରିନାହିଁ । ନଦୀ କୂଳରେ ବୃକ୍ଷରୋପଣ କାର୍ଯ୍ୟକ୍ରମ ମଧ୍ୟ ସଠିକ୍ ଢଙ୍ଗରେ କାର୍ଯ୍ୟକାରୀ ହୋଇପାରିନାହିଁ । ନଦୀମାନଙ୍କର ସୁରକ୍ଷା ଓ ଜଳ ପ୍ରଦୂଷଣକୁ ରୋକିବା ପାଇଁ ଦେଶରେ ‘ନମାମି ଗଙ୍ଗେ’ଠାରୁ ଆରମ୍ଭ କରି ‘ଗ୍ରୀନ୍ ମହାନଦୀ ମିସନ୍’ ପର୍ଯ୍ୟନ୍ତ ଅନେକଗୁଡ଼ିଏ କାର୍ଯ୍ୟକ୍ରମରେ କୋଟିକୋଟି ଟଙ୍କା ଖର୍ଚ୍ଚ ହେଉଛି । ଏଥିରୁ କିନ୍ତୁ ଆଖିଦୃଶିଆ ସଫଳତା ମିଳିପାରିନାହିଁ । ବିଭିନ୍ନ ସମୟରେ ଆମଦେଶର ନଦୀଗୁଡ଼ିକ ଯଦିଓ ରାଜନୈତିକ ପ୍ରସଙ୍ଗ ପାଲଟି ପାରିଛନ୍ତି, କିନ୍ତୁ ଦୃଢ଼ ରାଜନୈତିକ ଇଚ୍ଛାଶକ୍ତିର ଅଭାବ ଯୋଗୁଁ ଏହି ପରିସ୍ଥିତିରେ ସୁଧାର ଆସିପାରିନାହିଁ । ଏଭଳି ସ୍ଥିତିରେ ନଦୀମାନଙ୍କ ପ୍ରତି ସମ୍ବେଦନଶୀଳ ହେବା କେବଳ ଆମ ପାଇଁ ସମୟର ଆବଶ୍ୟକତା ନୁହେଁ, ବରଂ ଆହ୍ୱାନ ମଧ୍ୟ । ଅନ୍ୟଥା ସମଗ୍ର ମାନବସଭ୍ୟତା ପାଇଁ ଭବିଷ୍ୟତ ଅତ୍ୟନ୍ତ ଜଟିଳ ହେବ ।

# ଉତ୍କଳର ଉତ୍କୃଷ୍ଟ ଲୋକକଳା

ପଣ୍ଡିତ ଦୈତ୍ୟାରି ମହାପାତ୍ର
ସୁବର୍ଣ୍ଣପୁର, ମୋ: ୮୭୬୩୫୪୮୨୦୨

ଗୋଟିଏ ଅଞ୍ଚଳବାସୀଙ୍କ ହୃଦୟ ଓ ମନକୁ ଜିଣିବା ପାଇଁ ଯେଉଁ ନୃତ୍ୟର ସୃଷ୍ଟି ତାହାକୁ ଲୋକନୃତ୍ୟ କୁହାଯାଏ । ନୃତ୍ୟ, ସଙ୍ଗୀତ ଓ ନାଟକର ଆଧାର ‘ଗାନ୍ଧର୍ବବିଦ୍ୟା’କୁ ‘ପଞ୍ଚମ ବେଦ’ର ମାନ୍ୟତା ଦିଆଯାଇଛି । ଏହାର ଅନୁସରଣରେ ବହୁ ପ୍ରାଚୀନ କାଳରୁ କଳିଙ୍ଗରେ ନୃତ୍ୟ ଓ ସଙ୍ଗୀତ ବିକାଶ ଲାଭ କରିଛି । ଐତିହାସିକଙ୍କ ମତରେ ଖ୍ରୀ.ପୂ. ଦ୍ୱିତୀୟ ଓ ତୃତୀୟ ଶତାବ୍ଦୀରୁ ଓଡ଼ିଶାରେ ଲୋକନୃତ୍ୟ ଆରମ୍ଭ ହୋଇଥିଲା । ପ୍ରାକ୍-ଐତିହାସିକ ଯୁଗରେ ଆଦିବାସୀମାନେ ଯେଉଁ ନୃତ୍ୟ ଓ ସଙ୍ଗୀତ ପରିବେଷଣ କରି ସାମାଜିକ ଜୀବନରେ ବିମୋହିତ କରୁଥିଲେ ତାହା ପରବର୍ତ୍ତୀ ଯୁଗରେ ପରିମାର୍ଜିତ ହୋଇ ‘ଲୋକନୃତ୍ୟ’ ଭାବରେ ନାମିତ ହେଲା । ଭିନ୍ନ ଭିନ୍ନ ଅଞ୍ଚଳବାସୀ ଲୋକନୃତ୍ୟକୁ ଭିନ୍ନ ଭିନ୍ନ ନାମରେ ନାମିତ କଲେ ।

ଲୋକନୃତ୍ୟ ପଛରେ ଅନେକ କାରଣ ଥାଇପାରେ । ମାତ୍ର ଗୋଷ୍ଠୀଗତ ଜାଗରଣ ପାଇଁ ଆରାଧ୍ୟ ଦେବଦେବୀଙ୍କୁ ପୂଜା ଆରାଧନା ନିମନ୍ତେ ଲୋକନୃତ୍ୟ ଆରମ୍ଭ ହୋଇଥିଲା ବୋଲି ଅନୁମାନ କରାଯାଏ । ମୂଳତଃ ନିଜସ୍ୱ କଳାତ୍ମକ ଅଭିବ୍ୟକ୍ତିରେ ଲୋକମାନଙ୍କୁ ବିଭୋର କରାଇବା ହେଉଛି ଏହାର ଲକ୍ଷ୍ୟ । ‘ଲୋକ’ ଶବ୍ଦର ଅର୍ଥ ସାଧାରଣ ଜନତା । ଲୋକମାନଙ୍କର, ଲୋକମାନଙ୍କ ଦ୍ୱାରା ଏବଂ ଲୋକମାନଙ୍କ ପାଇଁ ପରିବେଶିତ ନୃତ୍ୟକୁ ‘ଲୋକନୃତ୍ୟ’ ଏବଂ ଅଭିନୟକୁ ‘ଲୋକନାଟକ’ କୁହାଯାଏ । “ନର୍ତ୍ତନଂ ପାପ କର୍ତ୍ତନଂ” । ଅର୍ଥାତ୍ ସାଂସ୍କୃତିକ ଜୀବନରେ ନୃତ୍ୟ ଓ ସଙ୍ଗୀତକୁ ସାଧନାର ସ୍ୱୀକୃତି ବା ମାର୍ଗ ରୂପେ ବିବେଚନା କରାଯାଏ । ନତୁବା ପାପ ବିନାଶନ ବା ପୁଣ୍ୟ ବର୍ଦ୍ଧନର ସୋପାନ ଭାବେ ବିବେଚନା କରାଯାଏ । ଏହି ଲୋକନୃତ୍ୟ ବିଶେଷତଃ ବର୍ଷାର ଆହ୍ୱାନ, ଶିକାରର ସାଫଲ୍ୟ, ଶସ୍ୟ ଉତ୍ପାଦନ ଓ ସୁରକ୍ଷା ନିମନ୍ତେ ପ୍ରକୃତି ପୂଜନ, ଯଜ୍ଞ ଦ୍ୱାରା ଦେବଦେବୀଙ୍କୁ ଆହ୍ୱାନ, ପ୍ରେମ, ବିବାହ ଓ ମିଳନ ଉତ୍ସବ ତଥା ସୂର୍ଯ୍ୟ, ଚନ୍ଦ୍ର, ପୃଥିବୀ, ବାୟୁ, ଅଗ୍ନି ଓ ଷଡ଼ଋତୁଙ୍କର ପୂଜାର୍ଚ୍ଚନା ପାଇଁ ଲୋକନୃତ୍ୟ ହିଁ ବାସ୍ତବ ରୂପେ ପ୍ରଚଳିତ ।

ବିଷାଦମୟ ଜୀବନରୁ ମୁକ୍ତି ପାଇବା ଓ ଦୈନନ୍ଦିନ ଜୀବନକୁ ସୁଖମୟ କରିବା ପାଇଁ ଲୋକକଳା, ଲୋକନୃତ୍ୟ, ଲୋକସଙ୍ଗୀତ, ଲୋକନାଟକ ଆଦିର ଭୂମିକା ସ୍ୱତନ୍ତ୍ର । ଏହି ଲୋକନୃତ୍ୟର ମାଧ୍ୟମରେ ନବରସ ପରିବେଷଣରେ ଦର୍ଶକ ଉଦ୍‌ବୁଦ୍ଧ ହୋଇଥା’ନ୍ତି । ଏହା ମାଧ୍ୟମରେ ଅନ୍ତର୍ନିହିତ ଜ୍ଞାନ ଜାଗ୍ରତ ହେବା ସହିତ ନିଜେ ସୁଖ, ଶାନ୍ତି ପାଇ ଅନ୍ୟକୁ ଶାନ୍ତି ବିକିରଣ କରାଯାଇଥାଏ । ଗ୍ରାମ୍ୟ ଜୀବନରେ ମାଦଳର ତାଳେତାଳେ ରୁଣୁଝୁଣୁ ନୂପୁରର ଚଳଚଞ୍ଚଳ ଛନ୍ଦରେ ଲଳନାର ମନଖୋଲା ସଙ୍ଗୀତ



ମୂର୍ଚ୍ଛନାରେ ଉଦ୍ଦାମ, ଉନ୍ମୁକ୍ତ, ବୀରତ୍ୱ ପ୍ରଦର୍ଶନରେ ଯୁବକଯୁବତୀଙ୍କ ସମ୍ମିଳିତ ସଙ୍ଗୀତ ନୃତ୍ୟରେ, ଚଷା ଭାଇର କୃଷିକ୍ଷେତ୍ରର ସଙ୍ଗୀତ ମୂର୍ଚ୍ଛନାରେ, ଲୋକନୃତ୍ୟ ବା ଲୋକକଳା ପରିସ୍ଫୁଟିତ ହୋଇଥାଏ । ଏହାଦ୍ୱାରା ବ୍ୟକ୍ତି ନିଜର ଶ୍ରମ ଜନିତ ଦୁଃଖକୁ ଲାଘବ କରିବା ସହିତ ମାନସିକ ଚାପରୁ ଦୂରେଇ ରହିପାରେ । ତେଣୁ ଯୁଗ ଯୁଗ ଧରି ଲୋକକଳା, ଲୋକନୃତ୍ୟ, ଲୋକନାଟକ ଏବଂ ଲୋକସଙ୍ଗୀତକୁ ପ୍ରାଧାନ୍ୟ ଦିଆଯାଇଛି ।

ଉତ୍କଳରେ ଲୋକନୃତ୍ୟ ଓ ଲୋକନାଟକର ପରମ୍ପରା ଐର ଖାରବେଳଙ୍କ ଶାସନକାଳରୁ ପ୍ରଚଳିତ ହୋଇ ଆସୁଥିବାର ବିଭିନ୍ନ ଶିଳାଲିପିରୁ ପ୍ରମାଣ ମିଳିଛି । ଶୈବ ଓ ଶାକ୍ତ ଧର୍ମର ଅୟମାରମ୍ଭରୁ, ମହେଞ୍ଜୋଦାରୋ ହରପ୍ପା ସଭ୍ୟତାରୁ, ସିନ୍ଧୁ ସଭ୍ୟତା ଉପକୂଳରୁ ଲୋକକଳାର ନିଦର୍ଶନ ଦେଖିବାକୁ ମିଳେ । ଶୈବ ଧର୍ମର କ୍ରମବିକାଶ ଫଳରେ ନଟରାଜ ଶିବଙ୍କର ନୃତ୍ୟ ଅନୁକରଣରେ ଲୋକନୃତ୍ୟ ସୃଷ୍ଟି ବୋଲି ଗବେଷକମାନେ ମତ ଦିଅନ୍ତି, ଯାହା ରାଜରାଜୁଡ଼ା ସମୟରେ ଆହୁରି ଉନ୍ନତ ଓ ବିକଶିତ ହୋଇଥିଲା । ଗଙ୍ଗବଂଶୀୟ ରାଜତ୍ୱ କାଳରେ ଓଡ଼ିଶାରେ ଦେବଦାସୀ ନୃତ୍ୟ ପ୍ରଚଳିତ ଥିଲା । ଶ୍ରୀଜଗନ୍ନାଥ ମନ୍ଦିରର ଇତିହାସ ଓ କିମ୍ବଦନ୍ତୀ ଅନୁଯାୟୀ ଦେବଦାସୀ ଓ ମାହାରୀ ନୃତ୍ୟ ବହୁ ପ୍ରାଚୀନକାଳରୁ ପ୍ରଚଳିତ ହୋଇଆସୁଛି । ସେହି ଲୋକନୃତ୍ୟକୁ ଆଧାର କରି ଆମର ପ୍ରତିଷ୍ଠିତ ଶିଳ୍ପୀମାନେ ତୂଳୀରେ ଚିତ୍ରକଳାକୁ ବିଭିନ୍ନ ରୂପ ଦେଇଥା’ନ୍ତି । ଲୋକନୃତ୍ୟ ସମ୍ପର୍କରେ ଶିଳାଲେଖରେ ସ୍ୱତନ୍ତ୍ରଭାବେ ବର୍ଣ୍ଣନା କରାଯାଇଛି । ତନ୍ମଧ୍ୟରୁ ଗୋଟିଏ ଉଦାହରଣ ନିମ୍ନରେ ଦିଆଗଲା ।

“ସ୍ୱସ୍ତୀ” ଶ୍ରୀମଦ୍‌କଳିଙ୍ଗ ନଗରାତ୍ ପ ର ମ ମ ା ହେ ଶ୍ୱ ର - ପ ର ମ ଭ ଟ୍ଟ ା ର କ ମହାରାଜାଧିରାଜ ତ୍ରିକଳିଙ୍ଗାଧିପତି ଶ୍ରୀମଦ୍ ଅନନ୍ତବର୍ମନ୍‌ଚୋଡ଼ଗଙ୍ଗଦେବ କୁଶଳୀ ସମସ୍ତା ମାତ୍ୟପ୍ରମୁଖ ଯାନ ପ୍ରଦାନା ଦ୍ୱୟ ସମାଜ୍ଞା ପୟତି ବିଦିତ ନିସ୍ତୁ ଭବତାଂ ପୂର୍ଣ୍ଣ କୋଟିସ୍ଥାନ ନିବାସୀ ଆଦ୍ୟକୂଳ ସମ୍ଭୂତ କଳିକାଳ ନାୟକ ଗୋତ୍ର୍ୟ ଗୁଣ୍ଡଂ ପୋତୟ ନାମାନୋ ନୃତ୍ୟଗୁରୋ ପୁତ୍ରିଭ୍ୟାଂ ଚ ଭାତ୍ରୁଭ୍ୟାଂ ଯାବଦାଚନ୍ଦ୍ର ତାରକମସ୍ମ ବିଦର୍ତ ନୀତି ଅସ୍ମାଦବଂଶୀୟଭୂପାଳଙ୍ଗ ପରିପାଲ୍ୟ ମିଦଂ ସଦା ସୂଦତାଂ ପରଦାତାଂ ପାଳନେ ତୁ ମହତ୍‌ଫଳମ୍ ।

କଳିଙ୍ଗନଗରର ମୁଖଲିଙ୍ଗ ହେଉଛନ୍ତି ମଧୁକେଶ୍ୱର । ତାଙ୍କରି ସେବା ନିମନ୍ତେ ଗଙ୍ଗବଂଶୀୟ ମହାରାଜା ଚୋଡ଼ଗଙ୍ଗଦେବ ଦେବଦାସୀ ପ୍ରଥା ଏବଂ ନୃତ୍ୟସଙ୍ଗୀତର ପରିବେଷଣ ପାଇଁ ଯେଉଁ ଆଦେଶନାମା ପ୍ରଚଳନ କରିଥିଲେ ତାହା ସେହି ମନ୍ଦିରରେ ସଂସ୍କୃତ ଭାଷାରେ ଶିଳାଲେଖରେ ବର୍ଣ୍ଣିତ ହୋଇଛି । ଏହି ଶିଳାଲେଖ ଅନୁଯାୟୀ ତ୍ରିକଳିଙ୍ଗ ପ୍ରସିଦ୍ଧ ଦୁଇଜଣ ଦେବଦାସୀ, ଯାହାଙ୍କୁ ଦେବଗଣୀକା ବୋଲି କୁହାଯାଏ ଏବଂ ବାଦକକୁ ଭୂମିଦାନ ପୂର୍ବକ ସେବାର ଅୟମାରମ୍ଭ ପରିଲକ୍ଷିତ ହୁଏ । ଏହାକୁ ଭିତ୍ତିକରି ଓଡ଼ିଶାର ପ୍ରାଚୀନ ମନ୍ଦିରମାନଙ୍କରେ ବିଭିନ୍ନ କାରୁକାର୍ଯ୍ୟ ଦେଖାଦେଇଥାଏ ।

ଲୋକନୃତ୍ୟ କହିଲେ ଆମ ଉତ୍କଳରେ ପ୍ରଚଳିତ ସୁଆଙ୍ଗ, ରାସ, ରାମଲୀଳା, କୃଷ୍ଣଲୀଳା, ରାଧାପ୍ରେମଲୀଳା, ଓଡ଼ିଶୀଲୀଳା, ରାସଲୀଳା, ଭାରତଲୀଳା, ଦୂଆରୀ ନାଚ, ଦଣ୍ଡନାଚ, ଚଇତି ଘୋଡ଼ାନାଚ, ଦେଶିଆ ନାଚ, ଢଣକରଲା, ଡାଲଖାଇ, ବାଡ଼ି ଭୂତଲ, ବାୟକନାଟ, କରମା, ରଶରକେଲୀ, ଘୁମ୍‌ରା, ସାର୍‌ହୁଲ୍, ରଣପ୍ପା, ସବର ସବରୁଣୀ ନାଚ, ଚଢ଼େୟା ଚଢ଼େୟାଣୀ ନାଚ, ଜାଜୁର ନୃତ୍ୟ, କେଳା କେଲୁଣୀ ନାଚ, ପ୍ରହଲ୍ଲାଦ ନାଟକ, ଯାତ୍ରା ଅଭିନୟ, ଗୀତିନାଟ୍ୟ, ପାଲା, ଦାସକାଠିଆ, ସାରହୁଲ ନୃତ୍ୟ, ଜାର୍‌ଘା ଖାଡ଼ିଆ, ବାଙ୍ଗଶ ରାଣୀ, ପାଏଁକି ନୃତ୍ୟ, ଝୁମ୍‌ରା ନୃତ୍ୟ, ଆଲନା, ଚାଲି ବେଚ୍‌ନା, ଭାଦାନ ନୃତ୍ୟ, ମାଠା ନାଚ, କୈୟା ନୃତ୍ୟ, ଯୋଗୀ ଯୋଗୀଆଣୀ ନାଚ, ଓରାଅଁ ନୃତ୍ୟ, ପାଣୀ ଦଣ୍ଡ, ଅଗ୍ନି ଦଣ୍ଡ, ପାଟୁଆ ନାଚ, ଘଣ୍ଟପାଟୁଆ, ସାହିଯାତ୍ରା, ମେଢ଼ ନୃତ୍ୟ, ନାଗା ନୃତ୍ୟ, ଛଉ ନୃତ୍ୟ, ମୋଗଲତାମ୍‌ସା, ଘଣ୍ଟ ମର୍ଦ୍ଦଳ, ସଂଚାର, ନାଗାନୃତ୍ୟ, ପୁରୁଲିଆ ଆଦି ନୃତ୍ୟ ଅନ୍ୟତମ ।

ପ୍ରତ୍ୟେକ ଲୋକନୃତ୍ୟରେ ସଙ୍ଗୀତ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଥାଏ । ବହୁ ଲୋକନୃତ୍ୟରେ ଲୋକସଙ୍ଗୀତ, ଲୋକକଳା ପୂର୍ବକ କଳାକାରମାନଙ୍କର ବିଭିନ୍ନ ବେଶ ପରିପାଟିରେ ନୃତ୍ୟ ଅଭିନୟ ଅଙ୍ଗଭଙ୍ଗୀ, ଚକ୍ଷୁ ଭାବଭଙ୍ଗୀ ପ୍ରଦର୍ଶନ, ହସ୍ତ ଓ ପଦ ଚାଳନା ଆଦି ଦେଖିବାକୁ ମିଳିଥାଏ । ମୋଟ୍ ଉପରେ କହିବାକୁ ଗଲେ ସାଧାରଣତଃ ଜନଜୀବନରେ ଚିରାଚରିତ ସାମାଜିକ ପ୍ରଥା, ପରମ୍ପରା, ଧର୍ମଧାରଣା ଓ ରୀତିନୀତିକୁ ସମ୍ବଳ କରି ସହଜ, ସରଳ ଏବଂ ସାବଲୀଳ ଭାବରେ ପରିବେଷଣ କରାଯାଉଥିବା ନୃତ୍ୟ ହିଁ ଲୋକନୃତ୍ୟ । ସମଗ୍ର ବିଶ୍ୱକୁ ଓଡ଼ିଶାର ଲୋକକଳା, ଲୋକନାଟକ, ଲୋକସଙ୍ଗୀତ ନୃତ୍ୟ ଏକ ନୂତନ ଦିଗ ଦେଖାଇଛି କହିଲେ ଅତ୍ୟୁକ୍ତି ହେବନାହିଁ ।

## ସାଂସଦ-ବିଧାୟକ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ଅନୁପାତ ପରିବର୍ତ୍ତନକୁ ବିରୋଧ

# ନିର୍ବାଚନ କମିସନଙ୍କୁ ହାଇକୋର୍ଟଙ୍କ ନୋଟିସ

**କଟକ, ୩୦।୫(ସମିସ):** ନିର୍ବାଚନ ଚାଲୁଥିବା ବେଳେ ମଝିରେ ସାଂସଦ-ବିଧାୟକ ପ୍ରାର୍ଥୀଙ୍କ ଖର୍ଚ୍ଚ ଅନୁପାତକୁ ପରିବର୍ତ୍ତନ ସମ୍ପର୍କିତ ନିର୍ଦ୍ଦେଶନାମାକୁ ଚାଲେଞ୍ଜ କରି ଦାୟର ମାମଲାକୁ ହାଇକୋର୍ଟ ଶୁଣାଣି ପାଇଁ ଗ୍ରହଣ କରିଛନ୍ତି। ଏହି ପ୍ରସଙ୍ଗରେ ବିଜୁ ଜନତା ଦଳ ପକ୍ଷରୁ ଦାୟର ଆବେଦନର ଶୁଣାଣି କରି ଜଷ୍ଟିସ ସଂଗମ କୁମାର ସାହୁ ଓ ଜଷ୍ଟିସ ଶଶାଙ୍କ କୁମାର ମିଶ୍ରଙ୍କୁ ନେଇ ଗଠିତ ଅବକାଶକାଳୀନ ଖଣ୍ଡପୀଠ ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଜୁନ୨୪ ତାରିଖକୁ ଧାର୍ଯ୍ୟ କରିଛନ୍ତି। ଅନ୍ୟପଟରେ ପ୍ରତିପକ୍ଷଙ୍କୁ ନୋଟିସ ଜାରି କରିଛନ୍ତି ହାଇକୋର୍ଟ। ମାମଲାରୁ ପ୍ରକାଶ ଯେ ୨୦୨୪ ସାଧାରଣ ନିର୍ବାଚନ ଘୋଷଣା ହେବା ବେଳକୁ ପ୍ରାର୍ଥୀଙ୍କ ନିର୍ବାଚନ ଖର୍ଚ୍ଚ ହିସାବ ପ୍ରସଙ୍ଗରେ ଇସିଆଇର ପୁରୁଣା ନିର୍ଦ୍ଦେଶନାମା ବଳବତ୍ତର ରହିଥିଲା। ଏହି ନିର୍ଦ୍ଦେଶନାମା ଅନୁସାରେ ଷ୍ଟାର କ୍ୟାମ୍ପେନରଙ୍କ ମିଟିଂ/ରାଲିର ଖର୍ଚ୍ଚ ଏଥିରେ ଯୋଗ ଦେଇଥିବା ଲୋକସଭା ଓ ବିଧାନସଭା ଆସନ ପ୍ରାର୍ଥୀଙ୍କ ମଧ୍ୟରେ ସମାନ ଭାବେ ହିସାବ କରାଯିବ। ତାରକା ପ୍ରଚାରକଙ୍କ ନିର୍ବାଚନୀ ସଭାରେ ଉଭୟ ସାଂସଦ ଓ ବିଧାୟକ ପ୍ରାର୍ଥୀ ଉପସ୍ଥିତ ଥିବା ବେଳେ ପୂର୍ବରୁ ଉଭୟ ପ୍ରାର୍ଥୀଙ୍କ ଖର୍ଚ୍ଚ ଅନୁପାତ ୫୦-୫୦ ବା ୧-୧ ଥିଲା। ହେଲେ ଏହାକୁ ୭୫-୨୫ ବା ୩-୧ ଖର୍ଚ୍ଚ ଅନୁପାତ କରାଯାଇଥିଲା। ଗତ ମେ' ୨୨ ତାରିଖରେ ଭାରତର ନିର୍ବାଚନ କମିସନ(ଇସିଆଇ) ଓ ମେ' ୨୪ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏ ନେଇ ନିର୍ଦ୍ଦେଶନାମା ଜାରି ହୋଇଥିଲା। ଏହାଦ୍ୱାରା ସାଂସଦ ପ୍ରାର୍ଥୀଙ୍କ ନିର୍ବାଚନୀ ଖର୍ଚ୍ଚ ପୂର୍ବ ଅନୁପାତଠାରୁ ବଢ଼ିଯିବ ବୋଲି ଆଶଙ୍କା ବ୍ୟକ୍ତ କରାଯାଉଛି। ଏହା ବେଆଇନ ଦର୍ଶାଇ ବିଜୁ ଜନତା ଦଳ ଗତ ମେ' ୨୬ରେ ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କୁ ଫେରାଦ ହୋଇଥିଲେ ମଧ୍ୟ କିଛି କାର୍ଯ୍ୟାନୁଷ୍ଠାନ ନହେବାରୁ ହାଇକୋର୍ଟରେ ମାମଲା ଦାୟର ହୋଇଥିଲା। ତେବେ ମାମଲାର ପରବର୍ତ୍ତୀ ଶୁଣାଣି ସୁଦ୍ଧା ଯଦି ନିର୍ବାଚନ କମିସନ କିଛି ପଦକ୍ଷେପ ନେଇଥିବେ ତାହେଲେ ଅଦାଲତକୁ ଅବଗତ କରାଯିବ ବୋଲି ନିର୍ବାଚନ କମିସନଙ୍କ ପକ୍ଷରୁ ମାମଲା ପରିଚାଳନା କରୁଥିବା ଆଇନଜୀବୀ ଗୋପାଳ ଅଗ୍ରୱାଲ ହାଇକୋର୍ଟଙ୍କୁ ଅବଗତ କରାଇଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ମିଲନ କାନୁନଗୋ ମାମଲା ପରିଚାଳନା କରୁଛନ୍ତି।

# ପୁରୀରେ ଆହତଙ୍କୁ ଭେଟିଲେ ପାଣ୍ଡିଆନ

**ପୁରୀ, ୩୦।୫(ସମିସ):** ପୁରୀ ବାଣ ବିସ୍ଫୋରଣରେ ଆହତ ହୋଇ ପୁରୀ ଜିଲ୍ଲା ସଦର ଚିକିତ୍ସାଳୟରେ ଚିକିତ୍ସିତ ହେଉଥିବା ବ୍ୟକ୍ତିଙ୍କୁ ଭେଟିଛନ୍ତି ବିଜୁ ଜନତା ଦଳର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ। ଗୁରୁବାର ସନ୍ଧ୍ୟାରେ ଶ୍ରୀ ପାଣ୍ଡିଆନ ପୁରୀରେ ପହଞ୍ଚି ପ୍ରଥମେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିଥିଲେ। ଏହାପରେ ଜିଲ୍ଲା ସଦର ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚିଥିଲେ। ଉକ୍ତ ଯାତ୍ରାରେ ବାଣ ଫୁଟି ଆହତ ହୋଇଥିବା ବ୍ୟକ୍ତିଙ୍କ ପାଖକୁ ଯାଇ ସେମାନଙ୍କୁ ଚିକିତ୍ସା ବ୍ୟବସ୍ଥା ସମ୍ପର୍କରେ ପଚାରି ବୁଝିଥିଲେ। ଡାକ୍ତରମାନେ ଠିକ୍‌ଠାକ ଚିକିତ୍ସା କରୁଛନ୍ତି ନା କିଛି ସମସ୍ୟା ହେଉଛି, ପଚାରିଥିଲେ। ହେଲେ ଚିକିତ୍ସା ସୁବିଧା ଠିକ୍ ଥିବା ଆହତ ଏବଂ ତାଙ୍କ ସମ୍ପର୍କୀୟ କହିଥିଲେ। ଆହତଙ୍କ ହାତ ଧରି ସେମାନଙ୍କୁ ଅଯଥା ଚିନ୍ତା ନ କରିବା ପାଇଁ ଆଶ୍ୱାସନା ଦେବା ସହ ନିଶ୍ଚିତ ଭଲ ହୋଇ ଶୀଘ୍ର ଘରକୁ ଫେରିବେ ବୋଲି କହିଥିଲେ। ଡାକ୍ତରଙ୍କ ସହ ମଧ୍ୟ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଥିଲେ। ଏହାବ୍ୟତୀତ ଆହତଙ୍କ ସମ୍ପର୍କୀୟଙ୍କୁ ସାନ୍ତ୍ୱନା ଦେଇଥିଲେ ଶ୍ରୀ ପାଣ୍ଡିଆନ। ଏହି ସମୟରେ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ଉପସ୍ଥିତ ଥିଲେ।

# ଅବଶିଷ୍ଟାଂଶ...

## କେରଳ ଛୁଇଁଲା...

ଅଗ୍ରସର ହୋଇଥାଏ ଓ ଜୁଲାଇ ୧୫ ସୁଦ୍ଧା ସମଗ୍ର ଦେଶରେ ଏହା ସକ୍ରିୟ ହୋଇ ବର୍ଷା କରାଇଥାଏ। ମୌସୁମୀ ସାଧାରଣତଃ ଜୁନ୍ ୫ ବେଳକୁ ଉତ୍ତର ପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପହଞ୍ଚିଥାଏ। କିନ୍ତୁ ଏବର୍ଷ ଶକ୍ତିଶାଳୀ ସାମୁଦ୍ରିକ ଘୂର୍ଣ୍ଣିଝଡ଼ 'ରେମଲ' ବଙ୍ଗୋପସାଗରରେ ସକ୍ରିୟ ଥିବା ମୌସୁମୀକୁ ଉତ୍ତରପୂର୍ବ ଭାରତ ଆଡ଼କୁ ଟାଣିନେବାରୁ ମୌସୁମୀ ଏକସଙ୍ଗରେ କେରଳ ଓ ଉତ୍ତର-ପୂର୍ବାଞ୍ଚଳରେ ପହଞ୍ଚିପାରିଛି ଓ ଗତ ଦୁଇ ଦିନଧରି ଉତ୍ତରପୂର୍ବାଞ୍ଚଳ ରାଜ୍ୟଗୁଡ଼ିକରେ ପ୍ରବଳରୁ ଅତିପ୍ରବଳ ବର୍ଷା ଲାଗିରହିଛି ବୋଲି ଭାରତୀୟ ପାଣିପାଗ ବିଭାଗର ମହାନିର୍ଦ୍ଦେଶକ ଡ. ମୃତ୍ୟୁଞ୍ଜୟ ମହାପାତ୍ର କହିଛନ୍ତି। କେରଳରୁ ମୌସୁମୀ ସମଗ୍ର ଭାରତକୁ ପରିବ୍ୟାପ୍ତ ହୋଇଥାଏ ଓ ଗ୍ରୀଷ୍ମର ନିର୍ଦ୍ଦୟ ତାପକୁ ପଛରେ ପକାଇ ବର୍ଷାଋତୁର ଶୁଭାଗମନ ଶୀତଳତାର ସ୍ପର୍ଶ ଦେଇଥାଏ। ଭାରତରେ ଚାଷ ହେଉଥିବା ମୋଟ ଜମିର ୫୧% ବର୍ଷା ଉପରେ ନିର୍ଭର କରିଥାଏ ଓ ସେଥିରୁ ଦେଶର ମୋଟ ଫସଲ ଉତ୍ପାଦନର ୪୦% ମିଳିଥାଏ। ଚଳିତ ବର୍ଷ ସ୍ୱାଭାବିକ ଠାରୁ ଅଧିକ ବର୍ଷା ହେବ ବୋଲି ଆଇଏମଡି ଆକଳନ କରିଥିଲା ବେଳେ ଏହା ଚାଷୀକୁଳ ପାଇଁ ଅନୁକୂଳ ରହିବ ବୋଲି ଆଶା କରାଯାଉଛି।

## ଓଡ଼ିଶାବାସୀ ବାଛିବେ...

ଦାୟିତ୍ୱ ନିର୍ବାହ କରିବି। ମୁଁ ସବୁବେଳେ ଓଡ଼ିଶାବାସୀଙ୍କ ଗହଣରେ ରହି ଆସିଛି। ସେମାନଙ୍କ ସୁଖ ଦୁଃଖରେ ଛିଡ଼ା ହୋଇଛି। ମୁଁ ମୋ ଜୀବନରେ କାହା ପ୍ରତି ସାମାନ୍ୟତମ ବିଦ୍ୱେଷ ଭାବ ରଖି ନାହିଁ। କାହା ପ୍ରତି କଠୋର ଆଚରଣ ପ୍ରଦର୍ଶନ କରିନାହିଁ। ଯେତେବେଳେ ବି କେନ୍ଦ୍ର ସରକାରଙ୍କୁ ସମର୍ଥନ ଦେବା ଆବଶ୍ୟକତା ପଡିଛି ସେତେବେଳେ ଓଡ଼ିଶାର ସ୍ୱାର୍ଥକୁ ସର୍ବାଗ୍ରେ ରଖି ଆମେ ନିଷ୍ପତ୍ତି ନେଇଛୁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି । ସେହିପରି ବିଜେଡିର ଅନ୍ୟ ନେତାଙ୍କ ତୁଳନାରେ ପାଣ୍ଡିଆନ୍‌ଙ୍କୁ ଅଧିକ ଗୁରୁତ୍ୱ ଦିଆଯାଉଛି ବୋଲି ବୋଲି ଏକ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ଦଳରେ ବହୁ ବରିଷ୍ଠ ନେତା ଗୁରୁତ୍ୱପୂର୍ଣ୍ଣ ପଦପଦବୀରେ ଅଛନ୍ତି। ଅନେକ ନେତା ମନ୍ତ୍ରୀ ଅଛନ୍ତି, ଗୁରୁ ଦାୟିତ୍ୱ ସମ୍ପାଦନ କରୁଛନ୍ତି। ଶ୍ରୀ ପାଣ୍ଡିଆନଙ୍କୁ ନେଇ ଯେଉଁ ଆଲୋଚନା ହେଉଛି ତାହା ସମ୍ପୂର୍ଣ୍ଣ ଅସତ୍ୟ ଓ ଅମୂଳକ ବୋଲି ମୁଖ୍ୟମନ୍ତ୍ରୀ ସ୍ପଷ୍ଟ କରିଛନ୍ତି। ସେହିପରି ଭବିଷ୍ୟତରେ ବିଜେଡି ଓ ବିଜେପି ମଧ୍ୟରେ କ'ଣ ସମ୍ପର୍କ ରହିବ ବୋଲି ପ୍ରଶ୍ନରେ ତାହା ଆଗାମୀ ଦିନରେ ସ୍ପଷ୍ଟ ହୋଇଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ବିଜେପି ନେତାମାନେ ଗତ ୧୦ ବର୍ଷ ହେଲା ଦିଲ୍ଲୀରେ ମୋ ସ୍ୱାସ୍ଥ୍ୟକୁ ନେଇ ଗୁଜବ ପ୍ରଚାର କରି ଚାଲିଛନ୍ତି। ସେହି ଗୁଜବକୁ ବିଶ୍ୱାସ କରି ପ୍ରଧାନମନ୍ତ୍ରୀ ମୋ ସ୍ୱାସ୍ଥ୍ୟ ସମ୍ପର୍କରେ ଏପରି ମନ୍ତବ୍ୟ ଦେଉଛନ୍ତି। ଗତକାଲି ତିନିଟି ନିର୍ବାଚନୀ ସଭାରେ ମୋ ସ୍ୱାସ୍ଥ୍ୟ ଖରାପ ଅଛି ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ମୁଁ ତାଙ୍କୁ କହି ରଖିବାକୁ ଚାହେଁ ଯେ ସେ ମୋର ଜଣେ ଉତ୍ତମ ବନ୍ଧୁ। ଯଦି ପ୍ରକୃତରେ ସେ ମୋ ସ୍ୱାସ୍ଥ୍ୟକୁ ନେଇ ଏତେ ଚିନ୍ତିତ, ତା ହେଲେ ସେ କେବଳ ଗୋଟିଏ ଫୋନ୍ କଲ୍‌ରେ ମୋଠାରୁ ଏ ବିଷୟରେ ଅନୁସନ୍ଧାନ କରିପାରିଥାନ୍ତେ। ଏପରି ନ କରି ନିର୍ବାଚନୀ ସଭାରେ ମୋ ସ୍ୱାସ୍ଥ୍ୟକୁ ନେଇ ଏକାଧିକ ବାର ଟିପ୍ପଣୀ ଦେଉଛନ୍ତି। ମୁଁ ସମ୍ପୂର୍ଣ୍ଣ ରୂପେ ସୁସ୍ଥ ଅଛି ଏବଂ ଏତେ ଗରମରେ ମାସେରୁ ଅଧିକ ସମୟ ହେଲା ରାଜ୍ୟଯାକ ବୁଲି ବୁଲି ନିର୍ବାଚନ ପ୍ରଚାର କରୁଛି; କିନ୍ତୁ ପ୍ରଧାନମନ୍ତ୍ରୀ ଜନସଭାରେ ମୋ ସ୍ୱାସ୍ଥ୍ୟକୁ ନେଇ ଟିପ୍ପଣୀ କରୁଛନ୍ତି । କେବଳ ଭୋଟ ପାଇବା ଆଶାରେ ପ୍ରଧାନମନ୍ତ୍ରୀ ଏପରି କରୁଛନ୍ତି ବୋଲି କ୍ଷୋଭର ସହ କହିଛନ୍ତି ମୁଖ୍ୟମନ୍ତ୍ରୀ । ସେହିପରି ଆସାମ ମୁଖ୍ୟମନ୍ତ୍ରୀଙ୍କ ଟିପ୍ପଣୀ ଉପରେ ଜବାବ୍ ରଖି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶାକୁ ଆସୁଥିବା ପ୍ରତ୍ୟେକ ବ୍ୟକ୍ତି ଆମର ଅତିଥି; କିନ୍ତୁ ବ୍ୟକ୍ତିଗତ ଆକ୍ଷେପ କରୁଥିବା, ଆକ୍ରୋଶମୂଳକ ଏବଂ ଅଶାଳୀନ ମନ୍ତବ୍ୟ ଦେଉଥିବା ଅତିଥିଙ୍କୁ ଓଡ଼ିଶାବାସୀ କେବେ ଗ୍ରହଣ କରିପାରିବେ ନାହିଁ।

ସାମାଜିକ ଗଣମାଧ୍ୟମରେ ଭାଇରାଲ ହେଉଥିବା ଭିଡିଓ ସମ୍ପର୍କରେ ପ୍ରତିକ୍ରିୟା ରଖି ମୁଖ୍ୟମନ୍ତ୍ରୀ କହିଥିଲେ ଯେ ମୁଁ ବାରମ୍ବାର କହି ଆସୁଛି ମୋ ଶରୀର ସମ୍ପୂର୍ଣ୍ଣ ସୁସ୍ଥ ଅଛି; ମୁଁ ପୂରାପୁରି ଫିଟ୍ ଅଛି। ଏହା କେବଳ ଓଡ଼ିଶା ବିଜେପି ନେତାମାନଙ୍କର ଚକ୍ରାନ୍ତ। ସେମାନେ ମୋତେ ଅସୁସ୍ଥ ଦର୍ଶାଇବା ପାଇଁ ସବୁମତେ ଉଦ୍ୟମ ଚଳାଇଛନ୍ତି। କିନ୍ତୁ ଓଡ଼ିଶାବାସୀ ଭଲ ଭାବେ ଜାଣିଛନ୍ତି ମୁଁ ସୁସ୍ଥ ଅଛି ଏବଂ ଓଡ଼ିଶାର ନେତୃତ୍ୱ ନେବା ପାଇଁ ସକ୍ଷମ ମଧ୍ୟ ଅଛି। ସେହିପରି କାର୍ତ୍ତିକ ପାଣ୍ଡିଆନ୍ ମୁଖ୍ୟମନ୍ତ୍ରୀଙ୍କ ପାଇଁ ସବୁ ନିଷ୍ପତ୍ତି ନେଉଛନ୍ତି ବୋଲି ଆସୁଥିବା ଅଭିଯୋଗ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ପଟ୍ଟନାୟକ କହିଛନ୍ତି ଯେ ଏହା ସମ୍ପୂର୍ଣ୍ଣ ବାଜେ କଥା। ରାଜ୍ୟର ମୁଖ୍ୟମନ୍ତ୍ରୀ ଭାବେ ସବୁ ନିଷ୍ପତ୍ତି, ସମସ୍ତ ପଦକ୍ଷେପ ପଛରେ ମୋର ନିର୍ଦ୍ଦେଶ ରହିଥାଏ। ଆଜି ପର୍ଯ୍ୟନ୍ତ ଗୋଟିଏ ବି କ୍ୟାବିନେଟ୍ ବୈଠକରେ ମୁଁ ଅନୁପସ୍ଥିତ ରହିନାହିଁ। ବିଜେପି ଏପରି ଗୁଜବ ପ୍ରଚାର କରୁଛି । ବିଜେପି ଜାଣିଛି ଓଡ଼ିଶା ଏବଂ ଦେଶରେ ବିଜେପିର ଲୋକପ୍ରିୟତା ହ୍ରାସ ପାଇ ଚାଲିଛି, ତେଣୁ ସେମାନେ ଏପରି ଷଡ଼ଯନ୍ତ୍ର କରଛନ୍ତି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

୬ଷ୍ଠ ଥର ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କଲେ ଆପଣଙ୍କ ପ୍ରଥମ କାର୍ଯ୍ୟ କ'ଣ ରହିବ ବୋଲି ଏକ ପ୍ରଶ୍ନର ଉତ୍ତରରେ ଶ୍ରୀ ପଟ୍ଟନାୟକ କହିଥିଲେ, ଶିକ୍ଷା, ସ୍ୱାସ୍ଥ୍ୟ, ବିପର୍ଯ୍ୟୟ ପରିଚାଳନା, କୃଷି, ଜଳସେଚନ, ମହିଳାଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମ ବହୁତ ସଫଳତା ପାଇଛି। ସବୁ କ୍ଷେତ୍ରରେ ଓଡ଼ିଶା ଉତ୍କର୍ଷ ସାଧନ କରିଛି। ଆଗକୁ ଏହି ଧାରା ଜାରି ରହିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି ।

## ବିଜେପିକୁ ବୁମେରାଂ...

ଆଶ୍ରା କରୁଛନ୍ତି। ଗୁଜବ ସୃଷ୍ଟି କରି ଏବଂ ମିଛ କଥା ପ୍ରଚାର କରି ଭୋଟ ମାଗୁଛନ୍ତି। ସେଥିପାଇଁ ଏଥର ନିର୍ବାଚନର ପ୍ରତି ପର୍ଯ୍ୟାୟରେ ବିଜେପି ବାରମ୍ବାର ଗୋଲ୍‌ପୋଷ୍ଟ ବଦଳାଉଛି। ମାତ୍ର ଯେତେ ପ୍ରକାର ନୀଚ ରଣନୀତି କଲେ ବି କିଛି ଫରକ୍ ପଡ଼ିବ ନାହିଁ। ଜୁନ୍ ୪ତାରିଖରେ ବିଜେପିକୁ ଏସବୁର ଉଚିତ ଜବାବ ମିଳିଯିବ। ଭୋଟ ନେବା ପାଇଁ ବିଜେପି ଯେଉଁ ଚାରିଟି ଗୁରୁତର ଭୁଲ୍ କରିଛି, ତାହ ସେମାନଙ୍କୁ ବୁଡ଼ାଇବ ବୋଲି କହିଛନ୍ତି ବିଜେଡି ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ।

ବିଜେପି ଉପରେ ଶାଣିତ ଆକ୍ରମଣ କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ଓଡ଼ିଶା କେମିତି ସଶକ୍ତ ରାଜ୍ୟ ହୋଇପାରିବ, ତାହା ଉପରେ ବିଜେପି କେବେ ବିତର୍କ କରୁନାହିଁ। କ୍ଷମତା ହାସଲ ପାଇଁ ଦଳ ସବୁ ସୀମା ଅତିକ୍ରମ କରିଛି। ଲୋକଙ୍କ ଭୋଟ ହାତେଇବା ପାଇଁ ବିଜେପି ଯେଉଁ ମିଛ ଓ ଅପପ୍ରଚାର ରାଜନୀତିର ସାହାରା ନେଇଛି, ତାହା ସେମାନଙ୍କ ପାଇଁ ବୁମେରାଂ ହେବ। ଗତ ୧୦ବର୍ଷ ଭିତରେ ଓଡ଼ିଶାରେ କେତେ ରାସ୍ତା ତିଆରି କରିଛନ୍ତି, ତାହାର ହିସାବ ଦେଇପାରୁନାହାନ୍ତି। ଯଦି ଉପକୂଳ ରାଜପଥ ହୋଇଥା'ନ୍ତା, ତା'ହେଲେ ରାଜ୍ୟର ଅନେକ ବିକାଶ ହୋଇଥା'ନ୍ତା। ଏକ ଦଶନ୍ଧି ଧରି କ୍ଷମତାରେ ରହିବା ପରେ ବି ସେମାନେ କିଛି କାମ କଲେ ନାହିଁ। ନିର୍ବାଚନକୁ ଆଉ ୧୦ ଦିନ ଥିବା ବେଳେ ସେମାନଙ୍କର ଓଡ଼ିଶା କଥା ମନେ ପଡୁଛି। କିଛି ପ୍ରସଙ୍ଗ ନ ପାଇ ଅପ୍ରସଙ୍ଗକୁ ଭୋଟ ରାଜନୀତିର ମାଧ୍ୟମ କରୁଛି। ପ୍ରତି ପର୍ଯ୍ୟାୟରେ ନିର୍ବାଚନରେ ବିଜେପି ଗୋଲପୋଷ୍ଟ ବଦଳାଉଛି। ସେମାନେ ପ୍ରଥମେ ଓଡ଼ିଆ ଅସ୍ମିତା କଥା ଉଠାଇଲେ; କିନ୍ତୁ ୧୦ ବର୍ଷରେ କାମର ହିସାବ ମାଗିବାରୁ ଗୋଲ୍‌ପୋଷ୍ଟ ବଦଳାଇ ଦେଲେ। କିଛି ଦିନ ପୂର୍ବେ ଅପପୁଷ୍ଟି, ଭିତ୍ତିଭୂମି ଆଦି କ୍ଷେତ୍ରରେ ଓଡ଼ିଶା ଜାତୀୟ ହାରଠାରୁ ପଛରେ ଅଛି ବୋଲି କହୁଥିଲେ; କିନ୍ତୁ ସତ ସାମ୍ନାକୁ ଆସିବା ପରେ ସେମାନେ ଚୁପ୍ ହୋଇଗଲେ। ଗତ ୪୦ବର୍ଷ ହେବ ମହାପ୍ରଭୁଙ୍କ ରତ୍ନଭଣ୍ଡାର ଖୋଲାଯାଇନାହିଁ। ବିଜେପି ତାହାକୁ ପ୍ରସଙ୍ଗ କଲା। ସତ କଥା ଜାଣି ବି ଅପପ୍ରଚାର କଲା। କିନ୍ତୁ ଏହାକୁ କେହି ଲୁଚାଇବାର ନାହିଁ। ମୁଖ୍ୟମନ୍ତ୍ରୀଙ୍କର ମଧ୍ୟ ଏହାକୁ ଲୁଚାଇବାର ଅଭିପ୍ରାୟ ନାହିଁ। ହାଇକୋର୍ଟଙ୍କ ନିର୍ଦ୍ଦେଶକ୍ରମେ ସୁପ୍ରିମକୋର୍ଟର ଜଣେ ଅବସରପ୍ରାପ୍ତ ବିଚାରପତିଙ୍କ ଅଧ୍ୟକ୍ଷତାରେ ଏକ କମିଟି ଗଠନ କରାଯାଇଛି। ଅଦାଲତଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ସବୁ କାମ ଚାଲିଛି।

ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ନବୀନ ପଟ୍ଟନାୟକ ଓଡ଼ିଶା ଓ ଭାରତର ଲୋକପ୍ରିୟ ନେତା। ଗତ ୨୪ବର୍ଷ ହେଲା ପ୍ରତ୍ୟେକ ନିର୍ବାଚନରେ ଅଧିକରୁ ଅଧିକ ଆସନରେ ବିଜୟ ଲାଭ କରୁଛନ୍ତି। ଏମିତି ଜଣେ ଲୋକପ୍ରିୟ ନେତାଙ୍କୁ ବାହାରୁ ଆସୁଥିବା ମୁଖ୍ୟମନ୍ତ୍ରୀ,କେନ୍ଦ୍ରମନ୍ତ୍ରୀ ଓ ନେତାମାନେ ଅଶାଳୀନ ଭାଷାରେ ଗାଳି କରିବା ସହ ଅସମ୍ମାନ ପ୍ରଦର୍ଶନ କରୁଛନ୍ତି। ତାହାକୁ ଓଡ଼ିଶାବାସୀ କେବେ ଭୁଲିବେ ନାହିଁ। ଏହି ନିର୍ବାଚନରେ ବିଜେପିର ଏହି ୪ଟି ଭୁଲ୍ ସେମାନଙ୍କ ପାଇଁ ବୁମେରାଂ ହେବ। ଓଡ଼ିଶାର ଭାଇଭଉଣୀମାନେ ଏହାର ଉଚିତ ଜବାବ ଦେବେ। ଆସନ୍ତା ୪ତାରିଖ ଦିନ ଏହା ସ୍ପଷ୍ଟ ହୋଇଯିବ। ଯେତେ ଗୋଲ୍‌ପୋଷ୍ଟ ବଦଳାଇଲେ ବି କିଛି ଫରକ୍ ପଡ଼ିବନି। ଓଡ଼ିଶାରେ ବିଜେପିର ସ୍ଥିତି ନାହିଁ। ସେମାନେ ନିଯୁକ୍ତି, ଅଭିବୃଦ୍ଧି, ଦରଦାମ୍ ଆଦି କ୍ଷେତ୍ରରେ କିଛି କହିପାରିବେ ନାହିଁ। ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ରାଜନୀତିକୁ ସେବା ଭାବେ ଗ୍ରହଣ କରି ଲୋକଙ୍କ ପ୍ରିୟଭାଜନ ହୋଇପାରିଛନ୍ତି। ଓଡ଼ିଶାବାସୀ ତାହା ଭଲ ଭାବେ ଜାଣିଛନ୍ତି। ତେଣୁ ସେମାନେ ବିରୋଧୀଙ୍କୁ ଉଚିତ ଜବାବ ଦେବେ ବୋଲି ଶ୍ରୀ ପାଣ୍ଡିଆନ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି। ସେ ଆହୁରି କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ସ୍ୱାସ୍ଥ୍ୟକୁ ନେଇ ସେମାନେ ଗୁଜବ ଚଳାଇଛନ୍ତି। ସେଇଟା ବି ବିଜେପି ପାଇଁ ବୁମେରାଂ ହୋଇଛି। ଓଡ଼ିଆ ଅସ୍ମିତା କଥା ସବୁବେଳେ କହୁଥିବା ବିଜେପି ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିର କାମ ଅଟକାଇବାକୁ ଦିନରାତି ଚେଷ୍ଟା କରିଛନ୍ତି। ମହାନଦୀ ପ୍ରସଙ୍ଗରେ ଏକପାଖିଆ ନିଷ୍ପତ୍ତି ନେଇଥିବା କେନ୍ଦ୍ର ସରକାର ଓ ରାଜ୍ୟର କେନ୍ଦ୍ରମନ୍ତ୍ରୀ କିପରି ଛତିଶଗଡ଼ ସାଙ୍ଗରେ ହାତ ମିଶାଇ ଓଡ଼ିଶା ବିରୋଧରେ କାମ କରିଛନ୍ତି, ତାହାକୁ ଓଡ଼ିଶାବାସୀ କେବେ ଭୁଲି ପାରିବେନି। କେନ୍ଦ୍ର ସରକାରଙ୍କ ଓଡ଼ିଶା ପ୍ରତି ଅବହେଳାର ସମ୍ପର୍କରେ ଶ୍ରୀ ପାଣ୍ଡିଆନ କହିଛନ୍ତି ଯେ ମହାପ୍ରଭୁ, ମହାନଦୀ, ମହାନ୍ ଜନନାୟକ ବିଜୁ ପଟ୍ଟନାୟକ ଓଡ଼ିଶାର ପରିଚୟ। ବିଜୁବାବୁଙ୍କ ପରି ଜଣେ ମହାନ୍ ନେତାଙ୍କୁ ଭାରତରତ୍ନ ନ ଦେବା ଦୁଃଖର କଥା। ଏହା ଓଡ଼ିଶାବାସୀଙ୍କୁ ଖୁବ୍ କଷ୍ଟ ଦେଇଛି। ଓଡ଼ିଶାରୁ କ'ଣ କେହି ଜଣେ ବି ଭାରତରତ୍ନ ପାଇବାକୁ ଯୋଗ୍ୟ ନୁହନ୍ତି ବୋଲି ଶ୍ରୀ ପାଣ୍ଡିଆନ ପ୍ରଶ୍ନ କରିଛନ୍ତି।

## ଏକା ନବୀନ...

ନବୀନ ଭର୍ସେସ ଅଲ୍ ଚଳିତ ନିର୍ବାଚନରେ ଆଲୋଚନାର ମୁଖ୍ୟାଂଶ ହୋଇଥିବା ବେଳେ ଏହାକୁ ନେଇ ସାଧାରଣରେ ବେଶ୍ ଚର୍ଚ୍ଚା ସୃଷ୍ଟି ହୋଇଛି। ବିଜେଡି ପକ୍ଷରୁ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଗତ ଏପ୍ରିଲ ୨୪ ତାରିଖରେ ନିଜର ପାରମ୍ପରିକ ଆସନ ହିଞ୍ଜିଳିରୁ ନିଜର ନିର୍ବାଚନ ପ୍ରଚାର ଆରମ୍ଭ କରିଥିଲେ। ସେହିପରି ଏହାର ଦିନକ ପରେ କେନ୍ଦ୍ର ଗୃହମନ୍ତ୍ରୀ ଅମିତ୍ ଶାହା ବିଜେପି ପାଇଁ ସୋନପୁରରୁ ପ୍ରଚାରର ଶୁଭ ଦେଇଥିଲେ। ବିଜେଡି ପାଇଁ ଉଭୟ ନବୀନ ଏବଂ ୫-ଟି ଅଧ୍ୟକ୍ଷ ତଥା ବିଜେଡିର ବରିଷ୍ଠ ନେତା କାର୍ତ୍ତିକ ପାଣ୍ଡିଆନ୍ ନିର୍ବାଚନୀ ପ୍ରଚାରର ମଙ୍ଗ ଧରିଥିଲେ। ପ୍ରତିଦିନ ଏକାଧିକ ସାଧାରଣ ସଭା, ରୋଡ୍ ଶୋ କରି ନବୀନ-କାର୍ତ୍ତିକ ଯୋଡ଼ି ଦଳୀୟ ପ୍ରାର୍ଥୀଙ୍କ ପାଇଁ ଭୋଟ ଭିକ୍ଷା କରିଛନ୍ତି। ନବୀନ ସରକାର ରାଜ୍ୟରେ କରିଥିବା ବ୍ୟାପକ ବିକାଶ, ରୂପାନ୍ତରଣ ସର୍ବୋପରି ବିଭିନ୍ନ କ୍ଷେତ୍ରରେ ଓଡ଼ିଶା କିପରି ଶ୍ରେଷ୍ଠତ୍ୱ ଲଭିପାରିଛି ସେନେଇ ଉଭୟ ପ୍ରତିଟି ସଭାରେ ଲୋକଙ୍କ ସାମ୍ନାରେ ଅଭିଭାଷଣ ରଖିଛନ୍ତି। ସେହିପରି ଚଳିତ ଥର ବିଜେଡି କ୍ଷମତାକୁ ଆସିଲେ ଲୋକଙ୍କ ପାଇଁ କଣ କରିବ, ସେ ନେଇ ମଧ୍ୟ ରାଜ୍ୟ ରାଜନୀତିର ଏହି ହିଟ୍ ଯୋଡ଼ି ଇସ୍ତାହାରଠାରୁ ଆରମ୍ଭ କରି ସାଧାରଣ ସଭାରେ କହିଛନ୍ତି। ଅପରପକ୍ଷେ ବିଜେପି ପକ୍ଷରୁ ଶାହାଙ୍କ ବ୍ୟତୀତ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୪ ଦଫାରେ ଓଡ଼ିଶା ଗସ୍ତ କରି ଦଳୀୟ ପ୍ରାର୍ଥୀଙ୍କ ପାଇଁ ସାଧାରଣ ସଭା ଏବଂ ରୋଡ ଶୋ କରିଛନ୍ତି। ଏମାନଙ୍କ ବ୍ୟତୀତ ୪ ରାଜ୍ୟର ମୁଖ୍ୟମନ୍ତ୍ରୀ, ଏକାଧିକ କେନ୍ଦ୍ରମନ୍ତ୍ରୀ ବହୁ ସାଂସଦ ମଧ୍ୟ ଓଡ଼ିଶାରେ ବିଜେପି ପ୍ରାର୍ଥୀଙ୍କ ପାଇଁ ପ୍ରଚାର କରି ଭୋଟ ଭିକ୍ଷା କରିଛନ୍ତି। ଚଳିତ ନିର୍ବାଚନରେ ଓଡ଼ିଆ ଅସ୍ମିତା ବିଜେପିର ପ୍ରମୁଖ ନିର୍ବାଚନୀ ପ୍ରସଙ୍ଗ ଥିବାବେଳେ ବିଭିନ୍ନ ସମୟରେ ଦଳ ପକ୍ଷରୁ ଭିନ୍ନ ଭିନ୍ନ ପ୍ରସଙ୍ଗ ଉତ୍ଥାପନ କରାଯାଇଛି।

ଅପରପକ୍ଷେ ମଧୁ ବାବୁଙ୍କ ଜୟନ୍ତୀରେ କଂଗ୍ରେସର ବରିଷ୍ଠ ନେତା ରାହୁଲ ଗାନ୍ଧୀ ଦଳ ପାଇଁ ପ୍ରଚାର କାର୍ଯ୍ୟକ୍ରମ ଆରମ୍ଭ କରିଥିବା ବେଳେ ଦଳ କିନ୍ତୁ ଓଡ଼ିଶାରେ ନିଜର ପ୍ରଚାରକୁ ଏତେଟା ବଳ ଦେଇ ପାରିନାହିଁ। ଦଳର ରାଷ୍ଟ୍ରୀୟ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖଡଗେ ଏବଂ ରାହୁଲ ଗାନ୍ଧୀଙ୍କ କେତେକ ସଭାକୁ ଛାଡ଼ିଦେଲେ ଦଳ ପ୍ରଚାର ମାଧ୍ୟମରେ ଲୋକଙ୍କ ଉପରେ ଛାପ ଛାଡ଼ିବାରେ ସେତେଟା ସଫଳ ହୋଇ ନ ଥିବା ସାଧାରଣରେ ମତପ୍ରକାଶ ପାଇଛି। ସେହିପରି ଚଳିତ ନିର୍ବାଚନରେ ପରସ୍ପର ବିରୋଧରେ ନିର୍ବାଚନ କମିଶନ, ଏବଂ ରାଜ୍ୟ ନିର୍ବାଚନ ଅଧିକରୀଙ୍କ ନିକଟରେ ଯେପରି ରାଜନୈତିକ ଦଳ ହାଜର ହୋଇଛନ୍ତି, ତାହା ପୂର୍ବରୁ କେବେ ଦେଖିବାକୁ ମିଳିନଥିଲା। ସେହିପରି ଚଳିତ ନିର୍ବାଚନରେ ସୋସିଆଲ ମିଡିଆର ବହୁଳ ବ୍ୟବହାର ମଧ୍ୟ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିବା ନେଇ ବୁଦ୍ଧିଜୀବି ମହଲରେ ମତପ୍ରକାଶ ପାଇଛି। ଆସନ୍ତା ୪ ତାରିଖରେ ନିର୍ବାଚନ ଫଳ ପ୍ରକାଶ ପାଇବାକୁ ଯାଉଛି। ନିର୍ବାଚନ ଫଳାଫଳରୁ କାହାର ପ୍ରଚାରର ଦମ୍ ଥିଲା , କାହା ପ୍ରଚାର ଅଧିକ ପ୍ରଭାବ ଥିଲା ତାହା ଅନ୍ତତପକ୍ଷେ ସ୍ପଷ୍ଟ ହେବ ବୋଲି ସାଧାରଣ ଲୋକେ ମତବ୍ୟକ୍ତ କରିଛନ୍ତି।

## ୨୧ ମୃତ...

ଅଞ୍ଚଳର ତଙ୍ଗା ନିକଟରେ ୧୫୦ ଫୁଟ୍ ତଳକୁ ଖସିପଡ଼ିଥିଲା। ଘଟଣାସ୍ଥଳରେ ହିଁ ୨୧ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା। ଖବର ମିଳିବା ପରେ ଉଦ୍ଧାରକାରୀ ଦଳ ଓ ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ଆହତ ଯାତ୍ରୀଙ୍କୁ ଉଦ୍ଧାର କରିଥିଲେ। ବହୁ ଯାତ୍ରୀ ବସ୍ ଭିତରେ ଚାପି ହୋଇ ରହିଥିବାରୁ ସେମାନଙ୍କୁ ଅତି କଷ୍ଟରେ ବାହାରକୁ ଅଣାଯାଇଥିଲା। ଯାହାକି ଅତ୍ୟନ୍ତ ହୃଦୟ ବିଦାରକ ଥିଲା। ଆହତମାନଙ୍କ ଚିତ୍କାର ସ୍ଥାନୀୟ ଲୋକଙ୍କୁ କିଛି ସମୟ ପାଇଁ ବିଚଳିତ କରି ଦେଇଥିଲା। ଆହତମାନଙ୍କ ମଧ୍ୟରୁ ଅନେକ ଯାତ୍ରୀଙ୍କ ଅବସ୍ଥା ଗମ୍ଭୀର ରହିଥିବାରୁ ମୃତ୍ୟୁସଂଖ୍ୟା ଆହୁରି ବଢ଼ିପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି। ଏହି ଦୁର୍ଘଟଣାକୁ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଗଭୀର ଦୁଃଖ ପ୍ରକାଶ କରିବା ସହିତ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇଛନ୍ତି। ସେ ଆହତମାନଙ୍କ ଆଶୁ ଆରୋଗ୍ୟ ମଧ୍ୟ କାମନା କରିଛନ୍ତି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ଜାମ୍ମୁ କାଶ୍ମୀର ଉପ-ରାଜ୍ୟପାଳ ମନୋଜ ସିହ୍ନା ମଧ୍ୟ ଦୁଃଖ ପ୍ରକାଶ କରି ଏହି ଦୁର୍ଘଟଣାକୁ ଅତ୍ୟନ୍ତ ହୃଦୟ ବିଦାରକ ବୋଲି କହିଛନ୍ତି। ସରକାରୀ ସ୍ତରରେ ମୃତକଙ୍କ ପରିବାରକୁ ୨ଲକ୍ଷ ଏବଂ ଆହତମାନଙ୍କୁ ୫୦ହଜାର ଟଙ୍କାର ସହାୟତା ଘୋଷଣା କରାଯାଇଛି।

## ପ୍ରଧାନମନ୍ତ୍ରୀ ପଦର...

ଯେକୌଣସି ସାଧାରଣ ସଭାରେ ହଜାର ହଜାର ଲୋକଙ୍କ ଗହଣରେ ସମାଜରେ ବି।।ଦ୍ୱେଷ ସୃଷ୍ଟି କରିବା ଭଳି ଭାଷଣ ଦେବାରେ ମୋଦୀ ପ୍ରଥମ ପ୍ରଧାନମନ୍ତ୍ରୀ। ତାଙ୍କର ଏଭଳି ଅଭିବ୍ୟକ୍ତି କେବଳ ବିରୋଧୀ ଦଳଙ୍କ ପାଇଁ ଉଦ୍ଦିଷ୍ଟ ନୁହେଁ ; ବରଂ ଦେଶର ସଂଖ୍ୟାଲଘୁ ସଂପ୍ରଦାୟମାନଙ୍କୁ ମଧ୍ୟ ଆଘାତ ଦେଇଛି ବୋଲି ମନମୋହନ କହିଛନ୍ତି। ମୋଦୀ ପଞ୍ଜାବବାସୀଙ୍କୁ ମଧ୍ୟ ଏଥିରୁ ବାଦ୍ ଦେଇ ନାହାନ୍ତି। ସେ ପଞ୍ଜାବର ଅସ୍ମିତାକୁ କ୍ଷୁଣ୍ଣ କରିଥିଲା ବେଳେ ପଞ୍ଜାବବାସୀଙ୍କୁ ବଦନାମ କରିବାକୁ ବି ପଛାଇନାହାନ୍ତି। ତେଣୁ ଦେଶକୁ ଏକଛତ୍ରବାଦ ଶାସନରୁ ମୁକ୍ତ କରିବା ଏବଂ ଗଣତନ୍ତ୍ର ଓ ସମ୍ବିଧାନକୁ ବଞ୍ଚାଇବାକୁ ହେଲେ ପଞ୍ଜାବବାସୀ ଭାବି ଚିନ୍ତି ସେମାନଙ୍କ ମତଦାନ କରିବା ଉଚିତ। କାରଣ ଦେଶ ବଞ୍ଚାଇବା ଲାଗି ଚଳିତ ନିର୍ବାଚନ ଶେଷ ସୁଯୋଗ ବୋଲି ଡକ୍ଟର ମନମୋହନ କହିଛନ୍ତି।

## ଡାକ୍ତରଖାନାରେ ଆହତଙ୍କୁ...

ହେଉଥିବା ଆହତଙ୍କୁ ଭେଟିଛନ୍ତି। ଗତକାଲି ବିଳମ୍ବିତ ରାତିରେ ମୁଖ୍ୟ ସଚିବ ଶ୍ରୀ ଜେନା କଟକ ବଡ଼ ଡାକ୍ତରଖାନାକୁ ଯାଇ ଆହତଙ୍କ ପାଇଁ ଉତ୍ତମ ଚିକିତ୍ସା ବ୍ୟବସ୍ଥା ସୁନିଶ୍ଚିତ କରାଇବା ସହ ନିଜେ ସ୍ଥିତି ଅନୁଧ୍ୟାନ କରିଥିଲେ। ଘଟଣା ସମ୍ପର୍କରେ ନିଜ ଏକ୍ସରେ ସୂଚନା ଦେଇ ମୁଖ୍ୟ ସଚିବ କହିଛନ୍ତି ଯେ ଏହି ଦୁର୍ଘଟଣାରେ ଆହତ ହୋଇ ପୁରୀ, ଭୁବନେଶ୍ୱର ଓ କଟକ ସମେତ ୩୬ ଜଣ ଭର୍ତ୍ତି ହୋଇଥିଲେ। ସେମାନଙ୍କ ମଧ୍ୟରୁ ୬ ଜଣ ଡିସ୍‌ଚାର୍ଜ ହୋଇ ସାରିଥିବା ବେଳେ ୩ ଜଣଙ୍କର ମୃତ୍ୟୁ ହୋଇଯାଇଛି। ବର୍ତ୍ତମାନ ୨୭ ଜଣ ଆହତ ଚିକିତ୍ସିତ ହେଉଛନ୍ତି। ହାଇଟେକ୍ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ରୋଗୀଙ୍କୁ ଭେଟି ମୁଖ୍ୟ ସଚିବ ସେମାନଙ୍କ ଉତ୍ତମ ସ୍ୱାସ୍ଥ୍ୟସେବା ପାଇଁ ସୁନିଶ୍ଚିତ କରାଇଛନ୍ତି। ସୂଚନା ଥାଉ କି, ଚନ୍ଦନ ଯାତ୍ରା ସମୟରେ ନରେନ୍ଦ୍ର ପୁଷ୍କରିଣୀ ଦେବୀଘାଟରେ ଗତକାଲି ରାତିରେ ଏହି ଦୁର୍ଭାଗ୍ୟଜନକ ଘଟଣା ଘଟି ବହୁ ଲୋକ ଆହତ ହୋଇଥିଲେ।

## ଗରିବଙ୍କ ସ୍ୱପ୍ନକୁ...

ଭାବେ ଶପଥ ଗ୍ରହଣ କରିବେ। ବାଲେଶ୍ୱର ଓ ଭଦ୍ରକ ଲୋକସଭା କ୍ଷେତ୍ରରେ ନିର୍ବାଚନ ପ୍ରଚାର ଅବସରରେ ଏହା କହିଛନ୍ତି ବିଜେଡିର ବରିଷ୍ଠ ନେତା ତଥା ତାରକା ପ୍ରଚାରକ କାର୍ତ୍ତିକ ପାଣ୍ଡିଆନ। ସିମୁଳିଆ, ସୋରୋ, ଧାମନଗର ଓ ଭଣ୍ଡାରୀପୋଖରୀରେ ଆୟୋଜିତ ବିଶାଳ ଜନସଭାରେ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ଆଶୀର୍ବାଦ କରିବାକୁ ନିବେଦନ ଅବସରରେ ବିଜେପିକୁ କଟୁ ସମାଲୋଚନା କରି ଶ୍ରୀ ପାଣ୍ଡିଆନ୍ କହିଛନ୍ତି ଯେ ମୁଖ୍ୟମନ୍ତ୍ରୀଙ୍କ ଶାସନରେ ଓଡ଼ିଶାର ପ୍ରତି ବର୍ଗର ଲୋକଙ୍କ ଦୁଃଖ ଦୂର ହୋଇଛି। ସାଧାରଣ ଲୋକଟିଏ ଆଜି ନିଜ ସ୍ୱପ୍ନକୁ ସାକାର କରିପାରୁଛି। ଗରିବ ଘରର ପିଲାବି ବଡ଼ ସ୍କୁଲରେ ପଢ଼ି ବଡ଼ ମଣିଷ ହେବାକୁ ସକ୍ଷମ ହୋଇଛନ୍ତି। ପ୍ରତି ପରିବାରର ଦାୟିତ୍ୱ ନେଇଛନ୍ତି ମୁଖ୍ୟମନ୍ତ୍ରୀ। ମାତ୍ର ୧୦ ବର୍ଷ ଧରି କେନ୍ଦ୍ରରେ କ୍ଷମତାସୀନ ଥିବା ବିଜେପି ଓଡ଼ିଶାବାସୀଙ୍କୁ କେବଳ ପ୍ରତାରଣା ଦେଇଛି। ଦେଶବାସୀଙ୍କୁ ଧୋକା ଦେଇଛି। ଗତ ନିର୍ବାଚନରେ ସେମାନେ ବହୁତ କଥା କହିଥିଲେ। ବଡ଼ ବଡ଼ ପ୍ରତିଶ୍ରୁତି ଦେଇଥିଲେ। ଅତ୍ୟାବଶ୍ୟକ ଖାଉଟି ସାମଗ୍ରୀର ଦରଦାମ୍ କମିବ, ଏଲ୍‌ପିଜି, ପେଟ୍ରୋଲ, ଡିଜେଲ ଆଦି ଦାମ କମିବ। କିଛି ଦରଦାମ କମିଲା କି? ରୋଜଗାର ଦେବା କଥା କହିଥିଲେ; ଦେଇପାରିଲେ ନାହିଁ। ତେଣୁ ସେମାନଙ୍କ ଚାଲ୍‌କୁ ବୁଝିବାକୁ ଆହ୍ୱାନ ଦେଇଛନ୍ତି ଶ୍ରୀ ପାଣ୍ଡିଆନ ।ସେ ପୁଣି କହିଛନ୍ତି ଯେ ଯିଏ ସାଢ଼େ ଚାରି କୋଟି ଓଡ଼ିଶାବାସୀଙ୍କ ସେବାରେ ନିଜ ଜୀବନକୁ ସମର୍ପିତ କରିଛନ୍ତି, ସେହି ନବୀନ ପଟ୍ଟନାୟକ ଆସନ୍ତା ୯ ତାରିଖରେ ମୁଖ୍ୟମନ୍ତ୍ରୀ ଭାବେ ଶପଥ ଗ୍ରହଣ କରିବେ। ମୁଖ୍ୟମନ୍ତ୍ରୀ ହେବା ପରେ ପ୍ରଥମ ଦସ୍ତଖତରେ ସମସ୍ତଙ୍କୁ ବିଜୁଳି ବିଲ କଷ୍ଟରୁ ମୁକ୍ତ କରିବେ। ଦ୍ୱିତୀୟ ଦସ୍ତଖତରେ ସମସ୍ତେ ବିଏସ୍‌କେୱାଇ କାର୍ଡ ପାଇବେ। ତୃତୀୟ ଦସ୍ତଖତରେ ୬୦ ବର୍ଷ ପରେ ମିଶନ ଶକ୍ତି ସଦସ୍ୟାମାନଙ୍କ ପାଇଁ ପେନସନ୍ ବ୍ୟବସ୍ଥା କରିବେ। କଲେଜ ପିଲାମାନଙ୍କ ନୂଆ-ଓ ସ୍କଲାରସିପ୍‌କୁ ମଧ୍ୟ ବୃଦ୍ଧି କରିବେ। ପୁଅ ପିଲା ୯ ହଜାର ପରିବର୍ତ୍ତେ ୧୨ ହଜାର ଟଙ୍କା ଝିଅ ପିଲା ୧୦ ହଜାର ପରିବର୍ତ୍ତେ ୧୪ ହଜାର ଟଙ୍କା ପାଇବେ। ପିଲାଙ୍କ ପାଇଁ ଏଭଳି ଯୋଜନା ଦେଶରେ କୌଣସି ରାଜ୍ୟ କରିନାହାନ୍ତି ବୋଲି ସେ କହିଥିଲେ।

ମୁଖ୍ୟମନ୍ତ୍ରୀ ଏ ସବୁ ପଦକ୍ଷେପ ନେବା ପଛର ଉଦ୍ଦେଶ୍ୟ ସମ୍ପର୍କରେ ବୁଝାଇ ଶ୍ରୀ ପାଣ୍ଡିଆନ୍ କହିଛନ୍ତି, '୫-ଟି' ସ୍କୁଲ, କଲେଜ ଯୋଗୁଁ ବେସରକାରୀ ଶିକ୍ଷାନୁଷ୍ଠାନଠାରୁ ମଧ୍ୟ ପିଲାମାନେ ଭଲ ସୁବିଧା ପାଉଛନ୍ତି। ସରକାରୀ ଶିକ୍ଷାନୁଷ୍ଠାନରେ ଗୁଣାତ୍ମକ ଶିକ୍ଷା ସୁନିଶ୍ଚିତ କରାଯାଇଛି। ବିଏସ୍‌କେୱାଇ କାର୍ଡରେ ବେସରକାରୀ ହସ୍ପିଟାଲରେ ମଧ୍ୟ ବିନା ଖର୍ଚ୍ଚରେ ଭଲ ଚିକିତ୍ସା ପାଉଛନ୍ତି। ଲକ୍ଷ୍ମୀ ବସ୍‌ରେ ମା'ମାନେ ଓ ଛାତ୍ରଛାତ୍ରୀମାନେ ମାତ୍ର ୫ ଟଙ୍କାରେ ଯିବା ଆସିବା କରିପାରୁଛନ୍ତି। ଏହାଦ୍ୱାରା ଆପଣମାନଙ୍କ ବୋଝ ହାଲୁକା ହେଉଛି। ଆପଣମାନଙ୍କ ପିଲାମାନେ ଆଗକୁ ବଢ଼ିବାକୁ ସୁଯୋଗ ପାଉଛନ୍ତି। ଏହାଦ୍ୱାରା ସାରା ଓଡ଼ିଶା ଆଗକୁ ବଢ଼ିବ। ଆମ ଓଡ଼ିଶା ଆଗକୁ ବଢ଼ୁଛି, ଲୋକଙ୍କ ସ୍ୱପ୍ନ ପୂରଣ ହେଉଛି। ଏହାର ଅନେକ ଉଦାହରଣ ଅଛି। ବଲାଙ୍ଗିରର ଜଣେ ଅଙ୍ଗନବାଡ଼ି ଦିଦିଙ୍କ ପୁଅ ଡାକ୍ତରୀ ପାଠରେ ନାମ ଲେଖାଇଛନ୍ତି। ଜଣେ ଅଙ୍ଗନବାଡ଼ି ଦିଦି ମଧ୍ୟ ତାଙ୍କ ସ୍ୱପ୍ନ ପୂରଣ କରିପାରୁଛନ୍ତି। ପୁଅକୁ ଡାକ୍ତର କରିପାରୁଛନ୍ତି। ତାଙ୍କ ପରି ଅନେକ ଲୋକଙ୍କ ସ୍ୱପ୍ନ ବାସ୍ତବ ରୂପ ନେଇପାରୁଛି ବୋଲି ସେ କହିଥିଲେ। ୫ ବର୍ଷରେ ଥରେ ଆପଣମାନେ ସୁଯୋଗ ପାଇଛନ୍ତି ଆଶୀର୍ବାଦ କରିବା ପାଇଁ। ମୁଖ୍ୟମନ୍ତ୍ରୀଙ୍କୁ ଆଶୀର୍ବାଦ କରନ୍ତୁ, ମୁଖ୍ୟମନ୍ତ୍ରୀଙ୍କ ନୂଆ ଓଡ଼ିଶା ଗଠନର ସ୍ୱପ୍ନକୁ ସାକାର କରନ୍ତୁ ବୋଲି ଆହ୍ୱାନ ଜଣାଇଥିଲେ। ସୋରୋରେ ଆୟୋଜିତ ବିଶାଳ ଜନସଭାରେ ଶ୍ରୀ ପାଣ୍ଡିଆନ୍ ବାହାନଗାଲୋକଙ୍କର ଉଚ୍ଚ ପ୍ରଶଂସା କରିଥିଲେ। ସେ କହିଥିଲେ ଯେ, ବାହାନଗା ମାଟି ସାରା ଦେଶକୁ, ସାରା ଦୁନିଆକୁ "ମଣିଷ ପଣିଆ' ଦେଖାଇଛି। ମଣିଷପଣିଆରେ ନୂଆ ପରିଚୟ ଦେଇଛି। ସେହିପରି ବିଜୁ ପରିବାରକୁ ଆହ୍ୱାନ ଦେଇ ଆପଣମାନେ କଠିନ ପରିଶ୍ରମ କରନ୍ତୁ ବୋଲି କହିଛନ୍ତି ଶ୍ରୀ ପାଣ୍ଡିଆନ। ଏହା ସହ ବିଜୁ ଜନତା ଦଳର ପ୍ରାର୍ଥୀମାନଙ୍କୁ ବହୁ ଭୋଟରେ ଜିତାଇ ମୁଖ୍ୟମନ୍ତ୍ରୀଙ୍କ ସମ୍ମାନ ରଖିବାକୁ ସେ ଅନୁରୋଧ କରିଛନ୍ତି।

ବିଭିନ୍ନ ସ୍ଥାନରେ ବିକାଶର ହିସାବ ଦେଇ ସେ କହିଲେ ଯେ, ମୁଖ୍ୟମନ୍ତ୍ରୀ ସଲ୍ଟ ରୋଡ୍ ପାଇଁ ୬୦ କୋଟି ଦେଇଛନ୍ତି। ଜଳସେଚନ ପାଇଁ ୨୦୦ କୋଟି ଟଙ୍କାର ପ୍ରକଳ୍ପ ଚାଲିଛି। ଆପଣମାନେ ଯେଉଁ କାମ ପାଇଁ ପ୍ରସ୍ତାବ ଦେଇଥିଲେ, ତା'ର ୮୦ ପ୍ରତିଶତ କାମ ହୋଇଯାଇଛି। ସିମୁଳିଆ ଓ ଖଇରାକୁ ଏନ୍‌ଏସି ମାନ୍ୟତା ଦିଆଯାଇଛି। ସାଳନ୍ଦୀ ଲେଫ୍ଟ କେନାଲ ଓ ବିଭିନ୍ନ ଆଡ଼ିବନ୍ଧ ନିର୍ମାଣ ଜରିଆରେ ଜଳସେଚନ ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ବହୁତ କାମ କରିଛନ୍ତି। ବିଜେଡିର ବିଧାୟକ ଓ ସାଂସଦ ପ୍ରାର୍ଥୀଙ୍କୁ ୪୦ ହଜାରରୁ ଅଧିକ ଭୋଟ ବ୍ୟବଧାନରେ ବିଜୟୀ କରାନ୍ତୁ ବୋଲି ସେ ଆହ୍ୱାନ ଜଣାଇଛନ୍ତି।

# ଡ. ଶ୍ୟାମସୁନ୍ଦର ପଟ୍ଟନାୟକ ଏସ୍‌ଓୟୁର ନୂତନ କୁଳପତି



**ସମ୍ବଲପୁର, ୩୦।୫ (ସମିସ):** ସମ୍ବଲପୁରସ୍ଥିତ ଓଡ଼ିଶା ରାଜ୍ୟ ମୁକ୍ତ ବିଶ୍ୱବିଦ୍ୟାଳୟର ନୂତନ କୁଳପତି ଭାବେ ପ୍ରଫେସର ଡ. ଶ୍ୟାମସୁନ୍ଦର ପଟ୍ଟନାୟକ ନିଯୁକ୍ତି ପାଇଛନ୍ତି। ବିଶ୍ୱବିଦ୍ୟାଳୟର କୁଳାଧିପତି ତଥା ରାଜ୍ୟପାଳ ରଘୁବର ଦାଶ ତାଙ୍କୁ କୁଳପତି ପଦବୀ ପାଇଁ ମନୋନୀତ କରିଛନ୍ତି। ପ୍ରଫେସର୍ ପଟ୍ଟନାୟକ ବର୍ତ୍ତମାନ ଚଣ୍ଡିଗଡ଼ସ୍ଥିତ ନ୍ୟାସନାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଟେକ୍‌ନିକାଲ୍ ଟିଚର୍ସ ଟ୍ରେନିଂ ଓ ରିସର୍ଚ୍ଚ ଏନ୍‌ଆଇଟିଟିଆର୍‌ର ମିଡିଆ ଇଂଜିନିୟରିଂ ବିଭାଗର ମୁଖ୍ୟ ପଦରେ ଅବସ୍ଥାପିତ ଅଛନ୍ତି। ସେ ଏମ୍‌ଏସ୍‌ସି, ଏମ୍‌ଟେକ୍, ପିଏଚ୍‌ଡି ଓ ପୋଷ୍ଟ- ଡକ୍ଟରେଟ୍ ଗବେଷଣା କରିଛନ୍ତି। ପ୍ରଫେସର ପଟ୍ଟନାୟକ ପୂର୍ବରୁ କୁଳପତି, ଏ ନ୍ ଆ ଇ ଟି ଆ ର୍ ର ନିର୍ଦ୍ଦେଶକ, ବୋର୍ଡ ଅଫ୍ ଷ୍ଟଡିଜ୍‌ର ଅଧ୍ୟକ୍ଷ, ଡିନ୍ ଓ ଗଭର୍ଣ୍ଣିଂବଡିର ସଦସ୍ୟ ଦାୟିତ୍ୱ ନିର୍ବାହ କରିଛନ୍ତି। ଶିକ୍ଷାଦାନ କ୍ଷେତ୍ରରେ ୩୩ବର୍ଷର ଅଭିଜ୍ଞତା ହାସଲ କରିଥିବା ଡ. ପଟ୍ଟନାୟକ ୧୩ଟି ପୁସ୍ତକ, ଗୋଟିଏ ପୁସ୍ତକର ମୁଖ୍ୟ ସମ୍ପାଦକ, ତିନୋଟିର ସମ୍ପାଦକ ରହିଥିବା ବେଳେ ଜାତୀୟ ସମ୍ମିଳନୀରେ ୪୮ ଓ ଆନ୍ତର୍ଜାତୀୟ ସମ୍ମିଳନୀରେ ତାଙ୍କର ୯୩ଟି ପ୍ରକାଶିତ ନିବନ୍ଧ ପ୍ରକାଶ ପାଇଛି। ସେ ୨୪ଟି ପିଏଚ୍‌ଡିଙ୍କୁ ମାର୍ଗଦର୍ଶନ କରିଛନ୍ତି।

## ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ମାମଲା

# କେସ୍ ଡାଏରୀ ଦାଖଲ ପାଇଁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୩୦।୫(ସମିସ):** ବ୍ରହ୍ମପୁର ଲୋକସଭା ପ୍ରାର୍ଥୀ ଡକ୍ଟର ପ୍ରଦୀପ ପାଣିଗ୍ରାହୀଙ୍କୁ ଆକ୍ରମଣ ଘଟଣାରେ ଅଭିଯୁକ୍ତ ବ୍ରହ୍ମପୁର ବିଧାନସଭା ଆସନର ସ୍ୱାଧୀନ ପ୍ରାର୍ଥୀ ଶିବଶଙ୍କର ଦାଶଙ୍କ ଜାମିନ ଆବେଦନର ଶୁଣାଣି କରିଛନ୍ତି ହାଇକୋର୍ଟ। ଏହି ମାମଲାରେ କେସ୍ ଡାଏରି ସହ ଆବେଦନକାରୀଙ୍କ ବିରୋଧରେ ଅନ୍ୟ ଅପରାଧିକ ମାମଲା ସମ୍ପର୍କିତ ତଥ୍ୟ ଦାଖଲ ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେଇଛନ୍ତି ହାଇକୋର୍ଟ। ଶ୍ରୀ ଦାଶଙ୍କ ଜାମିନ ଆବେଦନର ଶୁଣାଣି କରି ଜଷ୍ଟିସ ଆଦିତ୍ୟ କୁମାର ମହାପାତ୍ର ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ ମେ' ୧୩ରେ ଗୋସାଇଁ ନୂଆଗାଁ ଥାନା ସମ୍ମୁଖରେ ଥିବା ୧୩୨ନମ୍ବର ବୁଥରେ ଇଭିଏମ୍ ସିଲ ହୋଇ ନଥିବା ଖବର ମିଳିବା ପରେ ଲୋକସଭା ପ୍ରାର୍ଥୀ ଡକ୍ଟର ପ୍ରଦୀପ ପାଣିଗ୍ରାହୀ ନିଜ ସମର୍ଥକଙ୍କ ସହିତ ସେଠାକୁ ଯାଇଥିଲେ। ସେଠାରେ ସ୍ୱାଧୀନ ପ୍ରାର୍ଥୀ ଶ୍ରୀ ଦାଶ ପହଞ୍ଚି କୌଣସି କାରଣରୁ ଶ୍ରୀ ଦାଶ ଶ୍ରୀ ପାଣିଗ୍ରାହୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଶ୍ରୀ ପାଣିଗ୍ରାହୀଙ୍କ ଉପରେ ଆକ୍ରମଣକୁ ନେଇ ଗୋଷାଣୀନୂଆଗାଁ ଥାନାରେ ରୁଜୁ ମାମଲାରେ ଶ୍ରୀ ଦାଶଙ୍କୁ ଗିରଫ କରାଯାଇଥିଲା। ୨୦୨୪ ମେ' ୨୦ରେ ଗଞ୍ଜାମ ଦୌରାଜଜ୍ ଅଦାଲତ ଶ୍ରୀ ଦାଶଙ୍କ ଜାମିନ ଖାରଜ କରିବା ପରେ ସେ ହାଇକୋର୍ଟରେ ନିୟମିତ ଜାମିନ ଆବେଦନ ଦାୟର କରିଥିଲେ।

SALE
Booking Open 2/3 BHK Flat Bhpl Krishna, Bharatpur, Bhpl Rudra in front of CET. College, Ghatikia, Bhpl SB Homes, Ghatikia, Bhpl PNM, Satya Vihar, Bhubaneswar. Contact- Bhavishya Homes Pvt Ltd.
Ph.: 9437015112

ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ: (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ: (୦୬୭୪) ୨୩୯୩୯୫୨, ୱେବସାଇଟ: www.oshb.org
CAD-152
ପତ୍ର ସଂଖ୍ୟା- ୧୧୭
IA-988/1986
ବିଜ୍ଞାପନ
ତା.୨୭.୦୫.୨୦୨୪
ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି, ଚନ୍ଦ୍ରଶେଖରପୁର ପ୍ରଥମ ପର୍ଯ୍ୟାୟ ହାଉସିଂ ପ୍ରକଳ୍ପ ଭୁବନେଶ୍ୱରରେ ଫ୍ଲାଟ୍ ଗୃହ ନଂ.-ଏଲ୍.ଆଇ.ଜି-୨୨/୧୧ (LIG-22/11), ଟି କୁ ଶ୍ରୀମତୀ ସର୍ଣ୍ଣଲତା ଜେନା, ସ୍ୱାମୀ- ଚନ୍ଦ୍ରମଣି ଜେନା, ସା- ଚନ୍ଦ୍ରଶେଖରପୁର, ଏଲ୍.ଆଇ.ଜି-୨୨/୧୨, ପୋ/ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧାଙ୍କ ନାମରେ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ ସର୍ଣ୍ଣଲତା ଜେନା ଉକ୍ତ ଗୃହଟିକୁ ତୃତୀୟପକ୍ଷ ଅନ୍ତରିଣ ଆଧାରରେ ଶ୍ରୀମତୀ ସାଗରୀକା ସାଇଁ, ସ୍ୱାମୀ- ଅନନ୍ତ କୁମାର ସାମଲ, ସା/ପୋ- ବେଶିପୁର, ଥାନା- ନିକିରାଇ, ଜିଲ୍ଲା- କେନ୍ଦ୍ରାପଡାଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।
ଉକ୍ତ ପ୍ରକଳ୍ପ ଫ୍ଲାଟ୍ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି / ଆପତ୍ତି ଥାଏ, ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଫ୍ଲାଟ୍ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ।
ସା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13030/11/0125/2425

ମାନନୀୟ ଶ୍ରୀଯୁକ୍ତ ପ୍ରଦୀପ କୁମାର ନାୟକ, ଅତିରିକ୍ତ କମିଶନର,
ଅତିରିକ୍ତ ରିଭିଜିନାଲ କୋର୍ଟ ନଂ.୪ଙ୍କର,
ସ୍ଥାନ: ସରକାରୀ ଅଫିସ୍, ୟୁନିଟ୍-୫, ୪ର୍ଥ ମହଲା, ବିଭାଗୀୟ ମୁଖ୍ୟ ଦପ୍ତର କୋଠା,
ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା
ଓ.ଏସ୍.ଏସ୍. କେସ୍ ନଂ.: ୮୯୨/୨୦୨୨ସନ
ଶ୍ରୀମତୀ ବୈଜୟନ୍ତି ବାଳା ଉର୍ଫ ଓରଫ ସାହୁ, ବୟସ ବର୍ଷ୮୩, ସ୍ୱାମୀ: ପ୍ରଦୀପ କୁମାର ସାହୁ, ସା: ୪ଡି/୧୪୫୫, ସି.ଡି.ଏ, ସେକ୍ଟର-୯, ବିଡାନାସି, ଜିଲ୍ଲା: କଟକ, ପିନ୍ ନଂ.: ୭୫୩୦୧୪ସନ (ଓଡ଼ିଶା) .....ବାଦୀ
ବନାମ
ବନ୍ଦୋବସ୍ତ ଅଫିସର, ମେଜର ସେଟେଲେମେଣ୍ଟ, ସା: ବଡ ଯୋବ୍ରା, ପୋ.: କଲେଜ ଛକ, ଜିଲ୍ଲା: କଟକ ଏବଂ ଓଗେର ..... ପ୍ରତିବାଦୀ
ପ୍ରାପ୍ତେଷୁ
ପ୍ରତିବାଦୀ ନଂ.: ୨ ବନମାଳି ସାହୁ, ପିତା: ମଧୁ ସାହୁ, ସା: କୁସୁଗଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା
ପ୍ରତିବାଦୀ ନଂ.: ୩ ଅପି ସାହୁ, ପିତା: ହଟ ସାହୁ, ସା: କୁସୁଗଡ, ଭୁବନେଶ୍ୱର, ଜିଲ୍ଲା: ଖୋର୍ଦ୍ଧା, ଓଡ଼ିଶା
ନୋଟିସ୍ ସି:ପି:ସି: ଅର୍ଡର-୫, ରୁଲ - ୨୦ ମୁତାବକ
ଏହିକି ଉପରୋକ୍ତ ମୋକଦ୍ଦମାରେ ଆପଣମାନଙ୍କ ସ୍ଥାୟୀ ଘର ଠିକଣାରେ ମାନ୍ୟବର ଅଦାଲତଙ୍କ ତରଫରୁ ନୋଟିସ୍ ପ୍ରେରଣ କରିଥିଲେ ମଧ୍ୟ ଆପଣ ସେଠାରେ ନଥିବାରୁ ତାହା ଆପଣମାନଙ୍କୁ ଜାରି ହୋଇ ପାରୁନାହିଁ। ଆପଣମାନଙ୍କର ବର୍ତ୍ତମାନ ବାସସ୍ଥାନ ଠିକଣା ଆମକୁ ଜଣାନାହିଁ। ଏଣୁ ଗୋଟିଏ ଓଡ଼ିଆ ଖବର କାଗଜ ନୋଟିସ୍ ମାଧ୍ୟମରେ ଜଣାଇ ଦିଆଯାଉଅଛି କି ଆସନ୍ତା ତା. ୦୩.୦୫.୨୦୨୪ରିଖ ଦିନ ପୂର୍ବାହ୍ନ ଘ.୧୧.୩୦ମି ସମୟରେ ଆପଣ ସ୍ୱୟଂ କିମ୍ବା ଆପଣଙ୍କ କ୍ଷମତାପ୍ରାପ୍ତ ଓକିଲଙ୍କ ଜରିଆରେ ଏହି ଅଦାଲତରେ ହାଜର ହୋଇ ଶୁଣାଣିରେ ଅଂଶ ଗ୍ରହଣ କରିବେ। ଏହାକୁ ହେଳା କଲେ ଉକ୍ତ ମୋକଦ୍ଦମାଟି ଏକ ତରଫ ବିଚାର କରାଯିବ।
ବାଦୀ ତଫସିଲ ବୃତ୍ତି
ଜିଲ୍ଲା: ଖୋର୍ଦ୍ଧା, ଥାନା: ବଡ଼କା, ମୌଜା: କୃଷ୍ଣନଗର, ସାବକ ଖାତା ନଂ.: ୨୩୨ର, ସାବକ ପ୍ଲଟ୍ ନଂ.: ୧୧୫୨ର, ଏରିଆ ଏକର ୦.୧୯୨ ଡିସିମିଲ ସୁଧ ଏକର ୦.୦୩୪.୫ ଡିସିମିଲି, କିସମ: ଶାରଦ-ଅଣଜଳସେଚିତ-ଦୁଇ, ସ୍ଥିତିବାନ, ଏହି ଜମିର ହାଲ ମେଜର ଖାତା ନଂ.: ୩୯୩୨ର, ହାଲ ପ୍ଲଟ ନଂ.: ୧୩୧୦ ଘର, ଏରିଆ ଏ.୦.୦୬୯ଡିସିମିଲି, କିସମ: ଶାରଦ-ଅଣଜଳସେଚିତ-ଦୁଇ, ହାଲ ପ୍ଲଟ ନଂ.: ୧୩୧୧ର, ଏରିଆ ଏ.୦.୦୬୯ଡିସିମିଲି, କିସମ: ଶାରଦ-ଅଣଜଳସେଚିତ-ଦୁଇ, ପାର୍ଟ ଏରିଆ ଏ.୦.୦୩୪.୫ଡିସିମିଲି, ସବ୍-ପ୍ଲଟ୍ ନଂ.: ୩୫୪ (ପି)ସନ।
ଅତିରିକ୍ତ କମିଶନର, ଅତିରିକ୍ତ ରିଭିଜିନାଲ କୋର୍ଟଙ୍କ ଅନୁମୋଦକ୍ରମେ



**ମୁଦ୍ରା ବିନିମୟ ମୂଲ୍ୟ**
ମୁଦ୍ରା ବିନିମୟ ମୂଲ୍ୟ (ଟଙ୍କାରେ)
- ଡଲାର ୮୩.୪୫ • ପାଉଣ୍ଡ ୧୦୫.୮
- ୟୁରୋ ୯୦.୪୮ • ୟେନ୍ ୦.୫୩

**ସୁନା, ରୁପା ଦର**
୧୦ ଗ୍ରାମ ପିଛା (ଟଙ୍କାରେ)
- ସୁନା : ୬୬,୭୦୦ (ଭୁବନେଶ୍ୱର)
- ରୁପା : ୧୦୨,୦୨୦ (କେଜି)

**ଷ୍ଟକ୍ ମାର୍କେଟ୍**
ବଜାର କାରବାର (ପଏଣ୍ଟରେ)
- ସେନ୍ସେକ୍ସ ୭୩,୮୮୬.୦୦
- ନିଫ୍ଟି ୨୨,୪୮୯.୦୦

**ପେଟ୍ରୋଲ-ଡିଜେଲ୍**
ଲିଟର ପିଛା (ଟଙ୍କାରେ)
- ପେଟ୍ରୋଲ୍- ୧୦୧.୩୭ (ଭୁବନେଶ୍ୱର)
- ଡିଜେଲ୍ - ୯୨.୮୬

### ରିଜର୍ଭ ବ୍ୟାଙ୍କର ବାର୍ଷିକ ରିପୋର୍ଟ

# କମ୍ ଯୋଗାଣ, ଦୁର୍ବଳ ଷ୍ଟକ୍ ଯୋଗୁଁ ବଜାର ମହଙ୍ଗା

ନୂଆଦିଲ୍ଲୀ,୩୦।୫(ଏଜେନ୍ସି)



**ଗହମ, ଚାଉଳ, ଡାଲିର ଉଚ୍ଚ ଦର ମୁଦ୍ରାସ୍ଫୀତି ବଢ଼ାଉଛି**

**ମୁଦ୍ରାସ୍ଫୀତିରେ ଖାଦ୍ୟ ସାମଗ୍ରୀର ଭାଗ ୬୦%ରୁ ଅଧିକ**

**ଖାଦ୍ୟ ମୁଦ୍ରାସ୍ଫୀତି ୮.୫% ଟପିଛି**

ଦେଶରେ ସାଧାରଣ ଲୋକଙ୍କ ଖାଇବା ପ୍ଲେଟ ମହଙ୍ଗା ହେବାରେ ଲାଗିଛି। ମହଙ୍ଗା ରୂପୀ ଏହି ଡାଆଣୀ ଖାଉଟିଙ୍କ ପିଛା ଛାଡୁନାହିଁ। ସରକାରୀ କାଗଜପତ୍ର ଏବଂ ହିସାବରେ ମୁଦ୍ରାସ୍ଫୀତି କମୁଛି ହେଲେ ସାଧାରଣ ଖାଉଟିଙ୍କ ପାଇଁ ବଜାର ଦର କମିବାର ନାମ ଧରୁନାହିଁ। ଏହାର କାରଣ ଜାଣିଲେ ଆଶ୍ଚର୍ଯ୍ୟ ଲାଗିବ। ଖୋଦ୍ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶିତ ଏହାର ସର୍ବଶେଷ ବାର୍ଷିକ ରିପୋର୍ଟରେ ଏହାର ଖୁଲାସା ହୋଇଛି। ଏଥିରେ ଖାଉଟି ବଜାର ମହଙ୍ଗା ହେବାର କାରଣ ସ୍ପଷ୍ଟ କରିଛି ରିଜର୍ଭ ବ୍ୟାଙ୍କ। ଖାଦ୍ୟ ସାମଗ୍ରୀର ଯୋଗାଣ ହ୍ରାସ ପାଇବା ଏବଂ ଦୁର୍ବଳ ଷ୍ଟକ୍ ବା ସଂରକ୍ଷଣ ବ୍ୟବସ୍ଥା ଯୋଗୁ ଦେଶରେ ଗହମ, ଚାଉଳ ଏବଂ ଡାଲି ଭଳି ପ୍ରମୁଖ ଖାଦ୍ୟ ସାମଗ୍ରୀର ଦର ବୃଦ୍ଧି ପାଉଛି।

ଗତ ବର୍ଷ ଦୀର୍ଘ ସମୟ ଧରି ଦେଶରେ ମୁଦ୍ରାସ୍ଫୀତି ସର୍ବୋଚ୍ଚ ସ୍ତରରେ ରହିଥିଲା। ମୁଦ୍ରାସ୍ଫୀତି ବା ଦରଦାମ୍‌କୁ ନିୟନ୍ତ୍ରଣ କରିବା ପାଇଁ ରିଜର୍ଭ ବ୍ୟାଙ୍କ ଏହାର ପ୍ରମୁଖ ସୁଧ ହାର ରେପୋ ହାରକୁ ଏକ ବର୍ଷରୁ ଅଧିକ ସମୟ ପାଇଁ ୬.୫ ପ୍ରତିଶତରେ ସ୍ଥିର ରଖିଛି। ଦେଶରେ ମୁଦ୍ରାସ୍ଫୀତି ଏକଦା ୭ ପ୍ରତିଶତକୁ ବୃଦ୍ଧି ପାଇ ୫ ପ୍ରତିଶତକୁ ଖସିଆସିଛି। ତଥାପି, ସାଧାରଣ ଲୋକଙ୍କ ପାଇଁ ଖାଇବା ଥାଳି ମହଙ୍ଗା ହୋଇରହିଛି। ଆରବିଆଇ ରିପୋର୍ଟରେ ଖାଉଟି ବଜାର ମହଙ୍ଗା ହେବାର କାରଣ ଏବେ ସ୍ପଷ୍ଟ ହୋଇଯାଇଛି। ଖାଉଟିଙ୍କ ପ୍ରମୁଖ ଖାଦ୍ୟ ଗହମ, ଚାଉଳ ଏବଂ ଡାଲିର ଉଚ୍ଚ ଦର ବା ମୁଦ୍ରାସ୍ଫୀତି ଫଳରେ ବଜାର ମହଙ୍ଗା ହେଉଛି। ଦେଶର ମୂଳ ମୁଦ୍ରାସ୍ଫୀତି ହାରରେ ଖାଦ୍ୟ ସମାଗ୍ରୀର ଅଂଶ ୬୦.୩ ପ୍ରତିଶତକୁ ବୃଦ୍ଧି ହୋଇଛି, ଯାହା ୨୦୨୨-୨୩ରେ ମାତ୍ର ୪୬ ପ୍ରତିଶତ ରହିଥିଲା। ଏହି କାରଣରୁ, ମୂଳ ମୁଦ୍ରାସ୍ଫୀତି ହାର ୪ ପ୍ରତିଶତ ରହିବା ସ୍ଥାନରେ ପାଖାପାଖି ୭ ପ୍ରତିଶତରେ ପହଞ୍ଚିଛି। ଖାଦ୍ୟ ମୁଦ୍ରାସ୍ଫୀତି ୮.୫ ପ୍ରତିଶତରୁ ଅଧିକ ସ୍ତରକୁ ଅତିକ୍ରମ କରିଛି।

## ବ୍ୟାଙ୍କରେ ପଡ଼ିରହିଛି ୭୮ ହଜାର କୋଟିର ଅଣଦାବିଦାର ଜମା ରାଶି

ମୁମ୍ବଇ,୩୦।୫(ଏଜେନ୍ସି): ଦେଶର ବିଭିନ୍ନ ବ୍ୟାଙ୍କରେ ଦାବିଦାର ନ ଥିବା ଅର୍ଥ ରାଶିରେ ବର୍ଷକୁ ବର୍ଷ ବୃଦ୍ଧି ଘଟିବାରେ ଲାଗିଛି। ଏହି ଜମା ରାଶି ପରିମାଣରେ ଏବେ ୨୬% ବୃଦ୍ଧି ଘଟି ୭୮ ହଜାର ୨୧୩ କୋଟି ଟଙ୍କାରେ ପହଞ୍ଚିଥିବା ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶିତ ଏହାର ବାର୍ଷିକ ରିପୋର୍ଟରେ ଏହା କୁହାଯାଇଛି। ୨୦୨୪ ମାର୍ଚ୍ଚ ୩୧ ଶେଷ ସୁଦ୍ଧା ଦେଶର ସମସ୍ତ ବ୍ୟାଙ୍କରେ ପଡିଥିବା ଦାବିହୀନ ଅର୍ଥ ପରିମାଣ ୭୮ ହଜାର ଟଙ୍କା ଅତିକ୍ରମ କରିଥିବାବେଳେ, ୨୦୨୩ ମାର୍ଚ୍ଚ ୩୧ରେ ଏହି ପରିମାଣ ୬୨,୨୨୫ କୋଟି ଟଙ୍କା ଥିରହିଥିଲା। ରିଜର୍ଭ ବ୍ୟାଙ୍କ ଏହି ଟଙ୍କାକୁ ଯୋଗ୍ୟ ଲୋକଙ୍କୁ ହସ୍ତାନ୍ତର କରିବାକୁ କହିଛି। ଦେଶର ସମସ୍ତ ସମବାୟ ବ୍ୟାଙ୍କ ସମେତ ଅନ୍ୟ ସମସ୍ତ ବ୍ୟାଙ୍କରେ ଯଦି କୌଣସି ଆକାଉଣ୍ଟଧାରୀଙ୍କ ଜମା ଅର୍ଥ ୧୦ ବର୍ଷ କିମ୍ବା ତା'ଠାରୁ ଅଧିକ ସମୟ ଧରି ରହିଥାଏ ତେବେ ଆରବିଆଇ ନିୟମ ଅନୁଯାୟୀ ଏହାକୁ ଅନାବଶ୍ୟକ ରାଶି ଭାବରେ ବିବେଚନା କରାଯାଏ। ଯଦି ଏହି ଅର୍ଥର କେହି ଦାବିଦାର ନ ଥାନ୍ତି ଏହାକୁ ଶେଷରେ ଡିପୋଜିଟର ଏଜୁକେଶନ୍ ଆଣ୍ଡ ଆୱାରନେସ୍ ଫଣ୍ଡ(ଡିଇଏ)କୁ ସ୍ଥାନାନ୍ତରିତ ହୋଇଥାଏ।

## ଆର୍‌ବିଆଇ ପାଖରେ ପାକିସ୍ତାନ ଜିଡିପିର ଅଢ଼େଇ ଗୁଣ ଅର୍ଥ

**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନିକଟରେ ଏବେ ପରିମାଣ ଅର୍ଥ ରହିଛି ଯେ, ଏହା ପାକିସ୍ତାନର ମୋଟ ଘରୋଇ ଉତ୍ପାଦ(ଜିଡିପି)ଠାରୁ ଆକାରରେ ଅଢ଼େଇ ଗୁଣ ଅଧିକ ହେବ। ୨୦୨୪ ମାର୍ଚ୍ଚ ୩୧ ସୁଦ୍ଧା କେନ୍ଦ୍ରୀୟ ବ୍ୟାଙ୍କର ବାଲାନ୍ସ ଶିଟ୍‌ରେ ୧୧.୦୮ ପ୍ରତିଶତ ବୃଦ୍ଧି ହୋଇ ୭୦.୪୮ ଲକ୍ଷ କୋଟି ଟଙ୍କାରେ ପହଞ୍ଚିଛି। ଆରବିଆଇର ମୁଦ୍ରା ଭଣ୍ଡାରରେ ୮୪୪.୭୬ ବିଲିୟନ ଡ଼ଲାର ଅର୍ଥ ଜମା ରହିଛି, ଯାହା ପାକିସ୍ତାନର ମୋଟ ଜିଡିପିର ଅଢ଼େଇଗୁଣ ହେବ ବୋଲି ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ପକ୍ଷରୁ ପ୍ରକାଶିତ ଏହାର ବାର୍ଷିକ ରିପୋର୍ଟରେ କୁହାଯାଇଛି। ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍‌ଏଫ୍) ଅନୁଯାୟୀ ପାକିସ୍ତାନର ଜିଡିପି ପ୍ରାୟ ୩୩୮.୨୪ ବିଲିୟନ ଡ଼ଲାର। ୨୦୨୩ ଆର୍ଥିକବର୍ଷରେ ଆରବିଆଇର ବାଲାନ୍ସ ସିଟ୍ ୬୩.୪୪ ଲକ୍ଷ କୋଟି ଟଙ୍କା ରହିଥିଲା। କେନ୍ଦ୍ରୀୟ ବ୍ୟାଙ୍କ କହିଛି ଯେ ଏହାର ବାଲାନ୍ସ ସିଟ୍ ପ୍ରାକ୍-ମହାମାରୀ ସ୍ତର ଅନୁରୂପ ସ୍ୱାଭାବିକ ହୋଇଛି। ୨୦୨୩ ମାର୍ଚ୍ଚ ଶେଷ ସୁଦ୍ଧା ଏଥିରେ ୨୩.୫%ରୁ ବୃଦ୍ଧି ଘଟି ଚଳିତବର୍ଷ ମାର୍ଚ୍ଚ ଶେଷ ସୁଦ୍ଧା ଭାରତର ଜିଡିପିର ୨୪.୧ ପ୍ରତିଶତକୁ ବୃଦ୍ଧି ପାଇଛି। ରିପୋର୍ଟ ଅନୁଯାୟୀ, ୨୦୨୪ ଆର୍ଥିକ ବର୍ଷରେ କେନ୍ଦ୍ରୀୟ ବ୍ୟାଙ୍କର ଆୟ ୧୭.୦୪% ବୃଦ୍ଧି ପାଇଥିବାବେଳେ ଖର୍ଚ୍ଚ ୫୬.୩୦% ହ୍ରାସ ପାଇଛି।

## ଫୋନ୍‌ପେ ପକ୍ଷରୁ ଏକାଧିକ ବର୍ଗରେ ଗ୍ରାହକଙ୍କୁ ଋଣ ଅଫର

**ଭୁବନେଶ୍ୱର,୩୦।୫(ସମିସ):** ଫୋନପେ ନିଜର ବିଶ୍ୱସ୍ତ ବ୍ୟାଙ୍କ, ଅଣ-ବ୍ୟାଙ୍କି ଫାଇନାନ୍ସିଆଲ କମ୍ପାନୀ ଏନବିଏଫସି(ଘଇରଉଗ୍ଡ) ଏବଂ ଫିନଟେକ ନେଟୱର୍କ ସହଭାଗୀତାରେ ୬ଟି ପ୍ରମୁଖ ବର୍ଗରେ ଋଣ ଅଫର କରୁଛି। ସେଗୁଡିକ ହେଉଛି ବାଇକ୍ , କାର ,ହୋମ,ଗୋଲ୍ଡ, ଏଜୁକେସନ ଏବଂ ମ୍ୟୁଚୁଆଲ ଫଣ୍ଡ ଋଣ। ଫୋନପେ ୫୩୫+ ନିୟୁତରୁ ଅଧିକ ପଞ୍ଜୀକୃତ ୟୁଜରଙ୍କୁ ଏକ ସୁରକ୍ଷିତ ଉପାୟରେ ଲୋନ ପ୍ରଦାନ କରିବା ସହ ଏକ ଶକ୍ତିଶାଳୀ ଏବଂ ନିରବଚ୍ଛିନ୍ନ ୟୁଜର ଅନୁଭୂତି ଦେବାକୁ ଲକ୍ଷ୍ୟ ରଖିଛି। ଏହି ଅବସରରେ ଫୋନପେ ଲେଣ୍ଡିଂର ସିଇଓ, ହେମନ୍ତ ଗାଲା କହିଛନ୍ତି ଯେ, ଶୀର୍ଷ ବ୍ୟାଙ୍କ ଏବଂ ଏନବିଏଫସି ସହ ସମସ୍ତ ପ୍ରମୁଖ ବର୍ଗରେ ଆମର ଲେଣ୍ଡିଂ ପ୍ଲାଟଫର୍ମ ଆମକୁ ଋଣଦାତା ଏବଂ ଦେଶର ଲକ୍ଷ ଲକ୍ଷ ଗ୍ରାହକଙ୍କୁ ସେମାନଙ୍କ ଆର୍ଥିକ ଆବଶ୍ୟକତା ପୂରଣ କରିବା ପାଇଁ ଗୋଟିଏ ପ୍ଲାଟଫର୍ମରେ ଯୋଡି ହୋଇ ରହିବାର ସୁଯୋଗ ପ୍ରଦାନ କରେ। ଋଣଦାତା ମାନେ ଡିଜିଟାଲ ପଦ୍ଧତିରେ ସୁରକ୍ଷିତ ଭାବେ ଲୋନ ଦେବା ପାଇଁ ବ୍ୟାପକ ପୁଞ୍ଜିନିବେଶ କରୁଛନ୍ତି ଏବଂ ଗ୍ରାହକମାନେ ଡିଜିଟାଲ ପଦ୍ଧତିରେ ଲୋନ ନେଇ ପାରୁଛନ୍ତି। ଆମେ ବିଶ୍ୱାସ କରୁ ଯେ ଋଣ ପ୍ରଦାନକାରୀ ଇକୋସିଷ୍ଟମ ସିହତ କାର୍ଯ୍ୟକରୁଥିବା ଗ୍ରାହକମାନଙ୍କ ପାଇଁ ସୁରକ୍ଷିତ ଲୋନ ପ୍ରଡକ୍ଟ ଅନୁଭୂତି ବିପ୍ଳବ ଆଣିବା ପାଇଁ ଏହା ହେଉଛି ଏକ ଭଲ ସମୟ।

## ଓଡ଼ିଶାରେ ଏୟାରଟେଲ୍‌ର ୧୯ ଲକ୍ଷ ୫-ଜି ଗ୍ରାହକ

**ଭୁବନେଶ୍ୱର,୩୦।୫(ସମିସ):** ଭାରତର ଅନ୍ୟତମ ଅଗ୍ରଣୀ ଟେଲିକମ୍ ସେବା ପ୍ରଦାନକାରୀ କମ୍ପାନୀ ଭାରତୀ ଏୟାରଟେଲ୍ ଆଜି ଘୋଷଣା କରିଛି ଯେ ଓଡ଼ିଶା ରାଜ୍ୟରେ ଏହାର ୧୯ ଲକ୍ଷ ଗ୍ରାହକ ୫ଜି ସେବା ଉପଭୋଗ କରୁଛନ୍ତି। କମ୍ପାନି ଓଡ଼ିଶାର ସମସ୍ତ ସହର ଓ ଜିଲ୍ଲାରେ ୫ଜି ସେବାକୁ ସଫଳତାର ସହ ନିୟୋଜିତ କରିଛି ଯାହା ପରବର୍ତୀ ପିଢ଼ିର ମୋବାଇଲ ସଂଯୋଗ ପ୍ରଦାନ ଦିଗରେ ଏକ ଆଶାଜନକ ପରିବର୍ତନକୁ ପ୍ରତିଫଳିତ କରୁଛି। ଓଡ଼ିଶାରେ ଗତ ୬ ମାସ ମଧ୍ୟରେ ଏୟାରଟେଲ୍ ର ୫ଜି ଉପଭୋକ୍ତାଙ୍କ ସଂଖ୍ୟାରେ ଉଲ୍ଲେଖନୀୟ ବୃଦ୍ଧି ଘଟିଛି। କଂପାନିର ବିସ୍ତୃତ ନେଟୱାର୍କ ନିୟୋଜନ ସମଗ୍ର ରାଜ୍ୟରେ ଏହାର ସେବାକୁ ପ୍ରଭାବଶାଳୀ ଭାବରେ ବିସ୍ତାର କରିଛି, ଯାହା ଗ୍ରାହକମାନଙ୍କୁ ୫ଜି ଗ୍ରହଣ କରିବାର ପ୍ରକ୍ରିୟାକୁ ବହୁତ ସରଳ କରିଛି। ଭାରତୀ ଏୟାରଟେଲ୍ ର ଓଡ଼ିଶା ସିଓଓ ଆର ବାଲାଜୀ ସିଂହ କହିଛନ୍ତି ଯେ ଓଡ଼ିଶାରେ ୫ଜି କୁ ବ୍ୟାପକ ଭାବେ ଗ୍ରହଣ କରିବା ପାଇଁ ଆବଶ୍ୟକ ନେଟୱାର୍କ ଭିତିଭୂମି ନିର୍ମାଣ ଦିଗରେ ଆମେ ଉଲ୍ଲେଖନୀୟ ଅଗ୍ରଗତି କରୁଛୁ। ଆମେ ଆମର ମୂଲ୍ୟବାନ ଗ୍ରାହକମାନଙ୍କୁ କୃତଜ୍ଞତା ଜ୍ଞାପନ କରୁଛୁ ଯେଉଁମାନେ ବିନା ଅତିରିକ୍ତ ମୂଲ୍ୟରେ ଅସୀମିତ ୫ଜିସେବାର ସେବା ଉପଭୋଗ କରିବାକୁ ଅପଗ୍ରେଡ୍ କରିଛନ୍ତି। ଆମର ଅକ୍ଳାନ୍ତ ପ୍ରୟାସ ହେଉଛି ଆମର ଗ୍ରାହକମାନଙ୍କୁ ରାଜ୍ୟର ଦ୍ରୁତତମ, ସବୁଠାରୁ ଭରସାଯୋଗ୍ୟ ଏବଂ ଅତ୍ୟାଧୁନିକ ନେଟୱାର୍କ ସହିତ କ୍ରମାଗତ ଭାବରେ ଯୋଡ଼ି ରଖିବା।

## ଆଇସିଆଇସିଆଇ ପ୍ରୁଡେନସିଆଲ ଲାଇଫ୍ ଦାବି ଫଇସଲା ଅନୁପାତ ୯୯.୧୭%

**ଭୁବନେଶ୍ୱର,୩୦।୫(ସମିସ):** ୨୦୨୩-୨୪ ଆର୍ଥିକବର୍ଷରେ ଆଇସିଆଇସିଆଇ ପ୍ରୁଡେନ୍ସିଆଲ ଲାଇଫର ଦାବି ସମାଧାନ ଅନୁପାତ ୯୯.୧୭% ରହିଛି, ଯାହା ଉକ୍ତ କ୍ଷେତ୍ରରେ ଅନ୍ୟତମ ଶ୍ରେଷ୍ଠ ପ୍ରଦର୍ଶନ। ଗୁରୁତ୍ୱପୂର୍ଣ୍ଣ ହେଉଛି, ପ୍ରକୃତ ମୃତ୍ୟୁ ଦାବିର ସମାଧାନ ପାଇଁ ହାରାହାରି ୧.୨୭ ଦିନ ସମୟ ଲାଗିଥିଲା। ୨୦୨୪ରେ ଶେଷ ହୋଇଥିବା ଆର୍ଥିକ ବର୍ଷରେ କମ୍ପାନୀ ମୃତ୍ୟୁ ଦାବି ବାବଦରେ ମୋଟ ୧,୮୬୭ କୋଟି ଟଙ୍କା ପ୍ରଦାନ କରିଛି। ୨୦୨୪ ବର୍ଷର ପ୍ରଥମ ତ୍ରୈମାସିକରେ କମ୍ପାନୀର ଦାବି ସମାଧାନ ଅନୁପାତ ୯୭.୯୪%, ୨୦୨୪ ଆର୍ଥିକବର୍ଷର ଦ୍ୱିତୀୟ ତ୍ରୈମାସିକରେ ଏହା ୯୮.୧୪% ଏବଂ ୨୦୨୪ ଆର୍ଥିକବର୍ଷର ତୃତୀୟ ତ୍ରୟମାସରେ ଏହା ୯୮.୫୨% ଥିଲା। ଦାବିଦାର କିମ୍ବା ନୋମିନିମାନଙ୍କୁ ସୁବିଧା ପ୍ରଦାନ କରିବା ପାଇଁ ଦାବିଗୁଡିକ ହ୍ୱାଟ୍ସଆପ୍ ଏବଂ କମ୍ପାନୀର ମୋବାଇଲ୍ ଆପ୍ପରି ଡିଜିଟାଲ ଟଚ୍ ପଏଣ୍ଟ ବ୍ୟବହାରକରି ସୁବିଧାରେ ଦାବି ଦାଖଲ ଏବଂ ଟ୍ରାକ୍ କରିପାରିବେ।

## ଟାଇମ୍ ବିଶ୍ୱ ଶ୍ରେଷ୍ଠ ୧୦୦ ପ୍ରଭାବଶାଳୀ କମ୍ପାନୀ ତାଲିକାରେ ୩ ଭାରତୀୟ କମ୍ପାନୀ

**ମୁମ୍ବଇ,୩୦।୫(ଏଜେନ୍ସି):** ପ୍ରସିଦ୍ଧ ଆମେରିକୀୟ ପତ୍ରିକା ଟାଇମ୍ ପକ୍ଷରୁ ୨୦୨୪ ବର୍ଷ ପାଇଁ ବିଶ୍ୱର ସବୁଠାରୁ ପ୍ରଭାବଶାଳୀ କମ୍ପାନୀଗୁଡିକର ତାଲିକା ପ୍ରକାଶ କରାଯାଇଛି। ଶ୍ରେଷ୍ଠ ୧୦୦ କମ୍ପାନି ତାଲିକାରେ ୩ଟି ଭାରତୀୟ କମ୍ପାନୀ ସ୍ଥାନ ପାଇଛନ୍ତି। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆ ଏବଂ ଟାଟା ଗ୍ରୁପ୍ ଟାଇମର ଶ୍ରେଷ୍ଠ ୧୦୦ ପ୍ରଭାବଶାଳୀ କମ୍ପାନି ତାଲିକାରେ ସ୍ଥାନ ପାଇଛନ୍ତି। ଏହି ତାଲିକାକୁ ୫ଟି ବର୍ଗରେ ବିଭକ୍ତ କରାଯାଇଛି। ସେଥିରେ ଅଗ୍ରଣୀ, ଡିସରପଟର୍ସ, ଇନୋଭେଟର୍ସ , ଟାଇଟନ୍ସ ଏବଂ ପାୟୋନିୟର୍ସ ଭଳି ୫ଟି ବର୍ଗ ରହିଛି। ରିଲାଏନ୍ସ ଓ ଟାଟା ଗ୍ରୁପ୍ ଟାଇଟନ୍ସ ବର୍ଗରେ ସ୍ଥାନ ପାଇଛନ୍ତି। ସେରମ୍ ଇନଷ୍ଟିଚ୍ୟୁଟ୍ ଅଫ୍ ଇଣ୍ଡିଆକୁ ପାଇଓନିୟର୍ସ ବର୍ଗ ପାଇଁ ଚୟନ କରାଯାଇଛି। ପ୍ରତ୍ୟେକ ବର୍ଗରେ ୨୦ଟି କମ୍ପାନୀ ସ୍ଥାନ ପାଇଛନ୍ତି। ଟାଇମ ପତ୍ରିକା ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍‌କୁ 'ଇଣ୍ଡିଆଜ୍ ଜଗରନଟ୍' ନାମରେ ନାମିତ କରିଛି। ଏହାଛଡା ଟାଇମ ପତ୍ରିକା ସେରମ୍ ଇନଷ୍ଟିଚ୍ୟୁଟ ଅଫ ଇଣ୍ଡିଆକୁ ବିଶ୍ୱର ସର୍ବବୃହତ ଟିକା ନିର୍ମାତା ଭାବେ ସାମିଲ କରିଛି। କମ୍ପାନୀ ପ୍ରତିବର୍ଷ ୩.୫ ବିଲିୟନ ଡୋଜ୍ ଟିକା ଉତ୍ପାଦନ କରୁଛି। ଟାଟା ଗ୍ରୁପ୍ ସମ୍ପର୍କରେ ପତ୍ରିକା କହିଛି ଯେ ଟାଟା ଗ୍ରୁପ୍ ଭାରତର ପୁରାତନ କମ୍ପାନୀ ମଧ୍ୟରୁ ଅନ୍ୟତମ। ଇସ୍ପାତ, ସଫ୍ଟୱେର, ଘଡ଼ି, ସବ-ସି କେବୁଲ ଓ ରାସାୟନିକଠାରୁ ଆରମ୍ଭ କରି ଲୁଣ, ଶସ୍ୟ, ଏୟାର କଣ୍ଡିସନର, ଫ୍ୟାସନ ଓ ହୋଟେଲ ପର୍ଯ୍ୟନ୍ତ ଏହାର ବିଶାଳ ପୋର୍ଟଫୋଲିଓ ରହିଛି।

### ଅନ୍ତିମ ପର୍ଯ୍ୟାୟ ଭୋଟିଂ ପୂର୍ବରୁ ଭ୍ରମରେ ବଜାର

## କ୍ରମାଗତ ୫ମ ଦିନ ପାଇଁ ସେନସେକ୍ସରେ ୬୧୭ ପଏଣ୍ଟ ହ୍ରାସ

ମୁମ୍ବଇ,୩୦।୫(ଏଜେନ୍ସି)



ଲୋକସଭା ନିର୍ବାଚନ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଜୁନ୍ ୪ରେ ପରିଣାମ ଘୋଷଣା ହେବ। ଏହା ପୂର୍ବରୁ ସେୟାର ବଜାରରେ ନିବେଶକଙ୍କ ମଧ୍ୟରେ ହଇଚଇ ସୃଷ୍ଟି ହୋଇଛି। ବିଦେଶୀ ପୋର୍ଟଫୋଲିଓ ନିବେଶକ (ଏଫପିଆଇ) ମାନେ ଗୋଟିଏ ପଟେ ସେୟାର ବିକ୍ରି କରିବାରେ ଲାଗିପଡିଛନ୍ତି। ଅପରପକ୍ଷେ ଆମେରିକୀୟ ବଣ୍ଡ ଇଲ୍ଡରେ ମଜଭୁତ ସ୍ଥିତି ପରିଲକ୍ଷିତ ହେଉଛି। କ୍ରମାଗତ ଭାବେ ୫ମ କାରବାର ଦିବସ ପାଇଁ ଘରୋଇ ଷ୍ଟକ୍ ବଜାର ଧରାଶାୟୀ ହୋଇଛି। ଗୁରୁବାର ଘରୋଇ ପୁଞ୍ଜିବଜାର ସୂଚକାଙ୍କ ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ଏବଂ ନ୍ୟାସନାଲ ଷ୍ଟକ୍ ଏକ୍ସଚେଞ୍ଜ ନିଫ୍ଟି ଉଭୟ ଲାଲ ସଙ୍କେତରେ ବନ୍ଦ ହୋଇଛି। ଭାରତୀୟ ଷ୍ଟକ ବଜାରରେ ସମ୍ପ୍ରତି ହ୍ରାସ ଜାରି ରହିଛି। ଗୁରୁବାର ସେନସେକ୍ସରେ ୬୧୭ ପଏଣ୍ଟ ହ୍ରାସ ଘଟି ୭୩,୮୮୬ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ସେହିପରି ନ୍ୟାସନାଲ ଏକ୍ସଚେଞ୍ଜ (ନିଫ୍ଟି)ରେ ଆଜି ୨୧୬ ପଏଣ୍ଟ ହ୍ରାସ ଘଟି ୨୨,୪୮୯ ପଏଣ୍ଟ ସ୍ତରରେ ବନ୍ଦ ହୋଇଛି। ଆଜିର କାରବାରରେ ବ୍ୟାଙ୍କିଙ୍ଗ୍ ଓ ମିଡିଆ ସେୟାରକୁ ଛାଡ଼ି ଦେଲେ ଅନ୍ୟ ସମସ୍ତ କ୍ଷେତ୍ରର ସୂଚକାଙ୍କ ହ୍ରାସ ସହ ବନ୍ଦ ହୋଇଛି।



# ଭୁବନେଶ୍ୱର ସିଟି



## ଶ୍ରୀଲିଙ୍ଗରାଜଙ୍କ ଚନ୍ଦନ ଯାତ୍ରାରେ ବାଣକୁ ନା

### ଡାକବାଜି ଲଗାଇ ଲୋକଙ୍କୁ ସଚେତନ

ଭୁବନେଶ୍ୱର, ୩୦।୫(ସମିସ): ବୁଧବାର ପୁରୀରେ ମହାପ୍ରଭୁଙ୍କ ଚାପ ଖେଳ ବେଳେ ବାଣ ବିସ୍ଫୋରଣ ଘଟି ୩ ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନେକ ଆହତ ହୋଇଛନ୍ତି। ଏହି ଘଟଣା ପରେ ଶ୍ରୀଲିଙ୍ଗରାଜଙ୍କ ଚାପ ଖେଳରେ ବାଣକୁ ବାରଣ କରିଛି କମିସନରେଟ୍ ପୁଲିସ। ଅକ୍ଷୟ ତୃତୀୟା ଠାରୁ ଆରମ୍ଭ ହୋଇଥିବା ଏହି ଚାପ ହେଲେ ଶୁକ୍ରବାର ଶେଷ ହେବ। ଶେଷ ଦିନର ଚାପ ଖେଳ ସମୟରେ ଆତସବାଜି ପ୍ରଦର୍ଶନ କରାଯାଇଥାଏ। କିନ୍ତୁ ପୁରୀ ଅଘଟଣ ପରେ ଲିଙ୍ଗରାଜଙ୍କ ଚାପ ଖେଳରେ ଏହାକୁ ବାରଣ କରାଯାଇଛି। ଏନେଇ ଲିଙ୍ଗରାଜ ଥାନା ପୁଲିସ ଡାକବାଜି ଯନ୍ତ୍ର ମାଧ୍ୟମରେ ବୁଲି ବୁଲି ଲୋକଙ୍କୁ ବାଣ ନ ଫୁଟାଇବାକୁ ପରାମର୍ଶ ଦିଆଯାଇଛି। ଯଦି କେହି ଏହି ନିୟମକୁ ନମାନି ବାଣ ଫୁଟାନ୍ତି, ତେବେ ପୁଲିସ ତାଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ ବୋଲି ଥାନା ଅଧିକାରୀ ପୂର୍ଣ୍ଣଚନ୍ଦ୍ର ପ୍ରଧାନ ସୂଚନା ଦେଇଛନ୍ତି।

■ ପୁଲିସକୁ ଆକ୍ରମଣ; ପିସିଆର୍ ଭଙ୍ଗାରୁଜା

## ମାଷ୍ଟରମାଇଣ୍ଡ ମୀନା ସମେତ ୯ ଗିରଫ





ଭୁବନେଶ୍ୱର, ୩୦।୫ (ସମିସ): ଆକ୍ରମଣର ଶିକାର ହେଉଥିବା ନାବାଳକଙ୍କୁ ଉଦ୍ଧାର କରିବାକୁ ଯାଇଥିବା ବେଳେ ପୁଲିସକୁ ଆକ୍ରମଣ ଓ ପିସିଆର୍ ଭଙ୍ଗାରୁଜା କରିଥିବା ଅଭିଯୋଗରେ ଫାର୍ମ ଗେଟ୍ ବସ୍ତିରେ ରହୁଥିବା ମୀନା ସ୍ୱାଇଁ (୪୮)ଙ୍କ ସମେତ ୯ ଜଣଙ୍କୁ ଗିରଫ କରିଛି ଖଣ୍ଡଗିରି ଥାନା ପୁଲିସ। ଗିରଫ ଅନ୍ୟ ଅଭିଯୁକ୍ତ ହେଉଛନ୍ତି ଫାର୍ମ ଗେଟ୍ ବସ୍ତିର ବାବୁଲି ଛାଟୋଇ (୩୨), ଦିଲ୍ଲୀପ ଗୌଡ଼ (୨୪), ପଞ୍ଚୁ ଗୌଡ଼ (୪୫), ଗିରିଆ ସାମଲ (୫୦), ଶିରିଆ ସାମ (୩୫), ସୁମନ ନାୟକ (୨୮), ସୋମନାଥ ତାଡ଼ା (୧୯) ଓ ରାକେଶ କୁମାର ସାହୁ (୨୪)। ପୁଲିସ ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ପିସିଆର୍ ୧୫ର ହାବିଲ୍‌ଦାର ପ୍ରିୟବ୍ରତ ନାୟକ ଓ ତାଙ୍କ ଟିମ୍ ଶିରିପୁର ଫାର୍ମ ଗେଟ୍ ବସ୍ତି ଅଞ୍ଚଳରେ ପାଟ୍ରୋଲିଂ କରୁଥିବା ସମୟରେ ସବିତା ନାମ୍ନୀ ଜଣେ ମହିଳା ତାଙ୍କ ନାବାଳକ ପୁଅକୁ ଜଣେ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତର ଭାବରେ ଆକ୍ରମଣ କରାଯାଉଥିବା ନେଇ ସେ ପିସିଆର ୧୫କୁ ଜଣାଇଥିଲେ। ଖବରପାଇ ପିସିଆର୍ ତୁରନ୍ତ ଘଟଣାସ୍ଥଳକୁ ଯାଇ ସମ୍ପୃକ୍ତ ନାବାଳକଙ୍କୁ ଉଦ୍ଧାର କରିବା ପାଇଁ ଚେଷ୍ଟା କରିଥିଲେ। ପିସିଆର୍ ଟିମ୍ ଆହତ ନାବାଳକଙ୍କୁ ଉଦ୍ଧାର କରୁଥିବା ସମୟରେ ମୀନାଙ୍କ ପ୍ରରୋଚନାରେ ୨୦/୨୫ ଜଣ ବ୍ୟକ୍ତି ବିଶୃଙ୍ଖଳା କରିବା ନିମନ୍ତେ ପିସିଆର୍‌କୁ ଘେରାଉ କରିଥିଲେ। ଏଥିସହିତ ପିସିଆର୍ ଟିମ୍‌କୁ ଗାଳିଗୁଲଜ କରିବା ସହ ଆକ୍ରମଣ କରି କରିଥିଲେ। ପିସିଆର୍ ଟିମ୍ ଆହତ ହେବା ସତ୍ତ୍ୱେ କୌଶଳକ୍ରମେ ଆହତ ନାବାଳକଙ୍କୁ ଅଭିଯୁକ୍ତଙ୍କ କବଳରୁ ନେଇ ଆସୁଥିବା ବେଳେ ସେମାନେ ଅଧିକ ଉତ୍ୟକ୍ତ ହୋଇ ପିସିଆର୍ ଭ୍ୟାନକୁ ଭଙ୍ଗାରୁଜା କରିଥିଲେ। ଏନେଇ ଖଣ୍ଡଗିରି ଥାନାରେ ମାମଲା ରୁଜୁହେବା ପରେ ପୁଲିସ ୯ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି।

## ଟ୍ରେନ୍‌କୁ ଟେକା ମାଡ଼, ଯାତ୍ରୀଙ୍କ ମୁଣ୍ଡ ଫାଟିଲା

ଭୁବନେଶ୍ୱର, ୩୦।୫(ସମିସ): ଚଳନ୍ତା ଟ୍ରେନ୍‌କୁ ଟେକା ମାଡ଼ ଯୋଗୁଁ ଜଣେ ଯାତ୍ରୀଙ୍କ ମୁଣ୍ଡ ଫାଟିଛି। ଏଭଳି ଘଟଣା ବାପୁଜୀ ନଗର ଟ୍ରେନ୍ ଲାଇନ୍‌ରେ ଦେଖିବାକୁ ମିଳିଛି। ଏନେଇ ଜିଆର୍‌ପିରେ ଅଭିଯୋଗ କରିବା ପରେ ମାମଲା ରୁଜୁକରି ତଦନ୍ତ କରୁଛି ଜିଆରପି। ଅଭିଯୋଗ ଅନୁସାରେ, ବିଜୟ କୁମାର କରଣ ନାମକ ଓ ତାଙ୍କର ସାନ ଭାଇ ଟ୍ରେନ୍‌ରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଆସୁଥିଲେ। ଟ୍ରେନ୍‌ଟି ବାପୁଜୀନଗର କ୍ରସ୍ କରିବା ସମୟରେ ଏହି ସମୟରେ ଏକ ଟେକା ଆସି ବିଜୟଙ୍କ ସାଇଭାଇର ମୁଣ୍ଡରେ ମାଡ଼ ହୋଇଥିଲା। ସେ ତଳେ ପଡ଼ିଯାଇଥିଲେ। ମୁଣ୍ଡରୁ ପ୍ରବଳ ମାତ୍ରାରେ ରକ୍ତସ୍ରାବ ହୋଇଥିବା ଦେଖି ଟ୍ରେନ୍ ଭିତରେ ଥିବା ଜଣେ ଯାତ୍ରୀ ଟ୍ରେନ୍‌ର ଚେନ୍‌କୁ ଟାଣିଥିଲେ। ଟ୍ରେନ୍‌ଟି ସେଠାରେ ନ ରହି ଭୁବନେଶ୍ୱର ଷ୍ଟେସନରେ ରହିବା ପରେ ତାଙ୍କୁ ତୁରନ୍ତ ଆମ୍ବୁଲାନ୍ସ ଦ୍ୱାରା କ୍ୟାପିଟାଲ ହସ୍ପିଟାଲକୁ ନିଆଯାଇଥିଲା। ସେଠାରେ ତାଙ୍କୁ ଚିକିତ୍ସା କରାଯାଇଥିଲା। ବାପୁଜୀନଗର ରଡ଼ବସ୍ତିର କିଛି ଯୁବକ ଏହି ଟେକା ମାଡ଼ ମରିଥିବା ଜିଆର୍‌ପି ପୁଲିସ ଜାଣିବାକୁ ପାଇଛି। ଅଭିଯୁକ୍ତଙ୍କୁ ଚିହ୍ନଟ କରିବା ପାଇଁ ସ୍ଥାନୀୟ ଲୋକଙ୍କୁ ପଚରାଉଚରା କରାଯାଉଛି। ପୂର୍ବରୁ ମଧ୍ୟ ଉକ୍ତ ସ୍ଥାନରେ ଟ୍ରେନ୍ ଉପରକୁ ପଥର ମାଡ଼ ହୋଇଥିବା ନେଇ ମଧ୍ୟ ଦେଖିବାକୁ ମିଳିଛି।

### କଠୋର ହେଉଛି ଟ୍ରାଫିକ୍ ପୁଲିସ

# ୮୦ ଗାଡ଼ି ଜବତ; ଧରାପଡ଼ିଲେ ୧୬ ମଦୁଆ ଚାଳକ

ଭୁବନେଶ୍ୱର, ୩୦।୫(ସମିସ)



### ବିପରୀତ ଦିଗରେ ଗାଡ଼ି ଚଳାଇ ଫସିଲେ ୬୦ ଚାଳକ

ସହରରେ ସମସ୍ତଙ୍କ ସୁରକ୍ଷା ଲାଗି ଶୃଙ୍ଖଳିତ ଗାଡ଼ି ଚାଳନାକୁ ଅଗ୍ରାଧିକାର ଦିଆଯାଉଛି। ଟ୍ରାଫିକ କଟକଣା ଭୁଲି ଗାଡ଼ି ଚଳାଉଥିବା ଚାଳକଙ୍କ ବିରୋଧରେ ଧରପଗଡ଼ ଜାରିରହିଛି। ସହରରେ ବିଭିନ୍ନ କ୍ଷେତ୍ରରେ ଟ୍ରାଫିକ ଯାଞ୍ଚକୁ ଗୁରୁତ୍ୱ ଦିଆଯାଇ ଚାଳନଙ୍କ ବିରୋଧରେ କଡ଼ା ଆଭିମୁଖ୍ୟ ନିଆଯାଉଛି। ଟ୍ରାଫିକ୍ ନିୟମ ଉଲ୍ଲଂଘନ କରୁଥିବା ଚାଳକଙ୍କ ନାମରେ ମାମଲା ରୁଜୁହେବା ସହ ଗାଡ଼ି ଜବତ କରାଯାଉଛି।

ନିଶାସକ୍ତ ଅବସ୍ଥାରେ ଗାଡ଼ିଚାଳନା, ବିପରୀତ ଦିଗରେ ଗାଡ଼ିଚାଳନା, ଗାଡ଼ି ଚଳାଇବା ସମୟରେ ମୋବାଇଲ୍ ଫୋନ୍‌ରେ ଗପିବା ଏବଂ ମୋଡିଫାଏଡ (ବିକୃତ) ସାଇଲେନ୍ସର ଆଦି କ୍ଷେତ୍ରରେ ଚଢ଼ଉକୁ ଜୋର୍‌ଦାର କରାଯାଇଥିଲା। ନିୟମ ଉଲ୍ଲଙ୍ଘନ କରି ୮୨ଟି ଗାଡ଼ି ଧରାପଡ଼ିଥିବେଳେ ସେଥିରୁ ୮୦ଟି ଗାଡ଼ିକୁ ଜବତ କରାଯାଇଛି। ଗାଡ଼ିଗୁଡିକୁ ବିରୋଧରେ ମାମଲା ରୁଜୁ କରାଯାଇଛି। ଗାଡ଼ିଗୁଡିକ ଜବତ ହେବା ପରେ କୋର୍ଟରେ ପ୍ରୋସିକ୍ୟୁସନ ରିପୋର୍ଟ ଦାଖଲ କରାଯାଇଛି। ଚାଳକମାନେ କୋର୍ଟରୁ ରିଲିଜ୍ ଅର୍ଡର ଆଣିବା ପରେ ଚାଳକ ଗାଡ଼ି ମୁକୁଳାଇ ନେଇପାରବେ ବୋଲି କୁହାଯାଇଛି। ସେପରି ଚାଳକଙ୍କୁ ଲାଇସେନ୍ସ ବାତିଲ ଲାଗି ପରିବହନ ବିଭାଗକୁ ଚିଠି ଲେଖାଯାଇଛି।

ମଦପିଇ ଗାଡ଼ି ଚଳାଉଥିବା ବେଳେ ୧୬ଜଣ ଧରାପଡ଼ିଛନ୍ତି। ସମସ୍ତଙ୍କ ଗାଡ଼ିଗୁଡ଼ିକୁ ଜବତ କରାଯାଇଛି। ବଡ଼ଗଡ଼ ଥାନା ଅଞ୍ଚଳରେ ମଦପିଇ ଗାଡ଼ି ଚଳାଉଥିବା ମର୍ସିଡିଜ୍ ବେଞ୍ଜ ଧରାପଡ଼ିଛି। ଅନୁରୂପ ଭାବେ ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଏକ ହୋଣ୍ଡାସିଟି ଧରାପଡ଼ିଛି। ସମ୍ପୃକ୍ତ ଦୁଇ ଚାଳକଙ୍କ ବିରୋଧରେ ମାମଲା ରୁଜୁ କରିବା ସହ ଗାଡ଼ି ଜବତ କରାଯାଇଛି। ଆଇନ ଅନୁଯାୟୀ ସେମାନଙ୍କ ଠାରୁ ୧୦ରୁ ୧୫ହଜାର ଜରିମାନା ଆଦାୟ କରିବାର ପ୍ରାବଧାନ ରହିଛି। ସେପରି ବିପରୀତ ଦିଗରେ ଗାଡ଼ି ଚାଳନାରେ ୬୦ଜଣ ଓ ମୋଡିଫାଏଡ ସାଇଲେନ୍ସର ଲଗାଇ ୩ ଜଣ ଚାଳକ ଧରାପଡ଼ିଛନ୍ତି। ମାଡିଫାଏଡ୍ ସାଇଲେନ୍ସର୍ ଲଗାଇଥିବା ଚାଳକଙ୍କ ଠାରୁ ୫ ହଜାର ପର୍ଯ୍ୟନ୍ତ ଜରିମାନା ସହ ସାଇଲେନ୍ସର୍ ଜବତ ହୋଇଛି। ଟ୍ରାଫିକ୍ ବ୍ୟବସ୍ଥାକୁ ସୁଦୃଢ଼ କରିବା ସହ ଗାଡ଼ି ଚଳାଚଳକୁ ସରଳୀକଣ କରାଯାଉଛି। ଏହାବ୍ୟତୀତ କଳାକାଚ କାଢ଼ିବା, ନାଲିବତି ଡେଇଁବା ଭଳି କ୍ଷେତ୍ରରେ କମିସନରେଟ୍ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ଧରପଗଡ଼ ଜାରି ହୋଇଛି।












### ଏଥର ଜବତ ହେବ ମୋବାଇଲ୍

ମୋବାଇଲ ଫୋନ୍‌ରେ କଥା ହୋଇ ଗାଡ଼ି ଚଳାଉଥିଲେ ହୁସିଆର୍। ଗାଡ଼ି ସହ ମୋବାଇଲ ଫୋନ୍ ବି ଜବତ କରାଯିବ। ବେପରୁଆ ଚାଳକଙ୍କ ଲାଗି ଗୁରୁବାରଠାରୁ କଠୋର ହୋଇଛି କମିସନରେଟ୍ ପୁଲିସ। ଏହିକ୍ରମରେ ଗାଡି ଚଳାଇବା ସମୟରେ ମୋବାଇଲ ଫୋନ୍‌ରେ ଗପି ୩ଜଣ ଚାଳକ ଧରାପଡ଼ିଛନ୍ତି। ଗାଡ଼ିଗୁଡ଼ିକ ଜବତ କରାଯିବା ସହ ୩ଟି ମୋବାଇଲ ଫୋନ୍‌କୁ ଜବତ କରାଯାଇଛି। ଆଇନ ଅନୁଯାୟୀ ୩ ଚାଳକଙ୍କୁ ଠାରୁ ୫ ରୁ ୧୦ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ କରାଯିବ। ଟଙ୍କା ଦେବା ପରେ ଗାଡ଼ି ସହ ମୋବାଇଲ ଫୋନ୍‌କୁ ମୁକୁଳାଇପାରିବେ ସମ୍ପୃକ୍ତ ଚାଳକ। ଏହି ନୂଆ ନିଷ୍ପତ୍ତି ନିଆଯିବା ପରେ ସମସ୍ତ ଚାଳକ ଆଗୁଆ ସତର୍କ ହୋଇ ଗାଡ଼ି ଚଳାଇବେ ବୋଲି ଆଶା କରାଯାଉଛି। ଦୁଇଦିନ ତଳେ ବାଇକ୍ କିମ୍ବା ଭାରିଯାନ ଚଳାଇବା ସମୟରେ ମୋବାଇଲ ଫୋନ୍ ବ୍ୟବହାରରୁ ଦୁର୍ଘଟଣା ଘଟିଛି। ଗତବର୍ଷ ଏସଂକ୍ରାନ୍ତ ୪୩୩ଟି ଦୁର୍ଘଟଣାରେ ୧୬୩ ଜଣଙ୍କ ମୃତ୍ୟୁ ହୋଇଛି। ଏଥିରେ ୨୪୭ ଜଣ ଗୁରୁତର ଆହତ ହୋଇଛନ୍ତି। ତେବେ ଗାଡ଼ି ଚଳାଉଥିବା ବେଳେ ମୋବାଇଲ ଫୋନ୍‌ରେ କଥା ନ ହେବାକୁ ପୁଲିସ କମିସନର ସଞ୍ଜୀବ ପଣ୍ଡା ଚାଳକଙ୍କୁ ସତର୍କ କରିଛନ୍ତି।

## ସ୍ଲୋଗାନ ଦେବାକୁ କେନ୍ଦ୍ରକରି ଆକ୍ରମଣ; ଜଣେ ଗିରଫ

ଭୁବନେଶ୍ୱର, ୩୦।୫ (ସମିସ): ସ୍ଲୋଗାନ ଦେବାକୁ କେନ୍ଦ୍ରକରି ଆକ୍ରମଣ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି କ୍ୟାପିଟାଲ ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ଫାଳିକିଆ ବସ୍ତିର କେ ଶଙ୍କର (୪୩)। ପୁଲିସ ସୂଚନା ଅନୁସାରେ, ଗତ ୨୫ ତାରିଖ ରାତିରେ ତାଙ୍କ ଫାଳିକିଆ ବସ୍ତିର



ତାରିଣୀ ଏକ ସ୍ଲୋଗାନ ଦେଉଥିବା ବେଳେ ଶଙ୍କର ତାଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଧମକଚମକ ଦେଇଥିଲା। ତାରିଣୀ ଏହାର ବିରୋଧ କରିବାରୁ ଶଙ୍କର ହଠାତ ତାଙ୍କୁ ମାରଣାସ୍ତ୍ରରେ ଆକ୍ରମଣ କରିଥିଲା। ଏହି ଆକ୍ରମଣ ଯୋଗୁଁ ତାରିଣୀଙ୍କ ଶରୀରର ବିଭିନ୍ନ ସ୍ଥାନରେ ଆଘାତ ଲାଗିଥିଲା ଓ ସ୍ଥାନୀୟ ଲୋକ ତାଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ନିକଟସ୍ଥ ହସ୍ପିଟାଲକୁ ସ୍ଥାନାନ୍ତର କରିଥିଲେ। ଏନେଇ ତାରିଣୀଙ୍କ ମାଆ କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁକରି ତଦନ୍ତ କରୁଥିଲା। ଗୁରୁବାର ଶଙ୍କରକୁ ଗିରଫ କରି କୋର୍ଟ ଚାଲାଣ କରିଛି ପୁଲିସ।

### ଆସୁଛି ବର୍ଷା

## ଅଡୁଆ କରିବ ଆର୍‌ଆଣ୍ଡବି ଡ୍ରେନ୍

ଭୁବନେଶ୍ୱର, ୩୦।୫(ସମିସ)

**ଶେଷ ମୁହୂର୍ତ୍ତରେ ଡ୍ରେନ୍ ସଫା କରିବାକୁ ମନା କଲେ କର୍ତ୍ତୃପକ୍ଷ**

**ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଡ୍ରେନ୍ ସଫା ଆଶା କ୍ଷୀଣ**

କେରଳ ଛୁଇଁଲା ମୌସୁମୀ। ଦିନ କେଇଟା ପରେ ଏହା ଓଡ଼ିଶାକୁ ମଧ୍ୟ ପ୍ରବେଶ କରିବ। ମୌସୁମୀ ପ୍ରଭାବରେ ରାଜ୍ୟ ବିଭିନ୍ନ ଅଞ୍ଚଳ ସମେତ ରାଜଧାନୀରେ ପ୍ରବଳ ବୃଷ୍ଟିପାତ ହେବାର ଆଶଙ୍କା ରହିଛି। ବର୍ଷା ଜଳ ନିଷ୍କାସନ ସମସ୍ୟା ମୁକାବିଲା କରିବାକୁ ପ୍ରତ୍ୟେକ ବର୍ଷ ମୌସୁମୀ ପୂର୍ବରୁ ବିଏମ୍‌ସି ଏବଂ ଅନ୍ୟାନ୍ୟ ବିଭାଗ ଅଧୀନରେ ଥିବା ଡ୍ରେନ୍‌ଗୁଡ଼ିକ ସଫା କରାଯାଏ। ହେଲେ ପ୍ରାୟ ୩୫୦ କିଲୋମିଟରରୁ ଅଧିକ ରାଜରାସ୍ତାର ମୁଖ୍ୟ ଡ୍ରେନ୍‌ର ସଫେଇ କାମ ଏପର୍ଯ୍ୟନ୍ତ ହୋଇ ନାହିଁ। ଶେଷ ମୁହୂର୍ତ୍ତରେ ଆରଆଣ୍ଡବି ଡ୍ରେନ୍ ସଫା କରିବାକୁ ମନା କରି ଦେଲା। ସେପଟେ ଏହି କାମ ବିଏମ୍‌ସି ହାତକୁ ନେଲା ବେଳକୁ



ନିର୍ବାଚନ ଆଚରଣ ବିଧି ଲାଗିଗଲା। ଫଳରେ ଟେଣ୍ଡର ପ୍ରକ୍ରିୟା ବିଳମ୍ବ ହେଲା। ଏଣୁ ଚଳିତବର୍ଷ ରାଜଧାନୀକୁ ଅଡୁଆରେ ପକାଇପାରେ ଆର୍‌ଆଣ୍ଡବି ଡ୍ରେନ୍।

ପ୍ରତ୍ୟେକ ବର୍ଷ ରାଜଧାନୀରେ ଆର୍‌ଆଣ୍ଡବି ବିଭାଗ ଏହା ଅଧୀନରେ ଥିବା ସମସ୍ତ ଡ୍ରେନ୍‌ଗୁଡ଼ିକର ସଫେଇ କାମ ନିଜେ କରିଥାଏ। ବିଏମ୍‌ସି ବିଭିନ୍ନ ୱାର୍ଡରେ ଥିବା ଆଭ୍ୟନ୍ତରୀଣ ଡ୍ରେନ୍ ସଫା କରିଥାଏ। ହେଲେ ଆର୍‌ଆଣ୍ଡବି ଶେଷ ମୁହୂର୍ତ୍ତରେ ନିଜ ଅଧୀନରେ ଆସୁଥିବା ଡ୍ରେନ୍ ସଫା କରିବାକୁ ମନା କରିବାରୁ ବିଏମ୍‌ସି ଏହି କାମ ହାତକୁ ନେଇଥିଲା। ଏନେଇ ଟେଣ୍ଡର ପ୍ରକ୍ରିୟା ଆରମ୍ଭ କରିବା ବେଳକୁ ନିର୍ବାଚନ ଆଚରଣବିଧି ଲାଗିଗଲା। ଟେଣ୍ଡର ବାହାର କରିବା ପୂର୍ବରୁ ବିଏମ୍‌ସିକୁ ନିର୍ବାଚନ କମିସନଙ୍କ ସ୍ୱତନ୍ତ୍ର ଅନୁମତିର ଆବଶ୍ୟକତା ପଡ଼ିଲା।

ଗତ ୭ ତାରିଖରେ ନିର୍ବାଚନ କମିସନ ଟେଣ୍ଡର ଅନୁମତି ଦେଇଥିଲେ। ଏହାପରେ ଟେଣ୍ଡର ପ୍ରକ୍ରିୟା ଆରମ୍ଭ ହୋଇଛି। ମୌସୁମୀ ପୂର୍ବରୁ ଡ୍ରେନ୍ ସଫା କରିବା ନେଇ ବିଏମ୍‌ସି ପକ୍ଷରୁ ଜୁନ୍ ୧୭ ତାରିଖକୁ ନିର୍ଦ୍ଧାରଣ କରାଯାଇଛି। ହେଲେ ଏହି ସମୟସୀମା ମଧ୍ୟରେ ଆରଆଣ୍ଡବି ସମସ୍ତ ଡ୍ରେନ୍ ସଫା କରିବା ସମ୍ଭବ ନୁହେଁ ବୋଲି କିଛି ଅଧିକାରୀ ସୂଚନା ଦେଇଛନ୍ତି। ଡ୍ରେନ୍ ସଫା ନ ହେବାରୁ ବର୍ଷା ଜଳ ଠିକ୍ ଭାବେ ନିଷ୍କାସନ ହୋଇ ପାରିବ ନାହିଁ। ସାମାନ୍ୟ ବର୍ଷା ହେଲେ ରାସ୍ତାଘାଟରେ ଆଣ୍ଠୁଏ ଉଚ୍ଚର ପାଣି ଜମିବ। ଯାତାୟାତ ଠପ୍ ହୋଇଯିବ। ରାଜଧାନୀବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେବେ। ଏହାସହ ବିଭିନ୍ନ ସ୍ଥାନରେ ଜଳବନ୍ଦୀ ସମସ୍ୟା ଦେଖାଦେବ। ବର୍ଷା ପାଣି ଘର ଭିତରେ ପ୍ରବେଶ କରିବ। ଜଣେ ଅଧିକାରୀ ନାମ ଗୋପନ ରଖିବା ସର୍ତ୍ତରେ କହିଛନ୍ତି, ଯଦି ବର୍ଷା ସମୟରେ ଡ୍ରେନ୍ ସଫା କାମ କରାଯାଏ ତେବେ ଏଥିରୁ ବାହାରୁଥିବା ପଙ୍କ ବର୍ଷା ଯୋଗୁଁ ପୁଣି ଯାଇ ଡ୍ରେନ୍ ଭିତରେ ପଶିବ।

ସେପଟେ ବିଏମ୍‌ସି ଅଧୀନରେ ୧୦ଟି ମୁଖ୍ୟ ଡ୍ରେନ୍ ଏବଂ ଦୁଇଟି ସବ୍ ଡ୍ରେନ୍ ରହିଛି। ମାତ୍ର ୨ଟି ମୁଖ୍ୟ ଡ୍ରେନ୍‌ର ସଫେଇ ଏବେ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ଶେଷ ହୋଇଛି। ଆଭ୍ୟନ୍ତରିଣ ଡ୍ରେନ୍ ସଫେଇ କାର୍ଯ୍ୟ ଜାରି ରହିଛି। ଏହା ନିର୍ଦ୍ଧାରିତ ସମୟସୀମା ମଧ୍ୟରେ ଶେଷ ହେବା ବିଏମ୍‌ସି ଆଶା ବ୍ୟକ୍ତ କରିଛି। ବର୍ଷା ସମୟରେ ଜଳବନ୍ଦୀ ସମସ୍ୟା କିପରି ନ ହେବ ସେଥିପ୍ରତି ଗୁରୁତ୍ୱ ଦିଆଯିବ ବୋଲି ମେୟର ସୁଲୋଚନା ଦାସ କହିଛନ୍ତି।

# ନିଆଁରେ ଶହେ କୋଟି!

ଭୁବନେଶ୍ୱର, ୩୦।୫(ସମିସ)

**୭୬ କିଲୋ ବ୍ରାଉନ୍‌ସୁଗର; ୪୪୦ ଟନ୍ ଗଞ୍ଜେଇ ନଷ୍ଟ**

**ଅନ୍ୟ ୯ ରାଜ୍ୟକୁ ପଛରେ ପକାଇ ଓଡ଼ିଶାର ରେକର୍ଡ**



ନିଶାଦ୍ରବ୍ୟ କାରବାର ଓ ଜବତ ହେବା ଏକ ନିରନ୍ତର ପ୍ରକ୍ରିୟା। କିନ୍ତୁ ଜବତ ନିଶାଦ୍ରବ୍ୟ ମାଲ୍‌ଖାନାରେ ବହୁଦିନ ରହିବାରୁ ବିବାଦ ଲାଗି ରହୁଥିଲା। କେତେବେଳେ ମୂଷା ଓ ଅସରପା ଖାଇ ନଷ୍ଟ, ଆଉ କେବେ ସମ୍ପୃକ୍ତ ଥାନା ଅଧିକାରୀ ଓ କର୍ମଚାରୀ ମିଶି ବିକ୍ରି କରୁଥିବା ଅଭିଯୋଗ ହୋଇଥିଲେ। ଜବତ ନିଶାଦ୍ରବ୍ୟକୁ ନେଇ ଅଭିଯୋଗର ଫର୍ଦ୍ଦ ଲମ୍ବିବା ପରେ ଓଡ଼ିଶା ପୁଲିସ ପକ୍ଷରୁ ଅଭିଯାନ ଆରମ୍ଭ ହୋଇଥିଲା। ପ୍ରାୟ ଏକ ଦଶନ୍ଧି ଧରି ଜବତ ନିଶାଦ୍ରବ୍ୟ ନଷ୍ଟ କରିବା ଲାଗି କିଛି ଗାଇଡ୍‌ଲାଇନ୍ ଜାରି ହୋଇ ନ ଥିଲା। କୋର୍ଟ ବି ନିଶାଦ୍ରବ୍ୟ ନଷ୍ଟ ସଂକ୍ରାନ୍ତ ରାୟ ପ୍ରକାଶ କରି ନ ଥିଲେ। ତେଣୁ ଓଡ଼ିଶାରୁ ଜବତ କରାଯାଉଥିବା ନିଶାଦ୍ରବ୍ୟ ମାଲ୍‌ଖାନାଗୁଡ଼ିକରେ ଗଛିତ ରଖିବାରୁ ନିଶାଦ୍ରବ୍ୟ ଉଚ୍ଛୁଳିଥିଲା। ପରେ କୋର୍ଟଙ୍କ ଅନୁମତି ପରେ ନିଶାଦ୍ରବ୍ୟକୁ ପୋଡ଼ି ନଷ୍ଟ କରିବା ଲାଗି ପ୍ରକ୍ରିୟା ଆରମ୍ଭ ହୋଇଥିଲା। ଗତ ଦୁଇବର୍ଷରେ ୧୦୦ କୋଟିର ନିଶାଦ୍ରବ୍ୟକୁ ନଷ୍ଟକରିଛି ସ୍ପେଶାଲ୍ ଟାସ୍କ ଫୋର୍ସ (ଏସ୍‌ଟିଏଫ୍)।

୯ଟି ରାଜ୍ୟଠାରୁ ଅଧିକ ନିଶାଦ୍ରବ୍ୟ ଜଳି ନଷ୍ଟ କରିଛି ଓଡ଼ିଶା ପୁଲିସ। ଉତ୍ତରପ୍ରଦେଶ, ଆନ୍ଧ୍ରପ୍ରଦେଶ, ତେଲେଙ୍ଗାନ, ପଶ୍ଚିମବଙ୍ଗ, ହିମାଚଳପ୍ରଦେଶ, ଛତିଶଗଡ଼ ଓ ଝାଡ଼ଖଣ୍ଡ ଭଳି ରାଜ୍ୟରେ ଅଧିକ ନିଶାଦ୍ରବ୍ୟ ଜବତ କରାଯାଉଛି। ଅନୁମତି କିମ୍ବା ଅନ୍ୟାନ୍ୟ କାରଣ ଲାଗି ଏହି ସବୁ ରାଜ୍ୟରେ ନିଶାଦ୍ରବ୍ୟ ନଷ୍ଟରେ ଅହେତୁକ ବିଳମ୍ବ ହେଉଛି। କିନ୍ତୁ ଓଡ଼ିଶା ପୁଲିସ ସଠିକ୍ ତଦନ୍ତ ଓ କୋର୍ଟରେ ତ୍ୱରିତ ଦସ୍ତାବିଜ୍ ଦଖଲ କରିବା ପରେ କୋର୍ଟ ନିଶାଦ୍ରବ୍ୟ ନଷ୍ଟ କରିବାକୁ ଅନୁମତି ଦେଉଛନ୍ତି। ଫଳରେ ଅଧିକ ନିଶାଦ୍ରବ୍ୟ ଜବତ ହେଉଥିବା ରାଜ୍ୟଗୁଡ଼ିକ ଠାରୁ ଓଡ଼ିଶାରେ ଯଥେଷ୍ଟ ଅଧିକ ନିଶାଦ୍ରବ୍ୟ ପୋଡ଼ି ନଷ୍ଟ କରାଯାଇଛି। ଦୁଇବର୍ଷ ଧରି କ୍ରମାଗତ ଭାବେ ନିଶାଦ୍ରବ୍ୟ ନଷ୍ଟରେ ଭଲ ପ୍ରଦର୍ଶନ କରିବାରୁ ହାଇକୋର୍ଟ ପକ୍ଷରୁ ପ୍ରଶଂସା କରାଯାଇଛି।

ଏସ୍‌ଟିଏଫ୍ ସୂଚନା ଅନୁଯାୟୀ, ଗଲା ଦୁଇବର୍ଷ ୭୬ କିଲୋ ବ୍ରାଉନ୍‌ସୁଗର ଓ ୪୪୦ ମାଟ୍ରିକ ଟନ୍ ଗଞ୍ଜେଇକୁ ପୋଡ଼ି ନଷ୍ଟ କରାଯାଇଥିଲା। ରାଜ୍ୟର ସୁନ୍ଦରଗଡ଼ ଜିଲ୍ଲାର ବଣ୍‌ମା, ଖୋର୍ଦ୍ଧାର ଡାଙ୍ଗିରିପଡ଼ା, ଗଞ୍ଜାମର ଶେରଗଡ଼, ଅନୁଗୋଳର ଦାମନଯୋଡ଼ିରେ ନିଶାଦ୍ରବ୍ୟ ନଷ୍ଟ କରିବା ପାଇଁ ଇନ୍‌ସିନାରେଟର୍ସ ମେସିନ୍ ଲାଗିଛି। ସେଭଳି ବିଭିନ୍ନ ଜିଲ୍ଲାରେ ନିଶାଦ୍ରବ୍ୟ ନଷ୍ଟ ସମୟରେ ଏସ୍‌ଟିଏଫ୍ ଏସ୍‌ପିଙ୍କ ସମେତ ଜିଲ୍ଲା ଏସ୍‌ପି, ଜିଲ୍ଲାପାଳ, ଅବକାରୀ ଅଧିକ୍ଷକ, ରାଜ୍ୟ ଫୋରେନ୍‌ସିକ ଲାବୋରେଟୋରୀର ଅଧିକାରୀ ଓ ରାଜ୍ୟ ପ୍ରଦୂଷଣ ବୋର୍ଡର ସଦସ୍ୟଙ୍କ ଉପସ୍ଥିତିରେ ନିଶାଦ୍ରବ୍ୟ ପୋଡ଼ି ନଷ୍ଟ କରି ଦିଆଯାଉଛି।

### ୬ ବର୍ଷର ଟଣାଭିଡ଼ାରେ ପୂର୍ଣ୍ଣଚ୍ଛେଦ

ଏକ ନିଶାଦ୍ରବ୍ୟ ଜବତ ମାମଲାରେ ୨୦୧୬ ଜାନୁଆରୀ ୨୮ ରେ ସୁପ୍ରିମକୋର୍ଟ ରାୟ ପ୍ରକାଶ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିପାରିବ ବୋଲି ନିର୍ଦ୍ଦେଶ ଦେଇଥିଲେ। କିନ୍ତୁ କିଛି ବ୍ୟବସ୍ଥାରେ ତ୍ରୁଟି ପାଇଁ ଏହା କାର୍ଯ୍ୟକାରୀ ହୋଇପାରୁ ନ ଥିଲା। ଏଥିଲାଗି ଏସ୍‌ଟିଏଫ୍ ହାଇକୋର୍ଟରେ ଦ୍ୱାରସ୍ଥ ହୋଇଥିଲେ। ୨୦୨୨ ଜାନୁଆରୀ ୩୧ରେ ହାଇକୋର୍ଟ ରାୟରେ ନିଶାଦ୍ରବ୍ୟ ନଷ୍ଟ କରିବାକୁ ଏକ ଏସ୍‌ଓପି ଜାରି କରିଥିଲେ। ଉକ୍ତ ଏସ୍‌ଓପିକୁ ପାଳନ କରି ଟ୍ରାଏଲ ପୂର୍ବରୁ ନିଶାଦ୍ରବ୍ୟ ନଷ୍ଟ କରିବାକୁ ପୁଲିସକୁ ଅନୁମତି ଦେବା ଲାଗି ତଳ କୋର୍ଟକୁ ନିର୍ଦ୍ଦେଶ ଦେଇଥିଲେ। ସେଇଦିନ ଠାରୁ ରାଜ୍ୟରେ ନିଶାଦ୍ରବ୍ୟ ନଷ୍ଟ କରିବା ପ୍ରକ୍ରିୟା ଦ୍ରୁତଗତିରେ ଜାରିରହିଛି।

## ରାଜମହଲ ନିକଟରୁ ସୁନା ଚେନ୍ ଲୁଟ୍

ଭୁବନେଶ୍ୱର, ୩୦।୫ (ସମିସ): ରାଜଧାନୀ ଠାରୁ ଆରମ୍ଭ କରି ଉପକଣ୍ଠ ପର୍ଯ୍ୟନ୍ତ ଆତଙ୍କ ଖେଳାଇଛନ୍ତି ଲୁଟେରା। ଦୁଇ ଜଣ ମହିଳାଙ୍କ ଠାରୁ ଲୁଟି ନେଇଛନ୍ତି ସୁନା ଚେନ୍। ଅଭିଯୋଗ ଅନୁଯାୟୀ, ବଡ଼ଗଡ଼ ଥାନା ଲକ୍ଷ୍ମୀ ବିହାର ଅଞ୍ଚଳରେ ରହୁଥିବା ଅସ୍ତରଙ୍ଗ ଏଡ଼ବାଂଶର ସ୍ୱର୍ଣ୍ଣଲତା ସେନାପତି ତାଙ୍କ ପୁଅକୁ ଟ୍ୟୁସନରେ ଛାଡ଼ି ଘରକୁ ଫେରୁଥିଲେ। ସେ ରାଜମହଲ ଫ୍ଲାଏଓଭର ଉପରେ ପହଞ୍ଚିଥିବା ବେଳେ ଦୁଇ ଜଣ ଦୁର୍ବୃତ୍ତ ପିଛା କରି ଆସି ତାଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲେ। ଏନେଇ ସେ କ୍ୟାପିଟାଲ୍ ଥାନାରେ ଅଭିଯୋଗ କରିଛନ୍ତି। ଲୁଟ୍ ହୋଇଥିବା ସୁନା ଚେନ୍ର ଓଜନ ୧୭ ଗ୍ରାମ୍ ହେବ। ସେପଟେ ନନ୍ଦନକାନନ ଥାନା ରଘୁନାଥପୁରର ସୌଦାମିନୀ ପଢ଼ିହାରୀ ନିଜ ଘର ବାରଣ୍ଡାରେ ବସିଥିବା ସମୟରେ ଦୁଇଜଣ ଦୁର୍ବୃତ୍ତ ତାଙ୍କ ବେକରୁ ସୁନାଚେନ୍ ଛଡ଼ାଇ ନେଇଥିଲେ। ସୌଦାମିନୀଙ୍କ କହିବାନୁଯାୟୀ ଦୁର୍ବୃତ୍ତମାନେ ଆସି ନିକଟସ୍ଥ ଦୋକାନରେ ସିଗାରେଟ୍ ଟାଣିଥିଲେ। ଜଣେ ଦୁର୍ବୃତ୍ତ ଚାଲି ଚାଲି ଗାଁ ଭିତରକୁ ଯାଇଥିବା ବେଳେ ଆଉ ଜଣେ ଗାଡ଼ି ଷ୍ଟାର୍ଟ କରି ଛିଡ଼ା ହୋଇଥିଲା। ଗାଁ ଭିତରକୁ ଯାଇଥିବା ଦୁର୍ବୃତ୍ତ ଜଣକ ହଠାତ୍ ଆସି ସୌଦାମିନୀଙ୍କ ବେକରୁ ସୁନା ଚେନ ଛଡ଼ାଇ ନେଇଥିଲା। ଏହାପରେ ଉଭୟ ବାଇକରେ ସେଠାରୁ ଫେରାର ହୋଇ ଯାଇଥିଲେ। ଏନେଇ ସୌଦାମିନୀ ନନ୍ଦନକାନନ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।





# ନିର୍ବାଚନ ଋତୁରେ ସକ୍ରିୟ ମାଫିଆ



ଭୁବନେଶ୍ୱର, ୩୦ା୫ (ସମିସ)

## ସଞ୍ଜହେଲେ ଲୁଟୁଛନ୍ତି ଲଘୁ ଖଣିଜ ଦ୍ରବ୍ୟ

## ଚାଲାଣ ହେଉଛି ଶହଶହ ଟ୍ରିପ୍ ମୋରମ ଓ ପଥର

ଭୁବନେଶ୍ୱରରେ ନିର୍ବାଚନ ସରି ଯାଇଥିବା ବେଳେ ଭୋଟ ଗଣତି ବାକିରହିଛି। ନିର୍ବାଚନ ବହୁ ଲମ୍ବା ପ୍ରକ୍ରିୟା ହୋଇଥିବାରୁ ଅନେକ ସରକାରୀ ଅଧିକାରୀ ଓ କର୍ମଚାରୀମାନେ ଏବେ ବି ନିର୍ବାଚନ ଡ୍ୟୁଟିରେ ଅଛନ୍ତି। ସରକାରୀ ଅଧିକାରୀଙ୍କ ନିର୍ବାଚନୀ ବ୍ୟସ୍ତତାର ଭରପୁର ଫାଇଦା ଉଠାଉଛନ୍ତି ଅସାମାଜିକ ତତ୍ତ୍ୱ। ସଞ୍ଜ ନଇଁଲେ ସକ୍ରିୟ ହେଉଛନ୍ତି ଖଣି ମାଫିଆ। ରାତି ସାରା ଲୁଟ୍ ହେଉଛି ଲଘୁ ଖଣିଜ ଦ୍ରବ୍ୟ। ଜଟଣୀ ତହସିଲ ଅଧୀନରେ ଥିବା ବିଭିନ୍ନ ଅଞ୍ଚଳରୁ ପ୍ରତିଦିନ ମୋରମ ଓ ମାଙ୍କଡ଼ା ପଥର ଚାଲାଣ ହେଉଛି। ବିଶେଷକରି ନିରଞ୍ଜନପୁର, କନ୍ତିଆ, ମୁଣ୍ଡଲ, ରଥିପୁର, ବୁଢ଼ାପଡ଼ା ଆଦି ଅଞ୍ଚଳରେ ଥିବା ସରକାରୀ ଜମିରେ ମୋରମ ମାଫିଆଙ୍କ ନଜର ପଡ଼ିଛି। ପୂର୍ବାପେକ୍ଷା ସ୍ଥାନୀୟ ଅଞ୍ଚଳରେ ବେଆଇନ ମୋରମ ଖଣି ସଂଖ୍ୟା ପୂର୍ବାପେକ୍ଷା ଯଥେଷ୍ଟ ବୃଦ୍ଧି ପାଇଛି। ମୋରମ ଓ ମାଙ୍କଡ଼ା ପଥର ଲାଗି ଶହ ଶହ ସଂଖ୍ୟାରେ ଗଛ କାଟି ସଫା କରି ଦେଉଛନ୍ତି। କୋବେଲକୋ ମେସିନ ସହାୟତାରେ ଜମିଗୁଡ଼ିକୁ ସଫା କରାଯାଉଛି। ପରବର୍ତ୍ତୀ ସମୟରେ ସେହି ଜମିରୁ ଶହଶହ ଟ୍ରିପ୍ ମୋରମ ଖନନ କରି ନେଉଛନ୍ତି ମାଫିଆ। ଏକାଧିକ ହାଇୱା ଗାଡ଼ି ମାଧ୍ୟମରେ ମୋରମ ଚୋରା ଚାଲାଣ କରାଯାଉଛି। ମୋରମ ସରିଯିବା ପରେ ସେହି ଜମିରୁ ମାଙ୍କଡ଼ା ପଥର ଖନନ ଆରମ୍ଭ ହେଉଛି। ମାଫିଆମାନେ ଏକର ଏକର ସରକାରୀ ଜମିକୁ ତାଡ଼ି ଲଘୁ ଖଣିଜ ଲୁଟ୍ କରି ସାରିଲେଣି। ଅନାବାଦି ଠାରୁ ଆରମ୍ଭ କରି ଜଙ୍ଗଲ କିସମର ଜମି ପର୍ଯ୍ୟନ୍ତ କିଛି ବି ମାଫିଆଙ୍କ ଲୋଲୁପ ଦୃଷ୍ଟିରୁ ବାଦ୍ ପଡୁନାହିଁ। ଯେଉଁଠି ପାରୁଛନ୍ତି ସେଇଠୁ ଖୋଳୁଛନ୍ତି। ମୋରମ ପାଇଁ ଶହ ଶହ ଗଛ କାଟି ସଫା କରି ଦେଉଛନ୍ତି। ମନଇଛା ଖନନ ହେଉଥିବାର ଖାଲ ସୃଷ୍ଟି ହେବା ସହିତ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ସେମାନେ ପ୍ରଶାସନିକ ଅଧିକାରୀଙ୍କୁ ଡରୁନାହାନ୍ତି କି ପୁଲିସକୁ ଖାତିର ବି କରୁନାହାନ୍ତି। ପ୍ରତିଦିନ ଭୁବନେଶ୍ୱର, ପିପିଲି, ପୁରୀ ଆଦି ଅଞ୍ଚଳକୁ ଶହ ଶହ ଟ୍ରିପ ମୋରମ ଚାଲାଣ ହେଉଥିଲେ ମଧ୍ୟ କୌଣସି କାର୍ଯ୍ୟାନୁଷ୍ଠାନ ନିଆ ଯାଉନାହିଁ। ହାଇୱାଗୁଡ଼ିକ କ୍ଷମତା ଠାରୁ ଅଧିକ ପରିମାଣର ମୋରମ ଲୋଡ୍ କରି ଚାଲାଣ କରୁଛନ୍ତି। ଫଳରେ ରାସ୍ତାରେ ବଡ଼ବଡ଼ ମୋରମ ଖଣ୍ଡ ପଡ଼ି ଯାତାୟାତକାରୀଙ୍କ ପାଇଁ ବିପଦ ସୃଷ୍ଟି କରୁଛି। ସାରା ରାତି ମୋରମ ବୋଝେଇ ହାଇୱା ଓ ମାଙ୍କଡ଼ା ପଥର ବୋଝେଇ ଟ୍ରକ୍‌ଗୁଡ଼ିକ ପ୍ରତିଯୋଗିତା କରିବା ଭଳି ଚାଲାଣ କରୁଛନ୍ତି। ସବୁଠାରୁ ବଡ଼ କଥା ହେଉଛି ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଠାରୁ ମାତ୍ର ଗୋଟିଏ କିଲୋମିଟର ଦୂରରେ ବେଆଇନ ମୋରମ ଖନନ ହେଉଥିଲେ ମଧ୍ୟ ଆଖିଦୃଶିଆ କାର୍ଯ୍ୟାନୁଷ୍ଠାନ ଦେଖିବାକୁ ମିଳୁନାହିଁ। ଫଳରେ ସ୍ଥାନୀୟ ପ୍ରଶାସନର ନୀରବତା ପ୍ରଶାସନିକ ଅଧିକାରୀଙ୍କ ଭୂମିକାକୁ ନେଇ ସନ୍ଦେହ ସୃଷ୍ଟି ହେଉଛି।

## ଦିବଂଗତ ଶୋଭନୀୟ ଆତ୍ମୀୟଙ୍କ ଅସ୍ଥି ବିସର୍ଜନ

ଭୁବନେଶ୍ୱର, ୩୦ା୫ (ସମିସ)

ଆନ୍ତର୍ଜାତିକ ଶୋଭନୀୟ ଆନ୍ଦୋଳନ ପକ୍ଷରୁ ଦିବଂଗତ ଆତ୍ମାମାନଙ୍କ ପବିତ୍ର ଅସ୍ଥି ବିସର୍ଜନ ପ୍ରୟାଗରାଜ ଏବଂ ଗୟା ପ୍ରଭୃତି ସ୍ଥାନରେ ସମ୍ପନ୍ନ ହୋଇଛି। ଆନ୍ଦୋଳନର ପ୍ରାଣ ପ୍ରତିଷ୍ଠାତା ପ୍ରବର୍ତ୍ତକ ପୂଜ୍ୟଶ୍ରୀ କୁମାର ଭାଇ ସରକାରୀ ଚାକିରି ଛାଡ଼ି ଆସିଥିବା ପ୍ରଥମ ସାଧିକା ରୁକ୍ମିଣୀ ଦେବୀ, ପୂର୍ବତନ ନିର୍ଦ୍ଦେଶିକା ସତ୍ୟଭାମା ଦେବୀ, ପୂର୍ବତନ ସାଂସ୍କୃତିକ ସମ୍ପାଦିକା ଜୟନ୍ତୀ ଦେବୀ, କାର୍ଯ୍ୟାଳୟ ସମ୍ପାଦିକା ସୌଭାଗିନୀ ଦେବୀଙ୍କ ଅସ୍ଥି ପୂଜାର୍ଚ୍ଚନା କରାଯାଇ ବର୍ତ୍ତମାନର ନିର୍ଦ୍ଦେଶିକା ତଥା ସମ୍ପାଦିକା ଡ. ଅରୁନ୍ଧତୀ ଦେବୀଙ୍କ ନେତୃତ୍ୱରେ ଶୋଭନୀୟ ବାହିନୀ ଦ୍ୱାରା ଭାରତବର୍ଷର ବିଭିନ୍ନ ତୀର୍ଥସ୍ଥାନମାନଙ୍କୁ ନିଆଯାଇ ଉପଯୁକ୍ତ ସମ୍ମାନପୂର୍ବକ ବିସର୍ଜନ କରାଯାଇଥିଲା। ସେଠାରୁ ଫେରି ୨୯ ତାରିଖ ସନ୍ଧ୍ୟାରେ ପୁରୀ ଅଭିମୁଖେ ଶୋଭନୀୟ ବାହିନୀ ଯାତ୍ରାକରି ମହାପ୍ରଭୁଙ୍କ ଦିବ୍ୟ ଦର୍ଶନ ସହ ପ୍ରସାଦ ସେବନ କରିଥିଲେ। ଆଜି ପ୍ରାର୍ଥନା ଓ ସ୍ମୃତିସଭା କଟକ ବିଡ଼ାନାସୀସ୍ଥିତ ଆଦର୍ଶ ଆନ୍ତର୍ଜାତିକ ଶିକ୍ଷାକେନ୍ଦ୍ର ଓ ଶୋଭନୀୟ ଆନ୍ଦୋଳନ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଥିଲା। ଡ. ଅରୁନ୍ଧତୀ ଦେବୀଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ସଭାରେ ପଣ୍ଡିତ ବେଣୁଧର ନାଥଶର୍ମା, ଇଂ. ସୁବାସ ରାଉତରାୟ, ଅଧ୍ୟାପକ ଇନ୍ଦ୍ରମଣି ନାୟକ, ଆଇନଜୀବୀ ଗୀତାଞ୍ଜଳି ବେଉରା, ସମାଜସେବୀ ମଧୁମିତା ରାୟଚୌଧୁରୀ, ବରଦା ମହାନ୍ତି, ମମତା ପ୍ରଧାନ, ଗୀତାଞ୍ଜଳି ସ୍ୱାଇଁ, ଗୋପୀନାଥ ବେହେରା, ସ୍ନେହସୂର୍ଯ୍ୟ ବିଶ୍ୱାଳ, ଶତ୍ରୁଘ୍ନ ଗୁରୁଜୀ, ସୁଶାନ୍ତ ଭୂୟାଁ, ଅଧ୍ୟାପିକା ଜ୍ୟୋତିର୍ମୟୀ, ମା' ଶାରଦା ଦେବୀ, କାଦମ୍ବିନୀ ପାତ୍ର, ସୁଧାଂଶୁବାଳା ପଣ୍ଡା ପ୍ରଭୃତି ଗୀତାପାଠ ଓ ସ୍ମୃତିଚାରଣ କରିଥିଲେ। ପ୍ରାରମ୍ଭରେ ମମତାମୟୀ ପ୍ରାର୍ଥନା ଗାନ କରିଥିଲେ। ଡ.ବନଲତା ଦେବୀ ଧନ୍ୟବାଦ ଦେଇଥିଲେ। ଗୁରୁମା ଉର୍ମିଳା ବେହେରା, ରାଜରାଣୀ ତ୍ରିପାଠୀ, ମଧୁସ୍ମିତା ପଣ୍ଡା, କୁମାରୀ ପିଙ୍କି ପରିଚାଳନାରେ ସହଯୋଗ କରିଥିଲେ।



## କିଟ୍ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତ୍ତନ



ଭୁବନେଶ୍ୱର, ୩୦ା୫(ସମିସ): ଗୁରୁବାର କିଟ୍ ବିଶ୍ୱବିଦ୍ୟାଳୟର ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ ମୁଖ୍ୟ ଅତିଥିଭାବେ ଭାରତରେ ଅବସ୍ଥାପିତ ମଙ୍ଗୋଲିଆ ରାଷ୍ଟ୍ରଦୂତ ଗନ୍‌ବୋଲ୍ଡ ଦାମ୍ବାଜୟ ଯୋଗଦେଇ ମଙ୍ଗୋଲିଆରେ ମହିଳାମାନଙ୍କୁ ଅଧିକ ପ୍ରାଧାନ୍ୟ ଦିଆଯାଇଥାଏ ବୋଲି କହିଥିଲେ। ଗନବୋଲ୍ଡ ଶିକ୍ଷା ଓ ମହିଳା ସଶକ୍ତୀକରଣ କ୍ଷେତ୍ରରେ କିଟ୍, କିସ୍ ଓ କିମ୍ସ ଯୋଗଦାନକୁ ପ୍ରଶଂସା କରିବା ସହ ପ୍ରତ୍ୟେକ ପରିବାରର ଶକ୍ତି ସେହି ପରିବାରର ମହିଳାଙ୍କ ନିକଟରେ ନିହିତ ରହିଥାଏ। ଆମ ଦେଶରେ ମଧ୍ୟ ମହିଳାମାନଙ୍କୁ ଗୁରୁତ୍ୱ ଦିଆଯାଇଥାଏ। ମହିଳାମାନଙ୍କୁ ସଶକ୍ତ କରାଗଲେ ସେମାନେ ଉଚିତ୍ ସମୟରେ ସମାଜକୁ ଉଲ୍ଲେଖନୀୟ ପ୍ରତିଦାନ ଦେଇଥାନ୍ତି। ଭାରତ ଓ ମଙ୍ଗୋଲିଆ ମଧ୍ୟରେ ରହିଥିବା ଐତିହାସିକ ଓ ଆଧ୍ୟାତ୍ମିକ ସମ୍ପର୍କ ପ୍ରସଙ୍ଗରେ ଆଲୋଚନା କରି କହିଥିଲେ ଯେ, ୨ ହଜାର ବର୍ଷ ତଳେ ଯେତେବେଳେ ଗମନାଗମନର କୌଣସି ମାଧ୍ୟମ ନଥିଲା ସେତେବେଳେ ନାଳନ୍ଦା ବିଶ୍ୱବିଦ୍ୟାଳୟରେ ଅଧ୍ୟୟନ ନିମନ୍ତେ ମଙ୍ଗୋଲିଆରୁ ସନ୍ନ୍ୟାସୀମାନେ ଭାରତ ଆସୁଥିଲେ। ଭାରତ ସହ ମଙ୍ଗୋଲିଆର ଆଧ୍ୟାତ୍ମିକ ସମ୍ପର୍କ ଏତେ ନିବିଡ଼ ଥିଲା ଯେ, ମଙ୍ଗୋଲିଆର ସନ୍ନ୍ୟାସୀମାନେ ଗଙ୍ଗାନଦୀର ଜଳ ନେଇ ଉତ୍ତର ମଙ୍ଗୋଲିଆରେ ଥିବା ଏକ ହ୍ରଦରେ ପକାଉଥିଲେ ଯାହାକି ପରବର୍ତ୍ତୀ ସମୟରେ ଗଙ୍ଗା ହ୍ରଦଭାବେ ପ୍ରସିଦ୍ଧି ଲାଭ କରିଥିଲା। ବିଶ୍ୱବିଦ୍ୟାଳୟର କୁଳାଧିପତି ଅଶୋକ କୁମାର ପରିଜା, କିଟ୍ ବିଶ୍ୱବିଦ୍ୟାଳୟର ଉପକୁଳାଧିପତି ପ୍ରଫେସର ସୁବ୍ରତ କୁମାର ଆଚାର୍ଯ୍ୟ, ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ଶରଣଜିତ୍ ସିଂହ, ଉପକୁଳପତି ପ୍ରଫେସର ସିବିକେ ମହାନ୍ତି ପ୍ରମୁଖ ଉପସ୍ଥିତ ରହି ବକ୍ତବ୍ୟ ରଖିଥିଲେ। ସମାବର୍ତ୍ତନରେ ମୋଟ ୬୬୫ ଜଣ ଛାତ୍ରଛାତ୍ରୀଙ୍କୁ ପିଏଚ୍‌ଡି, ସ୍ନାତକୋତ୍ତର ଓ ସ୍ନାତକ ଡିଗ୍ରୀ ପ୍ରଦାନ କରାଯାଇଥିଲା। ୬ଜଣ ଶ୍ରେଷ୍ଠ ଛାତ୍ରଛାତ୍ରୀଙ୍କୁ ସ୍ୱର୍ଣ୍ଣ ପଦକ ପ୍ରଦାନ କରାଯାଇଥିଲା।

## ନିଫ୍ଟ ପକ୍ଷରୁ 'ଗ୍ରାଜୁଏସନ୍ ଶୋ'

ଭୁବନେଶ୍ୱର, ୩୦ା୫(ସମିସ): ନ୍ୟାସନ୍ୟାଲ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଫେସନ୍ ଟେକ୍‌ନୋଲୋଜି(ନିଫ୍ଟ) ଭୁବନେଶ୍ୱର ପକ୍ଷରୁ ୨୦୨୪ ମସିହା ପାଇଁ ଫ୍ୟାସନ ମହାକୁମ୍ଭ ଗ୍ରାଜୁଏସନ୍ ଶୋ' ଅନୁଷ୍ଠିତ ହୋଇଯାଇଛି। କଲେଜ କ୍ୟାମ୍ପସ୍ ପରିସରରେ ଏହି ଶୋ' ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ସଂସ୍ଥାର ବିଭିନ୍ନ ବିଭାଗ ଯଥା ଫେସନ ଡିଜାଇନ୍, ଫେସନ୍ କମ୍ୟୁନିକେସନ, ଫେସନ ଆଣ୍ଡ ଲାଇଫ୍ ଷ୍ଟାଇଲ୍ ଆସେସୋରିଜ୍, ଟେକ୍ ଷ୍ଟାଇଲ୍ ଡିଜାଇନ୍, ଫେସନ୍ ଟେକ୍‌ନୋଲୋଜି ଏବଂ ଫେସନ ମ୍ୟାନେଜମେଣ୍ଟ ଛାତ୍ରଛାତ୍ରୀ ସେମାନଙ୍କ ଅଭିଜ୍ଞତା ଏବଂ କଳା ପ୍ରଦର୍ଶନ କରିଥିଲେ। ଏଥିରେ ମୁଖ୍ୟ ଅତିଥି ଭାବେ ୟୁନିୟନ୍ ବ୍ୟାଙ୍କର ଜେନେରାଲ ମ୍ୟାନେଜର ବା ଜୋନାଲ ମୁଖ୍ୟ ସର୍ବେସ ରଞ୍ଜନ ପ୍ରଦୀପ ପ୍ରଜ୍ୱଳନ କରି ଉଦ୍‌ଘାଟନ କରିଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ କ୍ରିଷ୍ଣା ଗୁପ୍ତା, ବିରଞ୍ଚି ସାହୁ ଏବଂ ବାଉରୀ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ। ସଂସ୍ଥାର ନିର୍ଦ୍ଦେଶକ ରାଜେଶ କୁମାର ଝା ସ୍ୱାଗତ ଭାଷଣ ଦେଇ ଛାତ୍ରଛାତ୍ରୀଙ୍କ ସଫଳତା ଏବଂ ଶିକ୍ଷାବିତ୍‌ଙ୍କ ସହଯୋଗ ଉପରେ ଅଲୋଚନା କରିଥିଲେ। ସେ ନୂତନତା ଏବଂ ଉଦ୍‌ଭାବନ ଉପରେ ଗୁରୁତ୍ୱ ଆରୋପ କରିଥିଲେ। କୃତୀ ଛାତ୍ରଛାତ୍ରୀଙ୍କୁ ଏହି ଅବସରରେ ପୁରସ୍କୃତ କରାଯାଇଥିଲା। ବେଷ୍ଟ ଗ୍ରାଜୁଏଟ୍ ପ୍ରୋଜେକ୍ଟ ପାଇଁ ପ୍ରଥମ ସ୍ଥାନ ଅଧିକାର କରିଥିବା ଫେସନ କମ୍ୟୁନିକେସନ ବିଭାଗର ହର୍ଷିତା ଭୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଦ୍ୱିତୀୟ ସ୍ଥାନରେ ତନୀଷା ଆୟର ଏବଂ ସମୀତା ଚକ୍ରବର୍ତ୍ତୀ ରହିଥିଲେ।





## ଟାଟା ଷ୍ଟିଲ୍‌ର ୨୦୨୩-୨୪ରେ ଇବିଆଇଟିଡିଏ ୨୩,୪୦୨ କୋଟି

ଭୁବନେଶ୍ୱର,୩୦ା୫(ସମିସ): ଟାଟା ଷ୍ଟିଲ୍ ପକ୍ଷରୁ ୨୦୨୩-୨୪ ଆର୍ଥିକବର୍ଷ ଏବଂ ଚତୁର୍ଥ ତ୍ରୈମାସିକର ଫଳାଫଳ ଘୋଷଣା କରାଯାଇଛି। ଚତୁର୍ଥ ତ୍ରୈମାସିକରେ ରାଜସ୍ୱ ୫୮,୬୮୭ କୋଟି ଟଙ୍କା ହୋଇଛି ଯାହା ପୂର୍ବବର୍ଷ ତୁଳନାରେ ୬ ପ୍ରତିଶତ ଅଧିକ। ଏହି ତ୍ରୈମାସିକରେ ଇବିଆଇଟିଡିଏ ୬,୬୩୧ କୋଟି ଟଙ୍କା ହୋଇଥିବାବେଳେ ଇବିଆଇଟିଡିଏ ମାର୍ଜିନ୍ ୧୧% ରହିଛି। ୨୦୨୪ ଆର୍ଥିକ ବର୍ଷରେ ଟାଟା ଷ୍ଟିଲ୍‌ର ରାଜସ୍ୱ ୨,୨୯,୧୭୧ କୋଟି ଟଙ୍କା ହୋଇଛି। ଏହାର ଇବିଆଇଟିଡିଏ ମାର୍ଜିନ୍ ୨୩,୪୦୨ କୋଟି ଟଙ୍କା ରହିଛି। ଚତୁର୍ଥ ତ୍ରୈମାସିକରେ କମ୍ପାନିର ପୁଞ୍ଜି ବ୍ୟୟ ୪,୮୫୦ କୋଟି ଟଙ୍କା ଥିବା ବେଳେ ବର୍ଷ ସାରା ପାଇଁ ୧୮,୨୦୭ କୋଟି ଟଙ୍କା ଥିଲା। କଳିଙ୍ଗନଗରରେ ୫ ଏମ୍‌ଟିପିଏ ସମ୍ପ୍ରସାରଣର ପର୍ଯ୍ୟାୟକ୍ରମେ କାର୍ଯ୍ୟକ୍ଷମ ପ୍ରକ୍ରିୟା ଜାରି ରହିଛି। ଟାଟା ଷ୍ଟିଲ୍‌ର ନିଟ୍ ଋଣ ୭୭,୫୫୦ କୋଟି ଟଙ୍କା ରହିଛି। ଗ୍ରୁପ୍ ପାଖରେ ୩୧,୭୬୭ କୋଟି ଟଙ୍କାର ନିଟ୍ ନଗଦ ରହିଛି।



## ମୋବାଇଲ୍ ଯୁଗରେ କ୍ୟାମେରା ଅଚଳ

# ଟୁରିଷ୍ଟ ଫଟୋଗ୍ରାଫର୍‌ଙ୍କ ପାଇଁ 'ସ୍ମାର୍ଟ' କାଳ

ଭୁବନେଶ୍ୱର, ୩୦ା୫(ନୃସିଂହ ଚରଣ ସାହୁ):

ଦିନ ଥିଲା ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଗୁଡ଼ିକରେ ଟୁରିଷ୍ଟ ଫଟୋଗ୍ରାଫର୍‌ଙ୍କ ବେଶ୍ ଚାହିଦା ଥିଲା। ଏବେ କିନ୍ତୁ ସ୍ମାର୍ଟଫୋନ ଯୁଗରେ ଫଟୋଗ୍ରାଫରଙ୍କ ଆଉ ଆବଶ୍ୟକତା ପଡୁନାହିଁ। ଯିଏ ପାଇଲା ମୋବାଇଲ୍‌ରେ ଫଟୋ ଉଠାଇ ପାଖରେ ରଖିପାରିଲା। ଫଳରେ ରାଜଧାନୀର ବିଭିନ୍ନ ପର୍ଯ୍ୟଟନସ୍ଥଳରେ ଫଟୋଗ୍ରାଫିକୁ ପେସାକରି ଚଳୁଥିବା ଫଟୋଗ୍ରାଫର୍‌ମାନେ ଏବେ ହାତବାନ୍ଧି ବସିଛନ୍ତି। ଯେଉଁ କିଛି ଫଟୋଗ୍ରାଫର୍ ଅଛନ୍ତି ସେମାନଙ୍କ ଆର୍ଥିକ ପରିସ୍ଥିତି ଅତି ଦୟନୀୟ ହୋଇପଡ଼ିଛି।

ଦେଢ଼ ଦଶନ୍ଧୀ ତଳେ ରାଜଧାନୀର ଧଉଳୀ, ଖଣ୍ଡଗିରି, ନନ୍ଦନକାନନ, ଲିଙ୍ଗରାଜମନ୍ଦିର ଆଦି ପର୍ଯ୍ୟଟନସ୍ଥଳ ଗୁଡ଼ିକରେ ପ୍ରାୟ ଶତାଧିକ ଟୁରିଷ୍ଟ ଫଟୋଗ୍ରାଫର୍ ଫଟୋଗ୍ରାଫିକୁ ବେଉସା କରି ପରିବାର ପ୍ରତିପୋଷଣ କରୁଥିଲେ। ସପରିବାର ଆସୁଥିବା ରାଜ୍ୟ ଭିତର ତଥା ରାଜ୍ୟ ବାହାରର ପର୍ଯ୍ୟଟକମାନେ ତାଙ୍କ ପାଖରେ ଫଟୋ ଉଠାଉଥିଲେ। ଟୁରିଷ୍ଟ ସିଜନ୍‌ରେ ଦିନରୁ ଜଣେ ଜଣେ ଫଟୋଗ୍ରାଫର୍ ପ୍ରାୟ ୪୦ରୁ ୫୦ଟି ଫଟୋ ଉଠାଉଥିଲେ। ଅନେକ ସମୟରେ ଶହେ ପାଖାପାଖି ଫଟୋ ଉଠୁଥିଲା। ବିଶେଷକରି ଖଣ୍ଡଗିରିକୁ ଆସୁଥିବା ବଙ୍ଗୀୟ ପର୍ଯ୍ୟଟକଙ୍କ ଉପରେ ନିର୍ଭରକରି ଚଳୁଥିଲେ ଅନେକ ଟୁରିଷ୍ଟ ଫଟୋ ଗ୍ରାଫର୍। ଫଟୋଗ୍ରାଫରମାନେ ମଧ୍ୟ ପର୍ଯ୍ୟଟକଙ୍କ ସୁବିଧା ଦୃଷ୍ଟିରୁ ବିଭିନ୍ନ ଷ୍ଟୁଡିଓ ମାଧ୍ୟମରେ ମାତ୍ର କମ୍ ସମୟ ମଧ୍ୟରେ ଫଟୋ ପ୍ରିଣ୍ଟ କରି ଦେଉଥିଲେ। ସେଥିରୁ ଯେତିକି ରୋଜଗାର ହେଉଥିଲା ପରିବାର ଭଲରେ ଚଳି ଯାଉଥିଲା। ରୋଜଗାର ଦୃଷ୍ଟିରୁ ସେମାନେ ମଧ୍ୟବିତ ଶ୍ରେଣୀରେ ଗଣା ହେଉଥିଲେ। କିନ୍ତୁ ଗତ ଦଶନ୍ଧୀ ଧରି ସ୍ମାର୍ଟଫୋନ୍‌ର ବହୁଳ ବ୍ୟବହାର ବୃଦ୍ଧି ପାଇଛି। ପ୍ରତ୍ୟେକ ଲୋକଙ୍କ ହାତରେ ସ୍ମାର୍ଟଫୋନ୍ ରହିଛି। ଯିଏ ଯେମିତି ଯେଉଁଠି ପାରିଲା ଯେତେ ପରିମାଣର ଫଟୋ ଉଠାଇପାରୁଛି। ଏବେ ଖଣ୍ଡଗିରିରେ ୧୫ରୁ ୨୦



ଫଟୋଗ୍ରାଫର୍‌ଙ୍କ ବଦଳରେ ଦୁଇରୁ ତିନିଜଣ ଟୁରିଷ୍ଟ ଫଟୋଗ୍ରାଫର୍ ବୁଲୁଛନ୍ତି। ସେମାନଙ୍କୁ କାମ ମିଳିବା କାଠିକର ପାଠ ହୋଇପଡୁଛି। ଯେତିକି ରୋଜଗାର ହେଉଛି ପରିବାର ପ୍ରତିପୋଷଣ କରିବା ତ ଦୂରର କଥା ନିଜ ତେଲପୋଡ଼ା କିମ୍ବା ନିଜ ଖର୍ଚ୍ଚ ଉଠିବା କାଠିକର ପାଠ ହୋଇପଡୁଛି। ବାଧହୋଇ ସମାନେ ଅନ୍ୟ ବେପାର ଆରମ୍ଭ କରିଛନ୍ତି ଓ ଫଟୋଗ୍ରାଫିକୁ ସାଇଡ୍ ବିଜିନେସ୍ ଭାବେ ଚଳାଉଛନ୍ତି।

ବୈଷୟିକ ଜ୍ଞାନ କୌଶଳ ବୃଦ୍ଧି କେତେକଙ୍କ ପାଇଁ ଭଲ ହୋଇଥିବାବେଳେ ଆମମାନଙ୍କ ପାଇଁ ଏହା କାଳ ସଦୃଶ୍ୟ ହୋଇଛି। ଦିନକୁ ଦିନ ସ୍ମାର୍ଟଫୋନର ବହୁଳ ବ୍ୟବହାର ଓ ଏବଂ ମୋବାଇଲ କ୍ୟାମେରାରେ ଉନ୍ନତ ମାନର ଲେନ୍ସ ବୃଦ୍ଧି ଫଳରେ ଆମ ବ୍ୟବସାୟରେ ଏହା ସିଧା ପ୍ରଭାବ ପକାଉଛି ବୋଲି ଧଉଳି ପର୍ଯ୍ୟଟନସ୍ଥଳୀରେ ଦୀର୍ଘ ୧୦ ବର୍ଷହେଲା ଫଟୋ ଉଠାଇ ନିଜ ପରିବାର ପ୍ରତିପୋଷଣ କରୁଥିବା ରମେଶ ବେହେରା କୁହନ୍ତି।

ବର୍ତ୍ତମାନ ସମୟରେ କିଛି ବ୍ୟକ୍ତି ଚାହାନ୍ତି ସହରରେ ରହି ଭଲ ଦୁଇ ପଇସା ରୋଜଗାର କରିବାକୁ। ଏମାନଙ୍କ ମଧ୍ୟରୁ ବାଦ୍ ପଡ଼ିନାହାନ୍ତି ବାଲେଶ୍ୱରର ରମେଶ ବେହେରା ଯିଏ ଭୁବନେଶ୍ୱରରେ ରୋଜଗାର କରିବା ପାଇଁ ସହର ଆସିଥିଲେ। ରମେଶ କୁହନ୍ତି ତାଙ୍କ ଗାଁରୁ ପ୍ରଥମେ ଯେବେ ଭୁବନେଶ୍ୱର ଆସିଲେ କେଉଁ ଉପାୟରେ ରୋଜଗାର କରିବା ପାଇଁ ବାଟ ଖୋଜୁଥିଲେ। କିନ୍ତୁ ସେ ସମୟରେ ତାଙ୍କୁ ଫଟୋ ଉଠାଇବାକୁ ଭଲ ଲାଗୁଥିଲା ଏବଂ ରମେଶ ଦେଖିଲେ ପର୍ଯ୍ୟଟନସ୍ଥଳୀମାନଙ୍କରେ ଫଟୋଉଠାଇ ଫଟୋଗ୍ରାଫର ଭଲ ରୋଜଗାର କରୁଛନ୍ତି। ଏହା ଦେଖି ସେ ନିଷ୍ପତ୍ତି ନେଲେ ଫଟୋ ଉଠାଇ ରୋଜଗାର କରିବାକୁ। ପ୍ରଥମେ ଯେତେବେଳେ ୮ ବର୍ଷ ତଳେ ଫଟୋ ଉଠାଉଥିଲେ ସେତେବେଳେ ଦିନକୁ ପନ୍ଦରଶହରୁ ଦୁଇହଜାର ଟଙ୍କା ରୋଜଗାର କରୁଥିଲେ। କିନ୍ତୁ ଏବେ ଦିନକୁ ପାଞ୍ଚଶହ ଟଙ୍କା ରୋଜଗାର କରିବା କଷ୍ଟକର ହୋଇପଡୁଛି। ରମେଶ ଆହୁରି ମଧ୍ୟ କୁହନ୍ତି ବର୍ତ୍ତମାନ ସମୟରେ ମୋବାଇଲ ମାନଙ୍କରେ ବିଭିନ୍ନ ପ୍ରକାରର ଫଟୋ ଏଡିଟିଂ ଆପର ବ୍ୟବହାର ଓ ମୋବାଇଲମାନଙ୍କରେ କ୍ୟାମେରା ଲେନ୍ସର ବୃଦ୍ଧି ଫଳରେ ଫଟୋଗ୍ରାଫି କରି ଚଳୁଥିବା ଅନେକ ବ୍ୟକ୍ତିଙ୍କ ପେସାରେ ସଙ୍କଟ ସୃଷ୍ଟି ହୋଇଛି। ଅବଶ୍ୟ ଫଟୋଗ୍ରାଫର୍‌ଙ୍କ ଉତ୍ସାହ ବୃଦ୍ଧି ପାଇଁ କେତେକ ସ୍ଥାନରେ ଫଟୋ ପ୍ରଦର୍ଶନୀ ଓ କର୍ମଶାଳାମାନ ଆୟୋଜନ କରାଯାଉଛି।



## ଚୋରି ମାମଲାରେ ଟୁଙ୍ଗୁରୁ ଅଟକ

ଭୁବନେଶ୍ୱର, ୩୦।୫ (ସମିସ): କିଛି ମାସ ଧରି ଚର୍ଚ୍ଚାରେ ଥିବା ଟୁଙ୍ଗୁରୁ ପୁଣି ପୁଲିସ ପଞ୍ଝାରେ ପଡ଼ିଛି। ଅନ୍ୟ କୌଣସି ମାମଲାରେ ନୁହେଁ ବରଂ ଏକ ଚୋରି ମାମଲାରେ ଟୁଙ୍ଗୁରୁକୁ ଉଠାଇଛି ପୁଲିସ। ସୂଚନା ଅନୁସାରେ, କିଛିଦିନ ତଳେ ଚନ୍ଦକା ଥାନାରେ ଏକ ଚୋରି ଅଭିଯୋଗ ହୋଇଥିଲା। ପୁଲିସ ଚୋରି ମାମଲା ରୁଜୁ କରି ତଦନ୍ତ କରୁଥିଲା। ପରବର୍ତ୍ତୀ ସମୟରେ ସ୍ପେଶାଲ ସ୍କ୍ୱାଡ୍ ମାମଲାର ତଦନ୍ତରେ ପଶିଥିଲା। ଚୋରି ଘଟଣାରେ ଟୁଙ୍ଗୁରୁର ସଂପୃକ୍ତ ଥିବା ତଦନ୍ତ ବେଳେ ପୁଲିସ ଜାଣିବାକୁ ପାଇଥିଲା। ଏହା ଜଣାପଡ଼ିବା ପରେ ପୁଲିସ ଟୁଙ୍ଗୁରୁକୁ ଉଠାଇ ଆଣିଛି। ତାକୁ ଅଟକ ରଖି ପଚରାଉଚରା ଚଳାଇଛି। କେବଳ ଟୁଙ୍ଗୁରୁ ନୁହେଁ ଘଟଣାରେ ସଂପୃକ୍ତ ଅନ୍ୟମାନଙ୍କୁ ମଧ୍ୟ ପୁଲିସ ଅଟକ ରଖି ପଚରାଉଚରା କରୁଛି। ଆସନ୍ତାକାଲି ଏନେଇ ସବିଶେଷ ତଥ୍ୟ ପ୍ରଦାନ କରାଯିବ ବୋଲି ପୁଲିସ କହିଛି।

## ଆଇଟିଇଆର୍ ଦେଶର ତୃତୀୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ

ଭୁବନେଶ୍ୱର, ୩୦।୫(ସମିସ): ଶିକ୍ଷା ଓ ଅନୁସନ୍ଧାନ (ସୋଆ) ପରିଚାଳିତ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନିକାଲ୍ ଏଜୁକେସନ୍ ଆଣ୍ଡ ରିସର୍ଚ୍ଚ (ଆଇଟିଇଆର୍) ଗୁରୁବାର ପ୍ରକାଶିତ ଟାଇମ୍ସ ଅଲ୍ ଇଣ୍ଡିଆ ଇଞ୍ଜିନିୟରିଂ ଇନ୍ଷ୍ଟିଚ୍ୟୁଟ୍ ର୍ୟାଙ୍କିଙ୍ଗ୍ ସର୍ଭେ ୨୦୨୪ର ଓଭରଅଲ୍ କ୍ୟାଟେଗୋରୀରେ ଦେଶର ତୃତୀୟ ଶ୍ରେଷ୍ଠ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ଭାବେ ସ୍ଥାନୀତ ହୋଇଛି। ୨୦୨୩ ଟାଇମ୍ସ ସର୍ଭେରେ ମଧ୍ୟ ଆଇଟିଇଆର୍ ଦେଶର ପ୍ରମୁଖ ଇଞ୍ଜିନିୟରିଂ କଲେଜଗୁଡ଼ିକ ମଧ୍ୟରେ ତୃତୀୟ ସ୍ଥାନ ହାସଲ କରିଥିଲା। ସେହିପରି ଏ ବର୍ଷ ଦେଶର ଶ୍ରେଷ୍ଠ ୧୨୫ଟି ପ୍ରାଇଭେଟ୍ ଇଞ୍ଜିନିୟରିଂ ଶିକ୍ଷାନୁଷ୍ଠାନ ମଧ୍ୟରେ ଦ୍ୱିତୀୟ ସ୍ଥାନ ଏବଂ ପୂର୍ବ ଭାରତରେ ପ୍ରଥମ ସ୍ଥାନ ହାସଲ କରିଛି ଆଇଟିଇଆର। ଚଳିତବର୍ଷ ଗବେଷଣା କ୍ଷେତ୍ରରେ ଆଇଟିଇଆର ଦେଶରେ ତୃତୀୟ ସ୍ଥାନ ଏବଂ ପ୍ଲେସ୍‌ମେଣ୍ଟରେ ୫ମ ସ୍ଥାନ ହାସଲ କରିଛି। ୨୦୨୩ରେ ଗବେଷଣା କ୍ଷେତ୍ରରେ ସାରା ଦେଶରେ ଏହି ଶିକ୍ଷାନୁଷ୍ଠାନ ୪ର୍ଥ ଏବଂ ପ୍ଲେସ୍‌ମେଣ୍ଟରେ ୯ମ ସ୍ଥାନରେ ରହିଥିଲା।

## ଟିପିସିଓଡିଏଲ୍ ପକ୍ଷରୁ ରକ୍ତଦାନ ଶିବିର



ଭୁବନେଶ୍ୱର,୩୦।୫(ସମିସ): ଟାଟା ପାୱାର ଓ ଓଡ଼ିଶା ସରକାରଙ୍କ ଏକ ଯୌଥ ଉଦ୍ୟୋଗ ଟିପି ସେଣ୍ଟ୍ରାଲ ଓଡ଼ିଶା ଡିଷ୍ଟ୍ରିବ୍ୟୁସନ୍ ଲିମିଟେଡ୍ (ଟିପିସିଓଡିଏଲ୍) ପକ୍ଷରୁ ମିସନ ଜୀବନ କାର୍ଯ୍ୟକ୍ରମ ଅଧୀନରେ ଏହାର କାର୍ଯ୍ୟକ୍ଷେତ୍ର ଅଞ୍ଚଳରେ ଏକାଧିକ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ବିଶ୍ୱ ଥାଲାସେମିଆ ଦିବସ ଅବସରରେ ଓଡ଼ିଶା ବ୍ଲଡ଼ ସେଣ୍ଟର ଓ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ମିଳିତ ଆନୁକୂଲ୍ୟରେ ଟିପିସିଓଡିଏଲ୍ ପକ୍ଷରୁ ପୁରୀ ବିଦ୍ୟୁତ ଡିଭିଜନରେ ଏକ ବଡ଼ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଥିଲା। ଏଥିସହ ନୟାଗଡ଼ ଜିଲ୍ଲା ରକ୍ତଭଣ୍ଡାର ସହଯୋଗରେ ନୟାଗଡ଼ ବିଦ୍ୟୁତ ଡିଭିଜନରେ ଏକ ଶିବିର ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମକୁ ମୁଖ୍ୟ ଜିଲ୍ଲା ଚିକିତ୍ସା ଓ ସ୍ୱାସ୍ଥ୍ୟ ଅଧିକାରୀ ଡାଃ ରମାକାନ୍ତ ପଣ୍ଡା ଓ ନୟାଗଡ଼ ଜିଲ୍ଲା ଚିକିତ୍ସାଧିକାରୀ ଡାଃ ଅଜୟ କୁମାର ବାହିନୀପତି ଉଦଘାଟନ କରିଥିଲେ। ଟିପିସିଓଡିଏଲ୍ ମଧ୍ୟ ଭାରତୀୟ ରେଡକ୍ରସ୍ ସୋସାଇଟି ସହ ମିଶି ସାଲେପୁର ଓ କଟକ ବିଦ୍ୟୁତ ଡିଭିଜନରେ ଏବଂ ମାର୍ଶାଘାଇରେ ରକ୍ତଦାନ ଶିବିର ଆୟୋଜନ କରାଯାଇଥିଲା। ନିମାପଡ଼ା ଡିଭିଜନରେ ଅନ୍ୟ ଏକ ଶିବିର ଅନୁଷ୍ଠିତ ହୋଇଥିଲା। ମାର୍ଶାଘାଇରେ ୩୬ ଜଣ, ସାଲେପୁରରେ ୫୦ ଜଣ, ସିଡିଡି-୧ରେ ୪୫ ଜଣ, ନିମାପଡ଼ାରେ ୬୨ ଜଣ, ପୁରୀରେ ୫୨ ଜଣ ଓ ନୟାଗଡ଼ରେ ୬୨ ଜଣ ରକ୍ତଦାତାଙ୍କ ସହ ମୋଟ ୩୦୭ ଜଣ ରକ୍ତଦାନ କରିଥିଲେ। ଟିପିସିଓଡିଏଲର ସିଇଓ ଅରବିନ୍ଦ ସିଂହ କହିଛନ୍ତି ଯେ, ଆହ୍ୱାନପୂର୍ଣ୍ଣ ପାଗ ସତ୍ତ୍ୱେ ଆମର ରକ୍ତଦାନ ଶିବିରରେ ଅତ୍ୟଧିକ ଅଂଶଗ୍ରହଣ, ଜୀବନ ବଞ୍ଚାଇବା ଏବଂ ଅଭାବୀ ଲୋକଙ୍କୁ ସାହାଯ୍ୟ କରିବା ପାଇଁ ଆମ କର୍ମଚାରୀଙ୍କ ସମର୍ପଣକୁ ପ୍ରତିଫଳିତ କରୁଛି।

## ପାଖେଇ ଆସୁଛି ସାବିତ୍ରୀ, ଆଗକୁ ରଜ

# ଚଳଚଞ୍ଚଳ ଫଳ ବଜାର





ଭୁବନେଶ୍ୱର, ୩୦।୫(ସମିସ)

ପାଖେଇ ଆସୁଛି ସାବିତ୍ରୀ। ଆଗକୁ ରହିଛି ରଜ। ସେଥିପାଇଁ ଚଳଚଞ୍ଚଳ ହୋଇ ଉଠିଲାଣି ରାଜଧାନୀର ବିଭିନ୍ନ ହାଟ ବଜାର। ସେହିପରି ସପିଙ୍ଗ ମଲ୍ ଠାରୁ ଆରମ୍ଭ ଶାଢ଼ି ଦୋକାନରେ ସାବିତ୍ରୀ ଓ ରଜ ରିହାତି ଦେଇ ଲୋକଙ୍କୁ ଆକର୍ଷିତ କରୁଛନ୍ତି ବ୍ୟବସାୟୀ। ଫଳ ଦୋକାନରେ ମଧ୍ୟ ଚଢ଼ାଦରରେ ଫଳ ବିକ୍ରି କରିବା ଆରମ୍ଭ କଲେଣି। ଶାଢ଼ି ବ୍ୟବସାୟୀଙ୍କୁ ଫୁରୁସତ୍ ନାହିଁ। ସହରରେ ବିଭିନ୍ନ ସିଲେଇ ଦୋକାନରେ ଏବେଠୁ ଅର୍ଡର ଦେଲେଣି ମହିଳା। ଏଥିସହ ସାବିତ୍ରୀ ବ୍ରତରେ ଆବଶ୍ୟକ ହେଉଥିବା କାଠ ପାନିଆ, ପାଟଫୁଲି, ସିନ୍ଦୂର, ନାଲି ଶଙ୍ଖା ଓ ଦର୍ପଣ ଆଦିକୁ ପ୍ୟାକେଟ କରିବାରେ ପଥପ୍ରାନ୍ତ ବ୍ୟବସାୟୀ ବ୍ୟସ୍ତ। ଅନ୍ୟପଟେ ବଜାରରେ ଆଗକୁ ରଜ ଥିବା ଯୋଗୁଁ ଏବେଠୁ ଦୋକାନୀ ରିଆତି ଦେଉଛନ୍ତି। କିଣାକିଣି ପାଇଁ ମହିଳାମାନେ ମଧ୍ୟ ଭିଡ଼ ଜମାଇଲେଣି।

### ୩୦ ଟଙ୍କାରେ ସାବିତ୍ରୀ ପୁଟୁଳି

ସାବିତ୍ରୀ ବ୍ରତ ପାଇଁ ପୂଜା ଥାଳିରେ ଫଳ ସହ ସଜା ହୁଏ ଶାଢ଼ି ଓ ସାବିତ୍ରୀ ସାମଗ୍ରୀ। ଏଥିରେ ଥାଏ ସଧବା ମହିଳାଙ୍କ ସମସ୍ତ ଶୃଙ୍ଗାର। ସିନ୍ଦୂର, ଶଙ୍ଖା, ଚୂଡ଼ି, ପାଟ ଫୁଲି, କାଠ ପାନିଆ, କଳାମାଳି, ଛିଟ କନା, କଳା ଶଙ୍ଖା, ଅଳତା ଓ ଗୁଆ ଆଦିକୁ ନେଇ ବେପାରୀମାନେ ପୁଟୁଳି କରି ଏବେ ରାଜଧାନୀ ବଜାରରେ ବିକ୍ରି କରୁଛନ୍ତି। ସେହିପରି ଏକ ନମ୍ବର ହାଟ ନିକଟରେ ଦଶରଥ ସାହୁ କୁହନ୍ତି, ସାବିତ୍ରୀ ପୂଜାରେ ବ୍ୟବହାର ହେଉଥିବା ସମସ୍ତ ସାମଗ୍ରୀକୁ ନେଇ ଆମେ ପ୍ୟାକେଟ୍ କରି ଦେଇଛୁ। ଅଲଗା ଅଲଗା କିଣିବାରେ ଲୋକଙ୍କୁ ଅସୁବିଧା ହେଉଥିବାରୁ ଆମେ ଏହାକୁ ଗୋଟିଏ ଗୋଟିଏ ପ୍ୟାକେଟ କରିଦେଇଛୁ। ଯାହାର ମୂଲ୍ୟ ୩୦ ଟଙ୍କା ରହିଛି। ଲୋକଙ୍କୁ ମଧ୍ୟ ଏପରି ସୁବିଧା ହେଉଛି କିଣିବାକୁ। ପ୍ରାୟ ଗ୍ରାହକ ଏହି ପ୍ୟାକେଟ୍ ନେଉଥିବାବେଳେ କିଛି ଲୋକ ଖୋଲାରେ ବି ସାମଗ୍ରୀ ମାଗି ନେଉଛନ୍ତି। ପ୍ରତିଟି ସାମଗ୍ରୀ ପିଛା ଅଲଗା ଅଲଗା ଟଙ୍କା ରହିଥିବା ବେଳେ ସେ ସବୁ ୫ରୁ ୧୦ ଟଙ୍କା ମଧ୍ୟରେ ମିଳିଯାଏ। କିନ୍ତୁ ସବୁ ସାମଗ୍ରୀକୁ ମିଶାଇ ହୋଇଥିବା ସାବିତ୍ରୀ ପୁଟୁଳି ଦାମ୍ ୩୦ ଟଙ୍କା ରହିଛି ବୋଲି ସେ କହିଛନ୍ତି।

### ଲାଗିଲାଣି ଶାଢ଼ି ରିଆତି

ବିଭିନ୍ନ ସପିଙ୍ଗ୍ ମଲ ଓ ଡ୍ରେସ, ଶାଢ଼ି ଦୋକାନରେ ଏବେଠାରୁ ସାବିତ୍ରୀ ଓ ରଜ ପାଇଁ ରିଆତି ଦେବା ଆରମ୍ଭ କଲେଣି ଦୋକାନୀ। ମାର୍କେଟ ବିଲ୍ଡିଂ ଠାରୁ ଆରମ୍ଭକରି ସବୁ ସପିଙ୍ଗ୍ ମଲରେ ବିଶେଷକରି ମହିଳାମାନେ ଭିଡ ଜମାଉଥିବାର ଦେଖିବାକୁ ମିଳୁଛି। ନିକଟରେ ସାବିତ୍ରୀ ଥିବାରୁ ମହିଳାମାନେ ଶାଢ଼ି କିଣିବାକୁ ଯାଉଛନ୍ତି। ସାବିତ୍ରୀରେ ବାପଘରୁ ଝିଅ ଘରକୁ ଭାର ଓ ଶାଢ଼ି, ଚୁଡ଼ି ଯିବାର ନିୟମ ଥିବାରୁ ସମସ୍ତେ ଏବେ ନିଜ ପସନ୍ଦର ଶାଢ଼ିଟିଏ ବାଛି ନେବାକୁ ବ୍ୟସ୍ତ। ଏଥିପାଇଁ ବ୍ୟବସାୟୀମାନେ ୧୦ରୁ ୨୦ ପ୍ରତିଶତପର୍ଯ୍ୟନ୍ତ ରିଆତି ଦେଇ ଗ୍ରାହକଙ୍କୁ ଆକର୍ଷିତ କରୁଛନ୍ତି। ସମ୍ବଲପୁରୀ କଟନ ଓ ପାଟ ଶାଢ଼ିର ଚାହିଦା ସବୁବେଳେ ରହିଥିବା ବେଳେ ଏବେ ସାବିତ୍ରୀ ଫ୍ୟାସନ୍‌ରେ ରହିଛି ଅର୍ଗେଞ୍ଜା ଶାଢ଼ି, ଚନ୍ଦେରୀ ସିଲ୍କ, ଟସର ସିଲ୍କ, ମହୀଶୂର ସିଲ୍କ ଶାଢ଼ି ଇତ୍ୟାଦି।

### ଆସିଗଲା ସାବିତ୍ରୀ ଫଳ

ରାଜଧାନୀର ବିଭିନ୍ନ ଫଳ ଦୋକାନରେ ଏବେ ସାବିତ୍ରୀ ପାଇଁ ଫଳ ଦେଖିବାକୁ ମିଳିଲାଣି। ଅର୍ଥାତ୍ କେବଳ ସାବିତ୍ରୀରୁ ଆରମ୍ଭ ହୋଇ ରଜ ଯାଏଁ ବିକ୍ରି ହେଉଥିବା ଫଳସବୁ ବଜାରକୁ ଆସିଗଲାଣି। ସାବିତ୍ରୀ ପୂଜାରେ ଆମ୍ବ, ପଣସ, ସପୁରୀ, ଖଜୁରି କୋଳି, ଲିଚୁ ଓ ନଡ଼ିଆର ଆବଶ୍ୟକତା ଥିବା ବେଳେ ସେଓ, ଅଙ୍ଗୁର ଓ କମଳା ଆଦି ମଧ୍ୟ ପୂଜାରେ ଲାଗେ। ଏଣୁ ଫଳ ବ୍ୟବସାୟୀମାନେ ପର୍ଯ୍ୟାପ୍ତ ପରିମାଣର ଫଳ ଆଣି ଦୋକାନରେ ରଖିଲେଣି। ସାବିତ୍ରୀ ଫଳରେ ଆମ୍ବ କେଜି ୧୦୦ ରୁ ୧୪୦ ଟଙ୍କା ରହିଥିବା ବେଳେ ପଣସ ଦାମ୍ ଆକାର ଅନୁଯାୟୀ ୫୦ରୁ ୧୦୦ ଓ ୨୦୦ ଟଙ୍କା ପର୍ଯ୍ୟନ୍ତ ରହିଛି। ସେହିଭଳି ସପୁରୀ ଗୋଟା ୪୦ ରୁ ୫୦ ଟଙ୍କା, ନଡିଆ ଗୋଟା (ଛୋଟ) ୩୦ ଟଙ୍କା ଓ (ବଡ) ୪୦ଟଙ୍କା, ଖଜୁରୀ କୋଳି ପୁଟୁଳି ୨୦ଟଙ୍କା, ତାଳ ଗୋଟା ୩୦ ଟଙ୍କା(ପୁଟୁଳି-୨୦ ଟଙ୍କା), ଲିଚୁ ୧୨୦ ରୁ ୧୫୦ ଟଙ୍କା ଓ ଅଙ୍ଗୁର କେଜି ୧୫୦ ଟଙ୍କା ରହିଛି। ଗତ ବର୍ଷ ତୁଳନାରେ ଚଳିତ ବର୍ଷ ଭଲ ବେପାର ଆଶା ରଖିଛନ୍ତି ଫଳ ବେପାରୀ। ଏ ନେଇ ବେପାରୀ କୁହନ୍ତି ସାବିତ୍ରୀ ଗୋଟିଏ ଦିନ ଆଗରୁ ସବୁ ଫଳର ଦାମ ୧୦ ରୁ ୧୫ ଟଙ୍କା ବଢ଼ିଥାଏ।

## ଇସ୍କନରେ ଚନ୍ଦନଯାତ୍ରା

ଭୁବନେଶ୍ୱର, ୩୦।୫(ସମିସ): ଇସ୍କନ୍ ଭୁବନେଶ୍ୱର ପକ୍ଷରୁ ଫାଉଣ୍ଟେନ୍ ନାଭ୍‌ରେ ଗୁରୁବାର ଚନ୍ଦନଯାତ୍ରାର ଉଦ୍‌ଯାପିତ ହୋଇଯାଇଛି। ଚନ୍ଦନଯାତ୍ରାର ଶୁଭାରମ୍ଭ ଗତ ୧୦ ତାରିଖରୁ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ଦେବଦାସୀ ସଂସ୍ଥା ପକ୍ଷରୁ ଗୁରୁ ରୋଜାଲିନ୍ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ରାତ୍ରିରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଛି। କାର୍ଯ୍ୟକ୍ରମରେ ୧୦ ହଜାରରୁ ଅଧିକ ଭକ୍ତ ଯୋଗ ଦେଇଥିଲେ। ଫୁଡ୍ ଫର୍ ଲାଇଫ୍ ପକ୍ଷରୁ ସନ୍ଧ୍ୟାରେ ପ୍ରସାଦ ବିତରଣ କରାଯାଇଥିଲା। ରାତି ୯.୩୦ରେ ଶ୍ରୀଜିଉମାନଙ୍କୁ ଘଣ୍ଟ, ଘଣ୍ଟା, କାହାଳୀ ବଜାଇ ମହାସଂକୀର୍ତ୍ତନ ମାଧ୍ୟମରେ ରତ୍ନବେଦୀକୁ ପ୍ରତ୍ୟାବର୍ତ୍ତନ କରାଯାଇ ବିଶ୍ରାମ ଦିଆଯାଇଥିଲା। କାର୍ଯ୍ୟକ୍ରମକୁ ଇସ୍କନର ସଭାପତି ସାତପତି ଦାସ, ପ୍ରେମାନନ୍ଦ ଦାସ, ଉପେନ୍ଦ୍ର ମିଶ୍ର ଦାସ ଓ ଅନ୍ୟାନ୍ୟ ବରିଷ୍ଠ ଭକ୍ତମାନେ ସଞ୍ଚାଳନ କରିଥିଲେ।

## 'ଗୁରୁଦେବ'ରେ ଓଡ଼ିଶୀ, ପାରମ୍ପରିକ ନୃତ୍ୟ



ଭୁବନେଶ୍ୱର, ୩୦।୫(ସମିସ): ନୃତ୍ୟାଚାର୍ଯ୍ୟ ଗୁରୁଶ୍ରୀ ଦୁର୍ଗା ଚରଣ ରଣବୀରଙ୍କ ପ୍ରତିଷ୍ଠିତ ଶାସ୍ତ୍ରୀୟ ନୃତ୍ୟାନୁଷ୍ଠାନ 'ନୃତ୍ୟାୟନ'ର ୩୨ତମ ବାର୍ଷିକ ଉତ୍ସବ 'ଗୁରୁଦେବ' ସ୍ଥାନୀୟ ରବୀନ୍ଦ୍ର ମଣ୍ଡପଠାରେ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଇଂ ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ମର୍ଦ୍ଦଳ ଗୁରୁ ନିରଞ୍ଜନ ପାତ୍ର, ଗୁରୁ ଧନେଶ୍ୱର ସ୍ୱାଇଁ, ଅନୁଷ୍ଠାନର ସମ୍ପାଦକ ତଥା ପ୍ରତିଷ୍ଠାତା ଗୁରୁ ଦୁର୍ଗା ଚରଣ ରଣବୀର ପ୍ରମୁଖ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ପ୍ରାରମ୍ଭରେ କୋଷାଧ୍ୟକ୍ଷ ଧୀରେନ୍ଦ୍ରନାଥ ପଟ୍ଟନାୟକ ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଏହି ଅବସରରେ ଓଡ଼ିଶୀ ଶାସ୍ତ୍ରୀୟ ସଙ୍ଗୀତ ଓ ନୃତ୍ୟ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଡ. ସ୍ନେହାପ୍ରଭା ସାମନ୍ତରାୟ, ନିରଞ୍ଜନ ରାଉତ ଏବଂ ଡ. ସଙ୍ଗୀତା ଗୋସେଇଁଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ ସାଂସ୍କୃତିକ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ନୃତ୍ୟାୟନର ତିନୋଟି ଶାଖାର ପ୍ରାୟ ଏକଶହ ଛାତ୍ରଛାତ୍ରୀ ବିଭିନ୍ନ ବର୍ଗରେ ଓଡ଼ିଶୀ ନୃତ୍ୟ ସରସ୍ୱତୀ ବନ୍ଦନା, ଜୟ ଭଗବତେ, ବିକଶିତ ଭାରତ, ବିଭିନ୍ନ ଲୋକନୃତ୍ୟ, ପାରମ୍ପରିକ ନୃତ୍ୟ ତଥା ଦେଶଭକ୍ତି ଉପରେ ଆଧାରିତ ନୃତ୍ୟ ପରିବେଷଣ କରିଥିଲେ। କାର୍ଯ୍ୟକ୍ରମକୁ ବିଶ୍ୱଜିତ୍ ବଳିୟାରସିଂ ସଂଯୋଜନା କରିଥିବାବେଳେ ଅଧକ୍ଷା ଗାୟତ୍ରୀ ରଣବୀର, ସଭ୍ୟ ଶେଷଦେବ ସାମଲ, ଅର୍ଜୁନ ମୁଦୁଲି ପ୍ରମୁଖ ପରିଚାଳନା କରିଥିଲେ।

## ଆଜି ବିଶ୍ୱ ତମାଖୁ ବର୍ଜନ ଦିବସ

# ତମାଖୁ କ୍ୟାନ୍‌ସର୍‌ରେ ବର୍ଷକୁ ୩୫ ହଜାର ପୀଡ଼ିତ

ଭୁବନେଶ୍ୱର, ୩୦।୫(ସମିସ)

ଦିନକୁ ଦିନ ଉଗ୍ରରୂପ ଧାରଣ ଧାରଣ କଲାଣି ତମାଖୁ ବିକ୍ରି ଓ ସେବନ। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ଜାଣି ମଧ୍ୟ କିଛି ଲୋକ ନିଶା ଭାବେ ସେବନ କରୁଥିବା ବେଳେ ଆଉ କେତେକ ସଚେତନତାର ଅଭାବରୁ ସେବନ କରୁଛନ୍ତି। ବ୍ୟବସାୟୀଙ୍କ ଠାରୁ ଛୋଟ ପିଲାମାନେ ତମାଖୁ ଜନିତ ନିଶାଦ୍ରବ୍ୟ ଖୁଲମଖୁଲା କିଣୁଛନ୍ତି। ଯାହାର ପରିଣାମ ସେମାନଙ୍କ ଶୈଶବକୁ ନଷ୍ଟ କରୁଛି। କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ। ଯାହାଫଳରେ ବ୍ୟକ୍ତି ମୃତ୍ୟୁ ମୁଖରେ ପଡ଼େ। ଏ ଦୃଷ୍ଟିରୁ ଏହାକୁ 'ନିରବ ଘାତକ' ବୋଲି ମଧ୍ୟ କୁହାଯାଏ। ଲୋକଙ୍କୁ ତମାଖୁ ସେବନଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ଉଦ୍ଦେଶ୍ୟରେ ପ୍ରତି ବର୍ଷ ବିଶ୍ୱବ୍ୟାପୀ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି। ଚଳିତ ବର୍ଷ ଏହି ଦିବସର ଥିମ୍ ରହିଛି 'ପ୍ରୋଟେକ୍ଟିଂ ଚିଲ୍‌ଡ୍ରେନ୍‌ସ ଫ୍ରମ୍ ଟବାକୋ ଇଣ୍ଡଷ୍ଟ୍ରି' ବା ତମାଖୁ ମୁକ୍ତ ଶୈଶବ ପାଇଁ ପିଲାମାନଙ୍କୁ ତମାଖୁ ଠାରୁ ଦୂରେଇବା।

୨୦୧୯-୨୧ ନ୍ୟାସନାଲ ହେଲଥ୍ ଆଣ୍ଡ ଫ୍ୟାମିଲି (ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ)ଅନୁଯାୟୀ, ୧୫ ବର୍ଷରୁ ଅଧିକ ବୟସ୍କ ବ୍ୟକ୍ତି ୯୮, ୮୭୧୩ ତମାଖୁ ସେବନ କରୁଥିବା ବେଳେ ୧୫ରୁ ୪୯ ବର୍ଷ ବୟସ୍କ ସଂଖ୍ୟା ରହିଛି ୯୩, ୧୪୪। ଯେଉଁଥିରେ ପୁରୁଷଙ୍କ ସଂଖ୍ୟା ୩୮ ପ୍ରତିଶତ ରହିଥିବା ବେଳେ ଗ୍ରାମାଞ୍ଚଳରେ ୨୯ ପ୍ରତିଶତ ଏବଂ ସହରାଞ୍ଚଳରେ ୪୩ ପ୍ରତିଶତ ବ୍ୟକ୍ତି ତଖାମୁ ଜନିତ ନିଶାଦ୍ରବ୍ୟ ସେବନ କରିଥାନ୍ତି। ସେହିପରି ୨୦୨୨ ତଥ୍ୟ ଅନୁଯାୟୀ, ବିଶ୍ୱବ୍ୟାପୀ ୧୩ରୁ୧୫ ବର୍ଷ ବୟସରେ ଅତି କମ୍‌ରେ ୩୭ ନିୟୁତ ଯୁବ ଗୋଷ୍ଠୀ ବିଭିନ୍ନ ପ୍ରକାରର ତମାଖୁ ବ୍ୟବହାର କରନ୍ତି। ତେବେ ଏହାର ସଂଖ୍ୟା ଓଡ଼ିଶାରେ କିଛି ପରିମାଣରେ କମ୍ ହୋଇଥିଲେ ମଧ୍ୟ ସମ୍ପୂର୍ଣ୍ଣ ଭାବେ କମ୍ ହୋଇନାହିଁ। ତମାଖୁ ସେବନ ଦ୍ୱାରା ମୁଖ୍ୟତଃ ଫୁସ୍‌ଫୁସ୍, ମୁଖଗହ୍ୱର, ଜିହ୍ୱା କର୍କଟ ରୋଗ ଦେଖାଦେଇଥାଏ। ମହିଳାମାନେ ତମାଖୁ ସେବନ କରିବା ଦ୍ୱାରା ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଓ ଜୀବନ ଉପରେ ଏହା ପ୍ରଭାବ ପକାଇଥାଏ। ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ଜନ୍ମ ହେବାର ଆଶଙ୍କା ରହିଛି। ତମାଖୁ ଦୁଇ ପ୍ରକାର ବ୍ୟବହାର ହୋଇଥାଏ।। ସିଗାରେଟ୍ ଓ ବିଡ଼ି ଏକ ପ୍ରକାର ହୋଇଥିବାବେଳେ ଗୁଟ୍‌ଖା, ଜର୍ଦ୍ଦା, ଗୁଣ୍ଡିକୁ ଚୋବାଇ ଲୋକମାନେ ବ୍ୟବହାର କରିଥାନ୍ତି। ରାଜ୍ୟରେ ତମାଖୁ ସେବନ କରୁଥିବା ମୋଟ୍ ସଂଖ୍ୟା ମଧ୍ୟରେ ମହିଳାଙ୍କ ତୁଳନାରେ ପୁରୁଷଙ୍କ ସଂଖ୍ୟା ଅଧିକ ରହିଛି। ସହ ତେବେ ତମାଖୁ ଶିଳ୍ପ ସୋସିଆଲ ମିଡିଆ ଏବଂ ଷ୍ଟ୍ରିମିଂ ପ୍ଲାଟଫର୍ମ ମାଧ୍ୟମରେ ସେମାନଙ୍କୁ ପହଞ୍ଚାଇଥାଏ। ଇଲେକ୍ଟ୍ରୋନିକ୍ ସିଗାରେଟ୍ ଏବଂ ନିକୋଟିନ୍ ପାଉଚ୍ ଭଳି ଦ୍ରବ୍ୟ ଯୁବକମାନଙ୍କ ମଧ୍ୟରେ ଲୋକପ୍ରିୟତା ହାସଲ କରୁଛି। ଯୁବ ଗୋଷ୍ଠୀଙ୍କୁ ତମାଖୁ ସେବନ ପାଇଁ ପ୍ରବର୍ତ୍ତାଇବା ଉଦ୍ୟମ କରୁଥିବା ଦେଖିବାକୁ ମିଳିଛି। ଏହାର ଉତ୍ପାଦଗୁଡ଼ିକ ଉପଲବ୍ଧ ଏବଂ ସୁଲଭ ସୁନିଶ୍ଚିତ କରିବା ଉଦ୍ଦେଶ୍ୟରେ ଯୁବଗୋଷ୍ଠୀଙ୍କୁ ନିୟୋଜିତ କରାଯାଉଛି। ବିଶେଷ କରି ଛୋଟ ପିଲାମାନଙ୍କୁ ଏଥିରେ ନିୟୋଜିତ କରାଯାଉଥିବାରୁ ସେମାନଙ୍କ ଭବିଷ୍ୟତ ମଧ୍ୟ ତମାଖୁ ଭଳି ଅନ୍ଧାର ଦୁନିଆକୁ ଚାଲିଯାଉଛି। ତମାଖୁ ସେବନ ଯୋଗୁଁ ମୃତ୍ୟୁହାରର ଅହେତୁକ ବୃଦ୍ଧି ହେତୁ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ଏହି ଦିବସ ପାଳନ ପାଇଁ ଘୋଷଣା କରିଥିଲା। ଏନେଇ ଏମ୍‌ସ୍ ଡାକ୍ତରଖାନାର ଅଧୀକ୍ଷକ ଡ. ଦିଲ୍ଲୀପ ପରିଡ଼ା କହିଛନ୍ତି ଯେ, ଏମ୍‌ସକୁ ପ୍ରତିଦିନ ଆସୁଥିବା ଓପିଡି ସଂଖ୍ୟାର ୩୦ ପ୍ରତିଶତ କର୍କଟ ରୋଗୀ ଆସିଥାନ୍ତି। ସେମାନଙ୍କ ମଧ୍ୟରେ କେବଳ ତମାଖୁ ଜିତ କର୍କଟ ରୋଗୀଙ୍କ ପରିମାଣ ୨୫ ପ୍ରତିଶତ। ତେବେ ପ୍ରତିବର୍ଷ ଓଡ଼ିଶାରେ ପ୍ରାୟ ଦେଢ଼ ଲକ୍ଷ ଲୋକେ ବିଭିନ୍ନ କର୍କଟ ରୋଗର ଶିକାର ହେଉଛନ୍ତି। ସେମାନଙ୍କ ମଧ୍ୟରେ ୩୦ରୁ ୩୫ ହଜାର ବ୍ୟକ୍ତି ତମାଖୁ ଜନିତ କ୍ୟାନସରରେ ପୀଡ଼ିତ ଥିବା ଜଣାପଡ଼ିଛି। ଯେଉଁମାନଙ୍କ ମଧ୍ୟରୁ ୬୦ରୁ ୭୦ ପ୍ରତିଶତ ବ୍ୟକ୍ତି ମୃତ୍ୟୁବରଣ କରୁଛନ୍ତି। ଏହା ଏକ ପ୍ରିଭେନଟିଭ୍ ଡିଜିଜ୍। ପ୍ରଥମରୁ ଏହାର ଲକ୍ଷଣକୁ ଚିହ୍ନଟ କରି ସତର୍କତା ଅବଲମ୍ବନ ରୋଗୀ ସୁସ୍ଥ ହୋଇପାରିବ। ତେଣୁ ଏଥିପାଇଁ ବେଳ ଥାଉ ଥାଉ ସଚେତନ ହେବା ନିହାତୀ ଜରୁରୀ। ତେବେ ଏହି ରୋଗୀଙ୍କ ସଂଖ୍ୟା ୪୦ବର୍ଷରୁ ଉର୍ଦ୍ଧ୍ୱ ବୟସ୍କଙ୍କ ଠାରେ ଅଧିକ ଦେଖିବାକୁ ମିଳେ ବୋଲି ଡ. ପରିଡ଼ା କହିଛନ୍ତି।






ବୁଧବାର ଆୟୋଜିତ 'ମାଟ୍ରିକ୍ ଉତ୍କର୍ଷ ସମ୍ମାନ-୨୦୨୪'ର ଫାର୍ମ ବି ସେଲ୍‌ଫି ପଏଣ୍ଟରେ କୃତୀ ଛାତ୍ରୀ ସେଲ୍‌ଫି ନେଉଛନ୍ତି

## ଆଜିର ଇତିହାସ

- ୧୫୭୭ - ମୋଗଲ୍ ସମ୍ରାଟ୍ ଜାହାଙ୍ଗୀରଙ୍କ ପତ୍ନୀ ନୁର୍‌ଜାହାନ୍‌ଙ୍କ ଜନ୍ମ।
- ୧୭୨୫-ଭାରତୀୟ ବୀରରମଣୀ ଅହଲ୍ୟାବାଈ ହୋଲ୍‌କରଙ୍କ ଜନ୍ମ।
- ୧୮୬୭- ବମ୍ବେରେ ପ୍ରାର୍ଥନା ସମାଜର ସ୍ଥାପନା।
- ୧୯୦୭- ଆମେରିକାର ନ୍ୟୁୟର୍କରେ ପ୍ରଥମ ଟ୍ୟାକ୍ସି ସେବା ଆରମ୍ଭ ହେଲା।
- ୧୯୫୯- ତିବ୍ବତୀୟ ଧର୍ମଗୁରୁ ଦଲାଇଲାମା ଭାରତରେ ଶରଣ ନେଲେ।
- ୧୯୬୪- ବମ୍ବେରେ ଇଲେକ୍ଟ୍ରିକ୍ ଟ୍ରାମ୍ ଶେଷଥର ପାଇଁ ଚାଲିଲା।
- ୧୯୯୬- ବେଞ୍ଜାମିନ୍ ନେତ୍ୟାନେହୁ ଇସ୍ରାଏଲର ପ୍ରଧାନମନ୍ତ୍ରୀ ହେଲେ।
- ୨୦୦୮ - ବିଶ୍ୱର ମହାନ୍ ସ୍ପ୍ରିଣ୍ଟର୍ ଉସେନ୍ ବୋଲ୍ଟ ୯.୭୨ ସେକେଣ୍ଡରେ ୧୦୦ ମିଟର ଅତିକ୍ରମ କଲେ।



# ପାଣ୍ଡା ହେବେ ଡଗ୍ ମ୍ୟାନ୍

ଜାପାନର ଜଣେ ବ୍ୟକ୍ତି ଗତବର୍ଷ ନିଜକୁ କୁକୁର ଭଳି ସଜାଇ ଚର୍ଚ୍ଚାରେ ରହିଥିଲେ। ଟୋକୋ ନାମକ ଏହି ବ୍ୟକ୍ତିଙ୍କ କହିବାନୁସାରେ, ଯଦିଓ ସେ ମଣିଷ ରୂପେ ଜନ୍ମ ହୋଇଛନ୍ତି, କିନ୍ତୁ ତାଙ୍କ ଭିତରେ କୁକୁରର ଆତ୍ମା ରହିଛି। ତାଙ୍କୁ କୁକୁର ହୋଇ ରହିବା ପସନ୍ଦ। ଏଥିପାଇଁ ସେ ଲକ୍ଷାଧିକ ଟଙ୍କା ଖର୍ଚ୍ଚ କରି କୁକୁର ଭଳି ପୋଷାକ ତିଆରି କରିଥିଲେ। ଏହାକୁ ପିନ୍ଧି ସେ ଅବିକଳ କୁକୁର ଭଳି ଆଚରଣ ପ୍ରଦର୍ଶନ କରୁଥିଲେ। ଏବେ ଟୋକୋଙ୍କର କୁକୁରରୁ ମନ ଛାଡ଼ି ଗଲାଣି। ଏବେ ସେ ପାଣ୍ଡା, ଭାଲୁ, ଶିଆଳ ଓ ବିଲେଇ ହେବାକୁ ଇଚ୍ଛା ରଖିଛନ୍ତି। ଟୋକୋ କହିଛନ୍ତି, ଯଦିଓ ସେ କୁକୁର ହୋଇ ଖୁସି ଅନୁଭବ କରୁଛନ୍ତି, କିନ୍ତୁ ଏଭଳି ରହିବା ବେଶ୍ କଷ୍ଟକର। କୁକୁରର ଶାରୀରିକ ସଂରଚନା ପୂରାପୂରି ଅଲଗା ହୋଇଥିବାରୁ ଜଣେ ମଣିଷ କୁକୁର ଭଳି ହୋଇ ରହିବା ବେଶ୍ କଷ୍ଟକର ହୋଇଥାଏ। ଟୋକୋ କୁକୁର ହେବା ପାଇଁ ଭାରତୀୟ ମୁଦ୍ରାରେ ପାଖାପାଖି ୧୩ ଲକ୍ଷ ଟଙ୍କା ଖର୍ଚ୍ଚ କରିଥିଲେ। ଟୋକୋଙ୍କର ଏହି ପୋଷାକକୁ ଜାପାନର ଏକ ପୋଷାକ ନିର୍ମାଣ କମ୍ପାନି 'ଜେପେଟ୍' ଡିଜାଇନ୍ କରିଥିଲା। ଏହି ପୋଷାକ ତିଆରି କରିବା ପାଇଁ ୪୦ ଦିନ ସମୟ ଲାଗିଥିଲା।

# ବିଶ୍ୱ ତମାଖୁ ବର୍ଜନ ଦିବସ



ପ୍ରତିବର୍ଷ ମେ ୩୧ ତାରିଖକୁ 'ବିଶ୍ୱ ତମାଖୁ ବର୍ଜନ ଦିବସ' ବା 'ୱାର୍ଲଡ୍ ନୋ ଟୋବାକୋ ଡେ' ଭାବେ ପାଳନ କରାଯାଏ। ଲୋକଙ୍କୁ ତମାଖୁ ସେବନ ଜନିତ ସ୍ୱାସ୍ଥ୍ୟ ସମସ୍ୟା, ଏହାର ଭୟାବହତା ଏବଂ ଏଥିରୁ ଦୂରେଇ ରହିବା ପାଇଁ ସଚେତନତା ସୃଷ୍ଟି କରିବା ହେଉଛି ଏହି ଦିବସର ମୂଳ ଉଦ୍ଦେଶ୍ୟ। ତମାଖୁ ସେବନ ଶରୀର ପ୍ରତି କ୍ଷତିକାରକ ହୋଇଥିଲେ ମଧ୍ୟ କିଛି ଲୋକ ନିଶାରେ ପଡ଼ି ଏହାକୁ ସେବନ କରୁଛନ୍ତି, ଆଉ କିଛି ଲୋକ ତମାଖୁର ଖରାପ ପ୍ରଭାବ ବିଷୟରେ ଜାଣି ନ ପାରି ସେବନ କରୁଛନ୍ତି। ଫଳରେ ସାରା ବିଶ୍ୱରେ ଫୁସ୍‌ଫୁସ୍ କର୍କଟ ରୋଗୀଙ୍କ ସଂଖ୍ୟା ବଢ଼ିବାରେ ଲାଗିଛି। ଏଥିରୁ ମନୁଷ୍ୟ ସମାଜକୁ ରକ୍ଷା କରିବା ପାଇଁ ବିଶ୍ୱବ୍ୟାପୀ ପ୍ରତିବର୍ଷ ତମାଖୁ ବର୍ଜନ ଦିବସ ପାଳନ କରାଯାଉଛି। ଜାଣିଲେ ଆଶ୍ଚର୍ଯ୍ୟଲାଗେ ଯେ, ତମାଖୁରେ ୭ ହଜାରରୁ ଅଧିକ ବିଷାକ୍ତ ପଦାର୍ଥ ରହିଛି। ତହିଁରୁ ୭୦ଟି ପଦାର୍ଥ କର୍କଟ ରୋଗ ସୃଷ୍ଟି କରିଥାଏ। ତମାଖୁ ସେବନ ଦ୍ୱାରା ମୁଖ୍ୟତଃ ଫୁସ୍‌ଫୁସ୍, ମୁଖଗହ୍ୱର, ଜିଭରେ କର୍କଟ ରୋଗ ଦେଖାଦେଇଥାଏ। ଗର୍ଭସ୍ଥ ଶିଶୁର ସ୍ୱାସ୍ଥ୍ୟ ଉପରେ ମଧ୍ୟ ଏହା ପ୍ରଭାବ ପକାଇଥାଏ। ଗର୍ଭପାତ, ସମୟ ପୂର୍ବରୁ ଜନ୍ମ ଓ ମୃତ ଛୁଆ ମଧ୍ୟ ଜନ୍ମ ହେବାର ଆଶଙ୍କା ରହିଛି। ତମାଖୁ କେବଳ ଆମର ସ୍ୱାସ୍ଥ୍ୟ ନୁହେଁ, ବରଂ ପରିବେଶକୁ କ୍ଷତିଗ୍ରସ୍ତ କରିଥାଏ। ଏଥିରେ ମୁଖ୍ୟ ରସାୟନ ହେଉଛି ନିକୋଟିନ୍। ଯାହାର ଅତ୍ୟଧିକ ସେବନ ସ୍ୱାସ୍ଥ୍ୟ ପାଇଁ ହାନିକାରକ। ଅନ୍ୟପଟେ କ୍ରମାଗତ ତମାଖୁ ସେବନ ଦ୍ୱାରା ମଣିଷର ପ୍ରତିଟି ଅଙ୍ଗ ପ୍ରଭାବିତ ହୁଏ। ଯାହାଫଳରେ ବ୍ୟକ୍ତି ମୃତ୍ୟୁମୁଖରେ ପଡ଼େ। ଏ ଦୃଷ୍ଟିରୁ ଏହାକୁ 'ନିରବ ଘାତକ' ବୋଲି ମଧ୍ୟ କୁହାଯାଏ। ପ୍ରତିବର୍ଷ ସାରା ବିଶ୍ୱରେ ତମାଖୁ ସେବନରେ ଲକ୍ଷ ଲକ୍ଷ ଲୋକ ପ୍ରାଣ ହରାଉଛନ୍ତି। ୧୯୮୭ ମସିହାରେ ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନ ତମାଖୁର ବ୍ୟବହାର ଉପରେ ନିୟନ୍ତ୍ରଣ ଆଣିବା ପାଇଁ ଏକ ସ୍ୱତନ୍ତ୍ର ଦିବସ ପାଳନ କରିବାକୁ ନିଷ୍ପତ୍ତି ନେଇଥିଲା। ୧୯୮୮ ମସିହା ମେ ୩୧ ତାରିଖରେ ପ୍ରଥମ ବିଶ୍ୱ ତମାଖୁ ବର୍ଜନ ଦିବସ ପାଳିତ ହୋଇଥିଲା। ତମାଖୁ ସେବନ ନିୟନ୍ତ୍ରଣ ପାଇଁ ଆଗୁଆ ପଦକ୍ଷେପ ଗ୍ରହଣ କରିବା ଏବଂ ଧୂମପାନ କରୁଥିବା ବ୍ୟକ୍ତିଙ୍କୁ ତମାଖୁ ସେବନ ବନ୍ଦ କରିବାରେ ସହାୟତା କରିବା ଏହି ଦିବସ ପାଳନ କରିବାର ଲକ୍ଷ୍ୟ ଓ ଉଦ୍ଦେଶ୍ୟ।

# ଏକାଠି ଆସିବେ ତ୍ରିପ୍ତି-ସିଦ୍ଧାନ୍ତ



୨୦୧୮ ମସିହାରେ ରିଲିଜ୍ ହୋଇଥିବା ଫିଲ୍ମ 'ଧଡ଼କ' ମାଧ୍ୟମରେ ଜାହ୍ନବୀ କପୁର ଓ ଈଶାନ୍ ଖଟ୍ଟର ବଲିଉଡ୍ ଡେବ୍ୟୁ କରିଥିଲେ। କରନ୍ ଜୋହରଙ୍କ ଧର୍ମା ପ୍ରଡକ୍ସନରେ ନିର୍ମିତ ଏହି ଫିଲ୍ମ ବକ୍ସ ଅଫିସ୍‌ରେ ଭଲ ବିଜିନେସ୍ କରିଥିଲା। ତେବେ ୬ ବର୍ଷ ପରେ ଏବେ କରନ୍ ଏହାର ସିକ୍ୱେଲ ଆଣିବା ପାଇଁ ଘୋଷଣା କରିଛନ୍ତି। କରନ୍ ଏଥିରେ ଅଭିନୟ କରିବାକୁ ଥିବା କଳାକାରଙ୍କ ନାମ ସହ ମୁକ୍ତିଲାଭ ଦିନ ମଧ୍ୟ ଘୋଷଣା କରିଛନ୍ତି। ତେବେ 'ଧଡ଼କ-୨'ରେ ଲିଡ୍ ରୋଲ୍‌ରେ ସିଦ୍ଧାନ୍ତ ଚତୁର୍ବେଦୀ ଓ ତ୍ରିପ୍ତି ଦିମ୍‌ରି ନଜର ଆସିବେ। ନିକଟରେ କରନ୍ ସାମାଜିକ ଗଣମାଧ୍ୟମରେ ଏକ ପୋଷ୍ଟର ସେୟାର୍ କରି ଏହାର ଘୋଷଣା କରିଛନ୍ତି। କରନ୍ ଏହି ପୋଷ୍ଟରେ ଲେଖିଛନ୍ତି- ଏ କାହାଣୀ ଟିକେ ଭିନ୍ନ, ଜଣେ ରାଜା ଥିଲା, ଜଣେ ରାଣୀ, ଜାତି ଅଲଗା ଥିଲା, କାହାଣୀ ସରିଗଲା। ଆପଣଙ୍କ ସାମ୍ନାକୁ ଜଲ୍‌ଦି ଆସିବ 'ଧଡ଼କ୍-୨'। ତେବେ କରନ୍ ଏହି ପୋଷ୍ଟ ସେୟାର୍ କରିବା ପରେ ଦର୍ଶକଙ୍କ ମଧ୍ୟରେ ଫିଲ୍ମକୁ ନେଇ ଉତ୍ସାହ ବଢ଼ିଯାଇଛି। ଏହି ଫିଲ୍ମ ଏହି ବର୍ଷ ନଭେମ୍ବର ୨୨ରେ ପରଦାକୁ ଆସିବ। ସାଜିଆ ଇକବାଲ ଏହାର ନିର୍ଦ୍ଦେଶନା ଦାୟିତ୍ୱରେ ଅଛନ୍ତି।

## ଆଜିର ରାଶିଫଳ

**ମେଷ:** ଦିନଟି ଶୁଭଫଳ ପ୍ରଦାନ କରିବ। ନୂଆ ଲୋକଙ୍କ ସଂସ୍ପର୍ଶରେ ଆସିବେ। ସ୍ୱାସ୍ଥ୍ୟ ପ୍ରତି ଯତ୍ନବାନ ହେବେ। ଜୀବନସାଥୀଙ୍କ ବ୍ୟବହାରରେ ଖୁସି ହେବେ। ପ୍ରେମ ସମ୍ବନ୍ଧ ମଜଭୁତ ହେବ।

**ବୃଷ:** ବିବାହ ପ୍ରସ୍ତାବ ସ୍ଥିର ହେବ। ସମାଜରେ ପ୍ରତିଷ୍ଠା ବଢ଼ିବ। ଛାତ୍ରଛାତ୍ରୀ କଠିନ ପରିଶ୍ରମ କରିବେ। କୋର୍ଟ ମାମଲାରେ ସଫଳତା ହାସଲ କରିବେ। ମହିଳାମାନେ କିଣାକିଣିରେ ଅଧିକ ଖର୍ଚ୍ଚ କରିବେ।

**ମିଥୁନ:** ରାଜନୀତିରେ ସଫଳତା ମିଳିବ। ଚାକିରିରେ ପଦୋନ୍ନତି ସମ୍ଭାବନା ଅଛି। ବାଦବିବାଦ ତଥା ଧାରକରଜରୁ ଦୂରେଇ ରହିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ। ବ୍ୟବସାୟରେ ଉନ୍ନତି ପରିଲକ୍ଷିତ ହେବ।

**କର୍କଟ:** ଦିନଟି ମିଶ୍ରଫଳ ପ୍ରଦାନ କରିବ। ବ୍ୟବସାୟ ଜନିତ ସମସ୍ୟା ସମାଧାନ ହେବ। ଅଫିସ୍‌ରେ ସହକର୍ମୀଙ୍କ ସହଯୋଗ ମିଳିବ। ଏକାଗ୍ରତାର ସହ କାମ କରିବେ। ସନ୍ତାନ ସୁଖ ପ୍ରାପ୍ତ ହେବ।

**ସିଂହ:** ବନ୍ଧୁ ମିଳନ ଯୋଗ ଅଛି। ଘରେ ପୂଜାପାଠ ଆୟୋଜନ କରିବେ। ପ୍ରେମ ସମ୍ବନ୍ଧରେ ତିକ୍ତତା ଦେଖା ଦେବ। ଜୀବନସାଥୀଙ୍କଠାରୁ ଉପହାର ପାଇବେ। କାର୍ଯ୍ୟକ୍ଷେତ୍ରରେ ସମସ୍ୟା ଦୂର ହେବ।

**କନ୍ୟା:** ଭାଇଭଉଣୀଙ୍କ ମଧ୍ୟରେ ଭୁଲ ବୁଝାମଣା ଦୂର ହେବ। ସକାରାତ୍ମକ ଚିନ୍ତାଧାରାରେ କାର୍ଯ୍ୟ କରିବେ। ନିବେଶ ପାଇଁ ଅନୁକୂଳ ସମୟ ନୁହେଁ। ବ୍ୟବସାୟ ପାଇଁ ନୂଆ ଯୋଜନା କରିବେ।

**ତୁଳା:** କାମ ଆରମ୍ଭ କରିବା ପୂର୍ବରୁ ଗୁରୁଜନଙ୍କ ପରାମର୍ଶ ନେବେ। ସରକାରୀ ଚାକିରି ପାଇଁ ସମୟ ଲାଗିବ। ବିଦ୍ୟାର୍ଥୀ କଠିନ ପରିଶ୍ରମ କରିବେ। ଦାମ୍ପତ୍ୟ ଜୀବନରେ ମତଭେଦ ସୃଷ୍ଟି ହେବ।

**ବିଛା:** ଅଫିସ୍ କାର୍ଯ୍ୟ ଠିକ୍ ସମୟରେ ପୂରା କରିବେ। ବରିଷ୍ଠ ଅଧିକାରୀ କାମ ପାଇଁ ପ୍ରଶଂସା କରିବେ। ଗରିବ ଲୋକଙ୍କୁ ସାହାଯ୍ୟ କରିବେ। ତୈଳାକ୍ତ ଖାଦ୍ୟ ପଦାର୍ଥରୁ ଦୂରେଇ ରହିବେ।

**ଧନୁ:** ଶାନ୍ତ ମନରେ କାର୍ଯ୍ୟ କରିବେ। ବ୍ୟବସାୟରେ ସଫଳ ହେବେ। ସ୍ୱାସ୍ଥ୍ୟ ସମସ୍ୟା ଦେଖା ଦେବ। ଆର୍ଥିକ ସ୍ଥିତି ମଜଭୁତ ହେବ। ପରିବାର ସଦସ୍ୟଙ୍କୁ ସମୟ ଦେବେ।

**ମକର:** ପୁରୁଣା ବନ୍ଧୁଙ୍କ ସହ ଦେଖାସାକ୍ଷାତ ହେବ। ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ବନ୍ଧୁଙ୍କ ସହ ଆଲୋଚନା କରିବେ। ଅଟକିଥିବା କାର୍ଯ୍ୟ ପୂରା ହେବ। ଧାର୍ମିକ ସ୍ଥାନକୁ ଯାତ୍ରା କରିବେ।

**କୁମ୍ଭ:** ଇଚ୍ଛା ପୂରଣ ହେବ। ଛାତ୍ରଛାତ୍ରୀ କ୍ୟାରିୟର ପାଇଁ ନୂଆ ଯୋଜନା କରିବେ। ଅଫିସ୍‌ରେ ପଦୋନ୍ନତି ସମ୍ଭାବନା ଅଛି। ବିରୋଧୀଙ୍କଠାରୁ ଦୂରେଇ ରହିବେ। ଅଧିକ ଖର୍ଚ୍ଚାନ୍ତ ହେବେ।

**ମୀନ:** ମନ ପ୍ରସନ୍ନ ରହିବ। ନୂଆ ଯୋଜନା ସହ କାମ ଆରମ୍ଭ କରିବେ। ଆର୍ଥିକ ସ୍ଥିତିରେ ସୁଧାର ଆସିବ। ସାଙ୍ଗସାଥୀଙ୍କ ସହିତ ସମୟ ଅତିବାହିତ କରିବେ। ଦାମ୍ପତ୍ୟ ଜୀବନ ସୁଖମୟ ହେବ।




## ସକାଳର ସ୍ୱାସ୍ଥ୍ୟ

# ପାମ୍



**ପ୍ରାଇମେରୀ ଆମୋବିକ୍ ମେନିଙ୍ଗୋଏନ୍‌ସୋଫ୍ଲାଇଟିସ୍ ବା ପାମ୍ ଏକ ବିରଳ ରୋଗ। ବ୍ରେନ୍ ଇଟିଙ୍ଗ୍ (ନେଗଲେରିୟା ଫାଓଲେରୀ) ଆମୋଏବା କାରଣରୁ ମସ୍ତିଷ୍କରେ ଗମ୍ଭୀର ସଂକ୍ରମଣ ହୋଇଥାଏ। ପୀଡ଼ିତଙ୍କ ମୃତ୍ୟୁର ଶତପ୍ରତିଶତ ଆଶଙ୍କା ଥାଏ। ନିକଟରେ କେରଳ, ମଲ୍ଲପୁରମ୍ ମୁନ୍ନିୟୁରର ଜଣେ ପାଞ୍ଚ ବର୍ଷୀୟ ଶିଶୁକନ୍ୟାର ଏହି ରୋଗରେ ମୃତ୍ୟୁ ହୋଇଥିବା କୁହାଯାଉଥିବାବେଳେ, ଏହାକୁ ନେଇ ସ୍ୱାସ୍ଥ୍ୟ ବିଶେଷଜ୍ଞ ଚିନ୍ତିତ ରହିଛନ୍ତି।**

ସେଣ୍ଟର ଫର୍ ଡିଜିଜ୍ କଣ୍ଟ୍ରୋଲ ଆଣ୍ଡ ପ୍ରିଭେନ୍ସନ ମୁତାବକ, ବିଭିନ୍ନ ପ୍ରକାର ଆମୋଏବା ମଧ୍ୟରୁ ମସ୍ତିଷ୍କ ଖାଉଥିବା ଆମୋଏବା (ଏକକୋଷୀୟ ଛୋଟ ଜୀବ) ମାଟି, ମଧୁର ପାଣି, ହ୍ରଦ, ଦୂଷିତ ପୋଖରୀ, ଦୂଷିତ ସୁଇମିଂପୁଲ, ସମୁଦ୍ର ଓ ସ୍ଥିର ଜଳରେ ରହିଥାନ୍ତି। ସ୍ୱାସ୍ଥ୍ୟ ବିଶେଷଜ୍ଞଙ୍କ ଅନୁସାରେ, ପାଣିରେ ଗାଧୋଇବା ସମୟରେ ଏହି ଆମୋଏବା ମନୁଷ୍ୟ ନାକ ଜରିଆରେ ଶରୀରରେ ପ୍ରବେଶ କରିଥାଏ। ଧୀରେ ଧୀରେ ଏହା ମସ୍ତିଷ୍କ କୋଷିକାକୁ ସଂକ୍ରମଣ କରି ମସ୍ତିଷ୍କକୁ ଫୁଲାଇ ଥାଏ। ଯେହେତୁ ଏହା ଏକକୋଷୀୟ କ୍ଷୁଦ୍ର ଜୀବ, ଏହା କେବଳ ଅଣୁବୀକ୍ଷଣଯନ୍ତ୍ରରେ ଦେଖାଯାଇଥାଏ। ସାଧାରଣତଃ ଗରମ ଦିନେ ଏହା ପୋଖରୀ ଓ ୱାଟରପାର୍କରେ ଅଧିକ ବଂଶବିସ୍ତାର କରିଥାନ୍ତି। ତେଣୁ ଏହି ଦିନେ ପୋଖରୀ କିମ୍ବା ୱାଟରପାର୍କରେ ଗାଧୋଇବା ଦ୍ୱାରା ନାକ ଜରିଆରେ ଶରୀରରେ ପ୍ରବେଶ କରି ସଂକ୍ରମିତ କରିଥାଏ। ସଂକ୍ରମିତ ବ୍ୟକ୍ତିଙ୍କ ଠାରେ ଜ୍ୱର, ବାନ୍ତି, ବେକ ବିନ୍ଧା, ମୁଣ୍ଡବିନ୍ଧା, ବିସ୍ମରଣ, ମୁଣ୍ଡ କାମ ନ କରିବା, ମୂର୍ଚ୍ଛାଯିବା ଆଦି ଲକ୍ଷଣ ଦେଖାଯାଏ। ପ୍ରାୟତଃ ୯ରୁ ୧୦ ଦିନ ଯାଏଁ ଏହି ଲକ୍ଷଣ ଦେଖାଯାଇ ପରବର୍ତ୍ତୀ ସମୟରେ ଭୟଙ୍କର ହୋଇଥାଏ। ଏପରିକି ଚିକିତ୍ସାଧୀନ ଅବସ୍ଥାରେ ରୋଗୀ ମୃତ୍ୟୁବରଣ କରିଥାନ୍ତି। ତେଣୁ ଏହି ଘାତକ ରୋଗକୁ ତୁରନ୍ତ ଚିହ୍ନଟ କରି ଚିକିତ୍ସା କରାଇବା ଜରୁରି।

ଗରମ ଏବଂ ବର୍ଷାଦିନରେ ଏହି ରୋଗର ଆଶଙ୍କା ଅଧିକ ରହୁଥିବାରୁ ୱାଟରପାର୍କ, ପୋଖରୀ, ନଦୀ, ଝରଣାରେ ଗାଧୋଇବା ଅନୁଚିତ। ଯଦି ବି ଗାଧୋଉଥାନ୍ତି, ନାକ ଭିତରେ ଯେପରି ପାଣି ପ୍ରବେଶ ନ କରିବ, ସେନେଇ ସତର୍କ ରହିବା ଆବଶ୍ୟକ।

# ୱେକ୍‌ଅପ୍ ଷ୍ଟ୍ରୋକ୍

ଆପଣ ରହିବେ ସୁସ୍ଥ



**ଖରାପ ଖାଦ୍ୟ ଓ ବ୍ୟସ୍ତ ଜୀବନଶୈଳୀ ଯୋଗୁଁ ଲୋକେ ଏବେ ଅଧିକ ରୋଗଗ୍ରସ୍ତ ହେଉଛନ୍ତି। ଫଳରେ ଷ୍ଟ୍ରୋକ୍ ଏବଂ ହୃଦ୍‌ଘାତ, ମସ୍ତିଷ୍କ ଅଚଳ ଆଦି ଗମ୍ଭୀର ସମସ୍ୟା ଦେଖିବାକୁ ମିଳୁଛି। ତେବେ ସକାଳ ସମୟରେ ସବୁଠୁ ଅଧିକ ଦେଖିବାକୁ ମିଳୁଥିବା ଷ୍ଟ୍ରୋକ୍‌କୁ 'ୱେକ୍‌ଅପ୍ ଷ୍ଟ୍ରୋକ୍' କୁହାଯାଇଥାଏ। ଏହି ଷ୍ଟ୍ରୋକ୍‌ରୁ ବର୍ତ୍ତିବାକୁ ହେଲେ କ'ଣ କରିବା ଆବଶ୍ୟକ, ଜାଣି ରଖନ୍ତୁ।**

ଉଚ୍ଚ ରକ୍ତଚାପ, ରକ୍ତଜମାଟ, ଅଧିକ ନିଶା ସେବନ, ମଦ୍ୟପାନ, ତମାଖୁ ଆଦି ସେବନ କରୁଥିବା ଲୋକ, ବୟସ୍କ ଓ ମେଦବହୁଳତା ଲୋକଙ୍କ ପ୍ରତି ୱେକ୍‌ଅପ୍ ଷ୍ଟ୍ରୋକ୍‌ର ଅଧିକ ବିପଦ ରହିଥାଏ। ୱେକ୍ ଅପ୍ ଷ୍ଟ୍ରୋକରେ ଆକ୍ରାନ୍ତଙ୍କଠାରେ ଅଚାନକ ମୁଣ୍ଡ ବିନ୍ଧା, ଆଖିକୁ ସ୍ପଷ୍ଟ ଦେଖା ନଯିବା, ଛାତିରେ ଯନ୍ତ୍ରଣା ଆଦି ଲକ୍ଷଣ ଦେଖିବାକୁ ମିଳିଥାଏ।

**ଉପଚାର:** ଉଚ୍ଚ କୋଲେଷ୍ଟ୍ରଲ, ରକ୍ତଚାପ, ମଧୁମେହ, ମୋଟାପଣ, ଅଧିକ ମଦ୍ୟପାନ ସେବନକୁ ନିୟନ୍ତ୍ରଣରେ ରଖିବା ଜରୁରି। ୱେକ୍‌ଅପ୍ ଷ୍ଟ୍ରୋକ୍‌ରୁ ବର୍ତ୍ତିବାକୁ ସ୍ୱାସ୍ଥ୍ୟକର ଡାଏଟ, ସକ୍ରିୟ ଜୀବନଶୈଳୀ ଆପଣାଇବା ଆବଶ୍ୟକ। ଦୈନିକ ବ୍ୟାୟାମ ଓ ଯୋଗାସନ ଦ୍ୱାରା ଏପରି ସମସ୍ୟାକୁ ନିୟନ୍ତ୍ରଣ କରାଯାଇ ପାରିବ।

# ସେନ୍‌ସର କହିବ ୟୁରିକ୍ ଏସିଡ୍ ସ୍ତର




ଶରୀରର ଅନ୍ୟତମ ପ୍ରମୁଖ ଅଙ୍ଗ ହେଉଛି ବୃକ୍‌କ। ଏହା ବାଧାପ୍ରାପ୍ତ ହେଲେ ଗୁରୁତର ସମସ୍ୟା ସୃଷ୍ଟିହୁଏ। ସମ୍ପ୍ରତି ବିଭିନ୍ନ କାରଣରୁ ପିଲାଠାରୁ ବୟସ୍କ, ସମସ୍ତଙ୍କ ଠାରେ ବୃକ୍‌କଜନିତ ରୋଗ ଦେଖିବାକୁ ମିଳୁଛି। ପ୍ରାୟତଃ ଏହି ରୋଗର ପ୍ରାଥମିକ ଅବସ୍ଥାକୁ ଚିହ୍ନଟ କରିପାରୁନଥିବାବେଳେ ଆଉ କିଛି ଗମ୍ଭୀର ପରିସ୍ଥିତିକୁ ମୁକାବିଲା କରିବାକୁ ବୃକ୍‌କ ପ୍ରତିରୋପଣ ଏବଂ ଡାୟଲିସିସ୍ ଉପରେ ନିର୍ଭରଶୀଳ ହୋଇଥାନ୍ତି। ତେବେ ଆଇଆଇଟି ଇନ୍ଦୋର ପ୍ରଫେସର ଟିମ୍ ଏକ ବିକଳ୍ପ ଖୋଜି ପୋର୍ଟେବଲ କ୍ୱାଣ୍ଟମ ବାୟୋ ସେନ୍ସର ବନାଇଛନ୍ତି। ଏହାଦ୍ୱାରା କିଛି ସମୟ ମଧ୍ୟରେ ବୃକ୍‌କ ସମ୍ବନ୍ଧୀୟ ରୋଗ ବିଷୟରେ ଜଣାପଡ଼ିବ। କ୍ୱାଣ୍ଟେକଏଲ ୨ ଏମ୍‌ର ନିର୍ଦ୍ଦେଶକ ଏବଂ ପ୍ରତିଷ୍ଠାତା, ଆଇଆଇଟି ଇନ୍ଦୋରର ଇଲେକ୍ଟ୍ରିକାଲ ଇଞ୍ଜିନିୟର ବିଭାଗ ପ୍ରଫେସର ଶୈବାଲ ମୁଖାର୍ଜୀ କୁହନ୍ତି, ବୃକ୍‌କର କାର୍ଯ୍ୟକ୍ଷମତା କମିଗଲେ ରକ୍ତରେ ୟୁରିକ୍ ଅମ୍ଳ ବୃଦ୍ଧି ପାଏ। ଯଦ୍ୱାରା ଆର୍ଥ୍ରାଇଟିସ୍, ଆଣ୍ଠୁଗଣ୍ଠି ଓ ଖଞ୍ଜା ଯନ୍ତ୍ରଣା, ବୃକ୍‌କରେ ପଥର ହେବା ସର୍ବୋପରି ବୃକ୍‌କ ଅଚଳ ହୋଇଯିବା ସମସ୍ୟା ଦେଖାଯାଇଥାଏ। ଏହି ସମସ୍ୟା ଦୂର କରିବାକୁ ଟିମ୍ କ୍ୱାଣ୍ଟମ ବାୟୋ ସେନ୍‌ସର ଉପକରଣ ପ୍ରସ୍ତୁତ କରିଥିଲେ। ଏହା ଦ୍ୱାରା ଶରୀରର ୟୁରିକ୍ ଏସିଡ୍ ସ୍ତର ୨୫ ସେକେଣ୍ଡରେ ସ୍ପଷ୍ଟ ସୂଚନା ଦେଇଥାଏ। ତେବେ ଏହାର ମାନବ ପରୀକ୍ଷଣ ଏମ୍ସ ଭୋପାଳର ଡା. ଜଗତ ରାକେଶଙ୍କ ନେତୃତ୍ୱରେ ଚାଲୁଅଛି। ରୋଗୀ ଘରେ ୟୁରିକ୍ ଅମ୍ଳ ପରୀକ୍ଷା କରି ରିପୋର୍ଟକୁ ଡାକ୍ତରଙ୍କୁ ପଠାଇପାରିବେ। ଆଇଓଟି କ୍ୱାଣ୍ଟମ ଟେକ୍ନୋଲୋଜିରୁ ନିର୍ମିତ ଏହି ଉପକଣରେ ରକ୍ତ, ମୂତ୍ର ଏବଂ ଲାଳର ନମୁନାରୁ ୟୁରିକ୍ ଏସିଡ ପରୀକ୍ଷା ସମ୍ଭବ।

# ଏନାମେଲକୁ ନଷ୍ଟ କରେ ବରଫ

କୋଲଡ୍ରିଙ୍କ୍‌ସ, ପାଣି, ରାସ୍ତାକଡ଼ରେ ଠେଲାରେ ମିଳୁଥିବା ଜୁସ୍, ଲେମ୍ବୁପାଣି, ଆଖୁରସ ଆଦିକୁ ଅଧିକ ଥଣ୍ଡା କରିବାକୁ ଏହା ଭିତରେ ଆଇସ୍‌କ୍ୟୁବ୍ ପକାଯାଇଥାଏ। କିଛିଜଣ ବରଫ ଖଣ୍ଡ ଚୋବାଇବାକୁ ଭଲ ପାଆନ୍ତି। ଆଉ କେତେ ଜଣ ଗରମରୁ ନିସ୍ତାର ପାଇବା ପାଇଁ ଆଇସ୍ କ୍ୟୁବ୍ ଚୋବାଇବାକୁ ପସନ୍ଦ କରନ୍ତି। ହେଲେ ବରଫ ଖଣ୍ଡ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ରୋଗ ସୃଷ୍ଟି କରିବା ସହ ଏହା ଦାନ୍ତ ପାଇଁ ବେଶ୍ କ୍ଷତିକାରକ। କାରଣ ବରଫ ଅଶୁଦ୍ଧ ପାଣିରୁ ବନାଯାଉଥିବାରୁ ଏଥିରେ କୋଲି, ବ୍ୟାକ୍ଟେରିଆ, ନୋରୋ ଭୂତାଣୁ ଆଦି ରହିଥାଏ। ତେଣୁ ଏହି ବରଫ ଖଣ୍ଡ ଚୋବାଇବା ଦ୍ୱାରା ଦାନ୍ତ ଭାଙ୍ଗିବା ସହିତ ଦାନ୍ତର ଏନାମେଲ (ଦାନ୍ତର ଉପର ପରତ) ଖରାପ ହେବାର ଅଧିକ ଆଶଙ୍କା ଥାଏ। ସେନ୍‌ସନ ସହିତ ଜଡ଼ିତ ସମସ୍ୟା ସୃଷ୍ଟି ସହ ଦାନ୍ତରେ ଯନ୍ତ୍ରଣା ସୃଷ୍ଟି ହୁଏ। ଆମେରିକାନ୍ ଡେଣ୍ଟାଲ ଆସୋସିଏସନର ପ୍ରବକ୍ତା ଏବଂ ଦନ୍ତ ଚିକିତ୍ସକ ଡା. ରୁପାଲି କୁଲକର୍ଣ୍ଣୀଙ୍କ ମତରେ ଆଇସ୍ କ୍ୟୁବ ଦାନ୍ତ ଏନାମେଲକୁ ଅଚଳ କରିବା ସହ ବିଭିନ୍ନ ଗମ୍ଭୀର ସମସ୍ୟା ସୃଷ୍ଟି କରିଥାଏ। ତେଣୁ ଦାନ୍ତ ପାଇଁ ବରଫ ଖଣ୍ଡ କ୍ଷତିକାରକ ହୋଇଥିବାରୁ ଏହାକୁ ଖାଇବାରୁ ଦୂରେଇ ରହିବା ଉଚିତ।



# ପପି ଯୋଗରେ ପାଳିତ କୁକୁର



ଲୋକେ ଚିନ୍ତା ଓ ଅବସାଦରୁ ମୁକ୍ତି ପାଇବା ପାଇଁ ଯୋଗାସନ ତଥା ପ୍ରାଣାୟମ କରିଥାନ୍ତି। ତେବେ ବିଭିନ୍ନ ଯୋଗାସନ ମଧ୍ୟରୁ ଏବେ ଟ୍ରେଣ୍ଡରେ ରହିଛି ପପିଯୋଗ। ଏଲ୍ ରୁବିସ୍କିଙ୍କ ଏହାର ପ୍ରଚଳନ ଆରମ୍ଭ କରାଯାଇଥିଲା। ଏହି ପ୍ରକାର ଯୋଗରେ ପୋଷାକୁକୁର ଓ ପଶୁପ୍ରେମୀ ଏକାଠି ଯୋଗ କରନ୍ତି। ମାଲିକକୁ ଅନୁକରଣ କରି ଡୋଗା(ଯୋଗ କରୁଥିବା ପୋଷା କୁକୁର) ମଧ୍ୟ ସମାନ ଧରଣର ଯୋଗ କରିଥାଏ। ଆମେରିକା ଏବଂ ୟୁରୋପରେ ଏହି ଯୋଗ ବେଶ୍ ପ୍ରଚଳନ। ଜଣେ ବ୍ୟକ୍ତି ସମ୍ପ୍ରସାରଣ ଏବଂ ପୋଜ୍ କରିବା ସମୟରେ କୁକୁର ଚତୁଃପାର୍ଶ୍ୱରେ ଆରାମରେ ବୁଲୁଥାଏ। ଏହାଦ୍ୱାରା ମାନସିକ ବିକାଶ ବୃଦ୍ଧି ପାଇଥାଏ। ଶରୀର ଫୁର୍ତ୍ତି ସହ ମନକୁ ଶାନ୍ତି ମିଳିଥାଏ। ଏହା ଶାରୀରିକ ଏବଂ ମାନସିକ ସୁସ୍ଥତା ପାଇଁ ଦରକାର। କାରଣ ପାଳିତ କୁକୁର ସହ ସମୟ ବିତାଇବା, ଖେଳିବା ଦ୍ୱାରା ଚିନ୍ତା କମ୍ ହେବା ସହ ଖୁସି ମିଳିଥାଏ। ମାନସିକ ଶାନ୍ତି ମିଳିଥାଏ। ଏହି ଯୋଗରେ ହାଲୁକା ବ୍ୟାୟାମ କରାଯାଏ। ତେଣୁ ପପି ଯୋଗରୁ ହୃଦୟ ସୁସ୍ଥ ରହିପାରେ। ପପି ଯୋଗ କ୍ଲାସରେ ଅନ୍ୟ ପ୍ରାଣୀପ୍ରେମୀଙ୍କ ସହ ମିଶିବା ସହ ସେମାନଙ୍କ ସହ କଥାବାର୍ତ୍ତା କରିବା ଦ୍ୱାରା ସାମାଜିକ ସମ୍ପର୍କ ବୃଦ୍ଧି ପାଇଥାଏ। ଆତ୍ମବିଶ୍ୱାସ ବୃଦ୍ଧିପାଏ। ପପି ଯୋଗ କ୍ଲାସ୍ ବ୍ୟତୀତ ଘରେ ମଧ୍ୟ ପପି ଯୋଗ କରିବା ସମ୍ଭବ। ଯୋଗ କରିବା ସମୟରେ ନିଜର ପାଳିତ କୁକୁରକୁ ପାଖରେ ରଖାଯାଇ ସେମାନଙ୍କ ଗତିବିଧି ଉପରେ ଲକ୍ଷ ରଖାଯାଏ। ତେବେ ଏସବୁ ଭିତରେ ଜୀବଙ୍କ ପ୍ରତି ଯେପରି କୌଣସି ଆଘାତ ନ ଆସେ ତାହାକୁ ଧ୍ୟାନ ଦେବା ଦରକାର।



## ଦିନଟିଏ ରହିଲା

## ଟି-୨୦ ବିଶ୍ୱକପ୍

# କ୍ରିକେଟର ପ୍ରଥମ ମଡ୍ୟୁଲାର ଷ୍ଟାଡିୟମ

### ନାସାଉ କାଉଣ୍ଟିରେ ହେବ ଭାରତ-ପାକିସ୍ତାନ ମ୍ୟାଚ୍

ଆଉ ଦିନଟିଏ ପରେ ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆରମ୍ଭ ହେବାକୁ ଯାଉଛି ଟି-୨୦ ବିଶ୍ୱକପ୍। ଜୁନ୍ ୯ରେ ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲ୍ଟେଜ ଗ୍ରୁପ-ଏ' ମ୍ୟାଚ୍ ଆୟୋଜନ ହେବ। ଏହି ମ୍ୟାଚ୍ ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଖେଳାଯିବ। ଏହି ଷ୍ଟାଡିୟମ କ୍ରିକେଟର ପ୍ରଥମ ମଡ୍ୟୁଲାର ଷ୍ଟାଡିୟମର ମାନ୍ୟତା ପାଇଛି। ଗତ ମେ ୨୧ରେ କିମ୍ବଦନ୍ତୀ ଧାବକ ତଥା ବିଶ୍ୱକପ୍ର ବ୍ରାଣ୍ଡ ଆମ୍ବାସାଡର ଉସେନ ବୋଲ୍ଟ ଏହି ମଡ୍ୟୁଲାର ଅର୍ଥାତ ଅସ୍ଥାୟୀ ଷ୍ଟାଡିୟମରେ ଉଦ୍‌ଘାଟନ କରିଥିଲେ। ଟୁର୍ଣ୍ଣାମେଣ୍ଟ ପାଇଁ ପିଚ୍, ଷ୍ଟାଣ୍ଡ ଓ ଅନ୍ୟାନ ଉପକରଣ ଏକାଠି କରାଯାଇ କମ୍ ସମୟ ମଧ୍ୟରେ ନିର୍ମିତ ହୋଇଥିବା ଷ୍ଟାଡିୟମକୁ ମଡ୍ୟୁଲାର ଷ୍ଟାଡିୟମ କୁହାଯାଇଥାଏ। ଏଥିରେ ଷ୍ଟିଲ୍ ଓ ସହଜରେ ଉପଲବ୍ଧ ହେଉଥିବା ଉପକରଣର ବ୍ୟବହାର ହୋଇଥାଏ। ଏହି ଷ୍ଟାଡିୟମ ତିଆରି କରିବାରେ ଅପେକ୍ଷାକୃତ କମ୍ ସମୟ ଓ ଅର୍ଥ ଆବଶ୍ୟ ହୋଇଥାଏ।

### ୩୪,୦୦୦ ଦର୍ଶକ ବସିପାରିବେ

ନାସାଉ ଷ୍ଟାଡିୟମରେ ଅଷ୍ଟ୍ରେଲିଆରେ ତିଆରି ହୋଇଥିବା ପିଚ୍ ଲଗାଯାଇଛି। ସେହିପରି ଫର୍ମୁଲା-୧ କମ୍ପିଟିସନରୁ ଷ୍ଟାଣ୍ଡ ଆଣି ଲଗା ଯାଇଛି। ଏହି ଷ୍ଟାଡିୟମରେ ୩୪, ୦୦୦ ଦର୍ଶକ ବସି ମ୍ୟାଚ୍ ଦେଖିପାରିବେ। ନାସାଉ ଷ୍ଟାଡିୟମରେ ବରମୁଡା ଘାସ ଲଗା ଯାଇଛି। ବରମୁଡା ଘାସ ବେସ୍‌ବଲ ଓ ଫୁଟବଲ ଗ୍ରାଉଣ୍ଡରେ ଲଗା ଯାଇଥାଏ। ବିଶ୍ୱକପ୍ ପରେ ଏହି ଷ୍ଟାଡିୟମକୁ ଏକ ପାର୍କରେ ପରିଣତ କରାଯିବ। ମୋଟ ଉପରେ କହିବାକୁ ଗଲେ ଏହା ଏକ ଅସ୍ଥାୟୀ ଷ୍ଟାଡିୟମ। କ୍ରିକେଟକୁ ବାଦ୍ ଦେଲେ ଅନ୍ୟ କ୍ରୀଡ଼ା ପାଇଁ ମଧ୍ୟ ଏହି ଷ୍ଟାଡିୟମର ବ୍ୟବହାର କରାଯିବ।




### ସମୟ, ପରିବେଶକୁ ଦୃଷ୍ଟିରେ ରଖି ନିର୍ମିତ ହୋଇଥାଏ

ସମୟର ଅଭାବ ଓ ପରିବେଶକୁ ଦୃଷ୍ଟିରେ ରଖି ମଡ୍ୟୁଲାର ଷ୍ଟାଡିୟମ ନିର୍ମାଣ କରାଯାଇଛି। ମାତ୍ର ୬ ମାସ ମଧ୍ୟରେ ଷ୍ଟାଡିୟମ ପ୍ରସ୍ତୁତ କରାଯିବାର ଥିଲା। ତେଣୁ ଏଭଳି ସ୍ଥିତିରେ ମଡ୍ୟୁଲାର ଷ୍ଟାଡିୟମ ଛଡ଼ା ଅନ୍ୟ ବିକଳ୍ପ ନ ଥିଲା। ଟୁର୍ଣ୍ଣାମେଣ୍ଟ ପରେ ଏହି ଗ୍ରାଉଣ୍ଡକୁ ଟୁର୍ଣ୍ଣାମେଣ୍ଟ ପୂର୍ବର ସ୍ଥିତି ଅନୁଯାୟୀ ସ୍ଥାନୀୟ ଲୋକଙ୍କୁ ପ୍ରଦାନ କରାଯିବ। ଏହି ଷ୍ଟାଡିୟମର ରକ୍ଷଣାବେକ୍ଷଣ ପାଇଁ ବହୁତ କମ୍ ଅର୍ଥ ବ୍ୟୟ ହୋଇଥାଏ।

### ଡ୍ରପ୍-ଇନ୍ ପିଚ୍‌ରେ ଖେଳାଯିବ ମ୍ୟାଚ୍

ନାସାଉ କ୍ରିକେଟ ଷ୍ଟାଡିୟମରେ ଡ୍ରପ୍ ଇନ୍ ପିଚ୍‌ର ବ୍ୟବହାର ହେବ। ଅନ୍ୟ ସ୍ଥାନରେ ପିଚ୍ ତିଆରି କରାଯାଇ ତାହାକୁ ଆଣି ଷ୍ଟାଡିୟମରେ ଟୁର୍ଣ୍ଣାମେଣ୍ଟ ପାଇଁ ସ୍ଥାପନ କରାଯାଇଥାଏ। ଏହାକୁ ଡ୍ରପ୍ ଇନ୍ ପିଚ୍ କୁହାଯାଇଥାଏ। ଅଷ୍ଟ୍ରେଲିଆରୁ ଅଣାଯାଇ ଏହି ଡ୍ରପ୍ ଇନ୍ ପିଚ୍ ନାସାଉ ଷ୍ଟାଡିୟମରେ ସ୍ଥାପନ କରାଯାଇଛି। ମୋଟ୍ ଉପରେ ୧୦ଟି ପିଚ୍ ଅଷ୍ଟ୍ରେଲିଆର ଆଡିଲେଡ ଷ୍ଟାଡିୟମରେ ତିଆରି ହୋଇଥିଲା। ୩୦ ଟନ୍ ଓଜନର ଏହି ପିଚ୍ ଗତବର୍ଷ ଡିସେମ୍ବରରେ ସମୁଦ୍ର ଦେଇ ଆମେରିକାର ଫ୍ଲୋରିଡାକୁ ଆଣାଯାଇଥିଲା। ଫ୍ଲୋରିଡାରେ ୫ ମାସ ଧରି ପିଚ୍ ରଖାଯିବା ସହ ସେଗୁଡିକୁ ଖେଳ ଉପଯୋଗୀ କରାଯାଇଥିଲା ଓ ଚଳିତ ମାସରେ ନାସାଉ ଷ୍ଟାଡିୟମରେ ଫିଟ୍ କରାଯାଇଥିଲା। ଟ୍ରକ୍ ଓ ଟ୍ୟାଙ୍କର ମାଧ୍ୟମରେ ଏହି ପିଚ୍‌ଗୁଡିକୁ ଫ୍ଲୋରିଡାରୁ ନ୍ୟୁୟର୍କ ଅଣାଯିବାକୁ ୪ ଦିନ ସମୟ ଲାଗିଥିଲା।

### ପୂର୍ବରୁ ହୋଇଛି ଡ୍ରପ୍ ଇନ୍ ପିଚ୍‌ର ବ୍ୟବହାର

କ୍ରିକେଟ ଖେଳରେ ପୂର୍ବରୁ ମଧ୍ୟ ଡ୍ରପ୍ ଇନ୍ ପିଚ୍‌ର ବ୍ୟବହାର ହୋଇଛି। ୨୦୧୩ରେ ଅଷ୍ଟ୍ରେଲିଆର ଆଡିଲେଡ ଓଭାଲ ଗ୍ରାଉଣ୍ଡରେ ଏହି ପିଚ୍‌ର ବ୍ୟବହାର ହେଉଛି। ୨୦୨୨ ଟି-୨୦ ବିଶ୍ୱକପ୍‌ରେ ମଧ୍ୟ ଏହି ପିଚ୍‌ରେ ହୋଇଥିଲା। ସେହିପରି ନ୍ୟୁଜିଲାଣ୍ଡର ଅକ୍‌ଲାଣ୍ଡର ଇଡେନପାର୍କ ଷ୍ଟାଡିୟମରେ ଡ୍ରପ୍ ଇନ୍ ପିଚ୍‌ର ବ୍ୟବହାର ହୋଇଛି। ଏଠାରେ ୨୦୧୫ ଦିନିକିଆ ବିଶ୍ୱକପ୍‌ର ମ୍ୟାଚ୍ ଖେଳାଯାଇଥିଲା।

### ନାସାଉ ଷ୍ଟାଡିୟମରେ ଖେଳାଯିବ ୮ ମ୍ୟାଚ୍

ନ୍ୟୁୟର୍କସ୍ଥିତ ନାସାଉ ଷ୍ଟାଡିୟମରେ ଭାରତ- ପାକିସ୍ତାନ ମ୍ୟାଚ ସମେତ ଗ୍ରୁପ୍ ପର୍ଯ୍ୟାୟରେ ମୋଟ୍ ୮ଟି ମ୍ୟାଚ୍ ଖେଳାଯିବ। ଏହି ଷ୍ଟାଡିୟମରେ ଜୁନ୍ ୩ରେ ପ୍ରଥମ ମ୍ୟାଚ୍ ଖେଳାଯିବ ଓ ଏଥିରେ ଦକ୍ଷିଣ ଆଫ୍ରିକା ଏବଂ ଶ୍ରୀଲଙ୍କା ପରସ୍ପରକୁ ଭେଟିବେ। ତେବେ ଜୁନ୍ ୧'ରେ ଏହି ଷ୍ଟାଡିୟମରେ ଭାରତ ଓ ବାଂଲାଦେଶ ମଧ୍ୟରେ ଅଭ୍ୟାସ ମ୍ୟାଚ୍ ଖେଳାଯିବ। ■

# ଗ୍ରୁପ୍-ଏ'ର ସମସ୍ତ ମୁକାବିଲା ଆମେରିକାରେ

ଏହି ଟୁର୍ଣ୍ଣାମେଣ୍ଟରେ ଆମେରିକା ୧୬ଟି ମ୍ୟାଚ୍ ଆୟୋଜନ କରିବ ଓ ଏହା ମଧ୍ୟରୁ ଗ୍ରୁପ୍-ଏ'ର ସମସ୍ତ ୧୦ଟି ଓ ଗ୍ରୁପ-ଡି'ର ୬ଟି ମ୍ୟାଚ୍ ଆୟୋଜନ କରିବ। ଏହି ୧୬ଟି ମଧ୍ୟରୁ ଅଧା ଅର୍ଥାତ୍ ୮ଟି ନ୍ୟୁୟର୍କରେ ଓ ଅନ୍ୟ ଦୁଇଟି ଷ୍ଟାଡିୟମ୍ ଫ୍ଲୋରିଡ଼ା ଓ ଡଲାସରେ ୪ଟି ଲେଖାଏଁ ମ୍ୟାଚ୍ ଖେଳାଯିବ। ଗ୍ରୁପ୍‌ର ତଥା ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ମ୍ୟାଚ୍ କାନାଡା ଓ ଆମେରିକା ମଧ୍ୟରେ ଜୁନ୍ ୨ ତାରିଖ ଡଲାସରେ ସକାଳ ୬ଟାରେ ଖେଳାଯିବ। କିନ୍ତୁ ଏହି ଗ୍ରୁପ୍‌ର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଭାରତ ଓ ପାକିସ୍ତାନ ମୁକାବିଲା ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍‌ରେ ଜୁନ୍ ୯ ତାରିଖ ରାତି ୮ଟାରେ ଅନୁଷ୍ଠିତ ହେବ। ଏଠାରେ ମଧ୍ୟ ଖେଳାଯିବାକୁ ଥିବା ସମସ୍ତ ୮ଟି ଯାକ ମ୍ୟାଚ୍ ରାତି ୮ଟାରେ ଖେଳାଯିବାର କାର୍ଯ୍ୟକ୍ରମ ରହିଛି। ଆମେରିକା ସମୟ ଅନୁଯାୟୀ ଏହା ପୂର୍ବାହ୍ଣ ୯ଟା ୩୦ରୁ ଆରମ୍ଭ ହେବ। ଭାରତ ଓ ପାକିସ୍ତାନରେ ବସବାସ କରୁଥିବା ହଜାର ହଜାର ସମର୍ଥକ ଏହି ମ୍ୟାଚ୍‌କୁ ଉପଭୋଗ କରିବେ ବୋଲି ଆଶା କରାଯାଉଛି। ଆମେରିକା ଓ କାନାଡା ସ୍ଥାନୀୟ ଦଳ ହୋଇଥିବାରୁ ଏହି ଦେଶ ଗୁଡିକ ଖେଳୁଥିବା ମ୍ୟାଚ୍‌ର ମଧ୍ୟ ଗୁରୁତ୍ୱ ରହିଛି। ଭାରତୀୟ ବଂଶୋଦ୍ଭବ ମୋନାଙ୍କ ପଟେଲ ଆମେରିକା ଦଳର ନେତୃତ୍ୱ ନେଉଛନ୍ତି।

**ଚଳିତ ଟି-୨୦ ବିଶ୍ୱକପ୍‌ରେ ପ୍ରଥମଥର ଭାଗନେଇଥିବା ୨୦ଟି ଦଳକୁ ୪ଟି ଗ୍ରୁପ୍‌ରେ ଭାଗ କରାଯାଇଛି। ଏହା ମଧ୍ୟରୁ ଗ୍ରୁପ୍-ଏ'ରେ ଭାରତ, ପାକିସ୍ତାନ, ଆମେରିକା, କାନାଡା ଓ ଆୟର୍ଲାଣ୍ଡ ସ୍ଥାନ ପାଇଛନ୍ତି। ଆୟୋଜକ ଦେଶ ଭାବେ ଆମେରିକା ନିଜ ଦେଶରେ ଗ୍ରୁପ୍-ଏ'ର ସମସ୍ତ ମ୍ୟାଚ୍ ଆୟୋଜନ କରିବ। ଏଥିଲାଗି ୩ଟି ସହରର ଷ୍ଟାଡିୟମ୍ ପ୍ରସ୍ତୁତ ରହିଛି। ନ୍ୟୁୟର୍କର ନାସାଉ କାଉଣ୍ଟି ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମ୍, ଫ୍ଲୋରିଡ଼ାର ସେଣ୍ଟ୍ରାଲ ବ୍ରୋୱାର୍ଡ ପାର୍କ ଓ ଟେକ୍ସାସର ଡଲାସରେ ଥିବା ଗ୍ରାଣ୍ଡ ପ୍ରାଇରୀ ଷ୍ଟାଡିୟମ୍‌ରେ ମ୍ୟାଚ୍‌ଗୁଡ଼ିକ ଖେଳାଯିବ।**




**ଭାରତୀୟ ଦଳ:** ରୋହିତ ଶର୍ମା (ଅଧିନାୟକ), ଯଶସ୍ୱୀ ଜୟସ୍ୱାଲ, ବିରାଟ କୋହଲି, ସୂର୍ଯ୍ୟକୁମାର ଯାଦବ, ଋଷଭ ପନ୍ତ, ସଞ୍ଜୁ ସାମସନ, ହାର୍ଦ୍ଦିକ ପାଣ୍ଡ୍ୟା, ରବୀନ୍ଦ୍ର ଜାଡେଜା, ଶିବମ ଦୁବେ, ଅକ୍ଷର ପଟେଲ, କୁଲଦୀପ ଯାଦବ, ଯୁଜବେନ୍ଦ୍ର ଚହଲ, ଯଶପ୍ରୀତ ବୁମ୍‌ରା, ଅର୍ଶଦୀପ ସିଂ ଓ ମହମ୍ମଦ୍ ସିରାଜ।

**ପାକିସ୍ତାନ ଦଳ:** ବାବର ଆଜମ (ଅଧିନାୟକ), ଆବ୍ରାର ଅହମ୍ମଦ୍, ଆଜମ ଖାନ୍, ହାରିସ ରୌଫ୍, ଇଫତିକର ଅହମ୍ମଦ୍, ଇମାଦ୍ ୱାସିମ୍, ମହମ୍ମଦ୍ ଆବାସ ଆଫ୍ରିଦୀ, ମହମ୍ମଦ୍ ଆମୀର, ମହମ୍ମଦ୍ ରିଜୱାନ (ୱିକେଟରକ୍ଷକ), ନସୀମ ଶାହ, ସାଇମ ଆୟୁବ, ସଦାବ ଖାନ୍, ଶାହିନ ଆଫ୍ରିଦୀ ଓ ଉସ୍‌ମାନ ଖାନ୍। ■

### ଗ୍ରୁପ-ଏ' ଖେଳସୂଚୀ



**ଜୁନ୍ ୨:** ଆମେରିକା-କାନାଡା, ଡଲାସ, ସକାଳ ୬ଟା
**ଜୁନ୍ ୫:** ଭାରତ-ଆୟର୍ଲାଣ୍ଡ, ନ୍ୟୁୟର୍କ, ରାତି ୮ଟା
**ଜୁନ୍ ୬:** ପାକିସ୍ତାନ-ଆମେରିକା, ରାତି ୯ଟା
**ଜୁନ୍ ୭:** କାନାଡା-ଆୟର୍ଲାଣ୍ଡ, ନ୍ୟୁୟର୍କ, ରାତି ୮ଟା
**ଜୁନ୍ ୯:** ଭାରତ-ପାକିସ୍ତାନ, ନ୍ୟୁୟର୍କ, ରାତି ୮ଟା
**ଜୁନ୍ ୧୧:** ପାକିସ୍ତାନ-କାନାଡା, ନ୍ୟୁୟର୍କ, ରାତି ୮ଟା
**ଜୁନ୍ ୧୨:** ଭାରତ-ଆମେରିକା, ନ୍ୟୁୟର୍କ, ରାତି ୮ଟା
**ଜୁନ୍ ୧୪:** ଆମେରିକା-ଆୟର୍ଲାଣ୍ଡ, ଫ୍ଲୋରିଡା, ରାତି ୮ଟା
**ଜୁନ୍ ୧୫:** ଭାରତ-କାନାଡା, ଫ୍ଲୋରିଡ଼ା, ରାତି ୮ଟା,
**ଜୁନ୍ ୧୬:** ପାକିସ୍ତାନ-ଆୟର୍ଲାଣ୍ଡ, ଫ୍ଲୋରିଡା, ରାତି ୮ଟା।

**ଭାରତରେ ପ୍ରସାରଣ**
ଷ୍ଟାର ସ୍ପୋର୍ଟ୍ସ, ଡିଜନୀ ହଟ୍‌ଷ୍ଟାର




# ହରମିତ୍ ସିଂ

## ବିବାଦୀୟ ଖେଳାଳିରୁ ସୁପରଷ୍ଟାର

ମୁମ୍ବଇର ସ୍କୁଲ ପଢ଼ିଆରୁ ଆରମ୍ଭ ହୋଇଥିଲା ହରମିତ ସିଂଙ୍କ କ୍ରିକେଟ ଜୀବନ। ଜଣେ ଯାଦୁକରୀ ବାମହାତି ସ୍ପିନ ବୋଲରଭାବେ ସେ ବେଶ ପ୍ରଭାବ ପକାଇବା ପରେ ୨୦୦୯ରେ ମୁମ୍ବଇ କନିଷ୍ଠ କ୍ରିକେଟ ଦଳରେ ସ୍ଥାନ ପାଇଥିଲେ। ଏହି ଦଳରେ ସଫଳ ହେବା ପରେ ତାଙ୍କୁ ଭାରତୀୟ ୧୯ ବର୍ଷରୁ କମ୍ ବିଶ୍ୱକପ୍ ଦଳରେ ଦୁଇଥର ଯଥା ୨୦୧୦ ଓ ୨୦୧୨ରେ ଖେଳିବାର ସୁଯୋଗ ପାଇଥିଲେ। ବିଶ୍ୱକପ୍ ପ୍ରଦର୍ଶନ ତାଙ୍କୁ ଆଇପିଏଲ୍‌ରେ ରାଜସ୍ଥାନ ରୟାଲ୍ସ ପକ୍ଷରୁ ଖେଳିବାକୁ ସୁଯୋଗ ଦେଇଥିଲା। ୨୦୧୩ରେ ସେ ଆଇପିଏଲ୍ ଖେଳିଥିଲେ। କିନ୍ତୁ ଏହି ସମୟରେ ଏକ ଘଟଣା ଯେ ତାଙ୍କ ଜୀବନକୁ ଅନ୍ଧାର ଭିତରକୁ ନେଇଯିବ ତାହା ସେ କେବେ ସ୍ୱପ୍ନରେ ବି ଭାବି ନ ଥିଲେ। ଏହି ସମୟରେ ଆଇପିଏଲ୍‌ରେ ଫିକ୍ସିଂ ଅଭିଯୋଗ ଆସିଲା। ହରମିତ ସ୍ପଟ୍ ଫିକ୍ସିଂରେ ସାମିଲ ଥିଲେ ବୋଲି ଅଭିଯୋଗ ହୋଇଥିଲା। ସେ ଏଥିରେ ସାମିଲ ନୁହଁନ୍ତି କିମ୍ବା କୌଣସି ଦୋଷ କରିନାହାନ୍ତି ବୋଲି ଯେତେ କହିଲେ ମଧ୍ୟ କେହି ଶୁଣିଲେନି। ଦିନକୁ ଦିନ ଅନେକ ବିବାଦୀୟ ଖବର ପ୍ରକାଶ ପାଇଲା ଓ ତାଙ୍କୁ ଜଣେ ବିବାଦୀୟ ଖେଳାଳିରେ ପରିଣତ କରିଦେଇଥିଲେ। ତଦନ୍ତରୁ ସେ ଦୋଷମୁକ୍ତ ହେଲେ ଏବଂ ମୁମ୍ବଇ ପକ୍ଷରୁ ଖେଳିବାକୁ ଯୋଗ୍ୟ ବିବେଚିତ ହେଲେ। କିନ୍ତୁ ଏହିଠାରେ ତାଙ୍କୁ ମୁମ୍ବଇ କ୍ରିକେଟ ରାଜନୀତିର ଶିକାର ହେବାକୁ ପଡ଼ିଲା। ବର୍ଷ ବର୍ଷ ଧରି ଦଳରେ ରହିଲେ ମଧ୍ୟ ୨୦୦୯ରୁ ୨୦୧୭ ମଧ୍ୟରେ ତାଙ୍କୁ ମୁମ୍ବଇ ପକ୍ଷରୁ ମାତ୍ର ୯ଟି ପ୍ରଥମଶ୍ରେଣୀ ମ୍ୟାଚ୍ ଖେଳିଥିଲେ। ଏହା ପରେ ବିଦର୍ଭ, ତ୍ରିପୁରା ଓ ଜମ୍ମୁ-କଶ୍ମୀରକୁ ପେସାଦାର ଭାବେ ଖେଳିବାକୁ ଯାଇଥିଲେ ମଧ୍ୟ ସଫଳ ହୋଇ ପାରି ନଥିଲେ।

ଭଲ ପ୍ରଦର୍ଶନ କରି ମଧ୍ୟ ମ୍ୟାଚ୍ ଖେଳିବାକୁ ବାରମ୍ବାର ସୁଯୋଗ ନ ପାଇବା ଫଳରେ ହରମିତ ନିରାଶା ମଧ୍ୟକୁ ଚାଲିଯାଇଥିଲେ। ଏହାରି ମଧ୍ୟରେ ତାଙ୍କୁ ଆମେରିକାର ମେଜର ଲିଗ୍ କ୍ରିକେଟ ଖେଳିବାକୁ ପ୍ରସ୍ତାବ ଦିଆଯାଇଥିଲା। ଏହାକୁ ସେ ଆଦରର ସହ ଗ୍ରହଣ କରିଥିଲେ ଓ କ୍ରିକେଟ ଖେଳିବାକୁ ଆମେରିକା ଚାଲିଯାଇଥିଲେ। ଆମେରିକାରେ ପ୍ରଥମେ ମାଇନର ଲିଗ୍ ଓ ପରେ ମେଜର ଲିଗ୍ ଖେଳିଥିଲେ। ଏହି ସମୟରେ ସେ ଭାରତରେ ସମସ୍ତ ପ୍ରକାର କ୍ରିକେଟରୁ ଅବସର ଘୋଷଣା କରିଥିଲେ। ମେଜର ଲିଗ୍‌ରେ କ୍ରମାଗତ ଦୁଇ ସିଜନ ସଫଳ ହୋଇଥିଲେ ମଧ୍ୟ ଆମେରିକା କ୍ରିକେଟ ସଂଘର ନିୟମ ଅନୁଯାୟୀ ଯେଉଁ ଖେଳାଳି ଏଠାରେ କ୍ରମାଗତ ୩୦ ମାସ ବସବାସ କରିବେ, ତେବେ ଆମେରିକା ଜାତୀୟ ଦଳରେ ଖେଳିବାକୁ ସେ ଯୋଗ୍ୟ ବିବେଚିତ ହେବେ। ଭଲ ଖେଳିବା ଫଳରେ ତାଙ୍କୁ ସୁଯୋଗ ମିଳିବା କଥା। ୨୦୨୩ ନଭେମ୍ବର ମାସରେ ତାଙ୍କର ଆମେରିକାରେ ୩୦ ମାସ ରହିବା ପୂରଣ ହୋଇଥିଲା। ଯାହା ଫଳରେ ତାଙ୍କୁ ଆମେରିକା ଦଳରେ ସ୍ଥାନ ପାଇବାରେ ଅସୁବିଧା ହୋଇ ନ ଥିଲା।

ମେଜର ଲିଗ୍ ଖେଳିବା ଓ ଆମେରିକା ଦଳରେ ସ୍ଥାନ ପାଇବା ମଧ୍ୟରେ ତାଙ୍କୁ ୩ ବର୍ଷ ସମୟ ଲାଗିଥିଲା। ଏହି ସମୟରେ ପେଟ ପୋଷିବା ଓ ଖେଳ ବଜାୟ ରଖିବା କଷ୍ଟକର ହୋଇ ପଡ଼ିଥିଲା। ଏପରିକି ତାଙ୍କୁ ପେଟ୍ରୋଲ ପମ୍ପ, ମଲ ଓ ବିଭିନ୍ନ ଦୋକାନରେ କାମ କରିବାକୁ ପଡ଼ିଥିଲା। ମାଇନର ଲିଗ୍ ଖେଳିଲାବେଳେ କିଛି ପିଲାଙ୍କୁ ସେ କୋଚିଂ ଦେଉଥିଲେ। ଏହି ସମୟରେ ଦୁଇ ଭାରତୀୟ ପ୍ରଶିକ୍ଷାର୍ଥୀଙ୍କ ପିତାମାତା ହରମିତ୍‌ଙ୍କୁ ସହାୟତା ଦେଇଥିଲେ। ଯାହା ଫଳରେ ତାଙ୍କୁ ଆମେରିକା ପକ୍ଷରୁ ଖେଳିବା ସହଜ ହୋଇଥିଲାବେଳେ କହନ୍ତି ହରମିତ୍‌ଙ୍କ ପିତା। ଏହି ସମୟରେ ତାଙ୍କର ବିବାହ ହୋଇଥିଲା ଓ ଏବେ ତାଙ୍କର ଗୋଟିଏ ଝିଅ ଓ ପୁଅ ଅଛନ୍ତି। ଆମେରିକା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହେବା ପରେ ତାଙ୍କ ଆର୍ଥିକ ସ୍ଥିତି ବଦଳିଯାଇଛି। ସେ ବର୍ଷକୁ ୧୫ କୋଟି ଟଙ୍କା ବିନିମୟରେ ଚୁକ୍ତିବଦ୍ଧ ହୋଇଛନ୍ତି। ଏବେ ସେ ପରିବାର ସହ ଏକ ଛୋଟିଆ ବଙ୍ଗଳାରେ ରହୁଛନ୍ତି। ଆମେରିକା ଦଳରେ ମୁମ୍ବଇର ସୌରଭ ନେତ୍ରାଭାଲକର ଓ ଦିଲ୍ଲୀର ମିଳିନ୍ଦ କୁମାର ରହିଛନ୍ତି। କିନ୍ତୁ ଡ୍ରେସିଂ ରୁମ୍‌ରେ କେହି ମାତୃଭାଷାରେ କଥା ହେବେ ନାହିଁ ବୋଲି ଅଲିଖିତ ରାଜିନାମା ହୋଇଛି। ଯଦି କିଏ ହିନ୍ଦି କିମ୍ବା ପଞ୍ଜାବୀରେ କଥାବାର୍ତ୍ତା ହେବେ ତେବେ ଦଣ୍ଡ ସ୍ୱରୂପ ତାଙ୍କୁ ୨୦ ଡଲାର ଟିମ୍‌କୁ ଦେବାକୁ ହେବ। ହରମିତଙ୍କ ମତରେ ବାଂଲାଦେଶ ବିପକ୍ଷରେ ମୋର ମ୍ୟାଚ୍ ବିଜୟୀ ୩୩ ରନ୍‌ର ପାଳି ପରେ ଅନେକ ଫୋନ୍ କଲ ଆସୁଛି। ଏହି ସ୍କୋର ମଧ୍ୟ ଦଳରେ ମୋର ଗୁରୁତ୍ୱ ବଢ଼ାଇଦେଇଛି। ଏବେ ମୁଁ ବେଶ ଖୁସି ଓ ପରିବାର ସହ ଭଲରେ ରହିପାରିବି ବୋଲି ସେ କହନ୍ତି। ■




**ଭାରତ ଲାଗି ଖେଳିବା ଲାଗି ଏକଦା ସ୍ୱପ୍ନ ଦେଖୁଥିବା ହରମିତ ସିଂ ଏବେ ଆମେରିକାର ସୁପରଷ୍ଟାର କ୍ରିକେଟର। ବାଂଲାଦେଶ ବିପକ୍ଷରେ ମାତ୍ର ୧୩ଟି ବଲ୍‌ରୁ ୩୩ ରନ୍ କରି ଦଳକୁ ଐତିହାସିକ ବିଜୟ ପ୍ରଦାନ କରିବା ସହ ଆମେରିକା ଜାତୀୟ ଦଳରେ ତାରକା ଖେଳାଳି ବନିଯାଇଛନ୍ତି। ଜଣେ ବାମହାତୀ ସ୍ପିନର ଭାବେ ଭାରତ ଲାଗି ୧୯ ବର୍ଷରୁ ବିଶ୍ୱକପ୍ ଖେଳିଥିବା ହରମିତ ଏବେ ଆମେରିକା କ୍ରିକେଟ ଦଳର ପ୍ରମୁଖ ଅଲରାଉଣ୍ଡର। ବର୍ଷକୁ ୧୫ କୋଟି ଟଙ୍କା ବିନିମୟରେ ସେ ଆମେରିକା ପକ୍ଷରୁ ଖେଳିବାକୁ ଚୁକ୍ତିବଦ୍ଧ ହୋଇଛନ୍ତି।**

ଫ୍ରେଞ୍ଚ୍ ଓପନ୍ ଟେନିସ୍

# ତୃତୀୟ ରାଉଣ୍ଡରେ ଭିଟୋଲିନା, ସାବାଲେଙ୍କା

ପ୍ୟାରିସ୍,୩୦ ।୫(ଏଜେନ୍ସି)

ବର୍ଷର ଦ୍ୱିତୀୟ ଗ୍ରାଣ୍ଡସ୍ଲାମ ଟୁର୍ଣ୍ଣାମେଣ୍ଟ ଫ୍ରେଞ୍ଚ୍ ଓପନ ଗୁରୁବାର ୫ମ ଦିବସରେ ପହଞ୍ଚିଛି । ମହିଳା ଏକକ ପ୍ରତିଯୋଗିତାରେ ବେଲାରୁଷର ଅରିନା ସାବାଲେଙ୍କା, କାଜାକସ୍ତାନର ଏଲିନା ରିବାକିନା, ୟୁକ୍ରେନର ଏଲିନା ଭିଟୋଲିନା ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି । ଦ୍ୱିତୀୟ ସିଡ୍ ସାବାଲେଙ୍କା ୬-୨, ୬-୨ ସିଧାସଳଖ ସେଟ୍‌ରେ ଜାପାନର ମୋୟୁକା ଉଚିଜିମାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି । ଚତୁର୍ଥ ସିଡ୍ ଏଲିନା ରିବାକିନା ୬-୩, ୬-୪ ସିଧାସଳଖ ସେଟ୍‌ରେ ନେଦରଲାଣ୍ଡସର ଅରାନସ୍କା ରୁସ୍‌ଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି । ସେହିପରି ୧୫ତମ ସିଡ୍ ଭିଟୋଲିନା ୬-୪, ୭-୬ ସେଟ୍‌ରେ ଫ୍ରାନ୍ସ ଡେନ ପେରୀଙ୍କୁ ହରାଇ ଅଗ୍ରଗତି କରିଛନ୍ତି । କ୍ରୋଏସିଆର ଡୋନା ଭେକିକ୍ ୭-୫, ୬-୪ ସେଟ୍‌ରେ ୟୁକ୍ରେନର ମାର୍ତ୍ତା କୋଷ୍ଟିଉକ୍‌ଙ୍କୁ ହରାଇ ବିପର୍ଯ୍ୟୟ ଘଟାଇବା ସହ ତୃତୀୟ ରାଉଣ୍ଡକୁ ଉଠିଛନ୍ତି ।


ଏଲିନା ଭିଟୋଲିନା


ନୋଭାକ ଜୋକୋଭିଚ୍

## ଜୋକୋଭିଚ୍, ଜ୍ୱେରେଭ, ସିନରଙ୍କ ଅଗ୍ରଗତି

ଫ୍ରେଞ୍ଚ୍ ଓପନ୍ ପୁରୁଷ ଏକକ ପ୍ରତିଯୋଗିତାରେ ମଧ୍ୟ ସିଡେଡ୍ ଖେଳାଳିମାନେ ଅଗ୍ରଗତି କରିଛନ୍ତି । ଟପ୍ ସିଡ୍ ମାନ୍ୟତା ପାଇଥିବା ସର୍ବିୟାର ନୋଭାକ ଜୋକୋଭିଚ୍, ଦ୍ୱିତୀୟ ସିଡ୍ ଜାନିକ ସିନର, ଚତୁର୍ଥ ସଡ୍ ଆଲେକଜାଣ୍ଡର ଜ୍ୱେରେଭ, ୫ମ ସିଡ୍ ଡାନିଲ ମେଦଭେଦେଭ, ୧୦ମ ସିଡ୍ ଗ୍ରିଗୋର ଦିମିଟ୍ରୋଭ ଓ ଅନ୍ୟ ତାରକା ମାନେ ଦ୍ୱିତୀୟ ରାଉଣ୍ଡ ମୁକିବିଲାରେ ବିଜୟୀ ହୋଇ ଅଗ୍ରଗତି କରିଛନ୍ତି । ଡିଫେଣ୍ଡିଂ ଚାମ୍ପିଅନ ବିଶ୍ୱର ୧ ନଂ ଖେଳାଳି ଜୋକୋଭିଚ୍ ଗୁରୁବାର ଅନୁଷ୍ଠିତ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୬-୪, ୬-୧, ୬-୨ ସେଟ୍‌ରେ ଅଣସିଡ ସ୍ପେନ୍ ଖେଳାଳି ରୋବେର୍ଟୋ କର୍ବାଲେସ୍ ବାଏନାଙ୍କୁ ପରାସ୍ତ କରି ତୃତୀୟ ରାଉଣ୍ଡକୁ ଉଠିଛନ୍ତି । ପୂରା ମ୍ୟାଚ୍‌ରେ ୩୭ ବର୍ଷୀୟ ଜୋକୋଭିଚ୍ ପ୍ରଭାବ ବିସ୍ତାର କରି ଖେଳିବା ସହ ୩ଟି ଯାକ ସେଟ୍ ହାତେଇ ନେଇଥିଲେ । ଜୋକୋଭିଚ୍ ଏବେ ତୃତୀୟ ରାଉଣ୍ଡରେ ସ୍ଥାନୀୟ ଖେଳାଳି ଗାଏଲ ମନଫିଲ୍ସ କିମ୍ବା ୩୦ତମ ସିଡ୍ ଖେଳାଳି ଇଟାଲୀର ଲୋରେଞ୍ଜୋ ମୁସେଟିଙ୍କୁ ଭେଟିବେ । ଫର୍ମକୁ ସଂଘର୍ଷ କରୁଥିବା ଜୋକୋଭିଚ୍ ଏଥର ସଫଳ ହେଲେ୍ ଚଳିତ ବର୍ଷର ପ୍ରଥମ ଟାଇଟଲ ହାସଲ କରିବେ ।

ସେହିପରି ସିନର ୬-୪, ୬-୨, ୬-୪ ସେଟ୍‌ରେ ଫ୍ରାନ୍ସ ରିଚାର୍ଡ ଗାସ୍‌କ୍ୱେଟଙ୍କୁ, ଜ୍ୱେରେଭ ୭-୬, ୬-୨, ୬-୨ ସେଟ୍‌ରେ ବେଲଜିୟମର ଡେଭିଡ୍ ଗଫିନ୍‌ଙ୍କୁ, ୫ମ ସିଡ୍ ମେଦଭେଦେଭ ସର୍ବିୟାର ମିଓମୀର କେକ୍‌ମାନୋଭିକଙ୍କ ବିପକ୍ଷରେ ୱାକଓଭର ପାଇ ତୃତୀୟ ରାଉଣ୍ଡକୁ ଉଠିଛନ୍ତି । ଅନ୍ୟପଟେ ଗ୍ରିଗର ଡିମିଟ୍ରୋଭ ୬-୦, ୬-୩, ୬-୪ ସେଟରେ ହଙ୍ଗେରୀର ଫାବିଆନ ମାରୋଜସାନଙ୍କୁ ହରାଇ ଅଗ୍ରଗତି କରିଛନ୍ତି । ତେବେ ସ୍ୱିଜରଲାଣ୍ଡର ଷ୍ଟାନିସଲାସ ୱାରିଙ୍କା ୬-୭, ୪-୬, ୬-୧, ୬-୭ ସେଟ୍‌ରେ ରୁଷିଆର ପାଭେଲ କୋଟୋଭଙ୍କଠାରୁ ପରାସ୍ତ ହୋଇ ବିଦାୟ ନେଇଛନ୍ତି ।

● ଆମେରିକାରେ ଟି-୨୦ ବିଶ୍ୱକପ୍

# ଭାରତ- ପାକିସ୍ତାନ ମ୍ୟାଚ୍‌ରେ ଆତଙ୍କବାଦୀ ଆକ୍ରମଣ ଧମକ

**ନୂଆଦିଲ୍ଲୀ,୩୦ ।୫(ଏଜେନ୍ସି):** ଆମେରିକା ଓ ୱେଷ୍ଟଇଣ୍ଡିଜରେ ଆୟୋଜନ ହେବାକୁ ଯାଉଥିବା ଟି-୨୦ ବିଶ୍ୱକପ୍‌ରେ ଭାରତ ଓ ପାରମ୍ପରିକ ପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନ ମଧ୍ୟରେ ଖେଳାଯିବାକୁ ଥିବା ମ୍ୟାଚ୍‌ରେ ଆତଙ୍କବାଦୀ ଆକ୍ରମଣ ନେଇ ଧମକ ଦିଆଯାଇଛି । ଏହି ହାଇଭୋଲଟେଜ୍ ମ୍ୟାଚ୍ ଜୁନ୍ ୯ରେ ନ୍ୟୁୟର୍କର ନାସାଉ କାଉଣ୍ଟି କ୍ରିକେଟ ଷ୍ଟାଡିୟମରେ ଖେଳାଯିବ । ଆତଙ୍କବାଦୀ ଆକ୍ରମଣକୁ ଦୃଷ୍ଟିରେ ରଖି ସହରର ସୁରକ୍ଷା ବ୍ୟବସ୍ଥାକୁ କଡ଼ାକଡ଼ି କରାଯାଇଛି । ଆତଙ୍କବାଦୀ ସଂଗଠନ ଆଇଏସ୍‌ଆଇଏସ୍ ଖୋରାସାନ (ଆଇଏସ୍‌ଆଇଏସ୍-କେ) ଏକ ଭଡିଓ ଜାରି କରି ନିଜ ଆକ୍ରମଣକାରୀଙ୍କୁ 'ଲୋନ୍ ଉଲ୍ଫ' ଆକ୍ରମଣ କରିବାକୁ ନିର୍ଦ୍ଦେଶ ଦେଇଛି । ଲୋନ ଉଲ୍ଫ ଆକ୍ରମଣରେ ଜଣେ ଆକ୍ରମଣକାରୀ ହିଁ କାଣ୍ଡ ଘଟାଇଥାଏ ।

## କୌଣସି ବିପଦ ନାହିଁ: ନ୍ୟୁୟର୍କ ଗଭର୍ଣ୍ଣର

ଧମକ ସତ୍ତ୍ୱେ କୌଣସି ଗମ୍ଭୀର ବିପଦ ନାହିଁ ବୋଲି ନ୍ୟୁୟର୍କ ଗଭର୍ଣ୍ଣର କେଥି ହୋଚେଲ କହିଛନ୍ତି । ପୁଲିସ ବିଭାଗକୁ ସୁରକ୍ଷା ତଥା ନିରାପତ୍ତା ବ୍ୟବସ୍ଥାକୁ କଡ଼ାକଡ଼ି କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି । ସବୁ ପ୍ରକାର ପରିସ୍ଥିତି ଉପରେ ପ୍ରଶାସନ କଡ଼ା ନଜର ରଖିଛି । ଭାରତ ଓ ପାକିସ୍ତାନର ସବୁ ମ୍ୟାଚ୍ ଆମେରିକାରେ ଖେଳାଯିବ । ଉଲ୍ଲେଖଥାଉ କି, ଉତ୍ତରପୂର୍ବ ଇରାନ, ଦକ୍ଷିଣ ତୁର୍କମେନିସ୍ତାନ ଓ ଉତ୍ତର ଆଫଗାନିସ୍ତାନ ଅଞ୍ଚଳରେ ଆସୁଥିବା କ୍ଷେତ୍ରର ନାମକୁ ଦୃଷ୍ଟିରେ ରଖି ଆଇଏସ୍‌ଆଇଏସ୍- କେ'ର ନାମ ରଖାଯାଇଛି । ୨୦୧୪ରେ ଏହି ଆତଙ୍କବାଦୀ ସଂଗଠନ ପୂର୍ବ ଆଫଗାନିସ୍ତାନରେ ସକ୍ରିୟ ହୋଇଥିବାର ଲକ୍ଷ୍ୟ କରାଯାଇଥିଲା । ୨୦୦୯ରେ ପାକିସ୍ତାନ ଗସ୍ତରେ ଯାଇଥିବା ଶ୍ରୀଲଙ୍କା ଦଳ ଉପରେ ଗଦ୍ଦାଫି ଷ୍ଟାଡିୟମ ନିକଟରେ ଆତଙ୍କବାଦୀ ଆକ୍ରମଣ ହୋଇଥିଲା ।

# କାର୍ଲସେନ୍‌ଙ୍କୁ ହରାଇଲେ ପ୍ରଜ୍ଞାନନ୍ଦ

ନରୱେ ଚେସ୍



**ନୂଆଦିଲ୍ଲୀ,୩୦।୫(ଏଜେନ୍ସି):** ବିଶ୍ୱର ନଂ-୧ ଖେଳାଳି ନରୱେର ମ୍ୟାଗ୍ନସ କାର୍ଲସେନ୍‌ଙ୍କୁ ପୁଣିଥରେ ହରାଇଛନ୍ତି ଭାରତର ଯୁବ ଗ୍ରାଣ୍ଡମାଷ୍ଟର ଆର. ପ୍ରଜ୍ଞାନନ୍ଦ । ନରୱେ ଚେସ୍ ଟୁର୍ଣ୍ଣାମେଣ୍ଟରେ ଚେନ୍ନଇର ଏହି ଗ୍ରାଣ୍ଡମାଷ୍ଟରଙ୍କୁ ଏହି ସଫଳତା ମିଳିଛି । ଯାହା ଫଳରେ କ୍ଲାସିକାଲ ଟୁର୍ଣ୍ଣାମେଣ୍ଟରେ ପ୍ରଥମଥର କାର୍ଲସେନଙ୍କୁ ହରାଇ ପ୍ରଜ୍ଞାନନ୍ଦ ଏହି ବିଜୟ ହାସଲ କରିଛନ୍ତି । ଏହି ଫର୍ମାଟରେ କାର୍ଲସେନଙ୍କୁ ହରାଇ କଷ୍ଟକର । ୫ଥରର ବିଶ୍ୱଚାମ୍ପିଅନ କାର୍ଲସେନ୍‌ଙ୍କୁ ହରାଇବା ଲାଗି ପ୍ରଜ୍ଞାନନ୍ଦ ମାତ୍ର ୩୭ଟି ଚାଲର ସହାୟତା ନେଇଥିଲେ । ଏହି ବିଜୟରୁ ପୂରା ୩ ପଏଣ୍ଟ ପାଇଥିବା ପ୍ରଜ୍ଞାନନ୍ଦ ୫.୫ ପଏଣ୍ଟ ସଂଗ୍ରହ କରି ପ୍ରଥମ ସ୍ଥାନରେ ଅଛନ୍ତି । ବିଶ୍ୱ ଚାମ୍ପିଅନ ଡିଙ୍ଗ ଲିରେନଙ୍କୁ ହରାଇଥିବା ଫାବିଆନୋ କାରୁଆନା ଦ୍ୱିତୀୟ ସ୍ଥାନରେ ରହିଛନ୍ତି । କାର୍ଲସେନଙ୍କୁ ୩ ପଏଣ୍ଟ ମିଳିଛି ।

# ଜାତୀୟ ଦଳରେ ଜୁଲି ଓ ପ୍ୟାରୀ





**କଟକ,୩୦।୫(ସମିସ):** ତାସକେଣ୍ଟ ସହରରେ ଭାରତ ଓ ଉଜବେକିସ୍ତାନ ମହିଳା ଦଳ ମଧ୍ୟରେ ଫିଫା ଅନ୍ତର୍ଜାତୀୟ ବନ୍ଧୁତ୍ୱପୂର୍ଣ୍ଣ ମ୍ୟାଚ୍ ଖେଳାଯିବ । ଏଥି ନିମନ୍ତେ ଘୋଷିତ ଭାରତୀୟ ଦଳ ଉଜବେକିସ୍ତାନ ଯାତ୍ରା କରିଥିବା ବେଳେ ଏଥିରେ ଦୁଇ ଜଣ ଓଡ଼ିଆ ଖେଳାଳି ରହିଛନ୍ତି । ଏମାନେ ହେଲେ ପ୍ୟାରୀ ଖାଖା ଏବଂ ଜୁଲି କିଶାନ । ଶୁକ୍ରବାର ପ୍ରଥମ ମ୍ୟାଚ୍ ଖେଳାଯିବ । ଜୁନ ୪ ତାରିଖରେ ଦ୍ୱିତୀୟ ମ୍ୟାଚ୍ ରହିଛି । ଜାତୀୟ ଦଳ ସହ ଯାତ୍ରା କରିଥିବା ଦୁଇ ଓଡ଼ିଆ ଖେଳାଳିଙ୍କୁ ଫାଓ ସମ୍ପାଦକ ଆଶୀର୍ବାଦ ବେହେରା ଶୁଭେଚ୍ଛା ଜଣାଇଛନ୍ତି ।

# ପାକିସ୍ତାନ ସିରିଜ୍ ଅପେକ୍ଷା ଆଇପିଏଲ୍ ସିରିଜ୍ ଖେଳିବା ଭଲ: ଭନ୍

**ନୂଆଦିଲ୍ଲୀ, ୩୦।୫(ଏଜେନ୍ସି):** ଚଳିତବର୍ଷ ଆଇପିଏଲ୍ ପ୍ଲେ ଅଫ୍‌ରେ ଇଂଲଣ୍ଡ ଖେଳାଳି ନ ଖେଳି ସ୍ୱଦେଶ ଫେରିଯାଇଥିଲେ । ଏହା କାରଣ ଥିଲା ପାକିସ୍ତାନ ସହ ଖେଳାଯିବାକୁ ଥିବା ଟି-୨୦ ସିରିଜ୍ ଖେଳିବା ଓ ଆମେରିକାରେ ଆସନ୍ତାମାସ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍ ଲାଗି ପ୍ରସ୍ତୁତି କରିବା । ଆଇପିଏଲ୍ ଅପେକ୍ଷା ପାକିସ୍ତାନ ବିପକ୍ଷ ସିରିଜ୍ ଭଲ ସହାୟକ ହେବ ବୋଲି ଆଶା କରାଯାଉଥିଲା । ଏହାକୁ ତାଚ୍ଛଲ୍ୟ କରିଛନ୍ତି ଇଂଲଣ୍ଡର ପୂର୍ବତନ ଅଧିନାୟକ ମାଇକେଲ ଭନ୍ । ତାଙ୍କ ମତରେ 'ପାକିସ୍ତାନ ସହ ଟି-୨୦ ସିରିଜ୍ ଖେଳିବା ଅପେକ୍ଷା ଆଇପିଏଲ୍ ପ୍ଲେ ଅଫ୍ ଖେଳିବା ବହୁତ ଭଲ ହୋଇଥାନ୍ତା । ଇଂଲଣ୍ଡ କ୍ରିକେଟ ବୋର୍ଡ ଖେଳାଳିମାନଙ୍କୁ ଅନୁମତି ଦେବା ଠିକ୍ ହୋଇଥାନ୍ତା' ବୋଲି ଭନ କହିଥିଲେ । ଭନ୍‌ଙ୍କ ଏପରି ମନ୍ତବ୍ୟକୁ ପାକିସ୍ତାନରେ ବିରୋଧ କରାଯାଇଛି । କିନ୍ତୁ ଏହି ଦେଶର ପୂର୍ବତନ ଖେଳାଳି କମରାନ ଆକମଲ ଏହାକୁ ସମର୍ଥନ କରିଛନ୍ତି । କମରାନଙ୍କ ମତରେ ଗତ କିଛି ଦିନ ଆମ ଦଳର ପ୍ରଦର୍ଶନକୁ ନେଇ ଭନ୍ ଏପରି ମନ୍ତବ୍ୟ ଦେଇଛନ୍ତି । ଆମେ ଯଦି ଆୟର୍ଲାଣ୍ଡଠାରୁ ପରାଜିତ ହେଉଛୁ, ତେବେ ଜଣେ କ'ଣ ଭାବିବ । ଭନ୍‌ଙ୍କ ଏପରି ମନ୍ତବ୍ୟରୁ ଆଇପିଏଲ୍ ଯେ ଏକ ବିଶ୍ୱସ୍ତରୀୟ ଟୁର୍ଣ୍ଣାମେଣ୍ଟ ଓ ଏଥିରେ ଗୁଣାତ୍ମକମାନର ଖେଳ ହେଉଛି । ଏହାକୁ ଆମେ ସ୍ୱୀକାର କରିବାକୁ ହେବ । ସେଥିଲାଗି ଭନ୍ ପାକିସ୍ତାନ ଭଳି ପ୍ରତିଦ୍ୱନ୍ଦ୍ୱୀ ଅପେକ୍ଷା ଆଇପିଏଲ୍ ଅଧିକ ପ୍ରତିଦ୍ୱନ୍ଦ୍ୱିତାମୂଳକ ବୋଲି କହିଛନ୍ତି । କେବଳ ଭନ ନୁହଁନ୍ତି, ବିଶ୍ୱରେ ଅନେକ ଆମ ଦଳକୁ ଗୁରୁତ୍ୱ ଦେଉନାହାନ୍ତି । ମୁଁ ଆଶା କରୁଛି ଆମେରିକାରେ ଖେଳାଯିବାକୁ ଥିବା ଟି-୨୦ ବିଶ୍ୱକପ୍‌ରେ ଆମେ ଉଚ୍ଚକୋଟୀର ଖେଳ ପ୍ରଦର୍ଶନ କରି ସମସ୍ତଙ୍କ ମୁହଁ ବନ୍ଦ କରିଦେବା । ଏଥିଲାଗି ମୁଁ ଖେଳାଳିମାନଙ୍କୁ ଶୁଭେଚ୍ଛା ଜଣାଉଛି ବୋଲି ଆକମଲ ତାଙ୍କ ୟୁ ଟ୍ୟୁବ୍ ଚ୍ୟାନେଲରେ କହିଛନ୍ତି ।

ସିଙ୍ଗାପୁର ଓପନ୍ ବ୍ୟାଡ୍‌ମିଣ୍ଟନ

# ବିପର୍ଯ୍ୟୟ ଘଟାଇ କ୍ୱାର୍ଟରରେ ତ୍ରିଶା- ଗାୟତ୍ରୀ

**ସିଙ୍ଗାପୁର,୩୦ ।୫(ଏଜେନ୍ସି):** ଏଠାରେ ଚାଲିଥିବା ସିଙ୍ଗାପୁର ଓପନ ସୁପର- ୭୫୦ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟରେ ଉଦୀୟମାନ ଭାରତୀୟ ମହିଳ ଯୁଗଳ ଯୋଡି ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ ବିଶ୍ୱର ୨ ନଂ ଯୋଡିଙ୍କୁ ପରାସ୍ତ କରି ବିପର୍ଯ୍ୟୟ ଘଟାଇବା ସହ କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛନ୍ତି । ତେବେ ଅଭିଜ୍ଞ ମହିଳା ଖେଳାଳି ପିଭି ସିନ୍ଧୁ ଓ ଏଚ୍‌ଏସ୍ ପ୍ରଣୟ ରାଉଣ୍ଡ ଅଫ୍-୧୬ ଅର୍ଥାତ ପ୍ରି- କ୍ୱାର୍ଟର ଫାଇନାଲ ମ୍ୟାଚ୍‌ରେ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବିଦାୟ ନେଇଛନ୍ତି । ମହିଳା ଯୁଗଳ ପ୍ରତିଯୋଗିତାରେ ଅଣସିଡ ଯୋଡି ତ୍ରିଶା ଓ ଗାୟତ୍ରୀ ୨୧-୯, ୧୪-୨୧, ୨୧-୧୫ରେ ଦକ୍ଷିଣ କୋରିଆର ବାଏକ ହା ନା ଓ ଲି ସୋ ହିଙ୍କୁ ପରାସ୍ତ କରି କ୍ୱାର୍ଟରକୁ ଉଠିଛନ୍ତି । ରାଜ୍ୟଗୋଷ୍ଠୀ କ୍ରୀଡ଼ା କାଂସ୍ୟ ପଦକ ବିଜେତା ଏହି ଭାରତୀୟ ଯୋଡି ଏବେ କ୍ୱାର୍ଟରରେ ଷଷ୍ଠ ସିଡ୍ ମାନ୍ୟତା ପ୍ରାପ୍ତ ଦକ୍ଷିଣ କୋରିଆର ଅନ୍ୟତମ ଯୋଡି କିମ୍ ସେ-ୟେଅଙ୍ଗ ଓ କଙ୍ଗ ହି ୟଙ୍ଗ୍‌ଙ୍କୁ ଭେଟିବେ । କିମ୍ ଓ କଂଙ୍ଗ ଦ୍ୱିତୀୟ ରାଉଣ୍ଡରେ ଥାଇଲାଣ୍ଡର ଜେ କିଟିଥାରାକୁଲ ଓ ଆର ପ୍ରାଜୋଙ୍ଗଜାଇଙ୍କୁ ୨୩-୨୧, ୨୩-୨୧ରେ ପରାସ୍ତ କରି ଅଗ୍ରଗତି କରିଛନ୍ତି ।

## ସିନ୍ଧୁ, ପ୍ରଣୟଙ୍କ ବିଦାୟ

ଦୁଇଥର ଅଲିମ୍ପିକ୍ସ ପଦକ ବିଜୟିନୀ ସିନ୍ଧୁ ମହିଳା ଏକକ ଦ୍ୱିତୀୟ ରାଉଣ୍ଡ ମୁକାବିଲାରେ ୨୧-୧୩, ୧୧-୨୧, ୨୦-୨୨ରେ ତାଙ୍କ ଚୀର ପ୍ରତିଦ୍ୱନ୍ଦ୍ୱୀ ସ୍ପେନ୍‌ର ତୃତୀୟ ସିଡ୍ ଖେଳାଳି କାରୋଲିନା ମାରିନଙ୍କଠାରୁ ପରାସ୍ତ ହୋଇ ଟୁର୍ଣ୍ଣାମେଣ୍ଟରୁ ବାଦ୍ ପଡିଛନ୍ତି । ସିନ୍ଧୁ ୧ ଘଣ୍ଟା ୮ ମିନିଟ୍‌ରେ ପରାସ୍ତ ହୋଇଥିଲେ । ବିଜୟୀ ହେବାକୁ ମାରିନଙ୍କୁ କଡ଼ା ସଂଘର୍ଷ କରିବାକୁ ପଡିଥିଲା । ଅନ୍ୟପଟେ ପୁରୁଷ ଏକକରେ ବିଶ୍ୱର ୧୦ ନଂ ଖେଳାଳି ତଥା ଅଷ୍ଟମ ସିଡ୍ ମାନ୍ୟତା ପାଇଥିବା ପ୍ରଣୟ ୧୩-୨୧, ୨୧-୧୪, ୧୫-୨୧ରେ ବିଶ୍ୱର ୧୧ ନଂ ଖେଳାଳି ଜାପାନର କେନ୍ତା ନିଶିମୋଟୋଙ୍କଠାରୁ ମାତ୍ର ୪୫ ମିନିଟ୍‌ରେ ପରାସ୍ତ ହୋଇ ବିଦାୟ ନେଇଛନ୍ତି । ନିଶିମୋଟୋଙ୍କ ବିପକ୍ଷରେ ପ୍ରଣୟ ମୋଟ ୬ଟି ମ୍ୟାଚ୍ ଖେଳିଥିବା ବେଳେ ଚତୁର୍ଥ ଥର ପାଇଁ ପରାସ୍ତ ହୋଇଛନ୍ତି ।


ତ୍ରିଶା ଜୋଲି ଓ ଗାୟତ୍ରୀ ଗୋପୀଚାନ୍ଦ

● ଆନ୍ତଃଜିଲ୍ଲା ବରିଷ୍ଠ ରଗବୀ

# କେନ୍ଦୁଝରକୁ ହରାଇ କିସ୍ ଚାମ୍ପିଅନ

**ଭୁବନେଶ୍ୱର, ୩୦।୫(ଏଜେନ୍ସି):** କନିଷ୍ଠ ବାଳକ ଓ ବାଳିକା ଆନ୍ତଃଜିଲ୍ଲା ସେଭେନ-ଏ-ସାଇଡ୍ ରଗ୍‌ବୀ ଟ୍ରଫି ଜିତିବା ପରେ କିସ୍ ଏଠାରେ ଗୁରୁବାର ଖେଳାଯାଇଥିବା ଆନ୍ତଃଜିଲ୍ଲା ବରିଷ୍ଠ ପୁରୁଷ ରଗବୀ ପ୍ରତିଯୋଗିତାରେ ଚାମ୍ପିଅନ ଆଖ୍ୟା ଅର୍ଜନ କରିଛି । ଏହି ପ୍ରତିଯୋଗିତା ଓଡ଼ିଶା ରଗ୍‌ବୀ ଫୁଟବଲ ସଂଘ (ଓଆର୍‌ଏଫଏ) ଆନୁକୂଲ୍ୟରେ ସ୍ଥାନୀୟ କିଟ୍ ରଗ୍‌ବୀ ଷ୍ଟାଡିୟମ୍‌ରେ ଖେଳାଯାଉଛି । ଗୁରୁବାର ଖେଳାଯାଇଥିବା ପୁରୁଷ ବିଭାଗରେ କିସ୍ ଚାମ୍ପିଅନ, କେନ୍ଦୁଝର ରନର୍ସ ଅପ୍ ଓ ଭୁବନେଶ୍ୱର ଦ୍ୱିତୀୟ ରନର୍ସ ଅପ୍ ହୋଇଛି । ଖେଳ ଶେଷରେ ଓଆର୍‌ଏଫଏ ସମ୍ପାଦକ ଉପେନ୍ଦ୍ର ମହାନ୍ତି ଅତିଥିଭାବେ ଯୋଗଦେଇ ପୁରସ୍କାର ପ୍ରଦାନ କରିଛନ୍ତି ।

# ଆଇଡବ୍ଲ୍ୟୁଏଲ୍ ଲାଗି ଏନ୍‌ଏଫ୍‌ଏକୁ ଯୋଗ୍ୟତା

**ଭୁବନେଶ୍ୱର, ୩୦।୫(ଏଜେନ୍ସି):** ଓଡ଼ିଶା ଫୁଟବଲ କ୍ଲବ୍, ସ୍ପୋର୍ଟ୍ସ ଓଡ଼ିଶା ପରେ ନୀତା ଫୁଟବଲ ଏକାଡେମୀ (ଏନ୍‌ଏଫ୍‌ଏ)ଦେଶର ସମ୍ମାନଜନକ ଇଣ୍ଡିଆନ୍ ମହିଳା ଲିଗ୍ (ଆଇଡବ୍ଲ୍ୟୁଏଲ୍)ରେ ଭାଗ ନେବାକୁ ଯୋଗ୍ୟତା ଅର୍ଜନ କରିଛି । ଏହି ପ୍ରତିଯୋଗିତା ଲାଗି ଦେଶର ଦ୍ୱିତୀୟ ସ୍ତରର କ୍ଲବ୍ ଗୁଡିକୁ ନେଇ ଏକ ପ୍ରତିଯୋଗିତା ଆୟୋଜିତ ହୋଇଥିଲା । ଏଥିରେ ଏନ୍‌ଏଫ୍‌ଏ ଓ ଶ୍ରୀଭୂମି ଫୁଟବଲ କ୍ଲବ୍ ସମାନ ପଏଣ୍ଟ ହାସଲ କରିବା ପରେ ଗୋଲ ବ୍ୟବଧାନ୍‌ରେ ଫଳାଫଳ ନିର୍ଣ୍ଣିତ କରାଯାଇଥିଲା । ଏଥିରେ ଶ୍ରୀଭୂମି ଏଫ୍‌ସି ଚାମ୍ପିଅନ ଓ ଏନ୍‌ଏଫ୍‌ଏ ରନର୍ସ ଅପ୍ ହୋଇଥିଲେ । ଟୁର୍ଣ୍ଣାମେଣ୍ଟର ନିୟମ ଅନୁଯାୟୀ ଉଭୟ ଦଳ ଆଇଡବ୍ଲ୍ୟୁଏଲ୍‌ରେ ଖେଳିବା ଲାଗି ଯୋଗ୍ୟତା ଅର୍ଜନ କରିଛନ୍ତି । ଆସନ୍ତା ସିଜନ ଅର୍ଥାତ୍ ୨୦୨୪-୨୫ରେ ଏମାନେ ଦେଶର ଏହି ସମ୍ମାନଜନକ ଟୁର୍ଣ୍ଣାମେଣ୍ଟରେ ଭାଗନେବେ । ଏହି ଟୁର୍ଣ୍ଣାମେଣ୍ଟରେ ଭାଗନେବାରେ ଏନ୍‌ଏଫ୍‌ଏ ହେବ ତୃତୀୟ ଦଳ ।

# କତାର ଦଳରେ ଭାରତୀୟ ଫୁଟବଲର

ନୂଆଦିଲ୍ଲୀ,୩୦।୫(ଏଜେନ୍ସି)



ମଧ୍ୟପ୍ରାଚ୍ୟ ଦେଶ କତାରର ଜାତୀୟ ଫୁଟବଲ ଦଳରେ ପ୍ରଥମଥର ପାଇଁ ଜଣେ ଭାରତୀୟ ଖେଳାଳି ସ୍ଥାନ ପାଇଛନ୍ତି । ସେ ହେଉଛନ୍ତି ୧୭ ବର୍ଷୀୟ ତହସିନ ମହମ୍ମଦ ଜାମ୍‌ସିଦ । ୨୦୨୬ ଫିଫା ବିଶ୍ୱକପ୍ ଯୋଗ୍ୟତ ପର୍ଯ୍ୟାୟ ମ୍ୟାଚ୍ ପାଇଁ ଘୋଷିତ ୨୯ ଜଣିଆ କତାର ଦଳରେ ସ୍ଥାନ ପାଇ ସେ ଇତିହାସ ସୃଷ୍ଟି କରିଛନ୍ତି । କତାର ଜୁନ୍ ୬ ଓ ଜୁନ ୧୧ରେ ଯଥାକ୍ରମେ ଆଫଗାନିସ୍ତାନ ଓ ଭାରତ ବିପକ୍ଷରେ ଯୋଗ୍ୟତା ପର୍ଯ୍ୟାୟ ମ୍ୟାଚ୍ ଖେଳିବ ।

ତହସିନଙ୍କ ପିତା ଜାମସିଦ୍ କେରଳର ଥାଲାସେରୀରୁ ଆସିଛନ୍ତି । ସେହିପରି ତାଙ୍କ ମା ସାଇମା କେରଳ କନୁର ଜିଲ୍ଲାର ଭାଲାପଟ୍ଟନମରୁ ଆସିଛନ୍ତି । ଉନ୍ନତ ଜୀବନଧାରଣ ପାଇଁ ଦୁହେଁ ବହୁବର୍ଷ ତଳେ କତାର ଚାଲିଯାଇଥିଲେ । ତହସିନ କିନ୍ତୁ କତାରରେ ଜନ୍ମ ଗ୍ରହଣ କରିଥିଲେ ଓ ପିତାଙ୍କ ତତ୍ତ୍ୱାବଧାନରେ ଫୁଟବଲ ଖେଳିବା ଆରମ୍ଭ କରିଥିଲେ । ପିତା ଜାମସିଦ କାଲିକଟ ବିଶ୍ୱବିଦ୍ୟାଳୟର ପୂର୍ବତନ ଖେଳାଳି । ତହସିନ କତାରର ଅସାପାୟାର ଫୁଟବଲ ଏକାଡେମୀରେ ପ୍ରଶିକ୍ଷଣ ନେଇ ଆସୁଛନ୍ତି । ତାଙ୍କର ଡ୍ରିବଲିଂ କୌଶଳ ପ୍ରତିପକ୍ଷ ଷ୍ଟ୍ରାଇକରଙ୍କୁ ଚକ୍‌ମା ଦେଇଥାଏ ।

## କତାର ଷ୍ଟାର୍ସ ଲିଗ୍‌ରେ ଭାଗ ନେଇଛନ୍ତି

ସେ ପ୍ରଥମ ଭାରତୀୟ ଖେଳାଳି ଭାବେ କତାର ଷ୍ଟାର୍ସ ଲିଗ୍‌ରେ ଅଂଶଗ୍ରହଣ କରି ଇତିହାସ ସୃଷ୍ଟି କରିବା ସହ ମଧ୍ୟପ୍ରାଚ୍ୟରେ ନିଜର ଉପସ୍ଥିତି ଜାହିର କରିଥିଲେ । ଗତ ମାର୍ଚ୍ଚ ୩୧ରେ ଅଲ ରେୟାନ କ୍ଲବ ବିପକ୍ଷରେ ଅଲ ଦୁହେଲ କ୍ଲବ ତରଫରୁ ଏହି ଲିଗ୍‌ରେ ପଦାର୍ପଣ କରିଥିଲେ । ପୂର୍ବରୁ ତହସିନ କତାର ୧୭ ବର୍ଷରୁ କମ୍ ଦଳ ତରଫରୁ ପ୍ରତିନିଧିତ୍ୱ କରି ୨୦୨୩ରେ ଭାରତୀୟ ଯୁବ ଦଳ ବିପକ୍ଷରେ ମ୍ୟାଚ୍ ଖେଳିଥିଲେ । ସେତେବେଳେ ଭାରତୀୟ ଦଳ କତାର ଗସ୍ତ କରିଥିଲା । ତହସିନଙ୍କ ପାଖରେ ଭାରତୀୟ ପାସପୋର୍ଟ ରହିଛି । ତେବେ କତାର ସ୍ପୋର୍ଟ୍ସ ଲିଗ୍ ପାଇଁ ସେ ଅସ୍ଥାୟୀ କତାର ପାସପୋର୍ଟ ମଧ୍ୟ ପାଖରେ ରଖିଛନ୍ତି । ଜାତୀୟ ଦଳରେ ସ୍ଥାନ ପାଇବା ପରେ ତାଙ୍କୁ ତାଙ୍କୁ କତାରର ସ୍ଥାୟୀ ନାଗରିକତା ମିଳିଯିବ ବୋଲି ଆଶା କରାଯାଉଛି । ଥରେ କତାର ନାଗରିକତା ମିଳିଗଲେ ତାଙ୍କୁ ଭାରତୀୟ ପାସପୋର୍ଟକୁ ଫେରାଇବାକୁ ହେବ ।

କନିଷ୍ଠ ପୁରୁଷ ଦଳର ୟୁରୋପ ଟୁର୍

# ଜର୍ମାନୀକୁ ହରାଇଲା ଭାରତ



**ବ୍ରେଡା, ୩୦।୫(ଏଜେନ୍ସି):** ଜର୍ମାନୀକୁ ସୁଟ୍‌ଆଉଟରେ ହରାଇ ଭାରତର କନିଷ୍ଠ ପୁରୁଷ ହକି ଦଳ ତାହାର ୟୁରୋପ ଗସ୍ତ ଶେଷ କରିଛି । ସେହିପରି ମହିଳା ଦଳ ତାହାର ଶେଷ ମ୍ୟାଚ୍‌ରେ ଅରେଞ୍ଜ ରେଡ୍ ସହ ମ୍ୟାଚ୍ ଡ୍ର ରଖିଛି । ପୁରୁଷ ଦଳ ନିର୍ଦ୍ଧାରିତ ସମୟରେ ଖେଳକୁ ୧-୧ ଗୋଲରେ ସମାନସ୍ତରରେ ରଖିଥିଲା । ଯାହା ଫଳରେ ସୁଟ୍‌ଆଉଟର ସହାୟତା ନିଆଯାଇଥିଲା । ଏଥିରେ ଗୁରଜୋତ ସିଂ, ଧୀରଜ ସିଂ ଓ ମନମିତ ସିଂ ଗୋଲ ସ୍କୋର କରିବା ଫଳରେ ଦଳ ୩-୧ରେ ବିଜୟୀ ହୋଇଥିଲା । ଜର୍ମାନୀ ପରି ଶକ୍ତିଶାଳୀ ଦଳକୁ ଶେଷ ମ୍ୟାଚ୍‌ରେ ହରାଇ ଭାରତର ଆତ୍ମବିଶ୍ୱାସ ବୃଦ୍ଧି ପାଇଛି । ମୁକେଶ କୁମାର ନିର୍ଦ୍ଧାରିତ ସମୟରେ ଏକମାତ୍ର ଗୋଲଟି ଦେଇଥିଲେ । ଅନ୍ୟପକ୍ଷରେ ମହିଳା ଦଳ ମୁକାବିଲାରେ ତୃତୀୟ କ୍ୱାର୍ଟରଯାଏ ଘରୋଇ ଦଳ ଗୋଲ ଦେଇ ପାରି ନଥିଲେ । ଚତୁର୍ଥ କ୍ୱାର୍ଟରରେ ଅରେଞ୍ଜ ରେଡ୍ ୩ଟି ପେନାଲ୍ଟି କର୍ଣ୍ଣର ପାଇ ୨ଟିରେ ଗୋଲ କରିଥିଲା । ତେବେ ଭାରତ ପକ୍ଷରୁ ୧୮ତମ ମିନିଟ୍‌ରେ ଦେଇଥିବା ଗୋଲ ବଳରେ ୧-୨ରେ ପଛରେ ରହିଥିଲା । କିନ୍ତୁ ଶେଷ ମୁହୂର୍ତ୍ତରେ ଅନିଶା ସାହୁ ଦ୍ୱିତୀୟ ଗୋଲ ଦେବାରୁ ଏହି ମ୍ୟାଚ୍‌ଟି ୨-୨ ଗୋଲରେ ଡ୍ର ରହିଥିଲା ।


ନନ୍ଦିଘୋଷ

'ନନ୍ଦିଘୋଷ ଟିଭି'
ନିମ୍ନଲିଖିତ ପଦବୀ ନିମନ୍ତେ ଦରଖାସ୍ତ ଆହ୍ୱାନ କରୁଛନ୍ତି ।
ଯୋଗ୍ୟ ଆଶାୟୀ ପ୍ରାର୍ଥୀମାନେ ଏଥିପାଇଁ ଆବେଦନ କରିପାରିବେ ।

| ପଦବୀ | ଅଭିଜ୍ଞତା |
|---|---|
| ୧) ସ୍କ୍ରୁଲ କପି ଏଡିଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୨) ଡିଜିଟାଲ କଣ୍ଟେଣ୍ଟ କ୍ରିଏଟର (୦୨) | ୩ ବର୍ଷର ଅଭିଜ୍ଞତା |
| ୩) ବୁଲେଟିନ ପ୍ରୋଡ୍ୟୁସର (୦୨) | ୫ ବର୍ଷର ଅଭିଜ୍ଞତା |
| ୪) ଗ୍ରାଫିକ୍ସ ଡିଜାଇନର (୦୨) | ୩ ବର୍ଷର ଅଭିଜ୍ଞତା |

ନିଜର ସମ୍ପୂର୍ଣ୍ଣ ଶିକ୍ଷାଗତ ଓ ଅନ୍ୟାନ୍ୟ ଯୋଗ୍ୟତା ପ୍ରମାଣପତ୍ର, ସଦ୍ୟ ପାସପୋର୍ଟ ଫଟୋ ସହିତ ୦୪ ଜୁନ୍ ୨୦୨୪ ସୁଦ୍ଧା hr@nandighoshatv.com ଇମେଲ୍ ଯୋଗେ ଆବେଦନ କରିପାରିବେ ।

*କେବଳ ନିର୍ବାଚିତ ଆବେଦନଗୁଡିକୁ ସାକ୍ଷାତକାର ପାଇଁ ଡକାଯିବ ।
ଯୋଗାଯୋଗ: ୯୪୩୭୦୧୬୪୯୯
ସ୍ୱା/- ମାନବ ସମ୍ବଳ ବିଭାଗ

ନନ୍ଦିଘୋଷ ନେଟ୍‌ୱର୍କ ପ୍ରାଇଭେଟ୍ ଲିମିଟେଡ୍
ଠିକଣା: ପ୍ଲଟ୍ ନଂ.: ୯୦ / ୯୧, ଭଗବାନପୁର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୯


PRINTED & PUBLISHED BY AMIT KUMAR MALLICK FOR 'THE SAKALA' A UNIT OF NANDIGHOSHA NETWORK PRIVATE LIMITED IN ITS PRESS AT IDCO PLOT NO.90 & 91, BHAGABANPUR INDUSTRIAL ESTATE, BHUBANESWAR-751019, DIST: KHORDHA, ODISHA

ସମ୍ପାଦକ: ଉମାକାନ୍ତ ମିଶ୍ର
EDITOR: UMAKANT MISHRA